# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶନିବାର, ମେ ୧୧/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, May 11/2024 | Page 16 ₹ 7.00

୫୦ଶ ଭାଗ ୧୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 166 | ମୂଲ୍ୟ₹୭/-


## ଆମ ଲକ୍ଷ୍ୟ ଓଡ଼ିଶା ନଂ 1

ବିଜୁ ଜନତା ଦଳ



## ଲୋକଙ୍କ ଘୋଷଣାପତ୍ର - ୨୦୨୪



### ଯୁବବର୍ଗ

- ସ୍ୱତନ୍ତ୍ର ଯୁବ ବଜେଟ୍ ଆଣିବାରେ ଓଡ଼ିଶା ହେବ ପ୍ରଥମ ରାଜ୍ୟ।
- ଯୁବବର୍ଗଙ୍କ ପାଇଁ ୧ ଲକ୍ଷ କୋଟି ଟଙ୍କାର ସ୍ୱତନ୍ତ୍ର ବଜେଟ୍।
- ୧ ହଜାର କୋଟି ବଜେଟ୍ ଉପରେ ନିଜ ନିଷ୍ପତ୍ତି ନେବେ ଯୁବବର୍ଗ।
- ନୂଆ-ଓ ଛାତ୍ରବୃତ୍ତିରେ ଛାତ୍ରୀଙ୍କୁ ୧୪,୦୦୦ ଟଙ୍କା ଓ ଛାତ୍ରଙ୍କୁ ୧୨,୦୦୦ ଟଙ୍କାର ବର୍ଦ୍ଧିତ ବୃତ୍ତି ପ୍ରଦାନ କରାଯିବ।
- ନୂଆ-ଓ ଛାତ୍ରବୃତ୍ତି ଓ ମ୍ୟାଜିକ୍ କାର୍ଡ଼ର ପରିସର ବୃଦ୍ଧି କରାଯାଇ ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ସାମିଲ୍ କରାଯିବ।
- ଯୁବବର୍ଗଙ୍କୁ ମିଳିବ ୨ ଲକ୍ଷ ସରକାରୀ ନିଯୁକ୍ତି।



### ସହରୀକରଣ

- ଚାରୋଟି ମେଗା ଅର୍ବାନ କ୍ଲଷ୍ଟର ଏବଂ ୨୦ଟି ଅତିରିକ୍ତ ସହରର ବିକାଶ କରାଯିବ।
- ପୁରୀକୁ ଏକ ଅନ୍ତର୍ଜାତୀୟ ସହର ରୂପେ ବିକଶିତ କରାଯିବ।
- ଭୁବନେଶ୍ୱର-କଟକ ମେଟ୍ରୋ ପ୍ରୋଜେକ୍ଟରେ ପୁରୀ ଏବଂ ଖୋର୍ଦ୍ଧାକୁ ଅନ୍ତର୍ଭୁକ୍ତ କରାଯିବ।
- ରାଜ୍ୟର ସମସ୍ତ ପ୍ରମୁଖ ସହରମାନଙ୍କୁ ଯୋଡ଼ିବ ଲକ୍ଷ୍ମୀ ବସ୍।
- ୨୦ଟି ସହରକୁ ବିମାନ ସେବା ଦ୍ୱାରା ସଂଯୋଗ କରାଯିବ।



### ନିବେଶ ଏବଂ ଅର୍ଥନୈତିକ ବିକାଶ

- ନୂତନ ଟେକ୍ନୋଲୋଜି ଏବଂ ଅର୍ଥନୀତି ସହ ସେମିକଣ୍ଡକ୍ଟର ହବ୍, ଆଇଟି ଇଣ୍ଡଷ୍ଟ୍ରି ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (AI) ଉପରେ ବିଶେଷ ଧ୍ୟାନ ଦିଆଯିବ।
- ରାଜ୍ୟରେ ନିବେଶର ସର୍ବାଧିକ ସୁଯୋଗ ସୃଷ୍ଟି କରିବାର ପ୍ରକ୍ରିୟା ଆହୁରି ସୁଦୃଢ଼ କରାଯିବ।
- ନୂତନ ଟେକ୍ନିକାଲ ଏବଂ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ହେବ।
- ୧୦୦ଟି ପରିବେଶ ଅନୁକୂଳ(eco-friendly) ପର୍ଯ୍ୟଟନ ସ୍ଥଳର ବିକାଶ କରାଯିବ।



### ଶକ୍ତି ନିରାପତ୍ତା

- ପ୍ରତି ପରିବାରକୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ବିନା ମୂଲ୍ୟରେ।
- ସମସ୍ତ ଚାଷୀଙ୍କୁ ବିଜୁଳି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ।
- ରାଜ୍ୟର ପ୍ରାୟ ୯୦% ପରିବାର ହେବେ ଉପକୃତ।



### ମଧ୍ୟବିତ୍ତ

- ସରକାରୀ କର୍ମଚାରୀଙ୍କ ସମେତ ଚୁକ୍ତିଭିତ୍ତିକ କର୍ମଚାରୀ, ତୃଣମୂଳ ସ୍ତରରେ କାମ କରୁଥିବା କର୍ମଚାରୀ ଏବଂ ଯୋଗ୍ୟ ସହରାଞ୍ଚଳ ପରିବାରକୁ BSKYରେ ଅନ୍ତର୍ଭୁକ୍ତ କରାଯିବ।
- ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହ ଋଣ ସୁଧ ଉପରେ ରିହାତି ମିଳିବ।
- ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶିକ୍ଷା ଋଣ ସୁଧ ଉପରେ ରିହାତି ମିଳିବ।
- ସହରାଞ୍ଚଳକୁ ମାଗଣା ବିଜୁଳି ସେବାରେ ଅନ୍ତର୍ଭୁକ୍ତ କରାଯିବ।
- ସମସ୍ତଙ୍କ ପାଇଁ ସୁଲଭ ପରିବହନ ବ୍ୟବସ୍ଥା କରାଯିବ।



### ମହିଳା ସଶକ୍ତିକରଣ

- ମିଶନ ଶକ୍ତି ମହିଳାଙ୍କୁ ମିଳିବ ସାମାଜିକ ସୁରକ୍ଷା ପେନସନ।
- ମିଶନ ଶକ୍ତି ମହିଳାଙ୍କୁ ମିଳିବ ବିନା ସୁଧରେ ୧୫ ଲକ୍ଷ ଟଙ୍କାର ଋଣ।
- ମିଶନ ଶକ୍ତିକୁ ୨୦ ହଜାର କୋଟି ଟଙ୍କାର ସରକାରୀ ବ୍ୟବସାୟ ଯୋଗାଇ ଦିଆଯିବ।
- ମହିଳା ଉଦ୍ୟୋଗୀଙ୍କ ପାଇଁ ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠି କରାଯିବ।
- BSKYର ପରିସରକୁ ବୃଦ୍ଧି କରାଯାଇ ତୃଣମୂଳସ୍ତରର ମହିଳା କର୍ମଚାରୀଙ୍କୁ ସାମିଲ୍ କରାଯିବ।



### ସାମାଜିକ ନିରାପତ୍ତା

- ୧ ଲକ୍ଷ ଯୋଗ୍ୟ ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗର ବ୍ୟକ୍ତିବିଶେଷଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୧,୦୦,୦୦୦ ଟଙ୍କା ଲେଖାଏଁ ଅନୁଦାନ ଦିଆଯିବ।
- ସମସ୍ତ ଯୋଗ୍ୟ ପରିବାରକୁ ରାସନ କାର୍ଡ଼ ଯୋଗାଇ ଦିଆଯିବ।
- ଗ୍ରାମୀଣ ଆବାସ ଅଧୀନରେ ଯୋଗ୍ୟ ପରିବାରଙ୍କ ପାଇଁ ୧୦ ଲକ୍ଷ ଗୃହ ନିର୍ମାଣ କରାଯିବ।



### ଚାଷୀ

- ବିନା ସୁଧରେ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ମିଳିବ।
- ସମସ୍ତ ଚାଷୀଙ୍କୁ ବିଜୁଳି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ।
- ବିରତି ସମୟରେ ମତ୍ସ୍ୟଜୀବୀମାନଙ୍କୁ ୧୫,୦୦୦ ଟଙ୍କାର ସହାୟତା ମିଳିବ।
- ଝିଅ ବିବାହ ପାଇଁ ଚାଷୀ ପରିବାରକୁ ୨୫,୦୦୦ ଟଙ୍କାର ସହାୟତା ମିଳିବ।



### ଭାଷା, ଐତିହ୍ୟ ଓ ସଂସ୍କୃତି

- ଐତିହ୍ୟ ବିକାଶ ପାଇଁ ୧,୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି।
- ଶାସ୍ତ୍ରୀୟ ଭାଷା ଓଡ଼ିଆର ବିକାଶ ପାଇଁ ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠି ବ୍ୟବସ୍ଥା କରାଯିବ।
- ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପଶ୍ଚିମ ଓଡ଼ିଶାର ଭାଷାଗୁଡ଼ିକର ଗବେଷଣା ଓ ବିକାଶ ପାଇଁ ୨୫ ଲକ୍ଷ ଟଙ୍କାର କର୍ପସ ପାଣ୍ଠି କରାଯିବ।

5T ନବୀନ ଗ୍ୟାରେଣ୍ଟି

**ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ୍ ଦିଅନ୍ତୁ** | ଲୋକସଭା | ବିଧାନସଭା

PUBLISHED BY DR SASMIT PATRA, GENERAL SECRETARY, BIJU JANATA DAL

# ଭୋଟିଂ ତଥ୍ୟ ୪୮ ଘଣ୍ଟାରେ ପ୍ରକାଶ କରାଯାଉ

## ସୁପ୍ରିମକୋର୍ଟରେ ଏଡିଆର୍‌ର ଆବେଦନ

ନୂଆଦିଲ୍ଲୀ,୧୦।୫(ପି.ଟି.)

ଲୋକ ସଭା ନିର୍ବାଚନ ଚାଲିଥିବା ବେଳେ ପ୍ରତି ପର୍ଯ୍ୟାୟ ଭୋଟିଂ ଶେଷ ହେବାର ୪୮ ଘଣ୍ଟା ମଧ୍ୟରେ ବୁଥ୍‌ୱାରି ମତଦାନ ହାର ସମ୍ପର୍କିତ ସମ୍ପୂର୍ଣ୍ଣ ତଥ୍ୟ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଉ। ଏଥିପାଇଁ ଇସିଆଇଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ସୁପ୍ରିମକୋର୍ଟରେ ଆବେଦନ କରିଛି। ଏଡିଆର୍ ଏହାର ୨୦୧୯ର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଉପରେ ଅନ୍ତରୀଣ ଆବେଦନପତ୍ର ଦାଖଲ କରି ନିର୍ବାଚନ କମିଶନଙ୍କୁ ସବୁ ବୁଥ୍‌ର ଫର୍ମ ୧୭ସି ଭାଗ-୧(ଆକାଉଣ୍ଟ ଅଫ୍ ଭୋଟ୍‌ସ ରେକର୍ଡେଡ୍)ର ସ୍କାନ୍ ହୋଇଥିବା ବୈଧ କପିକୁ ଭୋଟିଂ ପରେ ତୁରନ୍ତ ଅପ୍‌ଲୋଡ୍ ନିମନ୍ତେ ନିର୍ଦ୍ଦେଶ ଦେବାକୁ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଛି। ନିର୍ବାଚନରେ ଅନିୟମିତତା ଦ୍ୱାରା ଗଣତାନ୍ତ୍ରିକ ପ୍ରକ୍ରିୟା ଯେପରି ବିକୃତ ନ ହୁଏ, ତାହା ସୁନିଶ୍ଚିତ କରିବା ଲାଗି ଏଭଳି ପିଟିଶନ ଦାଏର ହୋଇଛି।

ସୂଚନାଯୋଗ୍ୟ, ଚଳିତ ଲୋକ ସଭାର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଯଥାକ୍ରମେ ଏପ୍ରିଲ ୧୯ ଓ ୨୬ରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟ ଭୋଟିଂର ୧୧ ଦିନ ଏବଂ ଦ୍ୱିତୀୟ ପର୍ଯ୍ୟାୟର ୪ ଦିନ ପରେ ଅର୍ଥାତ୍ ଏପ୍ରିଲ ୩୦ରେ ନିର୍ବାଚନ କମିଶନ ମତଦାନ ହାର୍ ତଥ୍ୟ ପ୍ରକାଶ କରିଥିଲେ। ନିର୍ବାଚନ ଦିନ ରାତି ୭ଟାରେ ଇସିଆଇ ଯେଉଁ ମତଦାନ ହାର ଘୋଷଣା କରିଥିଲା, ଏପ୍ରିଲ ୩୦ରେ ପ୍ରକାଶ ପାଇଥିବା ଚୂଡ଼ାନ୍ତ ତଥ୍ୟରେ ତାହାର ବ୍ୟତିକ୍ରମ ଦେଖାଯାଇଥିଲା। ଏଥିରେ ମତଦାନ ହାର ୫ରୁ ୬ ପ୍ରତିଶତ ଅଧିକ ଦର୍ଶାଯାଇଥିବା ଆବେଦନରେ ଉଲ୍ଲେଖ କରାଯାଇଛି। ଚୂଡ଼ାନ୍ତ ତଥ୍ୟ ପ୍ରକାଶରେ ଅହେତୁକ ବିଳମ୍ବ ଏବଂ ମତଦାନ ହାର ବୃଦ୍ଧି ଦର୍ଶାଯିବା ଚିନ୍ତାଜନକ। ତଥ୍ୟରେ ସଂଶୋଧନ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏଭଳି ଆଶଙ୍କାକୁ ଦୂର କରାଯିବା ଆବଶ୍ୟକ। ଭୋଟରମାନଙ୍କ ଆସ୍ଥା ବଜାୟ ରଖିବା ଜରୁରୀ ବୋଲି ଏଡିଆର୍ ଏହାର ପିଟିଶନରେ ଉଲ୍ଲେଖ କରିଛି। ସେଥିପାଇଁ ମତଦାନ ପରେ ଫର୍ମ ୧୭ସି ଭାଗ-୧ର ସ୍କାନ୍ ହୋଇଥିବା ବୈଧ କପିକୁ ଇସିଆଇଙ୍କ ୱେବ୍‌ସାଇଟ୍‌ରେ ସ୍ଥାନିତ କରିବା ନିମନ୍ତେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବାକୁ ଏଡିଆର୍ ନିବେଦନ କରିଛି।

### ଖାର୍ଗେଙ୍କ ଭୋଟ ହାର ଅଭିଯୋଗ ଭିତ୍ତିହୀନ: ଇସି

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ନିର୍ବାଚନ ପ୍ରକ୍ରିୟାର ସଚ୍ଚୋଟତା ଉପରେ ପ୍ରଶ୍ନ ଉଠାଇଥିବାରୁ ଭାରତର ନିର୍ବାଚନ କମିଶନ (ଇସିଆଇ) ଏହାକୁ ଦୃଢ଼ ସମାଲୋଚନା କରିଛନ୍ତି। ଇସିଆଇ କଡ଼ା ଭାଷାରେ ଖାର୍ଗେଙ୍କୁ ପତ୍ର ଲେଖିବା ସହ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ମତଦାନ ହାର ତଥ୍ୟ ପ୍ରଦାନରେ ବିଳମ୍ବକୁ ନେଇ ଖାର୍ଗେ ବିରୋଧୀ ଦଳର ନେତାମାନଙ୍କୁ ପତ୍ର ଲେଖିଥିଲେ। ଫଳାଫଳକୁ ପ୍ରଭାବିତ କରିବା ପାଇଁ ଏପରି କରାଯାଉଥିବା ଖାର୍ଗେ ଅଭିଯୋଗ କରିଥିଲେ। ସେ ପକ୍ଷପାତପୂର୍ଣ୍ଣ ବର୍ଣ୍ଣନା କରିବାକୁ ଉଦ୍ୟମ କରୁଥିବା ଇସିଆଇ କହିଛନ୍ତି। ୫ ପୃଷ୍ଠାର ଜବାବରେ ନିର୍ବାଚନ କମିଶନ ଖାର୍ଗେଙ୍କ କୁପରିଚାଳନା ଏବଂ ମତଦାନ ହାର ପ୍ରକାଶରେ ବିଳମ୍ବ ସମ୍ପର୍କିତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷଙ୍କ ଅଭିଯୋଗ ଅବାଞ୍ଛିତ ଏବଂ ଏଥିରେ କୌଣସି ସତ୍ୟତା ନାହିଁ। ଦ୍ୱନ୍ଦ୍ୱର ପ୍ରସାର ପାଇଁ ପକ୍ଷପାତପୂର୍ଣ୍ଣ ତଥା ଜାଣିଶୁଣି ଉଦ୍ୟମ କରାଯାଇଥିବା ଏଥିରୁ ପ୍ରତିଫଳିତ ହେଉଥିବା ଇସିଆଇ କହିଛନ୍ତି। ମତଦାନ ହାର ତଥ୍ୟ ପ୍ରକାଶରେ ବିଳମ୍ବ ନିର୍ବାଚନର ଚୂଡ଼ାନ୍ତ ଫଳାଫଳକୁ କିପରି ଜାଲିଆତି କରିବ ବୋଲି କମିଶନ ବିସ୍ମୟ ପ୍ରକାଶ କରିଛନ୍ତି।

## ଇସିଙ୍କୁ ଭେଟିଲେ ଇଣ୍ଡିଆ ବ୍ଲକ୍ ନେତା



ଇଣ୍ଡିଆ ବ୍ଲକ୍‌ର ପ୍ରତିନିଧିମାନେ ଇସିଆଇଙ୍କୁ ଭେଟି ଫେରୁଛନ୍ତି।

ଇଣ୍ଡିଆ ବ୍ଲକ୍‌ର ନେତାମାନଙ୍କର ଏକ ପ୍ରତିନିଧି ଦଳ ଶୁକ୍ରବାର ନିର୍ବାଚନ କମିଶନଙ୍କ ସର୍ବୋଚ୍ଚ ଅଧିକାରୀମାନଙ୍କୁ ଭେଟି ମତଦାନ ହାର ତଥ୍ୟ ପ୍ରକାଶରେ ବିଳମ୍ବକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ନିର୍ବାଚନ ପ୍ରଚାର ବେଳେ ଶାସକ ଭାଜପା ନେତାମାନେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଇସିଙ୍କୁ ନିବେଦନ କରିଛନ୍ତି। ଉତ୍ତରପ୍ରଦେଶ ପୋଲିସ ରାଜ୍ୟର କେତେଜଣ ଲୋକଙ୍କୁ ରେଡ୍ କାର୍ଡ ଇସ୍ୟୁ କରିଥିବା ପ୍ରସଙ୍ଗ ସମାଜବାଦୀ ପାର୍ଟି ନେତା ଜାଭେଦ ଅଲି ଉଠାଇଥିଲେ। ରେଡ୍ କାର୍ଡ ପାଇଥିବା ଅନେକେ ମତଦାନରୁ ବଞ୍ଚିତ ହୋଇଥିବା ସେ କହିଥିଲେ। ପ୍ରତିନିଧି ଦଳରେ କଂଗ୍ରେସ ନେତା ଅଭିଷେକ ମନୁ ସିଂଘଭି, ସଲମାନ ଖୁର୍ସିଦ, ଟିଏମ୍‌ସି ନେତା ଡେରେକ ଓ'ବ୍ରାଏନ୍, ଡିଏମ୍‌କେର ଟି.ଆର୍. ବାଲୁ, ଜେଏମ୍‌ଏମ୍‌ର ମହୁଆ ମାଝି, ସିପିଆଇର ବିନୟ ବିଶ୍ୱମ୍ ପ୍ରମୁଖ ରହିଥିଲେ। ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବିରୋଧରେ କଂଗ୍ରେସ ସମେତ ବିଭିନ୍ନ ଦଳ ଅନେକ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଆସ୍ଥା ସଙ୍କଟ ସମେତ ବିଭିନ୍ନ ପ୍ରସଙ୍ଗରେ ଇଣ୍ଡିଆ ବ୍ଲକ୍‌ର ନେତାମାନେ ଇସିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଇଡି ଚାର୍ଜଶିଟ୍‌ରେ କବିତା ଅଭିଯୁକ୍ତ

**ନୂଆଦିଲ୍ଲୀ,୧୦।୫:** ଦିଲ୍ଲୀ ଅବକାରୀ ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ଦିଲ୍ଲୀର ଏକ ଅଦାଲତରେ ସାନି ଚାର୍ଜଶିଟ୍ ଦାଖଲ କରିଛି। ଏଥିରେ ବିଆର୍‌ଏସ୍ ନେତ୍ରୀ କେ. କବିତାଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ର ଧାରା ୪୫ ଏବଂ ୪୪(୧) ଅନୁଯାୟୀ ଇଡି ଦିଲ୍ଲୀର ରାଉସ୍ ଆଭେନ୍ୟୁ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଛି। ଅବକାରୀ ନୀତି ଦୁର୍ନୀତି ମାମଲାରେ ଇଡିର ଏହା ଷଷ୍ଠ ଅତିରିକ୍ତ ଚାର୍ଜଶିଟ୍। ଏପର୍ଯ୍ୟନ୍ତ ଏହି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ, ଆପ୍ ଏମ୍‌ପି ସଞ୍ଜୟ ସିଂଙ୍କ ସମେତ ୧୮ ଜଣ ଗିରଫ ହେଲେଣି।

### ଡାଭୋଲକର ହତ୍ୟା ମାମଲା

## ୨ ଦୋଷୀଙ୍କୁ ଆଜୀବନ ଜେଲ

**ପୁଣେ, ୧୦।୫:** ୨୦୧୩ରେ ସାମାଜିକ କାର୍ଯ୍ୟକର୍ତ୍ତା ତଥା ମହାରାଷ୍ଟ୍ର ଅନ୍ଧବିଶ୍ୱାସ ବିଲୋପ ସମିତିର ପୂର୍ବତନ ଅଧ୍ୟକ୍ଷ ନରେନ୍ଦ୍ର ଡାଭୋଲକରଙ୍କ ହତ୍ୟା ମାମଲାରେ ୨ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ପୁଣେର ସ୍ୱତନ୍ତ୍ର କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ପୁଣେ ସ୍ୱତନ୍ତ୍ର କୋର୍ଟଙ୍କ ଅତିରିକ୍ତ ସେସନ୍ ଜଜ୍ ପି.ପି. ଯାଦବ ୨ ଦୋଷୀଙ୍କୁ ଅତିରିକ୍ତ ୫ ଲକ୍ଷ ଟଙ୍କା ଲେଖାଁଏ ଜରିମାନା ମଧ୍ୟ ଲଗାଇଛନ୍ତି। ତେବେ ଏହି ମାମଲାରେ ୫ ଜଣ ଅଭିଯୁକ୍ତ ଥିବାବେଳେ ଅନ୍ୟ ୩ ଜଣ ଅଭିଯୁକ୍ତ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ସୂଚନାଯୋଗ୍ୟ, ୨୦୧୩ ଅଗଷ୍ଟ ୨୦ରେ ଡାଭୋଲକରଙ୍କୁ ପୁଣେରେ ଗୁଳିକରି ହତ୍ୟା କରାଯାଇଥିଲା।

## ୧୩ରେ ସୋରେନ୍‌ଙ୍କ ଶୁଣାଣି



ହେମନ୍ତ ସୋରେନ୍

ନୂଆଦିଲ୍ଲୀ,୧୦।୫

ଜମି ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଗିରଫ ହୋଇ ଜେଲରେ ଥିବା ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ଅନ୍ତରୀଣ ଜାମିନ ଆବେଦନର ଶୁଣାଣି ଆସନ୍ତା ୧୩ ତାରିଖରେ ହେବ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଗିରଫଦାରିକୁ ଚ୍ୟାଲେଞ୍ଜ କରି ଜେଏମ୍‌ଏମ୍ ନେତା କରିଥିବା ଆବେଦନର ରାୟ ଘୋଷଣା କରିବାରେ ହାଇକୋର୍ଟ ବିଳମ୍ବ କରୁଥିବାରୁ ଏହା ବିରୋଧରେ ତାଙ୍କ ପିଟିଶନ୍‌ର ଶୁଣାଣିକୁ ସୁପ୍ରିମକୋର୍ଟ ବନ୍ଦ କରିଦେଇଛନ୍ତି। ରାୟ ଘୋଷଣାରେ ବିଳମ୍ବ ବିରୋଧରେ ସୋରେନ୍‌ଙ୍କ ଆବେଦନ ପ୍ରାସଙ୍ଗିକତା ହରାଇଥିବା ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ କହିଛନ୍ତି। ପୂର୍ବ ଶୁଣାଣି ବେଳେ ସୁପ୍ରିମକୋର୍ଟ ଗିରଫଦାରି ବିରୋଧରେ ସୋରେନ୍‌ଙ୍କ ଆବେଦନ ଉପରେ ରାୟ ପ୍ରକାଶ କରିବାକୁ ହାଇକୋର୍ଟଙ୍କୁ କହିଥିଲେ। ହାଇକୋର୍ଟ ଫେବୃଆରୀ ୨୮ରୁ ରାୟ ସଂରକ୍ଷିତ ରଖିଥିବାରୁ ଏଥିରେ ଅସନ୍ତୋଷ ବ୍ୟକ୍ତ କରିବା ସହ ଲୋକ ସଭା ନିର୍ବାଚନରେ ପ୍ରଚାର ନିମନ୍ତେ ଅନ୍ତରୀଣ ଜାମିନ ପାଇଁ ସୋରେନ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## କାନାଡ଼ାରେ ଗୁପ୍ତଚର ବୃତ୍ତିରେ ସାମିଲ ଥିଲା ଭାରତ

### ସିଏସ୍‌ଆଇଏସ୍ ରିପୋର୍ଟ

ଅଟାୱା, ୧୦।୫

ଭାରତ କାନାଡ଼ାର ବିଭିନ୍ନ ଗୁପ୍ତଚର କାର୍ଯ୍ୟକଳାପରେ ସାମିଲ ଥିବା ନେଇ କାନାଡ଼ାର ଗୋଇନ୍ଦା ଏଜେନ୍ସି 'କାନାଡ଼ିଆନ ସୁରକ୍ଷା ଗୁପ୍ତଚର ସେବା(ସିଏସ୍‌ଆଇଏସ୍)' ଦାବି କରିଛି। ଏନେଇ ସିଏସ୍‌ଆଇଏସ୍ ପକ୍ଷରୁ ଏକ ସାର୍ବଜନୀନ ରିପୋର୍ଟ ପ୍ରକାଶ କରାଯାଇଛି। ଏହି ରିପୋର୍ଟରେ ଭାରତ ସହ ଚାଇନା, ରୁଷିଆ ଓ ଇରାନର ନାମ ଉଲ୍ଲେଖ ରହିଛି। ଏହି ସବୁ ଦେଶ କାନାଡ଼ା ସମେତ ବିଭିନ୍ନ ପଶ୍ଚିମ ଦେଶରେ ହସ୍ତକ୍ଷେପ କରିବା ସହ ଅନେକ ଗୁପ୍ତଚର କାର୍ଯ୍ୟକଳାପରେ ଲିପ୍ତ ଥିବା ରିପୋର୍ଟରେ କୁହାଯାଇଛି। ନିଜ ଉଦ୍ଦେଶ୍ୟ ଏବଂ ଫାଇଦାକୁ ସାଧିତ କରିବା ପାଇଁ ବିଭିନ୍ନ ପ୍ରକାରର ବିଦେଶୀ ହସ୍ତକ୍ଷେପ ସହ ଗୁପ୍ତଚର କାର୍ଯ୍ୟକଳାପ ଏହି ସବୁ ଦେଶ ସାମିଲ ରହିଛନ୍ତି। ସେହିପରି ଏହି ରିପୋର୍ଟରେ ଭାରତ-କାନାଡ଼ା ସମ୍ପର୍କରେ ଅବନତି ଘଟିଥିବା ସ୍ୱୀକାର କରାଯାଇଛି। ତେବେ ୨ ଦେଶ ମଧ୍ୟରେ ସମ୍ପର୍କ ଖରାପ ହେବା ପରେ କିଛି ଭାରତ ସମର୍ଥିତ ଅଭିନେତା କାନାଡ଼ା ବିରୋଧରେ ସଫଳତାର ସହ ସାଇବର କାର୍ଯ୍ୟକଳାପ କରାଇଥିବା ସିଏସ୍‌ଆଇଏସ୍ ଦାବି କରିଛି। ଅନ୍ୟପକ୍ଷରେ, ଏହି ସାଇବର କାର୍ଯ୍ୟକଳାପରେ ଭାରତ ସରକାରଙ୍କ ସମ୍ପୃକ୍ତି ନ ଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

## ପାକିସ୍ତାନରୁ ଆସିଥିଲା ଇ-ମେଲ୍ ଧମକ

ଅହମଦାବାଦ, ୧୦।୫

ଗତ ୬ ତାରିଖରେ ଗୁଜରାଟର ୩୬ ସ୍କୁଲକୁ ବୋମାରେ ଉଡ଼େଇଦେବାକୁ ଇ-ମେଲ୍ ଯୋଗେ ଧମକ ଆସିଥିଲା। ଏହି ଇ-ମେଲ୍ ପାକିସ୍ତାନର ଫୈସଲାବାଦରୁ ଆସିଥିବା ଶୁକ୍ରବାର ଗୁଜରାଟ ପୋଲିସ ସୂଚନା ଦେଇଛି। ଗୁଜରାଟରେ ଲୋକ ସଭା ନିର୍ବାଚନ ପାଇଁ ମତଦାନର ଦିନକ ପୂର୍ବରୁ ଭୋଟରଙ୍କୁ ଭୟଭୀତ କରାଇବା ଉଦ୍ଦେଶ୍ୟରେ ଏହି ମେଲ୍ ପଠାଯାଇଥିବା ପୋଲିସ କହିଛି। ଗତ ସପ୍ତାହରେ ଇ-ମେଲ୍ ଧମକ ପାଇବା ପରେ ସ୍କୁଲଗୁଡ଼ିକ ପକ୍ଷରୁ ପୋଲିସକୁ ସୂଚନା ଦିଆଯାଇଥିଲା। ଗୁଜରାଟ ସାଇବର ସେଲ୍ ପୋଲିସ ଏହି ମାମଲାର ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ଗତ ୭ ତାରିଖରେ ଗୁଜରାଟର ୨୫ ଲୋକ ସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

## ଏକଚ୍ଛତ୍ରବାଦ ବିରୋଧରେ ଲଢ଼େଇ ଜାରି ରହିବ

### ଲୋକଙ୍କ ସମର୍ଥନ ଲୋଡ଼ିଲେ କେଜ୍‌ରିୱାଲ

ନୂଆଦିଲ୍ଲୀ,୧୦।୫(ପି.ଟି.)

ସୁପ୍ରିମକୋର୍ଟ ଶୁକ୍ରବାର ଅନ୍ତରୀଣ ଜାମିନ ପ୍ରଦାନ କରିବାର କିଛି ଘଣ୍ଟା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତିହାର ଜେଲରୁ ମୁକୁଳିଛନ୍ତି। ସେ ଭଗବାନ ହନୁମାନଙ୍କୁ ଧନ୍ୟବାଦ ଜଣାଇବା ସହ ଏକଚ୍ଛତ୍ରବାଦ ବିରୋଧରେ ଲଢ଼େଇ ପାଇଁ ଜନସାଧାରଣଙ୍କ ସମର୍ଥନ ଲୋଡ଼ିଛନ୍ତି। ଲୋକ ସଭା ନିର୍ବାଚନରେ ପ୍ରଚାର ନିମନ୍ତେ କେଜ୍‌ରିୱାଲଙ୍କୁ ସର୍ବୋଚ୍ଚ ଅଦାଲତ ଜୁନ୍ ୧ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଜେଲରେ ବାହାରିବା ବେଳେ ଆମ୍ ଆଦ୍‌ମୀ ପାର୍ଟିର ନେତା ଓ କର୍ମୀମାନେ ଢୋଲ ବଜାଇ ଓ ସ୍ଲୋଗାନ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଏକ କାର୍‌ର ସନ୍‌ରୁଫ୍‌ରେ ଛିଡ଼ାହୋଇ ସେ ଦଳୀୟ କର୍ମୀ ଓ ସମର୍ଥକମାନଙ୍କୁ ସମ୍ବୋଧିତ କରିଥିଲେ। ଭାରତ ମାତା କୀ ଜୟ, ଇନ୍‌କିଲାବ ଜିନ୍ଦାବାଦ ସ୍ଲୋଗାନ ଦେଇ କେଜ୍‌ରିୱାଲ କହିଥିଲେ, ଏକଚ୍ଛତ୍ରବାଦ ବିରୋଧରେ ସେ ତାଙ୍କର ସବୁ ଶକ୍ତି ଲଗାଇ ଲଢୁଛନ୍ତି। ଏହା ବିରୋଧରେ ଲଢ଼ିବା ପାଇଁ ୧୪୦ କୋଟି ଦେଶବାସୀ ଏକାଠି ଆଗେଇ ଆସିବାକୁ ହେବ ବୋଲି ସେ କହିଛନ୍ତି। ଶନିବାର ସକାଳେ ସେ ହନୁମାନ ମନ୍ଦିର ଦର୍ଶନ କରିବା ପରେ ଅପରାହ୍ନ ୧ଟା ବେଳେ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରିବେ। ଭଗବାନ ହନୁମାନଙ୍କ ଆଶୀର୍ବାଦରୁ ମୁଁ ଆପଣମାନଙ୍କ ଗହଣକୁ ଫେରିଆସିଛି। ଜନସାଧାରଣଙ୍କ ଭଲପାଇବା ଓ ଆଶୀର୍ବାଦ ପାଇଁ ସେ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ତିହାର ଜେଲରୁ ବାହାରିବା ପରେ କେଜ୍‌ରିୱାଲ ଦଳୀୟ କର୍ମୀ ଓ ସମର୍ଥକମାନଙ୍କୁ ସମ୍ବୋଧନ କରୁଛନ୍ତି।

### ଦିଲ୍ଲୀ ଅବକାରୀ ନୀତି ମାମଲାର ଘଟଣାକ୍ରମ

**ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଶୁକ୍ରବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଜୁନ୍ ୧ ପର୍ଯ୍ୟନ୍ତ ଜାମିନ ମିଳିଛି। ଅବକାରୀ ନୀତି ମାମଲାର ଘଟଣାକ୍ରମ ଏଠାରେ ପ୍ରଦତ୍ତ ହେଲା।**

**୨୦୨୧ ନଭେମ୍ବର:** ଦିଲ୍ଲୀ ସରକାର ନୂଆ ଅବକାରୀ ନୀତି ଆଣିଥିଲେ।

**୨୦୨୨ ଜୁଲାଇ:** ଅବକାରୀ ନୀତି ପ୍ରଣୟନ ଓ କାର୍ଯ୍ୟକାରିତାରେ ଅନିୟମିତତା ଅଭିଯୋଗର ସିବିଆଇ ତଦନ୍ତ ପାଇଁ ଉପରାଜ୍ୟପାଳ ଭି.କେ. ସାକ୍ସେନା ସୁପାରିସ କରିଥିଲେ।

**୨୦୨୨ ଅଗଷ୍ଟ:** ଅବକାରୀ ଅନିୟମିତତା ନେଇ ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାମଲା ରୁଜୁ କଲେ।

**୨୦୨୨ ସେପ୍ଟେମ୍ବର:** ଅବକାରୀ ନୀତିକୁ ଦିଲ୍ଲୀ ସରକାର ରଦ୍ଦ କଲେ।

**୨୦୨୩ ଅକ୍ଟୋବର ୩୦:** ଏହି ଅନିୟମିତତା ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ନଭେମ୍ବର ୨ରେ ହାଜର ହେବା ଲାଗି ଇଡି କେଜ୍‌ରିୱାଲଙ୍କୁ ପ୍ରଥମ ସମନ ଜାରି କରିଥିଲେ।

**୨୦୨୪ ଫେବୃଆରୀ ୩:** କେଜ୍‌ରିୱାଲ ଏକାଧିକ ସମନକୁ ଏଡ଼ାଇଯିବାରୁ ଇଡି ତାଙ୍କ ବିରୋଧରେ ମାଜିଷ୍ଟ୍ରେରିଆଲ କୋର୍ଟରେ ଅଭିଯୋଗ ଦାଏର କରିଥିଲା। ୭ ତାରିଖରେ କୋର୍ଟ କେଜ୍‌ରିୱାଲଙ୍କୁ ସମନ କରିଥିଲେ।

**ମାର୍ଚ୍ଚ ୧୫:** ବାରମ୍ବାର ଇଡି ଏବଂ କୋର୍ଟ ସମନକୁ ଏଡ଼ାଇଯାଉଥିବା କେଜ୍‌ରିୱାଲଙ୍କ ବିରୋଧରେ ତଦନ୍ତ ଅଟକାଇବାକୁ ସେସନ୍ସ କୋର୍ଟ ମନା କରିଦେଇଥିଲେ।

**ମାର୍ଚ୍ଚ ୨୧:** ଦିଲ୍ଲୀ ହାଇକୋର୍ଟ କେଜ୍‌ରିୱାଲଙ୍କୁ ଗିରଫଦାରିରୁ ସୁରକ୍ଷା ଦେବାକୁ ମନା କରିଦେବାର କିଛି ସମୟ ପରେ ଇଡି ତାଙ୍କୁ ଗିରଫ କରିଥିଲା।

**ମାର୍ଚ୍ଚ ୨୩:** ଇଡି ଗିରଫଦାରିକୁ କେଜ୍‌ରିୱାଲ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

**ଏପ୍ରିଲ ୯:** ହାଇକୋର୍ଟ ତାଙ୍କ ପିଟିଶନକୁ ଖାରଜ କରିଦେଲେ।

**ଏପ୍ରିଲ ୧୦:** ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି କେଜ୍‌ରିୱାଲ ସୁପ୍ରିମକୋର୍ଟ ଯାଇଥିଲେ।

**ମେ' ୩:** ଲୋକ ସଭା ନିର୍ବାଚନ ଚାଲିଥିବାରୁ କେଜ୍‌ରିୱାଲଙ୍କ ଅନ୍ତରୀଣ ଜାମିନ ଆବେଦନକୁ ବିଚାରକୁ ନିଆଯାଇପାରେ ବୋଲି ସୁପ୍ରିମକୋର୍ଟ କହିଥିଲେ।

**ମେ' ୧୦:** ସୁପ୍ରିମକୋର୍ଟ କେଜ୍‌ରିୱାଲଙ୍କୁ ଜୁନ୍ ୧ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ପ୍ରଦାନ କରିବା ସହ ତାଙ୍କୁ ଜୁନ୍ ୨ରେ ଜେଲରେ ଆତ୍ମସମର୍ପଣ ପାଇଁ ନିର୍ଦ୍ଦେଶ ଦେଲେ।

### ଫୁର୍‌ସତ୍

## ଚଳନ୍ତା ବିମାନରେ ମାରପିଟ

ସାନ୍ ଫ୍ରାନ୍ସିସ୍କୋ

ସାମ୍ପ୍ରତିକ ସମୟରେ ବିମାନରେ ଯାତ୍ରା କରିବାବେଳେ ଯାତ୍ରୀଙ୍କ ମଧ୍ୟରେ ଝଗଡ଼ା ଓ ମାରପିଟ ଲାଗିବାର ଅନେକ ଖବର ସାମ୍ନାକୁ ଆସିଛି। ସୋସିଆଲ ମିଡିଆର ଯୁଗ ହୋଇଥିବାରୁ ଏହି ସବୁ ଭିଡିଓ ଅଳ୍ପ କିଛି ସମୟ ମଧ୍ୟରେ ଇଣ୍ଟରନେଟରେ ଭାଇରାଲ ହେବାକୁ ଲାଗିଥାଏ। ନିକଟରେ ବିମାନ ମଧ୍ୟରେ ଲଢ଼େଇର ପୁଣି ଏକ ମାମଲା ସାମ୍ନାକୁ ଆସିଛି। ଭିଡିଓଟି 'ଇଭିଏ ଏୟାରୱେଜ୍'ର ଏକ ବିମାନର ହୋଇଥିବାବେଳେ ଏହା ତାଇୱାନର ତାଇପେଇଠାରୁ ଆମେରିକାର କାଲିଫର୍ନିଆ ପ୍ରଦେଶର ସାନ ଫ୍ରାନ୍ସିସ୍କୋକୁ ଯାଉଥିଲା। ବିମାନଟି ମଝି ଆକାଶରେ ଉଡୁଥିବାବେଳେ ୨ ଜଣ ଯାତ୍ରୀଙ୍କ ମଧ୍ୟରେ ମୁହାଁମୁହିଁ ପରସ୍ଥିତି ଦେଖାଦେଇଥିଲା।

ତାଇପେଇରୁ ଦୀର୍ଘ ସାଢ଼େ ୧୧ ଘଣ୍ଟାର ଯାତ୍ରା କରି ଇଭିଏ ଏୟାର ବିମାନ 'ବିଆର୍ ୦୮' ସାନ୍ ଫ୍ରାନ୍ସିସ୍କୋରେ ପହଞ୍ଚିଥିଲା। ତେବେ ତାଇପେଇ ଛାଡିବାର କିଛି ଘଣ୍ଟା ମଧ୍ୟରେ ଏହି ବିମାନରେ ୨ ଯାତ୍ରୀଙ୍କ ମଧ୍ୟରେ ଭୀଷଣ ଝଗଡ଼ା ଓ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ଚାହୁଁ ଚାହୁଁ ଉଭୟ ଯାତ୍ରୀ ଚଳନ୍ତା ବିମାନ ମଧ୍ୟରେ ମାରପିଟ ଓ ଠେଲାପେଲା ଆରମ୍ଭ କରିଦେଇଥିଲେ। ବିମାନରେ ଥିବା କ୍ରିଉ ସଦସ୍ୟ ଉଭୟଙ୍କୁ ଶାନ୍ତ କରିବା ପାଇଁ ପାରୁପର୍ଯ୍ୟନ୍ତ ଉଦ୍ୟମ କରି ବିଫଳ ହୋଇଥିଲେ। ଉକ୍ତ ବିମାନ ସାନ୍ ଫ୍ରାନ୍ସିସ୍କୋ ବିମାନବନ୍ଦରରେ ଅବତରଣ କରିବା ପରେ କ୍ରିଉ ସଦସ୍ୟଙ୍କ ଅଭିଯୋଗ ଆଧାରରେ ଚଳନ୍ତା ବିମାନରେ ମାରପିଟ ଲାଗିଥିବା ୨ ବ୍ୟକ୍ତିଙ୍କୁ ସାନ୍ ଫ୍ରାନ୍ସିସ୍କୋ ପୋଲିସ ଗିରଫ କରିଛି।

ସୂଚନା ଅନୁଯାୟୀ, ବିମାନ ମଧ୍ୟରେ ଏକ ଖାଲି ପଡ଼ିଥିବା ସିଟ୍‌ରେ ବସିବାକୁ ନେଇ ଏହି ମାରପିଟ ଆରମ୍ଭ ହୋଇଥିଲା। ଏହି ବିମାନରେ ଜଣେ ଯାତ୍ରୀ କାଶୁଥିବାରୁ ତାଙ୍କ ନିକଟରେ ବସିଥିବା ଯାତ୍ରୀ ଅସୁବିଧା ଭୋଗ କରି ସିଟ୍ ବଦଳାଇବାକୁ ନିଷ୍ପତ୍ତି ନେଇଥିଲେ। ସେ କିଛି ଦୂରରେ ଖାଲି ପଡ଼ିଥିବା ଅନ୍ୟ ଏକ ସିଟ୍‌ରେ ଯାଇ ବସିପଡ଼ିଥିଲେ। ତେବେ ସମ୍ପୃକ୍ତ ସିଟ୍‌ରେ ପୂର୍ବରୁ ବସିଥିବା ବ୍ୟକ୍ତି ଯେତେବେଳେ ଫେରିଲେ, ନିଜ ଆସନରେ ଅନ୍ୟ ଜଣଙ୍କୁ ବସିଥିବାର ଦେଖି ଉତ୍ତେଜିତ ହୋଇ ପଡ଼ିଲେ। ପରେ ଉଭୟ ଯାତ୍ରୀ ପରସ୍ପର ବିରୋଧରେ ଆକ୍ଷେପ କରି ଝଗଡ଼ା ଆରମ୍ଭ କରିଥିଲେ, ଯାହା ଉଗ୍ରରୂପ ଧାରଣ କରିଥିଲା।



## ପୱନଙ୍କୁ ଅଲ୍ଲୁ ଅର୍ଜୁନଙ୍କ ସମର୍ଥନ

ଅମରାବତୀ

ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ ଏବେ ନିଜ ଫିଲ୍ମ 'ପୁଷ୍ପା ଦି ରୁଲ୍'ର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ସେ ଏହି ହାଇ ବଜେଟ ଫିଲ୍ମକୁ ନେଇ କ୍ରମାଗତ ଭାବେ ଚର୍ଚ୍ଚାରେ ରହି ଆସୁଛନ୍ତି। ଆସନ୍ତା ୧୩ରେ ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ, ଏବେ ଏଥିପାଇଁ ପ୍ରଚାର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପିଥାପୁରମ୍ ବିଧାନସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜନସେନା ପାର୍ଟି (ଜେଏସ୍‌ପି) ମୁଖ୍ୟ ତଥା ତେଲୁଗୁ ତାରକା ପୱନ କଲ୍ୟାଣଙ୍କୁ ଅଲ୍ଲୁ ନିଜ ଏକ୍ସ' ହ୍ୟାଣ୍ଡେଲରେ ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ତାଙ୍କ ସମର୍ଥନ ପୱନ କଲ୍ୟାଣଙ୍କ ପ୍ରତି ରହିଥିବା ଅଲ୍ଲୁ କହିଛନ୍ତି।

ଅଲ୍ଲୁ ତାଙ୍କ ଏକ୍ସ' ଆକାଉଣ୍ଟରେ ପୱନଙ୍କ ପାଇଁ ଏକ ସ୍ୱତନ୍ତ୍ର ବାର୍ତ୍ତା ଲେଖିଛନ୍ତି। ସେ ପୱନଙ୍କୁ ତାଙ୍କ ନିର୍ବାଚନୀ ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ସେବାରେ ଉତ୍ସର୍ଗ କରିବାକୁ ପୱନ ତାଙ୍କ ଜୀବନକୁ ବାଛିଥିବା କହି ଏଥିପାଇଁ ପରିବାରର ଜଣେ ସଦସ୍ୟ ଭାବେ ସେ ଗର୍ବିତ ଥିବା ଅଲ୍ଲୁ ନିଜ ପୋଷ୍ଟରେ ଲେଖିଛନ୍ତି। ଏହା ସହ ପୱନଙ୍କ ଏହି ଯାତ୍ରାରେ ସର୍ବଦା ତାଙ୍କର ସମର୍ଥନ ରହିଛି ବୋଲି ଅଲ୍ଲୁ ପ୍ରକାଶ କରିଛନ୍ତି।

ପୱନ କଲ୍ୟାଣ ଖୁବ୍‌ଶୀଘ୍ର ବବି ଦେଓଲଙ୍କ ସହ 'ହରି ହର୍ ବୀରା ମଲ୍ଲୁ'ରେ ନଜର ଆସିବେ। ୨୦୧୯ରେ ଏହି ଚଳଚ୍ଚିତ୍ରର ଘୋଷଣା ହୋଇଯାଇଥିବାବେଳେ କୋଭିଡ୍ ମହାମାରୀ ଯୋଗୁ ଏହା ରିଲିଜ୍ ହୋଇପାରି ନ ଥିଲା। ସେହିପରି ତେଲୁଗୁ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ଆଗାମୀ ଫିଲ୍ମ 'ପୁଷ୍ପା ଦି ରୁଲ୍' ମଧ୍ୟ ଖୁବ୍‌ଶୀଘ୍ର ରିଲିଜ୍ ହେବାକୁ ଯାଉଛି। ନିକଟରେ ଫିଲ୍ମ ନିର୍ମାତାମାନେ ଏହାର ପ୍ରଥମ ଗୀତ 'ପୁଷ୍ପା ପୁଷ୍ପା' ରିଲିଜ୍ କରିଛନ୍ତି। ଏହି ଚଳଚ୍ଚିତ୍ରର ଟିଜର ମଧ୍ୟ ପ୍ରକାଶ ପାଇଛି, ଯାହା ଲୋକଙ୍କୁ ଉତ୍ସାହିତ କରିପାରିଛି। ଏହି ଫିଲ୍ମ ଚଳିତ ବର୍ଷ ଅଗଷ୍ଟ ୧୫ରେ ରିଲିଜ୍ ହେବ।



DHARITRI

ଭୁବନେଶ୍ୱର, ଶନିବାର, ମେ ୧୧/୨୦୨୪ | Bhubaneswar, Saturday, May 11/2024 | ପୃଷ୍ଠା-୧

# ଓଡ଼ିଶାରେ ଆସିବ ଟର୍ନିଂ ପଏଣ୍ଟ: ମୋଦି

**ଓଡ଼ିଶାରେ ଓଡ଼ିଆ ଅସ୍ମିତା ପ୍ରତି ବିପଦ ଦେଖାଦେଇଛି। ଏଠାରେ ରାଜା ମହାରାଜା ବେଳର ସ୍ଥିତି ବଳବତ୍ତର ରହିଛି। ତେଣୁ ଲୋକେ ପରିବର୍ତ୍ତନ ଚାହୁଁଛନ୍ତି। ଚଳିତ ନିର୍ବାଚନରେ ଓଡ଼ିଶାରେ ଟର୍ନିଂ ପଏଣ୍ଟ ଆସିବ ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱରରେ ରୋଡ୍ ଶୋ' ବେଳେ ଏକ ଜାତୀୟ ଗଣମାଧ୍ୟମକୁ କହିଛନ୍ତି। ଭାଜପା ସହିତ ଓଡ଼ିଶାବାସୀଙ୍କ ଭାବଗତ ସମ୍ପର୍କ ବିକଶିତ ହୋଇଛି। ଏଠାରେ ଏଥର ପଦ୍ମ ଫୁଟିବ। ରୋଡ୍ ଶୋ'ର ବିପୁଳ ଜନସମାଗମ ଏହାକୁ ପ୍ରମାଣିତ କରୁଛି ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।**

**ଭୁବନେଶ୍ୱର,୧୦ା୫(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ରାତି ୮ଟା ୪୫ରେ ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରୁ ବାଣୀବିହାର ପର୍ଯ୍ୟନ୍ତ ପ୍ରାୟ ଘଣ୍ଟାଏ ଧରି ରୋଡ୍ ଶୋ କରିଥିଲେ। ମୋଦିଙ୍କୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ସେ ପ୍ରଚାର ଗାଡ଼ିରେ ପଦ୍ମ ଚିହ୍ନ ଦେଖାଇ ରାଲିର ଶେଷ ପର୍ଯ୍ୟନ୍ତ ଯାଇଥିଲେ। ରୋଡ୍ ଶୋ ଦେଖିବା ଲାଗି ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ଏହି କାର୍ଯ୍ୟକ୍ରମ ସମୟରେ ମୋଦିଙ୍କ ସାଙ୍ଗରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଭୁବନେଶ୍ୱର ଲୋକ ସଭା ସଦସ୍ୟା ଅପରାଜିତା ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ୨ ☞ପୃଷ୍ଠା-୨



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ରାତିରେ ଭୁବନେଶ୍ୱର ଜନପଥର ଭାଜପା କାର୍ଯ୍ୟାଳୟଠାରୁ ବାଣୀବିହାର ପର୍ଯ୍ୟନ୍ତ ରୋଡ୍ ଶୋ' କରି ନିର୍ବାଚନ ପ୍ରଚାର କରୁଛନ୍ତି। ନିକଟରେ ଅଛନ୍ତି ଭୁବନେଶ୍ୱର ଲୋକ ସଭା ଭାଜପା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ । **(ଫଟୋ-ବିକାଶ ନାୟକ)**




# ବିରୋଧ ସତ୍ତ୍ୱେ କେଜ୍‌ରିୱାଲ ମୁକ୍ତ

**ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର କଡ଼ା ବିରୋଧ ସତ୍ତ୍ୱେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ ଶୁକ୍ରବାର ସୁପ୍ରିମକୋର୍ଟରୁ ଜାମିନ ପାଇ ତିହାର ଜେଲରୁ ମୁକ୍ତ ହୋଇଛନ୍ତି। ଅବକାରୀ ନୀତି ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ଏଜେନ୍ସି ଇଡି ତାଙ୍କୁ ମାର୍ଚ୍ଚ ୨୧ରେ ଗିରଫ କରିଥିଲା। କେଜ୍‌ରିୱାଲ ଏହି ଗିରଫଦାରିକୁ ଚ୍ୟାଲେଞ୍ଜକରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଦୁଇଜଣିଆ ଖଣ୍ଡପୀଠ ଗତ ମଙ୍ଗଳବାର ତାଙ୍କ ଜାମିନ ଆବେଦନର ରାୟ ସଂରକ୍ଷିତ ରଖିଥିଲେ। ତେବେ ଲୋକ ସଭା ନିର୍ବାଚନ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିବା ନେଇ ଅଦାଲତ ସଙ୍କେତ ଦେଇଥିଲେ। ଗୁରୁବାର ଇଡି ନିର୍ବାଚନ ପ୍ରଚାର ମୌଳିକ ଅଧିକାର ନୁହେଁ ବୋଲି ଯୁକ୍ତି ବାଢ଼ି ଏକ ସତ୍ୟପାଠ ଦାଖଲ କରିଥିଲା। କିନ୍ତୁ ସୁପ୍ରିମକୋର୍ଟ କେଜ୍‌ରିୱାଲଙ୍କ କୌଣସି ଆପରାଧିକ ପୃଷ୍ଠଭୂମି ନ ଥିବା ଦର୍ଶାଇ ତାଙ୍କୁ ଜୁନ୍ ୧ ପର୍ଯ୍ୟନ୍ତ ସସର୍ତ୍ତ ଜାମିନ ପ୍ରଦାନ କରିଛନ୍ତି। ଗିରଫ ହେବାର ୫୦ ଦିନ ପରେ ଜେଲରୁ ମୁକୁଳି କେଜ୍‌ରିୱାଲ କହିଛନ୍ତି, ଏକଛତ୍ରବାଦ ବିରୋଧୀ ଲଢ଼େଇକୁ ଆହୁରି ଶାଣିତ କରିବା ଜରୁରୀ ହୋଇପଡ଼ିଛି।**



ଅରବିନ୍ଦ କେଜ୍‌ରିୱାଲ

**ନୂଆଦିଲ୍ଲୀ,୧୦ା୫**

ଚତୁର୍ଥ ପର୍ଯ୍ୟାୟ ଲୋକ ସଭା ନିର୍ବାଚନର ୩ ଦିନ ପୂର୍ବରୁ ସୁପ୍ରିମକୋର୍ଟ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଆଶ୍ୱସ୍ତି ଦେଇଛନ୍ତି। ଶେଷ ପର୍ଯ୍ୟାୟ ନିର୍ବାଚନ ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରାଯାଇଛି। ଜୁନ୍ ୨ରେ କେଜ୍‌ରିୱାଲଙ୍କୁ ଜେଲ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିବାକୁ କୁହାଯାଇଛି। ଅନ୍ତରୀଣ ଜାମିନ ପାଇଁ ସୁପ୍ରିମକୋର୍ଟ କେତେକ ସର୍ତ୍ତ ରଖିଛନ୍ତି। ଜାମିନ ଅବଧି ମଧ୍ୟରେ ସେ ଲୋକ ସଭା ନିର୍ବାଚନ ପାଇଁ ପ୍ରଚାର କରିପାରିବେ। କିନ୍ତୁ ସେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ କିମ୍ବା ଦିଲ୍ଲୀ ସଚିବାଳୟକୁ ଯିବେ ନାହିଁ କିମ୍ବା ଉପରାଜ୍ୟପାଳ ଭି.କେ. ସାକ୍‌ସେନାଙ୍କ ଅନୁମତି ବିନା କୌଣସି ଫାଇଲ୍‌ରେ ଦସ୍ତଖତ କରିବେ ନାହିଁ। ଉଚ୍ଛେଦ ହୋଇସାରିଥିବା ଅବକାରୀ ନୀତି ମାମଲା ସମ୍ପର୍କରେ ସେ ଭାଷଣ ଦେଇପାରିବେ ନାହିଁ କିମ୍ବା ତାଙ୍କ ବିରୋଧରେ ଅଭିଯୋଗ ସମ୍ପର୍କରେ ଆଲୋଚନା କରିବେ ନାହିଁ। ମାମଲାର କୌଣସି ସାକ୍ଷୀଙ୍କ ସହ କେଜ୍‌ରିୱାଲ ଯୋଗାଯୋଗ କରିପାରିବେ ନାହିଁ। ଜେଲରୁ ବାହାରିବା ପୂର୍ବରୁ ତାଙ୍କୁ ୫୦ ହଜାର ଟଙ୍କାର ବ୍ୟକ୍ତିଗତ ବଣ୍ଡ ପୈଠ କରିବାକୁ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଓ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ କହିଛନ୍ତି।

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଇଡି ଗତ ମାର୍ଚ୍ଚ ୨୧ରେ କେଜ୍‌ରିୱାଲଙ୍କୁ ଗିରଫ କରିବା ପରେ ସେ ତିହାର ଜେଲରେ ଥିଲେ। ଲୋକ ସଭା ନିର୍ବାଚନ ଚାଲିଥିବାରୁ ତାଙ୍କୁ ପ୍ରଚାର ପାଇଁ ଅନ୍ତରୀଣ ଜାମିନରେ ଛାଡ଼ିବା ନିମନ୍ତେ କେଜ୍‌ରିୱାଲଙ୍କ ଲିଗାଲ ଟିମ୍ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଥିଲା। ଅନ୍ୟପକ୍ଷରେ ତାଙ୍କ ଅନ୍ତରୀଣ ଜାମିନକୁ ଇଡି ଗୁରୁବାର ସୁପ୍ରିମକୋର୍ଟରେ ବିରୋଧ କରିଥିଲା। ନିର୍ବାଚନରେ ପ୍ରଚାର କରିବା ମୌଳିକ କିମ୍ବା ସାମ୍ବିଧାନିକ ଅଧିକାର ନୁହେଁ ☞ପୃଷ୍ଠା-୨

## ଓଡ଼ିଶାର ନିର୍ବାଚନ ଭଣ୍ଡୁର ଯୋଜନା ବେଳେ ଏନ୍‌କାଉଣ୍ଟର: ୧୨ ମାଓବାଦୀ ନିହତ

**ବିଜାପୁର(ପି.ଟି.)/ମାଲକାନଗିରି (ଦୁର୍ଯ୍ୟୋଧନ ପାତ୍ର), ୧୦ା୫**

ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ୩ ଦିନ ବାକି ଥିବାବେଳେ ଏହାକୁ ଭଣ୍ଡୁର କରିବା ପାଇଁ ମାଓବାଦୀମାନେ ଚଳାଇଥିବା ଯୋଜନା ପଣ୍ଡ ହୋଇଛି। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ଶୁକ୍ରବାର ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ପୋଲିସର ଏନ୍‌କାଉଣ୍ଟରରେ ୧୨ ମାଓବାଦୀ ନିହତ ହୋଇଥିବା ବିଜାପୁର ପୋଲିସ କହିଛି।

ବିଜାପୁର ଜିଲା ଗାଙ୍ଗାଲୁର ଥାନା ଅନ୍ତର୍ଗତ ପିଡ଼ିଆ ଅଞ୍ଚଳର ଏକ ଜଙ୍ଗଲରେ ହାର୍ଡକୋର ମାଓବାଦୀ ପାପା ରାଓ ଶତାଧିକ ସମର୍ଥକଙ୍କ ସହ ବୈଠକ କରୁଥିଲେ। ଆସନ୍ତା ୧୩ରେ କଳାହାଣ୍ଡି, ନବରଙ୍ଗପୁର ବ୍ରହ୍ମପୁର ଓ କୋରାପୁଟ ସଂସଦୀୟ ଆସନ ସହ ଏହା ଅଧୀନ ବିଧାନସଭା ନିର୍ବାଚନମଣ୍ଡଳୀଗୁଡ଼ିକରେ ଭୋଟ ଗ୍ରହଣ କରାଯିବ। ଏହି ନିର୍ବାଚନକୁ ମାଓବାଦୀମାନେ ଭଣ୍ଡୁର କରିବା ପାଇଁ ରଣନୀତି ପ୍ରସ୍ତୁତ କରୁଥିବା ଗୋଇନ୍ଦା ସୂଚନା ☞ପୃଷ୍ଠା-୨

## ୨୦ ପରେ ମାଟ୍ରିକ୍ ଫଳ, ହ୍ୱାଟ୍ସଆପ୍‌ରେ ଜାଣିହେବ

**କଟକ,୧୦ା୫ (କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାଫଳ ଆସନ୍ତା ୨୦ ତାରିଖ ପରେ ପ୍ରକାଶ ପାଇବ। ଛାତ୍ରୀଛାତ୍ରମାନେ ପୂର୍ବରୁ ଏସ୍‌ଏମ୍‌ଏସ୍ ଓ ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ କରି ପରୀକ୍ଷାଫଳ ଜାଣୁଥିଲେ। ଏବେ ଆଉ ଏକ ନୂତନ ମାଧ୍ୟମ ପ୍ରଥମଥର ପାଇଁ ଯୋଡ଼ି ହେବାକୁ ଯାଉଛି। ହ୍ୱାଟ୍ସଆପ୍‌ର ବହୁଳ ବ୍ୟବହାରକୁ ଦୃଷ୍ଟିରେ ରଖି ବୋର୍ଡ ପକ୍ଷରୁ ଏହାକୁ ପରୀକ୍ଷାଫଳ ଜାଣିବାର ମାଧ୍ୟମ ରୂପେ ଉପଯୋଗ କରିବାକୁ ପ୍ରକ୍ରିୟା ଚାଲିଛି। ଏଥିପାଇଁ ଭୁବନେଶ୍ୱରସ୍ଥିତ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ୍) ସହ ବୈଷୟିକ ସହାୟତା ନିମନ୍ତେ ଯୋଗାଯୋଗ ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏଥର ପରୀକ୍ଷାଫଳ ପ୍ରକାଶ ପାଇବା ସହିତ ପ୍ରଥମଥର ଅନ୍‌ଲାଇନ୍ ଜରିଆରେ ସାର୍ଟିଫିକେଟ୍ ପ୍ରଦାନ କରାଯିବ। ପରୀକ୍ଷାର୍ଥୀମାନେ ନିଜେ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରିପାରିବେ।

## ୨୮ ହଜାର ମୋବାଇଲରେ ୨୦ ଲକ୍ଷ ନମ୍ବର

**ନୂଆଦିଲ୍ଲୀ,୧୦ା୫**

ସାଇବର ଅପରାଧରେ ବ୍ୟବହୃତ ହେଉଥିବା ୨୮,୨୦୦ ମୋବାଇଲ ଫୋନ୍‌କୁ ବ୍ଲକ୍ କରିବା ପାଇଁ କେନ୍ଦ୍ର ସରକାର ଶୁକ୍ରବାର ଟେଲିକମ୍ ଅପରେଟରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଫୋନଗୁଡ଼ିକ ସହ ସମ୍ପୃକ୍ତ ଥିବା ୨୦ ଲକ୍ଷ ମୋବାଇଲ୍ ସଂଯୋଗକୁ ପୁନଃ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। ସାଇବର କ୍ରାଇମ୍ ଏବଂ ଆର୍ଥିକ ଜାଲିଆତିରେ ଟେଲିକମ୍ ସମ୍ବଳର ଦୁରୁପଯୋଗ ରୋକିବା ପାଇଁ ଟେଲିକମ୍ ମନ୍ତ୍ରଣାଳୟ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ରାଜ୍ୟ ପୋଲିସ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯାଉଥିବା ଯୋଗାଯୋଗ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଡିଜିଟାଲ ବିପଦରୁ ନାଗରିକଙ୍କୁ ସୁରକ୍ଷା ଦେବା ଏହାର ଲକ୍ଷ୍ୟ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ରାଜ୍ୟ ପୋଲିସ ଦ୍ୱାରା ହୋଇଥିବା ଏକ ବିଶ୍ଳେଷଣ ଅନୁଯାୟୀ ୨୮,୨୦୦ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ପ୍ରତିଭା ଅଭାବ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ନନ୍ଦିନୀ ଶତପଥୀଙ୍କ ଜୀବନୀ ପୁସ୍ତକ ଉନ୍ମୋଚନ ଓ ଆଲୋଚନା, ସ୍ଥାନ: ଅକ୍ସଫୋର୍ଡ ବୁକଷ୍ଟୋର, ୨ୟ ମହଲା, ସିମ୍ଫୋନି ମଲ୍, ରୁଦ୍ରପୁର, ସମୟ: ଅପରାହ୍ନ ୩ଟା।
- ବକୁଳ ଫାଉଣ୍ଡେଶନ ପକ୍ଷରୁ ନନ୍ଦିନୀ ଶତପଥୀଙ୍କ ଜୀବନୀ ପୁସ୍ତକ ଉନ୍ମୋଚନ, ସ୍ଥାନ: ବକୁଳ ଲାଇବ୍ରେରୀ, ୧୬ ସତ୍ୟନଗର, ସମୟ: ସନ୍ଧ୍ୟା ୬ଟା।
- ୨୨ତମ ଜାଗୃତି ବାର୍ଷିକୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ରାମଲୀଳାର ମଞ୍ଚସ୍ଥ ନାଟକ 'ରାମ ଜନ୍ମ', ସ୍ଥାନ: ବାଲିଅନ୍ତା ବ୍ଲକ ଜଗନ୍ନାଥପୁର ଗ୍ରାମର ରାମଲୀଳା ମଣ୍ଡପ, ସମୟ: ରାତି ୧୧ଟା।
- ମା' ଭୂଷଣ୍ଡେଇ ଡ୍ରାମାଟିକ କ୍ଲବ ଆନୁକୂଲ୍ୟରେ ନାଟକ 'ସତୀ ଚଉରା', ସ୍ଥାନ: ଶ୍ରୀରାମଚନ୍ଦ୍ରପୁର ଗ୍ରାମ ଛକ, ଭିଙ୍ଗାରପୁର, ସମୟ: ରାତି ୧୧ଟା।

## କଟକ
- ହାଇକୋର୍ଟ ଲିଗାଲ ସର୍ଭିସ୍ କମିଟି ପକ୍ଷରୁ ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ହାଇକୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- କଟକ ବୁଦ୍ଧିଜୀବୀ ଫୋରମ୍ ପକ୍ଷରୁ ଆମ ସ୍ୱପ୍ନର କଟକ ଶୀର୍ଷକ ସାଧାରଣ ସଭା, ସ୍ଥାନ: କଟକ ସାରଳା ଭବନ, ସମୟ: ସନ୍ଧ୍ୟା ୭ଟା।

## ପୁରୀ
- ବୈଶାଖ କୃଷ୍ଣପକ୍ଷ ପଞ୍ଚମୀ ତିଥି ଅବସରରେ ଓଁ ଶ୍ରୀଶ୍ରୀ ବାବା ନୀଳକଣ୍ଠେଶ୍ୱର ମହାଦେବଙ୍କ କ୍ଷୀର ସାଗର ମେଳା, ସ୍ଥାନ: ଦିଘାଳୋ, ନିମାପଡ଼ା, ସମୟ: ପ୍ରାତଃ ୫ଟା।

## ଖୋର୍ଦ୍ଧା
- ଶନିଶ୍ଚର ଦେବଙ୍କ ଚତୁର୍ଥ ବାର୍ଷିକ ଉତ୍ସବ, ସ୍ଥାନ: ଶନିଦେବଙ୍କ ମନ୍ଦିର ପରିସର, ଭୀମପଡ଼ା, ବୋଲଗଡ଼, ସମୟ: ଅପରାହ୍ନ ୨ଟା।

## ବାଲେଶ୍ୱର
- ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ୨୬ନଂ. ୱାର୍ଡ଼, ମୋତିଗଞ୍ଜ ମସ୍‌ଜିଦ, ବାଲେଶ୍ୱର ପୌରପାଳିକା, ସମୟ: ସକାଳ ୭ଟା ୩୦।
- ପକ୍ଷୀ ପାଇଁ ଦିନଟିଏ ଅବସରରେ ଗଛରେ ଜଳପାତ୍ର ବାନ୍ଧିବା, ସ୍ଥାନ: ଅଁଳାପାଳ, ନୀଳଗିରି, ବାଲେଶ୍ୱର, ସମୟ: ସକାଳ ୭ଟା। 'ପକ୍ଷୀ ପାଇଁ ଦିନଟିଏ' ଶୀର୍ଷକ ଉପରେ କବିତା ପାଠ, ସକାଳ ୮ଟା।
- ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ୩୦ନଂ ୱାର୍ଡ଼, ଝାଡ଼େଶ୍ୱର ମନ୍ଦିର, ବାଲେଶ୍ୱର ପୌରପାଳିକା, ସମୟ: ସକାଳ ୮ଟା ୩୦।
- ବାଲେଶ୍ୱର ଜିଲା ଚେସ୍ ପ୍ରତିଯୋଗିତା, ସ୍ଥାନ: ଓଡ଼େଶା ଭବନ, ଆଇଟିଆଇ ଛକ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ୧ ନଂ. ୱାର୍ଡ଼, ବାଣେଶ୍ୱର ମନ୍ଦିର, ବାଲେଶ୍ୱର ପୌରପାଳିକା, ସମୟ: ଅପରାହ୍ନ ୪ଟା ୩୦।
- 'ସମାଜକୁ ଦାନ' ପୁସ୍ତକର ପାଠକାର୍ପଣ, ସ୍ଥାନ: ଶାନ୍ତିକାନନ, ମଲ୍ଲିକାଶପୁର, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ରେମୁଣା ମନ୍ଦିର ଛକ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- କଂଗ୍ରେସର ପରିବର୍ତ୍ତନ ସଂକଳ୍ପ ସମାବେଶ, ସ୍ଥାନ: ଚରମ୍ପା, ଭଦ୍ରକ ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ଝୁଡୁଣା ତାରିଣୀ ପଡ଼ିଆ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା ୩୦।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: କୋରକୋରା, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ରଣଜିତ, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା ୪୫।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ହରିପୁର, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ବାବା ଶନିଶ୍ଚରଙ୍କ ବାର୍ଷିକ ଉତ୍ସବ ଓ ଭଜନ ସମାରୋହ, ସ୍ଥାନ: ମଙ୍ଗଳପୁର, ହରିଡ଼ାପାଳ, ଆନନ୍ଦପୁର, ସମୟ: ଭୋର ୪ଟା ୩୦।
- ବାବା ଶନିଶ୍ଚରଙ୍କ ବାର୍ଷିକ ପୂଜା ଉତ୍ସବ, ସ୍ଥାନ: କୁଣ୍ଡୁଳାଇ ପୀଠ, ଜଳସୁଆ, ଆନନ୍ଦପୁର, ସମୟ: ସକାଳ ୫ ଟା।
- ଅଷ୍ଟମ ପ୍ରହର ନାମଯଜ୍ଞ, ସ୍ଥାନ: ଶାସଙ୍ଗ, ହାଟଡିହୀ, ସମୟ: ସକାଳ ୫ ଟା।
- ଶନି ମହାଗ୍ରହଙ୍କ ପୂଜା ଉତ୍ସବ, ସ୍ଥାନ: ଛେନାପଦି ଛକ, ତାରିଣୀ ମନ୍ଦିର ପରିସର, ହାଟଡିହୀ, ସମୟ: ସକାଳ ୬ ଟା।
- ଗ୍ରହରାଜଙ୍କ ବାର୍ଷିକ ପୂଜା, ସ୍ଥାନ: ସାଇଁକୁଳ, ଘସିପୁରା, ସମୟ: ସକାଳ ୬ ଟା।
- ଭାଜପାର ବାଇକ ରାଲି ଓ ମିଶ୍ରଣ ପର୍ବ, ସ୍ଥାନ: ପାଟଣା ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଘୋଡ଼ାନାଚ ଉପଲକ୍ଷେ ସାଂସ୍କୃତିକ ଏବଂ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ଅଁଳା ଗଡିଆ, ହାଟଡିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ
- ଜାତୀୟ ଲୋକ ଅଦାଲତ, ସ୍ଥାନ:ସିଭିଲ୍ କୋର୍ଟ ପରିସର, ବାରିପଦା, ସମୟ: ସକାଳ ୮ଟା।
- ଆମେ– ୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ନର୍ସେସ ଦିବସରେ ରକ୍ତଦାନ ଶିବିର, ସ୍ଥାନ: ଓଡ଼ିଶା ବ୍ଲଡ ସେଣ୍ଟର, ବାରିପଦା, ସମୟ: ମଧ୍ୟାହ୍ନ ୧୨ଟା।
- ଅଷ୍ଟପ୍ରହର ନାମଯଜ୍ଞ ଓ ପ୍ରସାଦ ସେବନ, ସ୍ଥାନ: ପାଲବଣି, ବାରିପଦା ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଶ୍ରୀ ଶ୍ରୀ ଶିରିଡି ସାଇ ସତସଙ୍ଗ ଓ ପ୍ରସାଦ ସେବନ, ସ୍ଥାନ: ଭଞ୍ଜପୁର ଜଗଦ୍ଧାତ୍ରୀ ମେଳା ପଡ଼ିଆ, ବାରିପଦା, ସମୟ:ସନ୍ଧ୍ୟା ୬ଟା ୩୦।

## ବ୍ରହ୍ମପୁର
- ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ସିଭିଲ କୋର୍ଟ ପରିସର,ସମୟ: ପୂର୍ବାହ୍ନ ୧୦ଟା ୩୦।

## କନ୍ଧମାଳ
- ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ଥାନ:କନ୍ଧମାଳ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦ ମି।

## ଅନୁଗୋଳ
- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ ଟା।
- ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସାଦ ସେବନ, ସ୍ଥାନ: ବଲାସିଂହା, ସମୟ: ସକାଳ ୮ଟା।
- ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଇଭିଏମ୍ ରାଣ୍ଡୋମାଇଜେସନ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା୩୦।
- ପର୍ଯ୍ୟବେକ୍ଷକଙ୍କ ଦ୍ୱାର ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
- ଶନିଦେବଙ୍କ ଜଳାଭିଷେକ ଉତ୍ସବ, ସ୍ଥାନ: ରଘୁନାଥପୁର ବ୍ଲକ ତାରପୁର ମହାନଦୀ ତଟସ୍ଥିତ ବାନାମ୍ବର ମହାଦେବ ମନ୍ଦିର, ସମୟ: ପ୍ରାତଃ ୪ଟା।
- ଶନିଦେବଙ୍କ ଜଳାଭିଷେକ, ସ୍ଥାନ: ରଘୁନାଥପୁର ବ୍ଲକ ପୂରଣଓ ଛକ, ସମୟ: ପ୍ରାତଃ ୫ଟା।
- ଶନିଦେବଙ୍କ ଜଳାଭିଷେକ ଉତ୍ସବ, ସ୍ଥାନ: ରଘୁନାଥପୁର ବ୍ଲକ ଗୁଆଳିପୁର ପଞ୍ଚାୟତ ବନବିହାରି ମହାପୁରୁଷ ଓ କୂଳସାହି ନୂଆପଲେଇ ଶନି ମନ୍ଦିର, ସମୟ: ସକାଳ ୬ଟା।
- ଶନିଦେବଙ୍କ ଜଳାଭିଷେକ, ସ୍ଥାନ: ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଅନ୍ତର୍ଗତ ଅଚ୍ଛୁତପୁର ଗହୀର, ସମୟ: ସକାଳ ୬ଟା।
- ଜିଲା କୃଷକ ସଙ୍ଗଠନ ପକ୍ଷରୁ ସାଧାରଣ ସଭା, ସ୍ଥାନ: ରଘୁନାଥପୁର ବ୍ଲକ ହରିଶପୁରସ୍ଥିତ ମା'ମାଳିକେଶ୍ୱରୀ ପୀଠ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ନ୍ୟାୟ ଦେବତା ପୂଜା କମିଟି ପକ୍ଷରୁ ଶନିଶ୍ଚର ମହାଯଜ୍ଞ, ସ୍ଥାନ: ବାୟାବଜାର, ମହିପାଳ କେନ୍ଦ୍ରାପଡା ସହର, ସମୟ: ଭୋର ୫ଟା।
- ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: କେନ୍ଦ୍ରାପଡା ଜିଲାର ସମସ୍ତ କୋର୍ଟ, ସମୟ: ସକାଳ ୮ଟା।
- ଚିତ୍ରୋତ୍ପଳା ସାଂସ୍କୃତିକ ପରିଷଦ ପକ୍ଷରୁ ଶନିଶ୍ଚର ମହାଯଜ୍ଞ ଓ ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ହରିଦାସପୁର, ପାଟକୁରା, ଗରଦପୁର, ସମୟ: ସନ୍ଧ୍ୟା ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା' କନ୍ତେଇ ଠାକୁରାଣୀ ପୀଠ, ବାଙ୍କିମୁଣ୍ଡାଇ, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୭ଟା।
- ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଛାପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼
- ପଞ୍ଚ କୁଣ୍ଡୀୟ ମହାଯଜ୍ଞ ଆରମ୍ଭ, ସ୍ଥାନ: ଭାପୁର ବ୍ଲକର ପଥରା ଚକଡା ପଞ୍ଚାୟତ ମାଧପୁର ଶ୍ରୀରାମ ଆଶ୍ରମ, ସମୟ: ସକାଳ ୭ଟା
- କଣ୍ଟିଲୋ ନୀଳମାଦବ ଜୀଉଙ୍କର ଚନ୍ଦନ ଯାତ୍ରାର ୨ୟ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଦବ ମନ୍ଦିର, ସମୟ: ଅପରାହ୍ନ ୪ଟା
- ନୟାଗଡ଼ର ଶ୍ରୀଜଗନ୍ନାଥଙ୍କ ଭଉଁରୀ ଯାତ୍ରାର ୨ୟ ଦିବସ, ସ୍ଥାନ: ନୟାଗଡ ସାଗର ପୋଖରୀ, ସମୟ: ଅପରାହ୍ନ ୫ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଜଜ୍ଞର ଅୟମ୍ଭାରମ୍ଭ, ସ୍ଥାନ: ଶ୍ରୀରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ ଓଡ଼ଗାଁ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରଘୁନାଥ ଜୀଉଙ୍କ ଭଉଁରୀ ଯାତ୍ରାର ୨ୟ ଦିବସ, ସ୍ଥାନ: ଓଡଗାଁ ଶ୍ରୀରାମ ସାଗର, ସମୟ: ସନ୍ଧ୍ୟା ୭ଟା।
- ଶରଣକୁଳ ଲଡୁବାବାଙ୍କ ଭଉଁରୀ ଯାତ୍ରାର ୨ୟ ଦିବସ, ସ୍ଥାନ: ଶରଣକୁଳ ମନ୍ଦିର କୁଣ୍ଡରେ ଚାପଖେଳ, ସମୟ: ସନ୍ଧ୍ୟା ୭ଟା।
- ରାମଲୀଳାର ୨ୟ ଦିବସ, ସ୍ଥାନ:କଣ୍ଟିଲୋ ବାପୁଜୀ ନଗରସ୍ଥିତ ରଘୁନାଥ ଜୀଉ ପୀଠ,ସମୟ: ରାତି ୧୧ଟା।

## ରାୟଗଡ଼ା
- ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ରାୟଗଡ଼ା ସିଭିଲ କୋର୍ଟ ପରିସର, ସମୟ: ସକାଳ ୭ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ବିଷମ କଟକସ୍ଥିତ ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସର ବାଇକ୍ ରାଲି, ସ୍ଥାନ: ରାୟଗଡ଼ାସ୍ଥିତ ମଝିଘରିଆଣି ମନ୍ଦିରଠାରୁ ଆରମ୍ଭ, ସମୟ: ପୂର୍ବାହ୍ନ ୧୧ ଟା।

## ନବରଙ୍ଗପୁର
- କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ବସ୍ତର ବିଧାୟକ ଲଖେଶ୍ୱର ବାଘେଲଙ୍କ ପ୍ରଚାର, ସ୍ଥାନ: ଝରିଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଜେଡି ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝିଙ୍କ ରୋଡ୍ ଶୋ, ସ୍ଥାନ: ଝରିଗାଁ ବ୍ଲକ ଧାମନାଗୁଡା ଛକ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ମହିଳା କୀର୍ତ୍ତନ ବୈଠକି, ସମ୍ପ୍ରଦା, କୃଷ୍ଣଗୁରୁ ଓ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ପହିଆବାହାଲ ନିକଟସ୍ଥ କଦଳୀମୁଣ୍ଡା ଗ୍ରାମ, ସମୟ: ଅପରାହ୍ନ ୧ଟା।
- ସାଓଲିନ କୁଙ୍ଗ୍ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୭ଟା ।

## ବଲାଙ୍ଗୀର
- ଜିଲାସ୍ତରୀୟ ଗ୍ରୀଷ୍ମକାଳୀନ ଖୋଖୋ ତାଲିମ ଶିବିର, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ବାଚନୀ ସମାବେଶ,ସ୍ଥାନ: ପଥରଚେପା ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା
- ସାଇବାବା ମନ୍ଦିର ପରିଚାଳନା କମିଟିର ବୈଠକ, ସ୍ଥାନ: ଶକ୍ତିନଗର, ସମୟ: ସନ୍ଧ୍ୟା ୬ଟା।
- ସ୍ୱାଧୀନ ପ୍ରାର୍ଥୀ ନିହାର ରାୟଙ୍କ ପ୍ରଚାର ଅଭିଯାନ, ସ୍ଥାନ: ବନ୍ଧମୁଣ୍ଡା, ସମୟ: ଅପରାହ୍ନ ୪
- ରଘୁନାଥପାଲି ନିର୍ବାଚନ ମଣ୍ଡଳୀରେ ୫–ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଉଦ୍‌ବୋଧନ ସଭା,ସ୍ଥାନ: ସେକ୍ଟର–୨ ଦୁର୍ଗାପୂଜା ପଡିଆ, ସମୟ: ପୂର୍ବାହ୍ନ ସାଢେ ୧୧ଟା।
- ଗୋପବନ୍ଧୁ ପାଠାଗାରରେ ସାହିତ୍ୟ ସଭା,ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ସାଢେ ୬ଟା।

## ବରଗଡ଼
- ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ରାଜେନ୍ଦ୍ରପୁର, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୧ଟା।
- ରାମଲୀଳା ମହୋତ୍ସବରେ ରାବଣ ଦରବାର କାର୍ଯ୍ୟକ୍ରମ, ସ୍ଥାନ: କଟାପାଲି, ବରଗଡ଼, ସମୟ: ସନ୍ଧ୍ୟା ୬ଟା ୩୦ମିନିଟ୍।

## କଳାହାଣ୍ଡି
- ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ରୋଡ ଶୋ, ବିଜୟ ସଂକଳ୍ପ ଶୋଭାଯାତ୍ରା, ସ୍ଥାନ: ହାଇସ୍କୁଲ ପଡିଆ, ଜୁନାଗଡ, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଝଗ୍ରାହୀ ପଞ୍ଚାୟତ କୋଡ଼ିବାହାଲି ଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବୌଦ୍ଧ
- ବାଉଁଶୁଣୀର ପଞ୍ଚାୟତର ଟିକରାପଡାଠାରେ କୃଷ୍ଣଲୀଳାର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଟିକରାପଡା,ବୌଦ୍ଧ, ସମୟ: ରାତି ୯ଟା।

## ଦେବଗଡ଼
- ବିଜେଡିର ନିର୍ବାଚନୀ ପ୍ରଚାର ଓ କର୍ମୀ ସମ୍ମିଳନୀ, ସ୍ଥାନ: ତିଲେଇବାଣୀ ବ୍ଲକ ଝାରମୁଣ୍ଡା, ପାରପୋଷି, ଲୋଇମୁରା, ଡିମିରିକୁଦା, ଗଣ୍ଡମ, ଝରାଗୋଗୁଆ, ସମୟ: ପୂର୍ବାହ୍ନ ୧୧ଟା
- ଭାଜପା ବିଧାୟକ ପ୍ରାର୍ଥୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗା ସାର୍କଲ ଦି ଦିବସୀୟ ରାତ୍ରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର ପରିସର ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦ମିନିଟ୍।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ତୃତୀୟ ଚନ୍ଦ୍ର ଭାଗ୍ୟସ୍ଥାନକୁ ଦେଖୁଥିବାରୁ ଅଟକି ରହିଥିବା କାମକୁ ସମ୍ପନ୍ନ କରିବେ। ବାଣିଜ୍ୟ, ବ୍ୟବସାୟ ପାଇଁ ସହମତିରେ କାମ କରିବାର ପ୍ରେରଣା ମିଳିବ। ସାମାଜିକ ସ୍ତରରେ ପରୋପକାର ଓ ସେବାମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ବୈଷୟିକ କ୍ଷେତ୍ରରୁ ଆଶାନୁରୂପ ଫଳ ମିଳିବ।

**ବୃଷ** ଆପଣ ଆଜି ଯାହା କରିବେ ସବୁ କ୍ଷେତ୍ରରେ ସହଯୋଗର ଅଭାବ ରହିବ ନାହିଁ। ଚନ୍ଦ୍ରଙ୍କ ଶୁଭଦୃଷ୍ଟିରୁ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବାର ସୂଚନା ରହିଛି। ଖର୍ଚ୍ଚାନ୍ତ ହେଲେ ମଧ୍ୟ ମନୋରଞ୍ଜନ କାର୍ଯ୍ୟରେ ରୁଚି ବଳିବ। ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ କଳା, କ୍ରୀଡ଼ା, ଗବେଷଣା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ମିଥୁନ** ରାଶ୍ୟାଧିପ ଏକାଦଶସ୍ଥ ରବିଙ୍କ ସଂଯୋଗରୁ ଆଜି ଅନ୍ୟମାନଙ୍କୁ ସୁହାଇଲା ଭଳି କାମ କରି ପ୍ରଶଂସିତ ହେବେ। ରାଜନୀତି, ସଂଗଠନ, ପ୍ରଶାସନ, ଆଇନ, ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଶନି ଦୃଷ୍ଟିରେ ରାଶ୍ୟାଧିପତି ରହିଥିବାରୁ ସ୍ୱାସ୍ଥ୍ୟରେ ଅବନତି ହୋଇପାରେ। ସଙ୍ଗଦୋଷ ସକାଶେ ସମାଲୋଚିତ ହୋଇପାରନ୍ତି।

**କର୍କଟ** ଆଜି ଚନ୍ଦ୍ର ଓ ବୁଧଙ୍କ ସ୍ଥିତିରୁ ପ୍ରତ୍ୟେକ ସମସ୍ୟାକୁ ମୁକାବିଲା କରିବାରେ ସଂଘର୍ଷମୟ ସ୍ଥିତି ଉପୁଜିବ। ପାରିବାରିକ କ୍ଷେତ୍ରରେ କୌଣସି ସଂକଟଜନକ ସ୍ଥିତି ମନକୁ ବିଚଳିତ କରିପାରେ। ଯେଉଁ ପରିମାଣରେ ଡରୁଥିବେ ସେପରି କିଛି ହେବ ନାହିଁ। ସଭାସମିତି, ପରିବହନ, ସାହିତ୍ୟ, ସାମ୍ବାଦିକତା ଓ ଆନୁଷ୍ଠାନିକ କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ** ରବି ନବମରେ ଓ ଚନ୍ଦ୍ର ଏକାଦଶରେ ରହିଥିବାରୁ ବୈଷମ୍ୟତାରେ ସାମ୍ୟତା ଆଣିବାରେ ସଫଳ ହେବେ। ପାରିବାରିକ ଖର୍ଚ୍ଚ, ପରିବହନରେ କ୍ଷତି, ଗୃହମରାମତି ବାବଦରେ ଚିନ୍ତିତ ରହିବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ରହିଯାଇଥିବା କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବାରେ କୌଣସି ଅସୁବିଧା ହୋଇ ନ ପାରେ।

**କନ୍ୟା** କର୍ମସ୍ଥାନରେ ଚନ୍ଦ୍ର ପାରିବାରିକ ଓ କର୍ମକ୍ଷେତ୍ରକୁ ସରସ ସୁନ୍ଦର କରି ରଖିବେ। କିନ୍ତୁ ବୁଧ ଅଷ୍ଟମ ସ୍ଥାନରେ ରହିଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ଯେକୌଣସି ସମସ୍ୟା ସମାଧାନ ପାଇଁ ଯତ୍ନବାନ କରାଇ ପାରନ୍ତି। ବିରକ୍ତିଭାବ ଏବଂ କଠୋର ବାକ୍ୟାଳାପରୁ କାମଗୁଡ଼ିକ ସଂପୂର୍ଣ୍ଣ ହେବା ସକାଶେ ବ୍ୟସ୍ତତା ବଢ଼ିପାରେ।

**ତୁଳା** ଆଜିର ଗ୍ରହସ୍ଥିତି ଭଲ ଥିବାରୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପାଇବେ। ସହକର୍ମୀମାନଙ୍କ ସହ ସତର୍କରେ ଚଳନ୍ତୁ ନହୁବା ଅଫିସରେ ବିବାଦ ଘେରରେ ପଡି ପାରନ୍ତି। ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯାଇପାରେ। ହୋଟେଲ, ଛୋଟ ଦୋକାନୀ, ଢାବା ମାଲିକ, କଳା, କାରିଗରି ଦିଗରୁ ଦିନଟି ବହୁତ ଭଲ।

**ବିଛା** ଚନ୍ଦ୍ର ଅଷ୍ଟମସ୍ଥ ଯୋଗୁ ଅଭାବ ନ ଥିଲେ ମଧ୍ୟ କାମ ମନ ଅନୁଯାୟୀ ନ ହେବାରୁ ଦୁଃଖିତ ହେବେ। ଆମଦାନୀ କାରବାର, ପ୍ରଶାସନ, ପ୍ରକାଶନ ତଥା ବ୍ୟବସାୟିକ ସ୍ଥିତି ମାନ୍ଦା ହେବ ନାହିଁ। ବ୍ୟବସାୟରେ ଉନ୍ନତି ସହ ଜମିଜମା ସମ୍ପର୍କୀୟ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବ। କଳା, ସାହିତ୍ୟ, ସଙ୍ଗୀତ ମାଧ୍ୟମରେ ଲୋକପ୍ରିୟତା ବୃଦ୍ଧି ପାଇବ।

**ଧନୁ** ଆଜିର ଜୀବନଚର୍ଯ୍ୟା ଗ୍ରହ ପ୍ରତିକୂଳତାରୁ କେତେକାଂଶରେ ବାଧାପ୍ରାପ୍ତ ହୋଇପାରେ। ବନ୍ଧୁ ମିଠା କଥା କହି ମନରେ ବିଶ୍ୱାସ ଜନ୍ମାଇବାର ଉପକ୍ରମ କରିପାରନ୍ତି। ଆନୁଷ୍ଠାନିକ କାମରେ ଅଗ୍ରଣୀ ହେବେ ଏବଂ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ରହିବ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମକର** ସପ୍ତମାଧିପତି ଷଷ୍ଠସ୍ଥ ଯୋଗୁ ପରିବାରରେ ବ୍ୟତିକ୍ରମ ପରିଲକ୍ଷିତ ହେବ। ରାହୁ ସହ ମଙ୍ଗଳଙ୍କ ଯୋଗରୁ ଆବଶ୍ୟକ ଜିନିଷ ପାଇଁ ବେଶି ହଇରାଣ ହେବାକୁ ପଡିବ ନାହିଁ। ଅଫିସ୍ କାର୍ଯ୍ୟରେ ବାଧା ସୃଷ୍ଟି ହେବାରୁ ଅନ୍ୟମାନଙ୍କ ଉପରେ ବିରକ୍ତ ହେବେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ।

**କୁମ୍ଭ** ଶନିଙ୍କ ସ୍ଥିତିରୁ ସ୍ୱାସ୍ଥ୍ୟ ଠିକ୍ ରହିଲେ ମଧ୍ୟ ସନ୍ତାନଙ୍କ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ଏଣେ ମନ ଚାହୁଁଥିବ ଗୋଟିଏ କଥାତ ପରିସ୍ଥିତିରେ ପଡ଼ି ଓଲଟା କାମ କରିବେ। ଅଭାବ, ପିଲାଙ୍କ ବିବାହ ସମ୍ପର୍କୀୟ ଚିନ୍ତାରେ ଶତଭିଷାର ମନ ଭଲ ରହିବ ନାହିଁ। ସତ୍‌ସଙ୍ଗ ପ୍ରତି ମନ ବଳିବା ସହ କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

**ମୀନ** ଆଜିର ଗ୍ରହସ୍ଥିତି ପ୍ରଭାବରେ କାର୍ଯ୍ୟ ହାସଲରେ ସମର୍ଥ ହେବେ। ପୂର୍ବଭାଦ୍ର ନକ୍ଷତ୍ର ଅର୍ଥନୈତିକ ସମସ୍ୟା ସାଙ୍ଗକୁ ସତ୍ୟ ଭାଷଣ ସମସ୍ତ ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେବରା ସୂଚନା ମଧ୍ୟ ରହିଛି। ସୁଖଦଭ୍ରମଣ, ବନ୍ଧୁମିଳନ ଏବଂ ଆନୁଷ୍ଠାନିକ କାମ ସହ ଆଜିର ଯାତ୍ରା ମଧ୍ୟ ପ୍ରୀତିପ୍ରଦ ରହିବ।

ଆଜି ମେ ୧୧ ତାରିଖ, ରାଷ୍ଟ୍ରୀୟ ପ୍ରଯୁକ୍ତି ଦିବସ, ବୈଶାଖ ଶୁକ୍ଳ ଚତୁର୍ଥୀ ଶନିବାର, ରାଶି ନକ୍ଷତ୍ର–ମୃଗଶିରା/ମିଥୁନ, ଦିବା ଘ.୧୦।୧୬ ଗତେ ଆର୍ଦ୍ରାନକ୍ଷତ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୦୬ ଗତେ ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୮।୨୯ ଗତେ ଘ.୧୦।୦୬ ମଧ୍ୟେ ରାହୁ କାଳ।

## ଚିଟ୍‌ଫଣ୍ଡ ଅଫିସରେ ନିଆଁ

**ଜଳେଶ୍ୱର, ୧୦।୫ (ରବିନାରାୟଣ ପାତ୍ର)**

ବାଲେଶ୍ୱର ଜିଲା ଜଳେଶ୍ୱର ସହର ବଡବଜାରଠାରେ ଅବସ୍ଥିତ ଚିଟ୍‌ଫଣ୍ଡ କମ୍ପାନୀ 'ଗ୍ରୀନରେ ଇଣ୍ଟରନ୍ୟାଶନାଲ' ସିଲ୍ ଥିବା ମୁଖ୍ୟ କାର୍ଯ୍ୟାଳୟରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟିଛି। ଦ୍ୱିପ୍ରହର ସମୟରେ ହଠାତ୍ ଏହି କାର୍ଯ୍ୟାଳୟ ପଛପଟେ ପ୍ରବଳ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ବ୍ୟବସାୟୀ ଦମକଳ ବିଭାଗକୁ ଖବର ଦେଇଥିଲେ। ଦମକଳ ବିଭାଗର ୨ଟି ୟୁନିଟ୍ ଓ ଜଳେଶ୍ୱର ପୋଲିସ୍‌ର ଉଦ୍ୟମରେ ନିଆଁକୁ ଆୟତ୍ତ କରାଯାଇଥିଲା। ୨୦୧୩ରେ ଅଫିସ ସିଲ୍ ବେଳେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା, ଦ୍ୱିତୀୟ ଥର ଏହି କୋଠାକୁ ବିଦ୍ୟୁତ୍ ସଂଯୋଗ କିଏ ଓ କାହିଁକି କଲା ବୋଲି ପ୍ରଶ୍ନ ଉଠିଛି।କାର୍ଯ୍ୟାଳୟ ଭିତରେ ଚିଟ୍‌ଫଣ୍ଡ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ମହଜୁଦ ଥିବାରୁ ପ୍ରମାଣ ନଷ୍ଟ ପାଇଁ କେହି ଜାଣିଶୁଣି ନିଆଁ ଲଗାଇଥିବା ସନ୍ଦେହ କରାଯାଉଛି।

## ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା: ୬ଷ୍ଠ ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର,୧୦।୫(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ଯୁକ୍ତ ୨ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାର ୬ଷ୍ଠ ଅଭିଯୁକ୍ତଙ୍କୁ ବୈଦ୍ୟନାଥପୁର ଥାନା ପୋଲିସ ବରଗଡ଼ ଜିଲାରୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ପୁରୁଷୋତ୍ତମପୁର ଥାନା ଭୁତସରସିଂ ଗ୍ରାମର ଓମକାର ଜେନା (୨୧)। ବ୍ରହ୍ମପୁରରେ ରହି ଏକ ଘରୋଇ କଲେଜରେ ଡି–ଫାର୍ମା ପଢୁଥିବା ଓମ୍‌କାର ଫେରାର ଥିଲେ। ତାଙ୍କୁ ସୋହେଲା ଥାନା ଅନ୍ତର୍ଗତ ଲୁହୁରାଛତିରୁ କାବୁ କରାଯାଇଛି। ଗତ ୮ରେ ପୋଲିସ ୫ ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ଗତ ୩ ତାରିଖରେ ଛାତ୍ରୀଙ୍କୁ ବୈଦ୍ୟନାଥପୁରର ଏକ ବ୍ୟାଚଲର ରୁମରେ ଗଣବଳାତ୍କାର କରାଯାଇଥିଲା।

# ପ୍ରଥମ ପୃଷ୍ଠାରୁ...

## ୨୮ ହଜାର ...

ମୋବାଇଲ ଫୋନ୍‌କୁ ସାଇବର ଅପରାଧରେ ଦୁରୁପଯୋଗ କରାଯାଉଛି। ଏହିସବୁ ହ୍ୟାଣ୍ଡସେଟ୍ ବ୍ୟବହାର କରାଯାଇ ୨୦ ଲକ୍ଷ ନମ୍ବର ସହ ଯୋଗାଯୋଗ କରାଯାଇଥିବା ଜଣାପଡ଼ିଥିଲା। ଉକ୍ତ ନମ୍ବରଗୁଡ଼ିକର ପୁନଃଯାଞ୍ଚରେ ବିଫଳ ହେଲେ ସେଗୁଡ଼ିକର ସଂଯୋଗ ବିଚ୍ଛିନ୍ନ କରିବାକୁ ଟେଲିକମ୍ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

## ଓଡ଼ିଶାରେ ଆସିବ ...

ଦିନିଆ ଓଡ଼ିଶା ଗସ୍ତରେ ଆସି ଶୁକ୍ରବାର ସନ୍ଧ୍ୟା ପ୍ରାୟ ୮ଟା ୩୦ ମିନିଟ୍ ସମୟରେ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିଥିଲେ। ସେଠାରୁ ମୋଦି ସିଧାସଳଖ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିଲେ। ସେଠାରେ ମୋଦିଙ୍କୁ ସ୍ୱାଗତ କରିବା ଲାଗି ସମ୍ବଲପୁରୀ ଶାଢ଼ି ଏବଂ ପଗଡ଼ି ପିନ୍ଧି ବହୁ ଯୁବତୀ ଠିଆହୋଇ ରହିଥିଲେ। ଦଳୀୟ କାର୍ଯ୍ୟାଳୟ ବାହାରେ ଏକ ମଞ୍ଚ କରାଯାଇ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହାସହ ସୁସଜ୍ଜିତ ପ୍ରଚାର ଗାଡ଼ି ମଧ୍ୟ ପ୍ରସ୍ତୁତ ରହିଥିଲା। ଭୁବନେଶ୍ୱର ଲୋକ ସଭା ଆସନର ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଏବଂ ୭ ବିଧାନସଭା ଆସନର ଭାଜପା ବିଧାୟକ ପ୍ରାର୍ଥୀମାନେ ରାସ୍ତା ଉପରେ ମୋଦିଙ୍କୁ ସ୍ୱାଗତ ଜଣାଇବା ପାଇଁ ଅପେକ୍ଷାକରି ରହିଥିଲେ।

### ଓଡ଼ିଶାବାସୀଙ୍କ ଆଶା ପୂରଣ କରିବା ଭାଜପାର ଦାୟିତ୍ୱ

ଚତୁର୍ଥ ପର୍ଯ୍ୟାୟ ଲୋକ ସଭା ନିର୍ବାଚନକୁ ୩ ଦିନ ବାକି ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୋଡ୍ ଶୋ ବେଳେ ଏକ ଟିଭି ଚ୍ୟାନେଲକୁ ସାକ୍ଷାତ୍‌କାର ଦେଇ କହିଛନ୍ତି, ଓଡ଼ିଶାର ଶାସକ ବିଜୁ ଜନତା ଦଳ ଏବଂ ଭାଜପା ମଧ୍ୟରେ ବୈଚାରିକ ପ୍ରଭେଦ ରହିଛି। ଆମେ ପୂର୍ବରୁ ଅଲଗା ଅଲଗା ନିର୍ବାଚନ ଲଢ଼ିଛୁ। ଏଥର ବି ଏହା ଜାରି ରହିଛି। ବିଜେଡି ପାର୍ଲାମେଣ୍ଟରେ ଆମକୁ ଅନେକ ବିଷୟରେ ପ୍ରସଙ୍ଗଭିତ୍ତିକ ସମର୍ଥନ ଦେଇଛି। କିନ୍ତୁ ବିଧାନସଭାରେ ଦୁଇ ଦଳ ମଧ୍ୟରେ ଲଢ଼େଇ ରହିଆସିଛି। ଓଡ଼ିଆ ସଂସ୍କୃତି, ଓଡ଼ିଆ ମାଟିର ସୁଗନ୍ଧ ଏହି ଶାସନରେ ଦେଖିବାକୁ ମିଳୁନାହିଁ। ଏପରି କି ରାଜା ମହାରାଜାଙ୍କ ଅମଳରେ ମଧ୍ୟ ଲୋକଙ୍କ ସହ ଯୋଗସୂତ୍ର ରହୁଥିଲା। କିନ୍ତୁ ବର୍ତ୍ତମାନର ବିଜେଡି ସରକାର ଲୋକଙ୍କଠାରୁ ବିଚ୍ଛିନ୍ନ ହୋଇଯାଇଛି। ଏଭଳି ସ୍ଥିତିରେ ଓଡ଼ିଶାବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ଭାଜପାର ଦାୟିତ୍ୱ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହାସହ ମନମୋହନ ସାମଲ ଏବଂ ଭାଜପା ନେତା ଦିଲୀପ ନାୟକ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ମୋଦି ରାଜ୍ୟ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ଗାଡ଼ିରୁ ଓହ୍ଲାଇ ସ୍ୱାଗତ ଜଣାଇବାକୁ ଥିବା ସମସ୍ତଙ୍କୁ ନମସ୍କାର କରି ପ୍ରଚାର ଗାଡ଼ିକୁ ଚଢ଼ିଥିଲେ। ଏହି ସମୟରେ କେବଳ ଅପରାଜିତା ଏବଂ ମନମୋହନ ତାଙ୍କ ସାଙ୍ଗରେ ପ୍ରଚାର ଗାଡ଼ିକୁ ଯାଇଥିବାବେଳେ ଅନ୍ୟମାନଙ୍କୁ ସୁରକ୍ଷା କର୍ମୀମାନେ ଅଟକାଇ ଦେଇଥିଲେ। ଏହାପରେ ମୋଦି ପଦ୍ମ ଚିହ୍ନ ଦେଖାଇ ରୋଡ୍ ଶୋ ଆରମ୍ଭ କରିଥିଲେ। ଏହି ସମୟରେ ମୋଦିଙ୍କ ଫଟୋଚିତ୍ର ଧରି ଠିଆ ହେଇଥିବା ଜଣଙ୍କୁ ପ୍ରଧାନମନ୍ତ୍ରୀ ଲକ୍ଷ୍ୟକରି ତାଙ୍କ ହାତରେ ଥିବା ଉପହାର ଗ୍ରହଣକରି ନେବାକୁ ତାଙ୍କ ସୁରକ୍ଷା କର୍ମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମ୍ବଲପୁରୀ ଶାଢ଼ି ପରିଧାନ କରିଥିବା ଯୁବତୀମାନେ ଆଗରେ 'ମୋଦି ମୋଦି' ନାରା ଦେଇ ଚାଲି ଚାଲି ଯାଇଥିବାବେଳେ ପ୍ରଚାର ଗାଡ଼ି ସେମାନଙ୍କ ପଛେ ପଛେ ଯାଇଥିଲା। ରୋଡ୍ ଶୋ ଶେଷ କରିବା ପରେ ମୋଦି ବାଣୀବିହାରଠାରୁ ସିଧାସଳଖ ରାଜଭବନ ଅଭିମୁଖେ ଗସ୍ତକରି ରାତିପ୍ରାୟ ୯ଟା ୫୩ମିନିଟ୍ ସମୟରେ ସେଠାରେ ପହଞ୍ଚିଥିଲେ।

ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ମାଷ୍ଟରକ୍ୟାଣ୍ଟିନଠାରୁ ବାଣୀବିହାର ପର୍ଯ୍ୟନ୍ତ ରାସ୍ତାରେ ଗାଡ଼ିମଟର ଯିବାଆସିବା ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଥିଲା। ଏହାସହ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ମଧ୍ୟ ଦେଖିବାକୁ ମିଳିଥିଲା। ଦିନ ତମାମ ବିଭିନ୍ନ ନିର୍ବାଚନମଣ୍ଡଳୀରୁ ଭାଜପା ନେତାମାନେ ନିଜ କର୍ମୀଙ୍କୁ ଗାଡ଼ି ଯୋଗେ ଆଣିଥିଲେ। ବିଭିନ୍ନ ସ୍ଥାନରେ ଗାଡ଼ି ପାର୍କିଂ କରାଯିବା ଲାଗି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। କର୍ମୀମାନେ ଗାଡ଼ିରୁ ଓହ୍ଲାଇବା ପରେ ଭାଜପା କାର୍ଯ୍ୟାଳୟଠାରୁ ବାଣୀବିହାର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଖେଳାଇ ହୋଇ ମୋଦିଙ୍କ ଗସ୍ତକୁ ଅପେକ୍ଷାକରି ରହିଥିଲେ। ପ୍ରଧାନମନ୍ତ୍ରୀଙ୍କୁ ଦେଖିବା ଲାଗି ଲୋକମାନେ ଦୀର୍ଘ ସମୟ ଧରି ଅପେକ୍ଷାକରି ରହିଥିବା ବେଳେ ମାଷ୍ଟରକ୍ୟାଣ୍ଟିନଠାରୁ ବାଣୀବିହାର ପର୍ଯ୍ୟନ୍ତ ଥିବା ପ୍ରାୟ ଦୋକାନ ବଜାର ବନ୍ଦ ରହିଥିବା ମଧ୍ୟ ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀ ରାଜଭବନରେ ରାତ୍ରିଯାପନ କରିବା ସହ ଶନିବାର ୩ଟି ସ୍ଥାନରେ ହେବାକୁ ଥିବା ଜନସଭାକୁ ସମ୍ବୋଧନ କରିବେ। ସକାଳ ୯ଟା ୩୦ରେ କନ୍ଧମାଳ ଲୋକ ସଭା ନିର୍ବାଚନମଣ୍ଡଳୀର ଫୁଲବାଣୀ ଷ୍ଟାଡିୟମଠାରେ ଏକ ଜନସଭାରେ ଯୋଗଦେବେ। ଏହାପରେ ୧୧ଟା ୩୦ ମିନିଟ୍‌ରେ ବଲାଙ୍ଗୀର ଏବଂ ୧ଟା ୩୦ରେ ବରଗଡ଼ ଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହାପରେ ମୋଦି ଦିଲ୍ଲୀ ଫେରିଯିବା କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି।

## ବିରୋଧ ସତ୍ତ୍ୱେ ...

ବୋଲି ଇଡି ସତ୍ୟପାଠ ଜରିଆରେ ଜଣାଇଥିଲା। ନିର୍ବାଚନ ଲଢୁ ନ ଥିବା କୌଣସି ରାଜନେତାଙ୍କୁ ଏପର୍ଯ୍ୟନ୍ତ ପ୍ରଚାର ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରାଯାଇ ନ ଥିବା ଇଡି କହିଥିଲା। ତେବେ କେଜ୍‌ରିୱାଲ ଜଣେ ମୁଖ୍ୟମନ୍ତ୍ରୀ, ସେ କୌଣସି ପେସାଦାର ଅପରାଧୀ ନୁହନ୍ତି କିମ୍ବା କୌଣସି ମାମଲାରେ ସେ ଦୋଷୀସାବ୍ୟସ୍ତ ହୋଇନାହାନ୍ତି ବୋଲି କହି ଖଣ୍ଡପୀଠ ଇଡିର ଯୁକ୍ତିକୁ ଅଗ୍ରାହ୍ୟ କରିଦେଇଥିଲେ। କେଜ୍‌ରିୱାଲ ଏକ ଜାତୀୟ ଦଳର ନେତା ହୋଇଥିବାରୁ ତାଙ୍କୁ ଜାମିନରେ ଛାଡ଼ିଲେ ସମାଜ ପ୍ରତି କୌଣସି ବିପଦ ସୃଷ୍ଟି ହେବ ନାହିଁ ବୋଲି ଖଣ୍ଡପୀଠ କହିଥିଲେ। ଅଦାଲତ ଆହୁରି କହିଥିଲେ, ଦେଢ଼ ବର୍ଷ ହେଲା ଅବକାରୀ ନୀତି ଦୁର୍ନୀତି ମାମଲାର ତଦନ୍ତ ଚାଲୁଛି। ଲୋକ ସଭା ନିର୍ବାଚନ ଆରମ୍ଭର ଠିକ୍ ପୂର୍ବରୁ ମାର୍ଚ୍ଚ ୨୧ରେ କେଜ୍‌ରିୱାଲଙ୍କୁ ଗିରଫ କରାଗଲା କାହିଁକି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଆମ୍ ଆଦ୍‌ମୀ ପାର୍ଟି ରାଷ୍ଟ୍ରୀୟ ଆବାହକଙ୍କୁ ଜୁଲାଇ ପର୍ଯ୍ୟନ୍ତ ଜାମିନ ପ୍ରଦାନ ଲାଗି ତାଙ୍କ ଲିଗାଲ ଟିମ୍ ପକ୍ଷରୁ ଆବେଦନ କରାଯାଇଥିଲା। ଜାମିନ ଅବଧି ବଢ଼ାଇବା ସମ୍ପର୍କରେ ପରବର୍ତ୍ତୀ ସପ୍ତାହରେ ଶୁଣାଣି ହେବ ବୋଲି ଖଣ୍ଡପୀଠ କହିଛନ୍ତି।

କେଜ୍‌ରିୱାଲଙ୍କୁ ସୁପ୍ରିମକୋର୍ଟରୁ ଅନ୍ତରୀଣ ଜାମିନ ମିଳିଥିବାରୁ ବିରୋଧୀ ନେତାମାନେ ଏହାକୁ ସ୍ୱାଗତ କରିଛନ୍ତି। ଗଣତନ୍ତ୍ରର ସୁରକ୍ଷା ପାଇଁ ଲଢ଼େଇ ଏବେ ଆହୁରି ଜୋର୍‌ଦାର ହେବ ବୋଲି ସେମାନେ କହିଛନ୍ତି। କେଜ୍‌ରିୱାଲଙ୍କୁ ଜାମିନ ମିଳିବା କୌଣସି ଚମତ୍କାରୀଠାରୁ କମ୍ ନୁହେଁ ବୋଲି ଆପ୍ ନେତା ସୌରଭ ଭରଦ୍ୱାଜ କହିଛନ୍ତି। ଦୁର୍ନୀତି ମାମଲାରେ ଜେଲରେ ଥିବା ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ମଧ୍ୟ ଉପଯୁକ୍ତ ନ୍ୟାୟ ମିଳିବ ବୋଲି କଂଗ୍ରେସ ନେତା ପଓ୍ୱନ ଖେରା ଆଶାବ୍ୟକ୍ତ କରିଛନ୍ତି। ଜୁନ୍ ୪ ପରେ ନରେନ୍ଦ୍ର ମୋଦି ପୂର୍ବତନ ପ୍ରଧାନମନ୍ତ୍ରୀ ହୋଇଯିବେ ଏବଂ ସାବରମତୀ ଆଶ୍ରମରେ ବସି ଆତ୍ମସମୀକ୍ଷା ପାଇଁ ତାଙ୍କୁ ପର୍ଯ୍ୟାପ୍ତ ସମୟ ମିଳିବ ବୋଲି ଖେରା କହିଛନ୍ତି। କେଜ୍‌ରିୱାଲଙ୍କୁ ଜାମିନ ମିଳିଥିବାରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଖୁସି ବ୍ୟକ୍ତି କରିଛନ୍ତି। ନିର୍ବାଚନ ଲଢ଼େଇରେ ଏହା ସହାୟକ ହେବ ବୋଲି ଟିଏମ୍‌ସି ଅଧକ୍ଷ କହିଛନ୍ତି। ସେହିପରି ଏନ୍‌ସିପି (ଏସ୍‌ପି) ନେତା ଶରଦ ପାଓ୍ୱାର କେଜ୍‌ରିୱାଲଙ୍କ ଜାମିନକୁ ସ୍ୱାଗତ କରିଛନ୍ତି। ଭାରତ ଗଣତନ୍ତ୍ରର ନିରନ୍ତର ତଳାସରେ ରହିଥିବା ପାଓ୍ୱାର କହିଛନ୍ତି। ଅନ୍ତରୀଣ ଜାମିନ କେଜ୍‌ରିୱାଲଙ୍କ ପାଇଁ ଏକ ବଡ଼ ବିଜୟ ବୋଲି ଶିବସେନା (ୟୁବିଟି) ନେତ୍ରୀ ପ୍ରିୟଙ୍କା ଚତୁର୍ବେଦୀ କହିଛନ୍ତି। ଏକଛତ୍ରବାଦ ଶାସନ ବିରୋଧରେ କେଜ୍‌ରିୱାଲଙ୍କୁ ନ୍ୟାୟ ମିଳିଥିବା ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକ୍‌ରେ କହିବା ସହ ଏହା ପରିବର୍ତ୍ତନ ପବନର ସଙ୍କେତ ବୋଲି ମତ ଦେଇଛନ୍ତି। ଗଣତନ୍ତ୍ରର ସୁରକ୍ଷା ପାଇଁ ଲଢ଼େଇ ଜୋର୍‌ଦାର ହେବ ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍ କହିଛନ୍ତି।

## ଓଡ଼ିଶାର ନିର୍ବାଚନ ...

ମିଳିଥିଲା। ଏହାକୁ ଭିତ୍ତିକରି ବିଜାପୁର ଜିଲାର ୩୫୦ରୁ ଊର୍ଦ୍ଧ୍ୱ ସୁରକ୍ଷା କର୍ମୀ ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ପୋଲିସକୁ ଦେଖି ମାଓବାଦୀମାନେ ଗୁଳି ଚଳାଇଥିଲେ। ପୋଲିସ ଏହାର ପାଲଟା ଜବାବ ଦେଇଥିଲା। ଉଭୟ ପକ୍ଷଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ଜାରି ରହିଥିଲା। ଶେଷରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଜଙ୍ଗଲ ଭିତରକୁ ଚାଲିଯାଇଥିଲେ। ପରେ ତଲାସୀ ବେଳେ ପୋଲିସ ୧୨ ଜଣ ମାଓବାଦୀଙ୍କ ମୃତଦେହ ଠାବ କରିଥିଲା। ସମ୍ପୃକ୍ତ ଅଞ୍ଚଳରେ ପୋଲିସ ମାଓବାଦୀ କ୍ୟାମ୍ପକୁ ଘେରି ତଲାସି ଅଭିଯାନ ଜାରି ରଖିଥିବା ବିଜାପୁର ପୋଲିସ କହିଛି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ ଯବାନମାନଙ୍କୁ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି।

**ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ଛାତ୍ରୀଙ୍କ ଆତ୍ମହତ୍ୟା**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପଢୁଥିବା ଆସିକା ଥାନା ନଳବଣ୍ଟା ଗ୍ରାମ ମାମାଲି ବିଷୋୟୀ ହଷ୍ଟେଲରେ ଶୁକ୍ରବାର ଆତ୍ମହତ୍ୟା କରିଛନ୍ତି। ଅର୍ଥନୀତି ବିଭାଗ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ ମାମାଲି ଚିଲିକା ହଷ୍ଟେଲର ୨୦୩ ରୁମରେ ରହୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ଉକ୍ତ କୋଠରି ବନ୍ଦ ଥିବାରୁ ସହପାଠୀମାନେ କବାଟ ବାଡ଼େଇଥିଲେ। କବାଟ ନ ଖୋଲିବାରୁ ହଷ୍ଟେଲ କର୍ତ୍ତୃପକ୍ଷ ଆସି ମାମାଲି ଝୁଲି ପଡ଼ିଥିବା ଦେଖିଥିଲେ। ରାତିରେ ଗୋପାଳପୁର ଥାନା ଅଧିକାରୀ, ଓ ତାଙ୍କ ପରିବାର ଲୋକେ ହଷ୍ଟେଲରେ ପହଞ୍ଚିଛନ୍ତି। ମାମାଲି ବିବାହିତା ବୋଲି ଜଣାପଡ଼ିଛି।




# ୨ ବସ୍ ମୁହାଁମୁହିଁ, ଡ୍ରାଇଭର ମୃତ

## ୩୫ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ

ସୋନପୁର,୧୦।୫ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର-ସମ୍ବଲପୁର ରାସ୍ତାର ଉଲୁଣ୍ଡା ବ୍ଲକସ୍ଥିତ ଡୁଡୁପାଲି ଛକରେ ଶୁକ୍ରବାର ରାତିରେ ସଡକ ଦୁର୍ଘଟଣା ଘଟିଛି। ବୁଲାଣି ରାସ୍ତାରେ ୨ ଯାତ୍ରୀବାହୀ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ମୃତ ଡ୍ରାଇଭରଙ୍କ ନାମ ପ୍ରଦୀପ ପ୍ରଧାନ(୫୩)। ତାଙ୍କ ଘର ସମ୍ବଲପୁର ସହର ମୋଦିପଡାରେ। ଦୁର୍ଘଟଣା ଯୋଗୁଁ ୩୫ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି।


ଦୁର୍ଘଟଣାଗ୍ରସ୍ତ ଯାତ୍ରୀବାହୀ ବସ୍।

ସୂଚନା ଅନୁଯାୟୀ କରିସ୍ମା ନାମକ ଯାତ୍ରୀବାହୀ ବସ ନଂ. ଓଡି୦୫ଟି ୮୭୮୮ ସୁବର୍ଣ୍ଣପୁର ବସଷ୍ଟାଣ୍ଡରୁ ବାହାରି ସମ୍ବଲପୁର ଅଭିମୁଖେ ଯାଉଥିଲା। ବସ୍‌ରେ ୪୫ରୁ ଉର୍ଦ୍ଧ୍ୱ ଯାତ୍ରୀ ଥିଲେ। ବସଟି ଡୁଡୁପାଲି ବୁଲାଣି ରାସ୍ତାରେ ଯାଉଥିବାବେଳେ ସମ୍ବଲପୁର ପଟୁ ସୁବର୍ଣ୍ଣପୁର ଅଭିମୁଖେ ଆସୁଥିବା ଚକାଡୋଲା ନାମକ ଯାତ୍ରୀବାହୀ ବସ ନଂ. ଓଡି୨୩ଡି ୨୮୮୩ ମୁହାଁମୁହିଁ ଧକ୍କା ଦେଇଥିଲା। ଦୁର୍ଘଟଣା ଅତି ଭୟଙ୍କର ଥିଲା। ଚକାଡୋଲା ବସ୍‌ର ଡ୍ରାଇଭର ପ୍ରଦୀପଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଆମ୍ବୁଲାନ୍ସ ଯୋଗେ ଆହତମାନଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

# ଲୋକ ସଭା ୪୦, ବିଧାନସଭା ପାଇଁ ୨୬୫ ପ୍ରାର୍ଥୀ

## ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

ଭୁବନେଶ୍ୱର,୧୦।୫(ଅନିଲ ଦାସ)

ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, କନ୍ଧମାଳ ଓ ଆସ୍କା ସଂସଦୀୟ ଆସନ ଓ ଏହା ଅଧୀନ ୩୫ ବିଧାନସଭା ଆସନ ପାଇଁ ମେ' ୨୦ରେ ଭୋଟ ଗ୍ରହଣ କରାଯିବ। ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ପ୍ରକାଶିତ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଅନୁଯାୟୀ ୫ ଲୋକ ସଭା ଆସନ ପାଇଁ ୪୦ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି। ୪୧ ଯୋଗ୍ୟ ପ୍ରାର୍ଥୀଙ୍କ ମଧ୍ୟରୁ ଜଣେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ବଲାଙ୍ଗୀର ଲୋକସଭା ଆସନରେ ସର୍ବାଧିକ ୧୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ବରଗଡ଼ ୭, ସୁନ୍ଦରଗଡ଼ ୮, କନ୍ଧମାଳ ୮ ଏବଂ ଆସ୍କାରେ ୭ ପ୍ରାର୍ଥୀ ଲଢୁଛନ୍ତି।

ସେହିପରି ୩୫ ବିଧାନସଭା କ୍ଷେତ୍ରରେ ୨୬୫ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି। ଦାଖଲ ୨୯୮ ପ୍ରାର୍ଥିପତ୍ର ମଧ୍ୟରୁ ୨୩ଟି ନାକଚ ହୋଇଯାଇଥିଲା। ଯାଞ୍ଚ ପରେ ମୋଟ ୨୭୫ଟି ନାମାଙ୍କନପତ୍ର କାଏମ ରହିଥିଲା। ସେଥିମଧ୍ୟରୁ ୧୦ ପ୍ରାର୍ଥୀ ନାମାଙ୍କନପତ୍ର ପ୍ରତ୍ୟାହାର କରି ନେଇଛନ୍ତି। ବୀରମିତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ସର୍ବାଧିକ ୧୩ ପ୍ରାର୍ଥିପତ୍ର ଦାଖଲ କରିଥିବାବେଳେ ରାଉରକେଲା ୧୧, ବଣାଇ ୧୦, କଣ୍ଟାବାଞ୍ଜି ୧୧, କବିସୂର୍ଯ୍ୟନଗର ୧୦, ହିଞ୍ଜିଳିରେ ସର୍ବାଧିକ ୧୦ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଖଲ୍ଲିକୋଟରେ ସର୍ବନିମ୍ନ ୩ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୭୯ ଲକ୍ଷ ୬୨ ହଜାର ୧୪୮ ଜଣ ମତଦାତା ଅଛନ୍ତି। ମହିଳା ଭୋଟରଙ୍କ ସଂଖ୍ୟା ୩୯ ଲକ୍ଷ ୩୧ ହଜାର ୧୫ ଥିବାବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୪୦ ଲକ୍ଷ ୩୦ ହଜାର ୨୮୩। ସେହିପରି ଏହି ପର୍ଯ୍ୟାୟରେ ୮୫୦ କିନ୍ନର ମତଦାତା ଥିବାବେଳେ ୧୮ରୁ ୧୯ ବର୍ଷର ଭୋଟରଙ୍କ ସଂଖ୍ୟା ୨ ଲକ୍ଷ ୧୧ ହଜାର ୯୨, ୨୦ରୁ ୨୯ ବର୍ଷ ମଧ୍ୟରେ ୧୬ ଲକ୍ଷ ୯୫ ହଜାର ୧୭୯ ଜଣ ଭୋଟର ରହିଛନ୍ତି। ଏହି ପର୍ଯ୍ୟାୟରେ ମୋଟ ୯,୧୪୮ ବୁଥ୍‌ରେ ମତଦାନ ପାଇଁ ବ୍ୟବସ୍ଥା କରାଯାଇଛି। ବରଗଡ଼ ଲୋକ ସଭା ପାଇଁ ମୋଟ ୧୯୧୨, ସୁନ୍ଦରଗଡ଼ ୧୮୪୨, ବଲାଙ୍ଗୀର ୨୧୩୪, କନ୍ଧମାଳ ୧୫୬୪ ଏବଂ ଆସ୍କା ନିର୍ବାଚନମଣ୍ଡଳୀ ପାଇଁ ୧୬୯୧ଟି ବୁଥ୍‌ରେ ମତଦାନ ପାଇଁ ବ୍ୟବସ୍ଥା ହୋଇଛି।

# ଅନୁକୂଳ ହେଲା ରଥକାଠ, ଆଜିଠୁ ରଥ ନିର୍ମାଣ

ପୁରୀ,୧୦।୫(ଅଜିତ୍ କୁମାର ମହାନ୍ତି)

ଆସନ୍ତା ଜୁଲାଇ ୭ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏହିଦିନ ଶ୍ରୀବିଗ୍ରହମାନେ ରଥାରୂଢ଼ ହୋଇ ଶ୍ରୀମନ୍ଦିରରୁ ଜନ୍ମବେଦିକୁ ବିଜେ କରିବେ। ତେଣୁ ଶ୍ରୀମନ୍ଦିର ସ୍ୱତ୍ୱଲିପି ଓ ରଥ ସଂହିତା ଅନୁଯାୟୀ, ବୈଶାଖ ଶୁକ୍ଳପକ୍ଷ ତୃତୀୟା ତଥା ପବିତ୍ର ଅକ୍ଷୟ ତୃତୀୟାରେ ଶୁକ୍ରବାର ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟର ଶୁଭ ଅନୁକୂଳ ନୀତି ସମ୍ପନ୍ନ ହୋଇଛି। ଶନିବାରଠାରୁ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।

ଅକ୍ଷୟ ତୃତୀୟାରେ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଛି। ଭୋର ୪ଟା ୧୦ରେ ଦ୍ୱାର ଫିଟାଯାଇ ବିଭିନ୍ନ ନୀତି ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନ ଧୂପ ଷୋଡ଼ଶ ଉପଚାରରେ ଭୋଗ ଓ ଯାତଭୋଗ ପରେ ନକ୍ଷତ୍ର ବନ୍ଦାପନା ହୋଇଥିଲା। ଶ୍ରୀରାମକୃଷ୍ଣ, ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀ ଆଜ୍ଞାମାଳ ପାଇ ପାଲିଙ୍କି ଓ ବିମାନକୁ ବିଜେ କରିଥିଲେ। ୩ ବାଡ଼ରୁ ୩ ଜଣ ପୂଜାପଣ୍ଡା ଆଣିଥିବା ଆଜ୍ଞାମାଳ ଧରି ଆଗରେ ଏବଂ ବିଜେ ପ୍ରତିମା ପଟୁଆରରେ ଶ୍ରୀନଅର ନିକଟ ରଥଖଳାକୁ ବିଜେ କରିଥିଲେ। ପୂର୍ବରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ତିନିଖଣ୍ଡ ଧଉରା କାଠକୁ ବିଧିବିଧାନ ଅନୁଯାୟୀ ଧୁଆଯାଇ ରଖାଯାଇଥିଲା। ଶ୍ରୋତ୍ରୀୟ ବ୍ରାହ୍ମଣମାନେ ରଥଖଳାରେ ବନଯାଗ ପଦ୍ଧତିରେ ହୋମ ସମ୍ପନ୍ନ କରିଥିଲେ। ଶ୍ରୀମନ୍ଦିରରୁ ବୈଷ୍ଣବାଗ୍ନି ଆଣି ହୋମରେ ଅଗ୍ନି ସ୍ଥାପନ କରାଯାଇଥିଲା। ନୃସିଂହ ମନ୍ତ୍ରରେ ଆହୁତି ସହ ମା' ଦକ୍ଷିଣକାଳୀଙ୍କ ମନ୍ତ୍ରରେ ତିନୋଟି କୁରାଢ଼ିକୁ ଅଭିମନ୍ତ୍ରିତ କରି ପୂଜା କରାଯାଇଥିଲା। ଶ୍ରୀମନ୍ଦିରରୁ ୩ଜଣ ପୂଜାପଣ୍ଡା ଆଜ୍ଞାମାଳ ଧରି ଆସିଥିଲେ। ପଟ୍ଟଯୋଶୀ ମହାପାତ୍ରଙ୍କ ଉପସ୍ଥିତିରେ ବିଶ୍ୱକର୍ମା ମହାରଣା, ରୂପକାର, ଓଝା ଏବଂ ଭୋଇସେବକଙ୍କ ଶାଢ଼ିବନ୍ଧା ନୀତି ଦେଉଳକରଣ ସମ୍ପନ୍ନ କରିଥିଲେ। ଶୁଭାନୁକୂଳ ପାଇଁ ରଖାଯାଇଥିବା ୩ଟି ଧଉରା କାଠରେ ଆଜ୍ଞାମାଳ ଲାଗି ପରେ ତିନିରଥର ମୁଖ୍ୟ ମହାରଣାଙ୍କ ଦ୍ୱାରା ଅନୁକୂଳ ନୀତି ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ, ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଆରକ୍ଷୀ ଅଧୀକ୍ଷକ ଡ. ପିନାକ ମିଶ୍ର, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଜିଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ଅନୁକୂଳ କାର୍ଯ୍ୟ ପରେ ଠାକୁରମାନେ ଚାପ ଖେଳିବାକୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଯାତ୍ରା କରିଥିଲେ।


ପୁରୀ: ପବିତ୍ର ଅକ୍ଷୟ ତୃତୀୟାରେ ଶୁକ୍ରବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ତିନିଖଣ୍ଡ ଧଉରା କାଠକୁ ବିଧିବିଧାନ ଅନୁଯାୟୀ ଶ୍ରୋତ୍ରିୟ ବ୍ରାହ୍ମଣମାନେ ପୂଜାର୍ଚ୍ଚନା କରି ରଥକାଠ ଅନୁକୂଳ କରୁଛନ୍ତି। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

## ଗଙ୍ଗାଧର ମେହେର ମାନକବୃଦ୍ଧି ଯୋଜନା

# ସ୍କୁଲ ବ୍ୟାଗ୍ କିଣାରେ ୯.୩୪ କୋଟିର ୟୁସି ବାକି

### ତୁରନ୍ତ ୟୁସି ଦାଖଲ କରିବାକୁ ଡିଇଓମାନଙ୍କୁ ନିର୍ଦ୍ଦେଶ

ଯାଜପୁର,୧୦।୫(ହର୍ଷବର୍ଦ୍ଧନ ବେହେରା)

ପିଲାମାନେ ସ୍କୁଲ ଯାଇ ପାଠ ପଢ଼ିବାର ଆଗ୍ରହ ବଢ଼ାଇବା ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ରାଜ୍ୟ ସରକାର କେତେକ ଯୋଜନା କରିଛନ୍ତି। ସେଥିମଧ୍ୟରେ ୨୦୨୧-୨୨ ବର୍ଷରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କ ପାଇଁ ଗଙ୍ଗାଧର ମେହେର ମାନକବୃଦ୍ଧି ଯୋଜନାରେ ସ୍କୁଲ ବ୍ୟାଗ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଥିଲା। ଏଥିପାଇଁ ୩୦ ଜିଲାକୁ ୧୩ କୋଟି ୩୯ ଲକ୍ଷ ୯୩ ହଜାର ୫୬୯ ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ମାତ୍ର ୪ କୋଟି ୫ ଲକ୍ଷ ୩୮ ହଜାର ୧୦୧ ଟଙ୍କା ବିନିଯୋଗ ପତ୍ର(ୟୁସି) ଦାଖଲ ହୋଇଥିବାବେଳେ ୯ କୋଟି ୩୪ ଲକ୍ଷ ୫୫ ହଜାର ୪୬୭ ଟଙ୍କାର ହିସାବ ଏଯାଏ ମିଳି ପାରିନାହିଁ। ଅନୁଗୋଳ, ବାଲେଶ୍ୱର, କନ୍ଧମାଳ ଓ କେନ୍ଦ୍ରାପଡ଼ା ଜିଲା ଶିକ୍ଷାଧିକାରୀ (ଡିଇଓ) ସମସ୍ତ ୟୁସି ଦାଖଲ କରିଥିବାବେଳେ ବାକି ୨୬ ଜିଲାରେ ତାହା ହୋଇନାହିଁ। ଏଥିମଧ୍ୟରୁ ଗଞ୍ଜାମ ଜିଲାରେ ସର୍ବାଧିକ ୧ କୋଟି ୧୫ ଲକ୍ଷ ୩୨ ହଜାର ୯୭୪ ଟଙ୍କାର ୟୁସି ଦାଖଲ ହୋଇପାରିନାହିଁ। ଏହାବାଦ ବଲାଙ୍ଗୀର, କଟକ, ଯାଜପୁର, କଳାହାଣ୍ଡି, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର ଓ ସୁନ୍ଦରଗଡ଼ ଜିଲାରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ୟୁସି ଦାଖଲ ବାକି ରହିଛି। ଏଥିରୁ ଅନୁଦାନରେ ବ୍ୟାପକ ହେରଫେର ହୋଇଥିବା ସନ୍ଦେହ କରାଯାଇଛି। ତେଣୁ ଯଥାଶୀଘ୍ର ୟୁସି ଦାଖଲ କରିବା ସହ ଖର୍ଚ୍ଚ ହୋଇ ନ ଥିବା ଅର୍ଥ ସୁଧ ସହ ଦାଖଲ କରିବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମ୍ପୃକ୍ତ ଜିଲା ଶିକ୍ଷାଧିକାରୀମାନଙ୍କୁ ନିର୍ଦ୍ଦେଶ ହୋଇଛି। ଏଭଳି ଏକାଧିକ କାର୍ଯ୍ୟକ୍ରମର ଅନୁଦାନ ଠିକ ଭାବେ ବିନିଯୋଗ ହୋଇ ପାରୁ ନ ଥିବାରୁ ରାଜ୍ୟର ଶିକ୍ଷା ବ୍ୟବସ୍ଥା ରସାତଳଗାମୀ ହେଉଥିବା ଆଲୋଚନା ହେଉଛି। ଉପରୋକ୍ତ ଅର୍ଥର ବିନିଯୋଗ ଉପରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବାସ୍ତବତା ସାମ୍ନାକୁ ଆସିପାରନ୍ତା ବୋଲି ମତପ୍ରକାଶ ପାଇଛି।

# ଗର୍ଭବତୀଙ୍କୁ ୪ କି.ମି. ଚଲାଇନେଲେ

ଭବାନୀପାଟଣା,୧୦।୫
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ପୁଣି ଜନନୀ ଯନ୍ତ୍ରଣାର ଏକ ଚିତ୍ର ସାମ୍ନାକୁ ଆସିଛି। ରାସ୍ତା ନ ଥିବାରୁ ଗାଁକୁ ଆମ୍ବୁଲାନ୍ସ ଯାଇପାରିଲା ନାହିଁ। ଫଳରେ ୪ କି.ମି. ଚାଲି ଚାଲି ଡାକ୍ତରଖାନା ଗଲେ ଗର୍ଭବତୀ ମହିଳା। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଭବାନୀପାଟଣା ସଦର ବ୍ଲକ ଚାଞ୍ଚେର ପଞ୍ଚାୟତ ପୋରଡଙ୍ଗଗୁଡ଼ା ଗ୍ରାମରେ।

ଗାଁର ଲିବ୍ରି ମାଝିଙ୍କ ସ୍ତ୍ରୀ ମାଣ୍ଡେ ମାଝିଙ୍କ ଶୁକ୍ରବାର ସକାଳୁ ଗର୍ଭଯନ୍ତ୍ରଣା ହେବାରୁ ଡାକ୍ତରଖାନା ନେବା ପାଇଁ ପରିବାର ଲୋକେ ବାହାରିଥିଲେ। ଏହି ସମୟରେ ସେମାନେ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। କିନ୍ତୁ ଗାଁକୁ ଯିବା ପାଇଁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଅଧାବାଟ ଗୁଡାଙ୍ଗ ପର୍ଯ୍ୟନ୍ତ ଆସି ଅଟକି ରହିଥିଲା। ଫଳରେ ଅନ୍ୟ କିଛି ଉପାୟ ନ ଥିବାରୁ ପରିବାର ଲୋକେ ମାଣ୍ଡେଙ୍କୁ ଚଲାଇ ଚଲାଇ ୪ କି.ମି. ଗୁଡାଙ୍ଗ ପର୍ଯ୍ୟନ୍ତ ଆଣିଥିଲେ। ପରେ ସେଠାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ମଧ୍ୟାହ୍ନରେ ମାଣ୍ଡେ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ। ଜଣେ ଗର୍ଭବତୀଙ୍କୁ ୪ କି.ମି. ରାସ୍ତା ଚଲାଇନେବା ଘଟଣା ସରକାରୀ ଯୋଜନାର କାର୍ଯ୍ୟକାରିତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ସୂଚନାଯୋଗ୍ୟ ଗତ ଫେବୃଆରୀରେ ଜୁନାଗଡ଼ ବ୍ଲକ ଦାସିଗାଁ ପଞ୍ଚାୟତର କିଞ୍ଜିକିନା ଗ୍ରାମରେ ଏପରି ଘଟଣା ଦେଖିବାକୁ ମିଳିଥିଲା। ଏଠାକାର ରାଇମତି ମାଝି ନାମ୍ନୀ ମହିଳାଙ୍କ ପ୍ରସବ ବେଦନା ହେବାରୁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ହେଲେ ରାସ୍ତା ଖରାପ ଯୋଗୁ ଆମ୍ବୁଲାନ୍ସ ଅଧାବାଟରେ ଅଟକି ରହିଥିଲା। ଫଳରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହିଳାଙ୍କୁ ୨ କି.ମି. ଖଟିଆରେ ବୋହି ଆଣୁଥିବା ସମୟରେ ବାଟରେ ପ୍ରସବ ହୋଇଥିଲା।


ଗର୍ଭବତୀଙ୍କୁ ଚଲାଇ ନେଉଛନ୍ତି ପରିବାର ଲୋକେ।







"ବୈଦିକ ଅମରତ୍ୱ ଲାଭ କରିବାର ଏକ ଉପାୟ ଅଛି। ଯଦିବା ମୃତ୍ୟୁ ହୁଏ- ତେବେ ତାହା ହେବ ମୋର ଇଚ୍ଛାମୃତ୍ୟୁ। ପ୍ରକୃତିର ବାଧାତାରେ ରୁହେଁ। କିନ୍ତୁ ଭାବଦେଖ ! କିଏ ଭଲା। ଗୋଟିଏ ବୁଢ଼ା ଶରୀରକୁ ଧରି ପିନ୍ଧିଥିବ ? କିମ୍ବା କିଏ ଭଲା ଶହେ ବର୍ଷ ଯାଏ ଗୋଟିଏ ମାତ୍ର ସଂକୀର୍ଣ୍ଣ ପରିବର୍ତ୍ତନହୀନ କୋଠରି ମଧ୍ୟରେ ସୁଦୀର୍ଘ ଶାଶ୍ୱତ କାଳ ଧରି ବସବାସ କରିପାରିବ ? –ଶ୍ରୀଅରବିନ୍ଦ



# ପ୍ରତିଭା ଅଭାବ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଏସ୍.କେ.ଜି. ରାହାତେ ଅବସର ନେବା ପରେ ବରିଷ୍ଠ ଏଜିଏମ୍‌ୟୁଟି କ୍ୟାଡର ଆଇଏଏସ୍ ଅଧିକାରୀ ରାଜକୁମାର ଗୋୟଲଙ୍କୁ ନ୍ୟାୟ ସଚିବ ଭାବରେ ସାମୟିକ ଦାୟିତ୍ୱ ଦିଆଯାଇଛି। ଏଭଳି ପଦକ୍ଷେପ ପ୍ରଶାସନିକ ଆବଶ୍ୟକତା ପୂରଣ କରିବାର ଦକ୍ଷତା ବଜାୟ ରଖିବାରେ ମୋଦି ସରକାରଙ୍କ ସଂଗ୍ରାମକୁ ସୂଚିତକରେ। ଅବଶ୍ୟ ଏହା ବର୍ତ୍ତମାନ ଚାଲିଥିବା ଲୋକ ସଭା ନିର୍ବାଚନକୁ ନେଇ ସରକାରଙ୍କ ବ୍ୟସ୍ତତା ହେତୁ ହୋଇଥାଇପାରେ, କିନ୍ତୁ ପ୍ରମୁଖ ପଦବୀ ପାଇଁ ଯୋଗ୍ୟ ଉତ୍ତରାଧିକାରୀ ପାଇବା ଲାଗି ସମ୍ମୁଖୀନ ହେଉଥିବା ଆହ୍ୱାନକୁ ଦର୍ଶାଉଛି। ଗୋୟଲଙ୍କ ନିଯୁକ୍ତି ଏକ ସାମୟିକ ସମାଧାନ ହୋଇପାରେ, କିନ୍ତୁ ଏହା ଏହିପରି ବ୍ୟବସ୍ଥାର ଦୀର୍ଘମିଆଦୀ ସ୍ଥିରତା ଉପରେ ପ୍ରଶ୍ନବାଚୀ ସୃଷ୍ଟିକରେ। ପ୍ରତିଭାର ଅଭାବ ହେତୁ ଏଭଳି ଘଟୁଛି ବୋଲି ଅନେକ ପର୍ଯ୍ୟବେକ୍ଷକ ଦର୍ଶାଇଛନ୍ତି। ବାହାର କ୍ଷେତ୍ରରୁ ବିଶେଷଜ୍ଞଙ୍କୁ ଆଣି ସରକାରରେ ନିଯୁକ୍ତ କରିବା (ଲାଟେରାଲ ଏଣ୍ଟ୍ରି) ଏବଂ ଏକ ସାମଗ୍ରିକ କର୍ମଚାରୀ ସମୀକ୍ଷା ପ୍ରକ୍ରିୟା ଭଳି ପ୍ରମୁଖ ସଂସ୍କାର ଅଣାଯାଇଛି। ବର୍ତ୍ତମାନ ମୋଦି ଲାଟେରାଲ ଏଣ୍ଟ୍ରି ପାଇଁ ନୂତନ ପଦକ୍ଷେପ ନେଇ ବିଶେଷଜ୍ଞଙ୍କୁ ଚୟନକରି ସରକାରୀ ବିଭାଗର ଶୀର୍ଷ ପଦବୀରେ ନିଯୁକ୍ତ ଦେବା ଉପରେ ଗୁରୁତ୍ୱ ଦେଉଛନ୍ତି। ଅମଲାତନ୍ତ୍ରରେ ପ୍ରତିଭା ଅଭାବ ପଛରେ ରହିଥିବା କାରଣଗୁଡ଼ିକର ସମାଧାନ କରିବା ଏକାନ୍ତ ଆବଶ୍ୟକ। କୌତୂହଳର ବିଷୟ, ପରବର୍ତ୍ତୀ ସରକାର ଗଠନ ହେବା ପରେ ନ୍ୟାୟିକ ପରିଚାଳନାର ଗୁରୁତ୍ୱପୂର୍ଣ୍ଣ ଦିଗକୁ ପରିବର୍ତ୍ତନ କରିବାକୁ ସରକାର ଆଗ୍ରହୀ ଥିବାର ସୂଚନା ମିଳିଛି।

### ଅଧିକାରୀଙ୍କୁ ନ୍ୟାୟ

ଛତିଶଗଡ଼ର ଆଇପିଏସ୍ ଅଧିକାରୀ ଗୁରୁଜିନ୍ଦର ପାଲ ସିଂ ରାଜ୍ୟ ସରକାରରେ କ୍ଷମତାଶାଳୀ ତଥା ଗୁରୁତ୍ୱପୂର୍ଣ୍ଣ ପଦାଧିକାରୀଙ୍କ ସହ କାମ କରିବା ଲାଗି ଅନିଚ୍ଛୁକ ହେବାରୁ ତାଙ୍କ ବିରୋଧରେ ୨୦୨୧ରେ ତିନୋଟି ଏଫ୍‌ଆଇଆର୍ ଦାୟର ହୋଇଥିଲା। ସିଂ ବର୍ତ୍ତମାନ କାର୍ଯ୍ୟକୁ ଫେରିବା ପାଇଁ ସବୁଜ ସଙ୍କେତ ପାଇଛନ୍ତି। ସେଣ୍ଟ୍ରାଲ ଆଡମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ (ସିଏଟି ବା କ୍ୟାଟ୍) ୪ ସପ୍ତାହ ମଧ୍ୟରେ ତାଙ୍କୁ ପୁନଃ ଅବସ୍ଥାପିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୧ରେ ସିଂ ଜଟିଳ ପରିସ୍ଥିତିରେ ପଡ଼ିଥିଲେ ଓ ତାଙ୍କ ବିରୋଧରେ ଦାୟର ହୋଇଥିବା ୩ଟି ଏଫ୍‌ଆଇଆର୍(ଗୋଟିଏ ଦୁର୍ନୀତି ପାଇଁ, ଗୋଟିଏ ଦେଶଦ୍ରୋହ ପାଇଁ ଏବଂ ଗୋଟିଏ ଧମକ ଦେଇ ଅର୍ଥ ଆଦାୟ କରିବ)କୁ ଦୃଷ୍ଟିରେ ରଖି ତାଙ୍କୁ ନିଲମ୍ବନ କରାଯାଇଥିଲା। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି, ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ରମଣ ସିଂଙ୍କ ବିରୋଧରେ ଆସିଥିବା ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ବହୁ କୋଟି ଟଙ୍କାର ଦୁର୍ନୀତି ଅଭିଯୋଗର ରହସ୍ୟ ଉନ୍ମୋଚନ ପାଇଁ ସିଂ ନେତୃତ୍ୱ ନେଇଥିଲେ। ଯେତେବେଳେ ରମଣ ସିଂଙ୍କ ବିରୋଧରେ କୌଣସି ପ୍ରମାଣ ପାଇଲେ ନାହିଁ, ସେତେବେଳେ ରାଜ୍ୟ ସରକାର ପ୍ରତିଶୋଧ ପରାୟଣ ହୋଇ ତାଙ୍କ ବିରୋଧରେ ଏଫ୍‌ଆଇଆର୍ ଦାୟର କରିଥିଲେ। ତେବେ ସିଏଟି ଆଦେଶରେ ଦର୍ଶାଯାଇଛି ଯେ, ସିଂଙ୍କ ଆବେଦନରେ ଏକ ବିଷୟ ଥିଲା ଯେଉଁଥିରେ ତାଙ୍କୁ ଆପରାଧିକ ମାମଲାରେ ପକାଇବା ଲାଗି ତଦନ୍ତକାରୀ ଅଧିକାରୀ ବେଆଇନ ଭାବେ ୨ କି.ଗ୍ରା. ସୁନା ଏବଂ ଦେଶଦ୍ରୋହୀ ବିଷୟକୁ ଦର୍ଶାଇଥିଲେ। ଆଶା କରାଯାଏ, ସିଂ ବର୍ତ୍ତମାନ ତାଙ୍କ ଖରାପ ଅନୁଭବକୁ ଭୁଲିଯିବା ସହ ସେ ଚାହୁଁଥିବା ନ୍ୟାୟ ପାଇପାରିବେ।

### ଖେମ୍‌କାଙ୍କ ବିରୋଧରେ ଅଭିଯୋଗ

ଏବେ ହରିୟାଣାରେ ଭଦ୍ରା-ଡିଏଲ୍‌ଏଫ୍ ଜମି କିଣାବିକା ଘଟଣା ଭିନ୍ନ ମୋଡ଼ ନେଇଛି। ବରିଷ୍ଠ ଆଇଏଏସ୍ ଅଧିକାରୀ ସଞ୍ଜୀବ ବର୍ମା ବିଶିଷ୍ଟ ହୁଇସିଲ ବ୍ଲୋୟର ଏବଂ ସହକର୍ମୀ ଅଶୋକ ଖେମ୍‌କାଙ୍କ ବିରୋଧରେ ଶୃଙ୍ଖଳାଗତ ତଥା ଆପରାଧିକ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବ ଟି.ଭି.ଏସ୍.ଏନ୍. ପ୍ରସାଦଙ୍କ ପାଖରେ ଲିଖିତ ଅଭିଯୋଗ କରିବା ପରେ ଚାପା ଉତ୍ତେଜନା ପ୍ରକଶ ପାଇଛି। ଖେମ୍‌କା ଦୁର୍ନୀତି ବିରୋଧରେ ତାଙ୍କର ନିର୍ଭୀକ ଆଭିମୁଖ୍ୟ ପାଇଁ ଜଣାଶୁଣା। ଖେମ୍‌କା ବିବାଦୀୟ ଜମି କିଣାବିକାରେ ତଦନ୍ତର ମନ୍ଥର ଗତି ଉପରେ ମଧ୍ୟ ପ୍ରଶ୍ନ କରିଥିଲେ। ୨୦୧୨ରେ ଭଦ୍ରା-ଡିଏଲ୍‌ଏଫ୍ ଜମି କିଣାବିକା ପରିଚାଳନାରେ ସ୍ୱଚ୍ଛତା ଏବଂ ନ୍ୟାୟ ପ୍ରତି ଖେମ୍‌କାଙ୍କର ପ୍ରତିବଦ୍ଧତା ହିଁ ଏଭଳି ଅଭିଯୋଗର ମୂଳ କାରଣ। ଏକ ହାଇ ପ୍ରୋଫାଇଲ ଜମି କିଣାବିକାର ମ୍ୟୁଟେଶନକୁ ରଦ୍ଦ କରିବା ନିଷ୍ପତ୍ତିକୁ ଭିତ୍ତିକରି ଅନେକ ଘଟଣା ସାମ୍ନାକୁ ଅସିଛି, ଯାହା ରାଜ୍ୟର ରାଜନୈତିକ ଏବଂ ବାବୁ ପରିସର ମଧ୍ୟରେ ପୁନର୍ବାର ଗୁଞ୍ଜରଣ ସୃଷ୍ଟି କରିଛି। କୌତୂହଳର ବିଷୟ ହେଉଛି, ଉଭୟ ଆଇଏଏସ୍ ଅଧିକାରୀ ବର୍ମା ଏବଂ ଖେମ୍‌କାଙ୍କ ମଧ୍ୟରେ ତଥାକଥିତ ରାଜ୍ୟ ଗୋଦାମ ନିଗମ ନିଯୁକ୍ତିରେ ଅନିୟମିତତାକୁ ନେଇ ବିବାଦ ରହିଆସିଛି। ଏହା ହରିୟାଣାର ବାବୁ ସାମ୍ରାଜ୍ୟରେ କ୍ଷମତା ଲଢ଼େଇକୁ ସୂଚିତ କରିବା ସହ ବୋଧହୁଏ ରାଜ୍ୟରେ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତାକୁ ପ୍ରତିପାଦିତ କରିଛି। କୌତୂହଳର ବିଷୟ, ଖେମ୍‌କା କେତେଜଣ ଆଇଏଏସ୍ ଅଧିକାରୀଙ୍କ ମଧ୍ୟରୁ ଜଣେ ଯିଏ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱକୁ ପାଳନ କରି ସମସ୍ତ ରାଜନୈତିକ ବ୍ୟବସ୍ଥାକୁ ଅସୁବିଧାରେ ପକାଇବାରେ ସଫଳ ହୋଇଛନ୍ତି। ତାଙ୍କର ଅନେକ ଶତ୍ରୁ ଥିଲେ ବି ଏହା ନିଶ୍ଚିତ ଯେ, ସେ କିଛି କରୁଛନ୍ତି!

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 6 | | |
| | | 3 | 4 | | | | 5 | |
| | | | 9 | | | 4 | 2 | 7 |
| 9 | | | 7 | | | | | |
| | | 2 | | | | | 8 | |
| | | 8 | | 6 | 5 | 7 | | 3 |
| | | | | 9 | | 1 | 4 | |
| 2 | | 4 | | | 3 | | | |
| | 5 | | | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 6 | 5 | 1 | 3 | 8 | 4 | 2 |
| 2 | 5 | 1 | 6 | 8 | 4 | 7 | 3 | 9 |
| 3 | 8 | 4 | 9 | 2 | 7 | 1 | 6 | 5 |
| 8 | 2 | 3 | 1 | 7 | 6 | 5 | 9 | 4 |
| 9 | 1 | 5 | 3 | 4 | 2 | 6 | 7 | 8 |
| 6 | 4 | 7 | 8 | 9 | 5 | 3 | 2 | 1 |
| 1 | 6 | 8 | 2 | 3 | 9 | 4 | 5 | 7 |
| 5 | 7 | 2 | 4 | 6 | 8 | 9 | 1 | 3 |
| 4 | 3 | 9 | 7 | 5 | 1 | 2 | 8 | 6 |

ଗତକାଲିର ଉତ୍ତର

# ଅସରନ୍ତି ଯୁଦ୍ଧ-ଚିରନ୍ତନ ଯୁଦ୍ଧଭୂମି



ଦୀପକ କୁମାର ମହାନ୍ତ

ହମାସ୍ ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ ସମାପ୍ତ ହେବା ପୂର୍ବରୁ ଇରାନ୍‌ର ଇସ୍ରାଏଲ ଉପରେ ଆକ୍ରମଣ ବିଶ୍ୱକୁ ଆତଙ୍କିତ କରିଛି। ସିରିଆର ଡାମାସ୍କସ୍‌ରେ ଇରାନର ବାଣିଜ୍ୟ ଦୂତାବାସ ଆକ୍ରମଣ ପଛରେ ଇସ୍ରାଏଲର ପ୍ରଚ୍ଛନ୍ନ ହାତ ଥିବା ସନ୍ଦେହକରି ଇରାନର ସାନି ଆକ୍ରମଣ ତତ୍କାଳିକ କାରଣ ହୋଇପାରେ। ମାତ୍ର ଇରାନ୍ ଓ ଇସ୍ରାଏଲ ମଧ୍ୟରେ ଶତ୍ରୁତା, ଷଡ଼ଯନ୍ତ୍ର ଓ ପ୍ରଚ୍ଛନ୍ନ ଯୁଦ୍ଧ ଏକ ସୁଦୀର୍ଘ ଅବଧିର କଳଙ୍କିତ ଇତିହାସ। ଇସ୍ରାଏଲକୁ ସିଧା ଆକ୍ରମଣ ନ କରି ଇରାନ୍ ଅଶୀ ଦଶକରୁ ଲେବାନନ୍‌ରେ ହିଜ୍‌ବୁଲ୍ଲା ଓ ୟେମେନ୍‌ରେ ହୁଟି ଆତଙ୍କବାଦୀ ବାହିନୀ ମାଧ୍ୟମରେ ପ୍ରଚ୍ଛଦପଟରେ ରହି ଆକ୍ରମଣ ଜାରି ରଖି ଆସିଛି। ଏହା ପଛରେ ରହିଛି ଅନେକ ଐତିହାସିକ ଓ ଭୂରାଜନୈତିକ କାରଣ। ବାସ୍ତବରେ ଆରବ ରାଷ୍ଟ୍ରଗୁଡ଼ିକ ଇସ୍ରାଏଲର ଅସ୍ତିତ୍ୱକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରି ଆସିଛନ୍ତି। ସେମାନଙ୍କ ତର୍କ ହେଲା, ସମଗ୍ର ପାଲେଷ୍ଟାଇନ ଆରବୀୟଙ୍କ ଭୂମି। ଆମେରିକା ଓ ୟୁରୋପୀୟମାନେ ସେଠାରେ ଜବରଦସ୍ତ ଇହୁଦୀଙ୍କୁ ଅବସ୍ଥାପିତ କରି ଇସ୍ରାଏଲ ରାଷ୍ଟ୍ର ସୃଷ୍ଟି କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ଇସ୍ରାଏଲ ଓ ଆରବ ଦେଶଗୁଡ଼ିକ ମଧ୍ୟରେ ସଂଘଟିତ ହୋଇଛି ଅନେକ ଯୁଦ୍ଧ। ତା' ହେଲେ କାହାର ଏ ଭୂମି ; କ'ଣ ରହିଛି ଏ ଚିରନ୍ତନ ଯୁଦ୍ଧଭୂମିର ଇତିହାସ ? ଏ ପ୍ରଶ୍ନର ଉତ୍ତର ଖୋଜିବାକୁ ହେଲେ ଇସ୍ରାଏଲ - ପାଲେଷ୍ଟାଇନ୍‌ର ୪ହଜାର ବର୍ଷର ଇତିହାସର ପୃଷ୍ଠା ଓଲଟାଇବାକୁ ପଡ଼ିବ।

ପାଲେଷ୍ଟାଇନ୍/ଇସ୍ରାଏଲ୍‌ର କ୍ରମବଦ୍ଧ ଇତିହାସ ଖ୍ରୀଷ୍ଟପୂର୍ବ ୧୬ଶହ ପାଖରୁ ହିଁ ମିଳିଥାଏ। ସେ ସମୟରେ ଏହି ଭୂଖଣ୍ଡକୁ କନାନ୍‌ଙ୍କ ଭୂମି କୁହାଯାଇଆସୁଥିଲା। ମଧ୍ୟ ଫରାତ୍(ମେସୋପଟାମିଆଁ)ରେ ବାସ କରୁଥିବା ଅମୋରାଇଟ୍ ଓ ଅରେମିୟନ୍ ଜାତିର ଲୋକ, ଖାରି ଓ ମିଚ୍ଛନୀମାନଙ୍କ ଆକ୍ରମଣ କାରଣରୁ ମାତୃଭୂମିରୁ ବିସ୍ଥାପିତ ହୋଇ କନାନିଙ୍କ ଦେଶରେ ପ୍ରବେଶ କରିଥିଲେ। ଲେବାନନ୍‌ର ପଶ୍ଚିମଭାଗରୁ ମିଶର ପର୍ଯ୍ୟନ୍ତ ଭୂଖଣ୍ଡ ମଧ୍ୟରେ ବାସ କରୁଥିବା ସେହି ଅରେମିୟନମାନେ ପରବର୍ତ୍ତୀ ସମୟରେ 'ଇବ୍ରିମ୍' ବା 'ହିବ୍ରୁ' ଭାବରେ ପରିଚିତ ହେଲେ।

ଇହୁଦୀମାନଙ୍କ ଧର୍ମବିଶ୍ୱାସ ଅନୁଯାୟୀ, ଅରେମିୟନ୍(ହିବ୍ରୁ) ଜାତିର 'ଅବ୍ରାମ୍' ନାମକ ବ୍ୟକ୍ତିଙ୍କଠାରେ ଦୈବୀଶକ୍ତି ପ୍ରସ୍ଫୁରଣ ହେଲା ଏବଂ ଈଶ୍ୱର ତାଙ୍କୁ ଆହ୍ୱାନ ଦେଲେ, ''ତୁମେ ତୁମ ଜନ୍ମସ୍ଥାନଠାରୁ ଏବଂ ପିତାଙ୍କ ଘରଠାରୁ ସେହି ଭୂମିକୁ ଚାଲିଯାଅ, ଯେଉଁଠି ମୁଁ ତୁମକୁ ଦେଖାଉଛି।'' ଏହା ସହ ପରମାତ୍ମାଙ୍କ ଆଦେଶ ଅନୁଯାୟୀ ସେ ନିଜର ନାମ 'ଅବ୍ରାମ'ରୁ 'ଅବ୍ରାହମ୍' କରିଦେଲେ ; ଯାହାର ଅର୍ଥ ହେଉଛି 'ରାଷ୍ଟ୍ରର ଜନକ'। ସେ ଯେତେବେଳେ ବେବିଲୋନ୍ ରାଜ୍ୟରୁ ବିସ୍ଥାପିତ ହୋଇ 'କନାନ୍'ରେ ପହଞ୍ଚିଲେ ସେତେବେଳେ ତାଙ୍କୁ ଈଶ୍ୱରଙ୍କ ଦ୍ୱିତୀୟ ପ୍ରତିଶ୍ରୁତି ଶୁଣାଗଲା ; ''ମୁଁ ତୁମ ସନ୍ତାନମାନଙ୍କୁ ଏହି ଭୂମି ପ୍ରଦାନ କରିବି।'' ତେଣୁ ହିବ୍ରୁମାନଙ୍କ ମନମସ୍ତିଷ୍କରେ ଏହି ଧାରଣା ବଳବତ୍ତର ହେଲା ଯେ, ସେମାନେ ଈଶ୍ୱରୀୟ ଇଚ୍ଛା ଅନୁଯାୟୀ ଏହି ଭୂମିକୁ ସେମାନଙ୍କ ଧର୍ମଭୂମି କର୍ମଭୂମି ଭାବରେ ବିକଶିତ କରିବେ। ଏହି ଭୂଖଣ୍ଡର ସୀମା ଥିଲା ପୂର୍ବରେ ଫରାତ୍ (ୟୁଫ୍ରେଟିସ୍) ନଦୀଠାରୁ ପଶ୍ଚିମରେ ନୀଳନଦୀ ପର୍ଯ୍ୟନ୍ତ। ଅବ୍ରାହମ୍‌ଙ୍କ ପୁତ୍ର ଥିଲେ 'ଇଜାକ୍' ଓ ନାତିଙ୍କ ନାମ ଥିଲା 'ଜେକବ' ବା 'ଇଜରାଏଲ'। ଏହି ଇଜରାଏଲଙ୍କ ଦ୍ୱାରା ହିଁ ଇହୁଦୀ ଜାତିର ଭିତ୍ତିପ୍ରସ୍ତ ସ୍ଥାପିତ ହୋଇଥିଲା। ଇଜରାଏଲଙ୍କଠାରୁ ଜନ୍ମିତ ବାର ପୁତ୍ରଙ୍କ ବଂଶଜମାନେ ପରବର୍ତ୍ତୀ ସମୟରେ ବାରଗୋଟି ଇହୁଦୀ ଗୋଷ୍ଠୀରେ ବିଭକ୍ତ ହୋଇଥିଲେ। ସେହି ବାରପୁତ୍ରଙ୍କ ମଧ୍ୟରୁ ଜଣେ ଲେଭିଙ୍କ ବଂଶଜ 'ମୋଜେଜ'ଙ୍କୁ ପରମାତ୍ମାଙ୍କ ଦ୍ୱାରା ଇହୁଦୀ ଧର୍ମର ୧୦ଟି ସାରତତ୍ତ୍ୱ ପ୍ରାପ୍ତ ହୋଇଥିଲା।



ପରମାତ୍ମାଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରାପ୍ତ ହୋଇଥିବା ଏହି କନାନି ଭୂମିରେ ଦୁର୍ଭିକ୍ଷ ପଡ଼ିବାରୁ ବାଧ୍ୟହୋଇ ଇଜ୍‌ରାଏଲ ଓ ତାଙ୍କ ବଂଶଜମାନେ ନୀଳନଦୀ ଉପକୂଳ ମିଶରକୁ ଚାଲିଗଲେ। ଖାଦ୍ୟ ସନ୍ଧାନରେ ମିଶରକୁ ଯିବାବେଳେ ଇଜ୍‌ରାଏଲଙ୍କୁ ପୁଣି ପରମାତ୍ମାଙ୍କ ନିର୍ଦ୍ଦେଶ ଆସିଲା ; ''ଏହି ଭୂମି, ଯେଉଁଠି ତୁମେ ବସବାସ କରୁଛ, ତାହା ମୁଁ ତୁମକୁ ଏବଂ ତୁମ ସନ୍ତାନମାନଙ୍କୁ ଅର୍ପଣ କରିବି। ତୁମ ସନ୍ତାନମାନଙ୍କ ଦ୍ୱାରା ହିଁ ସମଗ୍ର ବିଶ୍ୱ ସମୃଦ୍ଧି ଲାଭ କରିବ ଏବଂ ମୁଁ ସେମାନଙ୍କୁ ପୁନଶ୍ଚ ଏହି ଭୂମିକୁ ଫେରାଇ ଆଣିବି।'' ମିଶରରେ କିଛି କାଳ ସୁଖଦ ଅବସ୍ଥାନ ପରେ ; ଫେରୋ ରାଜାମାନଙ୍କ ଦ୍ୱାରା ଅକଥନୀୟ ନିର୍ଯ୍ୟାତନାର ଶିକାର ହୋଇ ହିବ୍ରୁମାନେ ପୁନଶ୍ଚ 'ମୋଜେଜ'ଙ୍କ ନେତୃତ୍ୱରେ ସେମାନଙ୍କ ଈଶ୍ୱର ନିର୍ଦ୍ଦିଷ୍ଟ 'ପ୍ରତିଶ୍ରୁତିର ଭୂମି' କନାନ୍‌କୁ ପ୍ରତ୍ୟାବର୍ତ୍ତନ କଲେ। ଇଜ୍‌ରାଏଲୀୟମାନଙ୍କୁ ମିଶରରୁ ଫେରିବା ବାଟରେ ସିନାୟୀ ପାହାଡ଼ ନିକଟରେ 'ମୋଜେଜ'ଙ୍କ ମାଧ୍ୟମରେ ପରମାତ୍ମାଙ୍କ ଦଶଟି ଆଦେଶ ପ୍ରାପ୍ତ ହୋଇଥିଲା। ମୋଜେଜ ହିଁ ଇଜ୍‌ରାଏଲ୍ ସନ୍ତାନଙ୍କ ବଂଶଧରଙ୍କୁ ହିବ୍ରୁ ଜାତିରେ ପରିଣତକରି ଏକ ଧର୍ମ ପ୍ରଦାନ କରିଥିଲେ। ମୋଜେଜ୍‌ଙ୍କ ଶିଷ୍ୟ 'ଜୋସୁଆ' ଖ୍ରୀ.ପୂ. ୧୪୦୦ରେ କନାନିଙ୍କ ଉପରେ ନିର୍ଣ୍ଣାୟକ ଯୁଦ୍ଧ ଜିତି ଏହି 'ପ୍ରତିଶ୍ରୁତିର ଭୂମି' କନାନର ଶାସକ ହୋଇଥିଲେ। କାଳାନ୍ତରେ କନାନିମାନେ ହିବ୍ରୁ ଜାତି ମଧ୍ୟରେ ବିଲୀନ ହୋଇଯାଇଥିଲେ। ଆଗାମୀ ସମୟରେ ଏହି ଭୂଖଣ୍ଡକୁ ହିବ୍ରୁମାନେ ନିଜର ମାତୃଭୂମି ଓ ପୁଣ୍ୟଭୂମି ଭାବରେ ଗ୍ରହଣକରି, ଏହା ଉପରେ ଆକ୍ରମଣକୁ ହିବ୍ରୁ ଜାତି ଉପରେ ଆକ୍ରମଣ ବୋଲି ମାନିନେଲେ। ଯଦିଓ ଏହି ଭୂଖଣ୍ଡର ପ୍ରଥମ ବାସିନ୍ଦା କନାନିମାନେ ଥିଲେ, ମାତ୍ର ଏହାକୁ ଏକ ରାଷ୍ଟ୍ର ଭାବରେ ହିବ୍ରୁମାନେ ହିଁ ବିକଶିତ କରିଥିଲେ।

ଭୂମଧ୍ୟସାଗର ଅନ୍ତର୍ଗତ କ୍ରିଟ୍ ଦ୍ୱୀପର ଅଧିବାସୀ ଫିଲିଷ୍ଟାନୀମାନେ ଖ୍ରୀ.ପୂ.୧୧୯୪ରୁ ଆକ୍ରମଣ ଆରମ୍ଭକରି ଖ୍ରୀ.ପୂ.୧୦୦୦ର ଏବେନ-ଏଜର ଯୁଦ୍ଧରେ ସମ୍ପୂର୍ଣ୍ଣ ହିବ୍ରୁ ଦେଶକୁ ଦଖଲ କରିନେଇଥିଲେ। ୨ଶହ ବର୍ଷ ପରେ ହିବ୍ରୁମାନେ ରାଜା ଡେଭିଡ୍‌ଙ୍କ ନେତୃତ୍ୱରେ ଫିଲିଷ୍ଟାନୀମାନଙ୍କୁ ସମ୍ପୂର୍ଣ୍ଣ ପରାସ୍ତକରି ପୁନଶ୍ଚ ତାଙ୍କ ମାତୃଭୂମିକୁ ଫେରିପାଇଥିଲେ। ଫିଲିଷ୍ଟାନୀମାନଙ୍କ ୨ଶହ ବର୍ଷର ରାଜତ୍ୱ ସେଠାରେ ଏତେ ଛାପ ଛାଡ଼ିଯାଇଥିଲା ଯେ, ଫିଲିଷ୍ଟାନୀ ଶାସନର ୩ହଜାର ବର୍ଷ ପରେ ମଧ୍ୟ ଏହି ଭୂଖଣ୍ଡ ଫିଲିଷ୍ଟିନ୍ ବା ଇଂରାଜୀରେ ପାଲେଷ୍ଟାଇନ୍ ଭାବରେ ପରିଚିତ ହୋଇଆସୁଛି।

ସେତେବେଳେ ଆଧୁନିକ ଇସ୍ରାଏଲ୍‌ର ଉତ୍ତର ଭାଗକୁ 'ଇଜ୍ରାଏଲ' ଓ ଦକ୍ଷିଣଭାଗକୁ 'ଜୁଡାହ' କୁହାଯାଉଥିଲା। 'ଜୁଡାହ'ର ଅଧିବାସୀ ହୋଇଥିବାରୁ ଏମାନଙ୍କୁ 'ଯୁଦ୍ଧ' ବା 'ଜୁ' ଅଥବା 'ଇହୁଦୀ' କୁହାଗଲା। ରାଜା ଡେଭିଡ୍‌ଙ୍କ ପୁତ୍ର ସାଲୋମନ୍ ଖ୍ରୀ.ପୂ. ୯୭୪ରୁ ୯୩୭ ମଧ୍ୟରେ ଜିଆନ୍ ପର୍ବତର ପବିତ୍ର ଧର୍ମବେଦୀ ପ୍ରସ୍ଥାପିତ ସ୍ଥାନରେ ଏକ ଭବ୍ୟମନ୍ଦିର ନିର୍ମାଣ କରିଥିଲେ। ସାଲୋମନଙ୍କ ପରେ ଏହି ଦେଶ ଅସିରିୟୋ, ବେବିଲୋନୀୟ, ଗ୍ରୀକ୍, ରୋମାନ୍ ଓ ଆରବୀୟଙ୍କ ଆକ୍ରମଣର ଶିକାର ହେଲା। ରୋମାନ୍‌ମାନେ ୬ ଖ୍ରୀଷ୍ଟାବ୍ଦରେ ଇହୁଦୀ ଭୂମିକୁ ଅଧିକାର କରିନେଲେ। ପରବର୍ତ୍ତୀ ଦେଢ଼ଶହ ବର୍ଷ ଇହୁଦୀ ଓ ରୋମାନଙ୍କ ମଧ୍ୟରେ ଭୟଙ୍କର ସଂଘର୍ଷର ବର୍ଷ ଥିଲା।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୧୯୪୭ ମେ ୧୫ରେ ପାଲେଷ୍ଟାଇନ୍ ଓ ଇହୁଦୀ ସମସ୍ୟାର ସମାଧାନ ପାଇଁ ଗଠିତ ଏକ ୧୧ ଦେଶୀୟ କମିଟି, ବ୍ରିଟିଶ ଅଧୀନରୁ ପାଲେଷ୍ଟାଇନ୍‌ର ମୁକ୍ତି ଏବଂ ଇହୁଦୀ ଓ ଆରବୀୟଙ୍କ ମଧ୍ୟରେ ଦୁଇଟି ସ୍ୱତନ୍ତ୍ର ଦେଶ ଗଠନ ପାଇଁ ସୁପାରିସ କଲା। ତଦନୁଯାୟୀ ୧୯୪୭ ନଭେମ୍ବର ୨୯ ରେ ଅନୁଷ୍ଠିତ ମିଳିତ ଜାତିସଂଘର ମତଦାନରେ ଦୁଇତୃତୀୟାଂଶ ସଦସ୍ୟ ରାଷ୍ଟ୍ର ପାଲେଷ୍ଟାଇନର ବିଭାଜନ ସପକ୍ଷରେ ମତଦେବାରୁ ପାଲେଷ୍ଟାଇନ୍ ମଧ୍ୟରେ 'ଇସ୍ରାଏଲ' ରାଷ୍ଟ୍ରକୁ ସ୍ୱୀକୃତି ଦିଆଗଲା। ମାତ୍ର ଅଧିକାଂଶ ଆରବ ଦେଶ ଏହାକୁ ସ୍ୱୀକାର ନ କରି ଯୁଦ୍ଧ ଘୋଷଣାକଲେ। ଇତିମଧ୍ୟରେ ଇସ୍ରାଏଲ୍ ଓ ଆରବୀୟଙ୍କ ମଧ୍ୟରେ ଅନେକ ଯୁଦ୍ଧ ଘଟିଗଲାଣି। ସାମ୍ପ୍ରତିକ ହମାସ୍-ଇସ୍ରାଏଲ୍ ଯୁଦ୍ଧ ଓ ଇରାନ-ଇସ୍ରାଏଲ୍ ସଂଘର୍ଷ ସେହି ଅନ୍ତହୀନ ଯୁଦ୍ଧର ଅଂଶବିଶେଷ। କିନ୍ତୁ ବିଶ୍ୱବାସୀ ଚାହାନ୍ତି ଶାନ୍ତି; ଅସରନ୍ତି ଯୁଦ୍ଧର ପରିସମାପ୍ତି।

ବାରୁଣା, କେନ୍ଦୁଝର
ମୋ :୯୩୪୮୩୦୭୫୭୧

# ଅସନ୍ତୁଳିତ ପୃଥିବୀ ଓ ଋତୁଚକ୍ର



ଡ. ମୌସୁମୀ ପରିଡ଼ା

ବିଜ୍ଞାନ ଯେତେ ସମୃଦ୍ଧ ହେଲେ ମଧ୍ୟ ପ୍ରାକୃତିକ ଜିନିଷର ପ୍ରତିକଳ୍ପ ହୋଇପାରିବ ନାହିଁ କିମ୍ବା ତା'ର ସ୍ଥାନ ନେଇପାରିବ ନାହିଁ। ଯେତେ ଯାହା ହେଲେ ବି ଜୀବଜଗତ ପ୍ରକୃତି ଉପରେ ନିର୍ଭର କରିବ। ଉଭୟ ଜୀବଜଗତ ଓ ପ୍ରାକୃତିକ ପରିବେଶ ପରସ୍ପର ଉପରେ ନିର୍ଭରଶୀଳ ହୋଇଥିବାରୁ ଜୀବଜଗତ ଦ୍ୱାରା ପ୍ରକୃତି ପ୍ରଭାବିତ ହୁଏ। ଜନସଂଖ୍ୟାବୃଦ୍ଧି ପରିମିତ ସ୍ଥାନ ସହିତ ସମଗ୍ର ପରିବେଶ ପାଇଁ ସତର୍କ ଘଣ୍ଟି ହୋଇଥିଲେ ମଧ୍ୟ ଆମକୁ ତା'ର ନିରାକରଣ କରିବାକୁ ହେବ। ବିଭିନ୍ନ ପ୍ରକାରର ପ୍ରଦୂଷଣ ରୋକିବା ସହିତ ବୃକ୍ଷରୋପଣ, ପାନୀୟ ଜଳ ସଂରକ୍ଷଣ, ଜଙ୍ଗଲ ସୃଷ୍ଟି ସହିତ ଅନ୍ୟାନ୍ୟ ପରିବେଶ ସୁରକ୍ଷାକାରୀ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ ତଥା ସଚେତନତା ସୃଷ୍ଟି କରିବାକୁ ହେବ। ଅନ୍ୟଥା ଏମିତି ଅନେକ ପ୍ରାକୃତିକ ବିପର୍ଯ୍ୟୟରେ ମାନବସମାଜ ଧ୍ୱସ୍ତବିଧ୍ୱସ୍ତ ହେଉଥିବ।

ଚଳିତବର୍ଷ ବର୍ଦ୍ଧିତ ତାପମାତ୍ରା ସମସ୍ତଙ୍କ ଚିନ୍ତାର କାରଣ ପାଲଟିଛି। ଏହାର କାରଣ ଓ ନିରାକରଣ ସମସ୍ତଙ୍କୁ ପ୍ରାୟ ଅଳ୍ପ ବହୁତେ ଜଣା। ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ରାଜରାସ୍ତା ସଂପ୍ରସାରଣ ପାଇଁ ଅବାଧ ଗଛକଟା, ଜଙ୍ଗଲରୁ ଚୋରା କାଠ ଚାଲାଣ, କଂକ୍ରିଟ ଜଙ୍ଗଲ ବୃଦ୍ଧି, ଭଙ୍ଗାଗଢ଼ାହେତୁକ ଶବ୍ଦ ଓ ବାୟୁ ପ୍ରଦୂଷଣ, ସେଥିପାଇଁ ଅତ୍ୟଧିକ ଜଳ ଖର୍ଚ୍ଚହେତୁକ ଜଳସ୍ତର ହ୍ରାସ, ଜଙ୍ଗଲ ପୋଡ଼ି, ପ୍ଲାଷ୍ଟିକର ବହୁଳ ବ୍ୟବହାର, ଏ.ସି. ପରି ଇଲେକ୍ଟ୍ରୋନିକ୍ସ ଜିନିଷଗୁଡ଼ିକର ବହୁଳ ବ୍ୟବହାର, ରାସ୍ତାଘାଟରେ ବହୁମାତ୍ରାରେ ମୋଟରଯାନ ଚଳାଚଳ ପାଇଁ କୌଣସି ପ୍ରତିବନ୍ଧକ ନାହିଁ। ନିୟମମାନ କାଗଜକଲମରେ ସୀମିତ। ପ୍ରାକୃତିକ ସମ୍ପଦ ଲୁଟା ଯାଉଛି। ବୃକ୍ଷଲତାବିହୀନ ଜଙ୍ଗଲ, ଖଣିଜ ସମ୍ପଦବିହୀନ ବସୁଧା, ପାନୀୟ ଜଳାଭାବଜନିତ ଶୁଖିଲା ନଦୀନାଳ। କଂକ୍ରିଟ୍ ବା ପିଚୁ ରାସ୍ତା ଓ ବହୁତଳ ପ୍ରାସାଦଗୁଡ଼ିକରୁ ତାପ ବିକିରଣ ହେବା ଦ୍ୱାରା ଅସହ୍ୟ ଗୁଳୁଗୁଳିର ପ୍ରଭାବ। ଅସ୍ତବ୍ୟସ୍ତ ଜନଜୀବନ, ତାପଜନିତ ରୋଗବୃଦ୍ଧି। ତାପମାତ୍ରାବୃଦ୍ଧି ହେତୁକ ପାର୍ଶ୍ୱପ୍ରତିକ୍ରିୟା ଜୀବଜଗତ ସହିତ ସମଗ୍ର ପୃଥିବୀର ଭୌଗୋଳିକ ସ୍ଥିତିକୁ ବିପନ୍ନ କରିଦେବାର ଆଶଙ୍କା ଦେଖାଦେଇଛି।

ରାଜରାସ୍ତା ସଂପ୍ରସାରଣ ପାଇଁ ବଡ଼ ବଡ଼ ଗଛମାନ କଟାଯାଉଛି। କଟାହେବା ଆଗରୁ କିନ୍ତୁ ସେତିକି ସଂଖ୍ୟକ ଗଛ ଲଗାଯିବାକୁ ପ୍ରାଧାନ୍ୟ ଦିଆଯାଉନି। ଏକର ଏକର ବ୍ୟାପି ଜଙ୍ଗଲପୋଡ଼ି ମାନବକୃତ ମନେହେଲେ ମଧ୍ୟ ବିଭାଗ ନୀରବଦ୍ରଷ୍ଟା। କେତେ ବନ୍ୟଜନ୍ତୁ ପୋଡ଼ିଯାଉଛନ୍ତି ହିସାବ ନାହିଁ। ଫଳରେ ପରିବେଶ ଅସନ୍ତୁଳିତ। ଯାନବାହନର ଅହେତୁକ ବୃଦ୍ଧି ଚିନ୍ତା ଉଦ୍ରେକକାରୀ। ମଇଳା ଆବର୍ଜନାତକ ନଦୀ, ସମୁଦ୍ରରେ ମିଶି ଜଳଜୀବଙ୍କ ସହିତ ମାନବ ଜୀବନ ପ୍ରତି ବିପଦ ସୃଷ୍ଟି କରିଚାଲିଛି। ବର୍ଜ୍ୟବସ୍ତୁରୁ ପୁନଃ ବ୍ୟବହାରକ୍ଷମ



ଜିନିଷ ବନେଇବା କିମ୍ବା ତା'ର ସଦୁପଯୋଗ କରାଯିବା ବର୍ତ୍ତମାନ ଯୁଗର ପ୍ରମୁଖ ଆହ୍ୱାନ।

ଆଖିପିଛୁଳାକେ କିଛି ମାସ ଭିତରେ ବହୁତଳ ପ୍ରାସାଦମାନ ଛିଡ଼ା ହୋଇଛି ଜଙ୍ଗଲ ସ୍ଥାନରେ। ସଙ୍କୁଚିତ ହୋଇଚାଲିଛି ସବୁଜିମା। ଲଘୁଚାପଜନିତ ବର୍ଷା ବାଦ୍ ଆଉ ମୌସୁମୀ ବର୍ଷା ନାହିଁ। ଖରାଦିନେ ଗ୍ଲାସିୟର୍ ତରଳିବାକୁ ଲାଗିଛି। ତାପମାତ୍ରା ବୃଦ୍ଧି ଖାଲି ଆମ ଦେଶର ସମସ୍ୟା ନୁହେଁ, ବିଶ୍ୱସ୍ତରୀୟ ସମସ୍ୟା ପାଲଟିଛି। ଓଜୋନ ସ୍ତରରେ ହ୍ରାସ, ଅବିରତ ଇଟାଭାଟିଗୁଡ଼ିକରୁ ନିର୍ଗତ ନିଆଁ ଧୂଆଁ, ରାସାୟନିକ ପଦାର୍ଥ ବ୍ୟବହାର ପରିବେଶକୁ କ୍ଷତିଗ୍ରସ୍ତ କରିବା ସହିତ ପ୍ରତ୍ୟକ୍ଷ ବା ପରୋକ୍ଷରେ ଋତୁଚକ୍ରକୁ ପ୍ରଭାବିତ କରୁଛି। ବର୍ଷା ଦିନେ ବନ୍ୟା, ଖରାଦିନେ ମରୁଡ଼ି, ଶୀତଦିନେ ବାତ୍ୟା, ମହାବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ସମଗ୍ର ଜୀବଜଗତ ପାଇଁ ସତର୍କ ଘଣ୍ଟି। କୃଷି ସହିତ ସାଧାରଣ ଜୀବନ ବି ଅସ୍ତବ୍ୟସ୍ତ।

ଜଳାଭାବ ସଙ୍କଟର ନିରାକରଣ ନିମନ୍ତେ ରାଜ୍ୟଗୁଡ଼ିକ ଉପରମୁଣ୍ଡରେ ବନ୍ଧ ବନେଇ ନଦୀଜଳକୁ ଅଟକାଇ ସାରିଲେଣି। ରାସ୍ତାକଡ଼ର ସରକାରୀ ନଳକୂପରୁ ପାଣି ଅହର୍ନିଶ ନିର୍ଗତ ହେଉଛି, ସେଥିପାଇଁ ବିହିତ ବ୍ୟବସ୍ଥା ନାହିଁ। ଜଳହାନି ଆମ ଜନବହୁଳ ଦେଶକୁ କ୍ରମଶଃ ମରୁଭୂମିରେ ପରିଣତ କରିପାରେ। କାରଣ ଜଳସ୍ତର ଦ୍ରୁତ ଗତିରେ ହ୍ରାସ ପାଉଛି ବୋଲି ଗବେଷକମାନେ ସୂଚନା ଦେଇସାରିଲେଣି। ପରିଣାମସ୍ୱରୂପ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ପାନୀୟଜଳର ଅଭାବ ପଡ଼ିପାରେ।

ଏସବୁର ସ୍ଥାୟୀ ନିରାକରଣ ଖୁବ୍ ଶୀଘ୍ର କରା ନ ଗଲେ ତୀବ୍ର ଜଳସଙ୍କଟରେ ଘାରିହେବ ଦେଶ ଓ ବିଶ୍ୱ। ଅଟଳବିହାରୀ ବାଜପେୟୀ ନଦୀ ସଂଯୋଗୀକରଣକୁ ନେଇ ସ୍ୱପ୍ନ ଦେଖିଥିଲେ। ଯାହା ବିଶାଳ ଜନସଂଖ୍ୟାବିଶିଷ୍ଟ ଦେଶର ଜରୁରୀ ଆବଶ୍ୟକତା ଭିତରୁ ସର୍ବାଗ୍ରେ ରହିବ। ବର୍ତ୍ତମାନ ତା'ର ସଫଳ ରୂପାୟନ ହେବାର ଆବଶ୍ୟକତା ରହିଛି। ତା' ସହିତ ନଦୀଗୁଡ଼ିକର ପୁନରୁଦ୍ଧାର, ହୀରାକୁଦ ଡ୍ୟାମ୍ ପରି ବିଶାଳ ଜଳାଶୟଗୁଡ଼ିକର ପଙ୍କୋଦ୍ଧାର କାର୍ଯ୍ୟକ୍ରମ କରାଯାଇ ତା'ର କ୍ଷମତାକୁ ବୃଦ୍ଧି କରାଯିବା ଦିଗରେ ପଦକ୍ଷେପ ନିଆଯିବା ଉଚିତ। ଜଳ ସଂରକ୍ଷଣ ସହିତ ଜଳର ଦୁରୁପଯୋଗ ରୋକିବା, ବୃକ୍ଷରୋପଣ ସହିତ ଜଙ୍ଗଲପୋଡ଼ି ନିରାକରଣ ଉପରେ ଯତ୍ନଶୀଳ ହେବା ବର୍ତ୍ତମାନର ପ୍ରମୁଖ ଆବଶ୍ୟକତା। ସେଥିପାଇଁ କିଛି ପଦକ୍ଷେପ ନେବା ନିହାତି ଜରୁରୀ। ଜଳାଶୟଗୁଡ଼ିକର କ୍ଷମତା ବୃଦ୍ଧି କରିବାକୁ କିଛି ନୂତନ ଯୋଜନା ପ୍ରସ୍ତୁତ କରାଯିବାର ଆବଶ୍ୟକତା ରହିଛି। ସୌରଶକ୍ତି ଜରିଆରେ ଯେପରି ରୋଷେଇ ସହିତ ବିଜୁଳି ସଂଗ୍ରହ କରିବା ସମ୍ଭବପର ହୋଇପାରୁଛି, ସେହିପରି ଜଳ ସଂରକ୍ଷଣ କରିବା ପାଇଁ ବ୍ୟବସ୍ଥା କରାଯାଇପାରେ। ଭବିଷ୍ୟତରେ ପ୍ରାକୃତିକ ବିପର୍ଯ୍ୟୟହେତୁକ ବିଭିନ୍ନ ସମସ୍ୟାକୁ ଏଡ଼େଇବାକୁ ହେଲେ ପ୍ରକୃତିକୁ ଭଲପାଇ ତା'ର ପୁନର୍ଗଠନ କରିବାକୁ ପଡ଼ିବ। ସୁସ୍ଥ ପରିବେଶ-ସୃଷ୍ଟି ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ।

ମୋ-୯୪୩୭୩୧୭୦୨୬

## ଏଇ ଭାରତରେ

ଗୁଜରାଟ ଭଦୋଦରାର ଶିକ୍ଷୟିତ୍ରୀ ଜୁନିନ୍ ଦତ୍ତ ତାଙ୍କ ଚାକିରି ସମୟରେ ସେଥିରୁ ସମୟ ବାହାରକରି ସମାଜସେବା କରୁଥିଲେ। ଥରେ ସେ ଡ୍ୟୁଟିରୁ ଫେରିବା ବେଳେ ଏକ ଛକରେ ପିଲାଟିଏ ଭିକ ମାଗୁଥିବା ଦେଖିବା ପରେ ସେଭଳି ପିଲାଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ସେ କେତେଜଣ ଅସହାୟ ପିଲାଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ପରେ ସେ ୨୦୧୪ରେ ଚାକିରି ଛାଡ଼ି ପାଠଶାଳା ସଂସ୍ଥା ଗଢ଼ି ରାସ୍ତାକଡ଼ରେ ଯାଯାବର ଜୀବନ ବିତାଉଥିବା ଲୋକଙ୍କ ପିଲାଙ୍କୁ ମାଗଣାରେ ପଢ଼ାଉଛନ୍ତି। ଏହା ବ୍ୟତୀତ ଅସହାୟ ପିଲାମାନଙ୍କୁ ସେ ସବୁ ପ୍ରକାର ସହଯୋଗ ମଧ୍ୟ କରୁଛନ୍ତି। ଏହି ଅଭିଯାନ ମାତ୍ର ୨୦୦୦ ଟଙ୍କାରୁ ଆରମ୍ଭ କରିଥିଲେ। ପାଠଶାଳାରେ ପିଲାମାନେ ପ୍ରଥମରୁ ଦଶମ ଶ୍ରେଣୀ ଯାଏ ପଢୁଛନ୍ତି। ଏବେ ପାଠଶାଳା ହଷ୍ଟେଲରେ ୯୭ ପିଲା ରହିଛନ୍ତି। ସେଠାରେ ସ୍ୱତନ୍ତ୍ର ମଡେଲରେ ପଢ଼ାଯାଉଛି। ପୁସ୍ତକ ଶିକ୍ଷା ସହ ବ୍ୟବହାରିକ ଜ୍ଞାନ ବିକାଶ ପାଇଁ ପାଠଶାଳାରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୧ ମେ ୧୯୭୫

- ଲୋକସଭା ଓ ରାଜ୍ୟସଭାରୁ ୨୨ ଜଣ ସଭ୍ୟଙ୍କୁ ପବ୍ଲିକ୍ ଆକାଉଣ୍ଟ କମିଟିର ସଭ୍ୟ ରୂପେ ନିର୍ବାଚିତ କରାଯାଇଛି।
- ଦକ୍ଷିଣ ଦିଲ୍ଲୀସ୍ଥିତ ମାୟାପୁରୀ ଶିଳ୍ପାଞ୍ଚଳରେ ଏକ ମହମ ତିଆରି କାରଖାନାରେ ଶୋଚନୀୟ ଅଗ୍ନିକାଣ୍ଡ ଘଟି ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ପୋଡ଼ିଯାଇଛି।
- ବର୍ମାର ଇରାବତୀ ତ୍ରିକୋଣଭୂମି ଅଞ୍ଚଳରେ ଘଣ୍ଟାକୁ ୧୪୪ କିଲୋମିଟରରୁ ଅଧିକ ବେଗରେ ଝଡ଼ତୋଫାନ ହେବା ଫଳରେ ଦୁଇଟି ଗ୍ରାମ ସମ୍ପୂର୍ଣ୍ଣ ବିଧ୍ୱସ୍ତ ଓ ୪ଟି ସହର କ୍ଷତିଗ୍ରସ୍ତ ହୋଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ବେଆଇନ ଭାବେ ଅନାବାଦୀ ଓ ସରକାରୀ ଜାଗା କବ୍‌ଜା

ମହାଶୟ,

ଓଡ଼ିଶାର କନ୍ଧମାଳ ଜିଲାର ବାଲିଗୁଡ଼ା ସବ୍‌ଡିଭିଜନ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ରାଜ୍ୟର ବଡ଼ ସବ୍‌ଡିଭିଜନ। ତେବେ ଆଶ୍ଚର୍ଯ୍ୟର କଥା ସରକାରଙ୍କ ଏହି ସବଡିଭିଜନ ଆଶାନୁରୂପ ରାଜସ୍ୱ ଦେଇପାରି ନଥାଏ। ଏହାର ହେଡ୍‌କ୍ୱାର୍ଟର୍ସ ହେଉଛି ବାଲିଗୁଡ଼ା ସହର। ଭଗାମୁଣ୍ଡା ସାହିର ବେଆଇନ ଅନାବାଦୀ ଜାଗା ଓ ସରକାରୀ ଜାଗା ଜବରଦଖଲ ହୋଇଛି। ସ୍ଥାନୀୟ ଜମି ମାଫିଆମାନେ ବାହାର ଅଞ୍ଚଳର ଲୋକଙ୍କୁ ବିକ୍ରି କରିଦେଉଛନ୍ତି। ତେବେ ଏହାର ଖୁବ୍ ନିକଟରେ ପାହାଡ଼ ଓ ବଡ଼ ବଡ଼ ଗଛ ଘେରା ଅଞ୍ଚଳ ରହିଥିବାରୁ ଏହା ଜଙ୍ଗଲ କିସମର କି ନୁହଁ ତାହା ମଧ୍ୟ ସ୍ଥାନୀୟ ରାଜସ୍ୱ ଅଧିକାରୀ ସମ୍ଭବତଃ ଜାଣି ନାହାନ୍ତି। ଏହି ଜାଗା ଖର୍ଦ୍ଦି ହେବାପରେ ବେଆଇନ ଭାବେ ବିଭିନ୍ନ ଛୋଟ ବଡ଼ ଶିଳ୍ପାନୁଷ୍ଠାନ, ଶିକ୍ଷାନୁଷ୍ଠାନ ଓ ବଡ଼ ବଡ଼ ଘର ନିର୍ମାଣ ହୋଇ ଭଡ଼ା ସୂତ୍ରରେ ଲଗାଯାଉଛି। ଅନାବାଦୀ ଜାଗା ଓ ସରକାରୀ ଜାଗା ହୋଇଥିବାରୁ ସରକାର ରାସ୍ତା କରିନଥିଲେ ମଧ୍ୟ ନିଜସ୍ୱ ବ୍ୟବସ୍ଥା ମାଧ୍ୟମରେ ଜମି ହଡ଼ପକାରୀମାନେ ଅସ୍ଥାୟୀ ରାସ୍ତା କରିଛନ୍ତି। ବହୁ ସରକାରୀ କର୍ମଚାରୀ ଓ ପ୍ରବାସୀମାନେ ମଧ୍ୟ ଜମି ହାତେଇ ବିଭିନ୍ନ ଫାର୍ମ ତିଆରି କରିଛନ୍ତି। କନ୍ଧମାଳ ଏକ ସ୍ପର୍ଶକାତର ଅଞ୍ଚଳ ହୋଇଥିବାରୁ କେଉଁମାନେ ଜାଗା କିଣୁଛନ୍ତି ଓ ବେଆଇନ ଭାବେ ରହୁଛନ୍ତି, ସେ ତଥ୍ୟ ପୋଲିସ ସଂଗ୍ରହ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ।

-ଦେବୀ ପ୍ରସାଦ ମହାରଣା, ବସଷ୍ଟାଣ୍ଡ ଛକ, ବାଲିଗୁଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଶୀତଳ ନିଶା ବିରହ ଖେଦ
ପାରଇ ନାହିଁ ସହି ତ
ବିକଳି ତାର ଦୟିନି ଶୁଣ
ନିଖିଳ ଜନ ଦୟିତ !

-(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ସଂକ୍ଷେପରେ**

## ରଥ ନିର୍ମାଣ ପାଇଁ କାଠ ଅନୁକୂଳ

ବାଲିଅନ୍ତା,୧୦।୫(ନୀଳମାଧବ ସାହୁ): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବାଲିଅନ୍ତା ବ୍ଲକର କାକରୁଦ୍ରପୁର ଗ୍ରାମର ପ୍ରସିଦ୍ଧ ଠାକୁର ଶ୍ରୀପତିତପାବନ ଦେବଙ୍କ ରଥ ନିର୍ମାଣ ପାଇଁ କାଠ ଅନୁକୂଳ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ସମ୍ମୁଖସ୍ଥ ରଥଖଳାରେ ଏହି ରଥକାଠର ଶୁଭ ଅନୁକୂଳ ପାଇଁ ବିଧି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପତିତପାବନ ଦେବଙ୍କ ଆଜ୍ଞାମାଳ ଆସିବା ପରେ ରଥ କାଠ ଅନୁକୂଳ ହୋଇଥିଲା। ଉତ୍ସବରେ ମନ୍ଦିର ଟ୍ରଷ୍ଟିର ନିରଞ୍ଜନ ମଙ୍ଗରାଜ, ପ୍ରଫୁଲ୍ଲ ସାହୁ ଶରତ ସାହୁ, ମାଗୁଣି ପ୍ରଧାନ ଓ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିରର ପୂଜକ ନୀଲୁ ପଣ୍ଡା ସମସ୍ତ ପୂଜାନୀତି ସମ୍ପାଦନା କରିଥିଲେ।

## ଜୋନସ୍ତରୀୟ କର୍ମୀ ସମ୍ମିଳନୀ

ବାଲିପାଟଣା,୧୦।୫(ଅଭିମନ୍ୟୁ ନାୟକ): ବାଲିପାଟଣା ବ୍ଲକ ଅଧୀନ ବନମାଳୀପୁର ଖେଳ ପଡ଼ିଆଠାରେ ୨୦ ଏବଂ ୨୧ ନଂ. ଜିଲା ପରିଷଦ ଜୋନ୍ ବିଜେଡି କର୍ମୀ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜୟଦେବ ବିଜେଡିର ଆବାହକ କମଳ ପାତ୍ରଙ୍କ ନେତୃତ୍ୱରେ ବିଧାୟକ ପ୍ରାର୍ଥୀ ନବ କିଶୋର ମଲ୍ଲିକଙ୍କ ସମେତ ଶତାଧିକ ବିଜେଡି କର୍ମୀ ବାଇକ୍ ରାଲି କରିଥିଲେ। ପରେ ବ୍ଲକ ବିଜେଡି ସଭାପତି କିଶୋର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଭୁବନେଶ୍ୱର ବିଜେଡି ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଯୋଡି ଶଙ୍ଖରେ ମୋହର ଦେଇ ବିଜେଡିକୁ ଜୟଯୁକ୍ତ କରିବାକୁ ଅନୁରୋଧ କରିଥିଲେ। ବିଧାୟକ ପ୍ରାର୍ଥୀ ନବକିଶୋର କହିଲେ, ସେ ଜୟଦେବର ସେବକ ଭାବରେ ସେବା କରିବେ, ତାଙ୍କୁ ସୁଯୋଗ ଦିଆଯାଉ। ପୂର୍ବତନ ବ୍ଲକ ବିଜେଡି ସଭାପତି ପ୍ରତାପ କିଶୋର ନାୟକ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ତ୍ରିବିକ୍ରମ ଦାସ, ନାରୀନେତ୍ରୀ ପଦ୍ମିନୀ ଦାସ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ଇସ୍ତାହାର ଉପରେ ଆଲୋକପାତ କରିଥିଲେ।

# ଶ୍ରୀଲିଙ୍ଗରାଜଙ୍କ ଚନ୍ଦନଯାତ୍ରା ଆରମ୍ଭ

ପୁରୁଣା ଭୁବନେଶ୍ୱର,୧୦।୫ (ସୁବାସ ଚନ୍ଦ୍ର ପ୍ରଧାନ)



ଅକ୍ଷୟ ତୃତୀୟା ଅବସରରେ ଶୁକ୍ରବାରଠାରୁ ପ୍ରଭୁ ଶ୍ରୀଲିଙ୍ଗରାଜ ୨୨ ଦିନିଆ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ଦୈନିକ ନୀତି ଭୋଗ ମଣ୍ଡପ ସରିବା ପରେ ପୁନଶ୍ଚ ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ମହାସ୍ନାନ ଲାଦି କରାଯାଇଥିଲା। ପରେ ଶ୍ରୀଜୀଉଙ୍କୁ ଭିତର ଚନ୍ଦନ ବେଢା କରାଯାଇଥିଲା। ପରେ ପାଳିଆ ବଡୁ ଏବଂ ପୂଜାପଣ୍ଡା ସେବାୟତ ଠାକୁରଙ୍କୁ ପଙ୍ଖା ଲାଗି କରିଥିଲେ। ଏହାପରେ ଚନ୍ଦନ ବେଢା ହୋଇଥିଲା। ଉକ୍ତ ଚନ୍ଦନକୁ ଶ୍ରୀଜୀଉଙ୍କ ଉପରେ ସିଞ୍ଚନ କରାଯାଇଥିଲା। ଏହାପରେ ପ୍ରଭୁଙ୍କ ବେଶ ସରି ଯାତ୍ରାପୂଜା ଭୋଗ ହୋଇଥିଲା। ପରେ ମହାସୁଆର ସେବାୟତ ଦକ୍ଷିଣ ଘରୁ ଶ୍ରୀଲିଙ୍ଗରାଜଙ୍କ ମା' ପାର୍ବତୀ, ଅନନ୍ତ ବାସୁଦେବଙ୍କୁ ଧରି ଆଡ଼କାଠ ନିକଟକୁ ଆସିଥିଲେ। ସେଠାରେ ପୂଜାପଣ୍ଡା ସେବାୟତ ଆଜ୍ଞା ପ୍ରସାଦ ଦେଇ ଶ୍ରୀଜୀଉଙ୍କୁ ବିମାନ ଓ ପାଲିଙ୍କିରେ ବସାଇଥିଲେ। ଦ୍ୱିପ୍ରହର ଧୂପ ହୋଇ ଶୟନ ଆଳତି ହେବା ସହ ପହୁଡ଼ ପଡ଼ିଥିଲା। ଅପରାହ୍ନରେ ଶ୍ରୀଜୀଉମାନେ ଏକ ଶୋଭାଯାତ୍ରାରେ ଯାଇ ବିନ୍ଦୁସାଗର ବ୍ରହ୍ମା ଘାଟରେ ପହଞ୍ଚିଥିଲା। ସେଠାରେ ପୂର୍ବରୁ ପ୍ରସ୍ତୁତ ଡଙ୍ଗାରେ ଶ୍ରୀଜୀଉ ବସିଥିଲେ। ଚାପ ଡଙ୍ଗାରେ ଠାକୁର ଠାକୁରାଣୀ, ମଠ ଘାଟ ଓ ଆଖଡ଼ା ଚଣ୍ଡିଙ୍କ ନିକଟରେ ପୂଜା କରାଯାଇ ଆଳତୀ ହୋଇଥିଲା। ଏଠାରୁ ଚାପ ଖେଳି ଶ୍ରୀଜୀଉ ଜଗତିକୁ ଯାଇଥିଲେ। ପୁନଶ୍ଚ ଶ୍ରୀଜୀଉ ଜଗତିରୁ ଚାପ ଖେଳି ବିଶ୍ରାମ ଘାଟକୁ ଯାଇଥିଲେ। ସେଠାରୁ ମନ୍ଦିରକୁ ଯାତ୍ରା କରିବା ସମୟରେ ପୂଜାପଣ୍ଡା ନିଯୋଗରୁ ଭୋଗ ଖାଇଥିଲେ।

## ଅଖିମୁଠି ଅନୁକୂଳ କଲେ ମନ୍ତ୍ରୀ ଅଶୋକ ପଣ୍ଡା



ପୁରୁଣା ଭୁବନେଶ୍ୱର,୧୦।୫ (ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟ ଶୁକ୍ରବାର ଅଖିମୁଠି ଅନୁକୂଳ କରିଛନ୍ତି। ଦୟା ବ୍ରିଜଠାରୁ ଟିକରପଡା ଗ୍ରାମପଞ୍ଚାୟତର କଲ୍ୟାଣପୁର ଅଭିମୁଖେ ଏକ ବିରାଟ ଶୋଭାଯାତ୍ରାରେ ବାହାରିଥିଲେ। ବାଟରେ ଯିବାବେଳେ ନାଥପୁର, ନୂଆଗାଁ, ଇଟିପୁର, ଟିକରପାଡା ଗ୍ରାମପଞ୍ଚାୟତର ଜନସାଧାରଣ ଭବ୍ୟ ସାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କଲ୍ୟାଣପୁର ପହଞ୍ଚିବାବେଳେ ଘଣ୍ଟ, ଘୋଡ଼ା ନାଚ, ଲଉଡ଼ି ଖେଳ, ଶଙ୍ଖ, ବାଜା ବଜାଇ ମନ୍ତ୍ରୀ ପଣ୍ଡାଙ୍କୁ ସାଗତ କରାଯାଇଥିଲା। ପରେ ସୁସଜ୍ଜିତ ବଳଦ ଓ ଅଖିମୁଠିକୁ ବ୍ରାହ୍ମଣ ପୂଜାର୍ଚ୍ଚନା କରିବା ପରେ ଅଖିମୁଠି ଅନୁକୂଳ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ସୁବାସ ସୁନ୍ଦରାୟ, ସରପଞ୍ଚ ଅନିତା ସୁବୁଦ୍ଧି, କ୍ଷୀରୋଦ ପ୍ରଧାନ, ରଶ୍ମିରଞ୍ଜନ ଶ୍ରୀଚନ୍ଦନ, ବିକ୍ରମ ସେଠୀ, ଚନ୍ଦନ ମଲ୍ଲିକ, ସମିତି ସଭ୍ୟ ପ୍ରକାଶ ସାହୁ, ସରସତୀ ସେଠୀ, ପୂର୍ବତନ ସରପଞ୍ଚ ହେମନ୍ତ ପ୍ରଧାନ, ଗୋଲାପ ନାୟକ, କୃତାର୍ଥ ପ୍ରଧାନ, ଭଗବାନ ସାହୁ, ହରେକୃଷ୍ଣ ସାହୁ, ରଞ୍ଜିତ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

## ଡବ୍ଲ୍ୟୁଏସ୍‌ସି ସ୍କୁଲ ଅଫ୍ ଇଞ୍ଜିନିୟରିଂ ବିଭାଗର ସମାବର୍ତ୍ତନ ଉତ୍ସବ



ଡବ୍ଲ୍ୟୁଏସ୍‌ସିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିତା ପଣ୍ଡା ଓ ଅନ୍ୟ ଅତିଥିଙ୍କ ଗହଣରେ ସାର୍ଟିଫିକେଟ ପାଇଥିବା ୨୦୨୩-୨୪ ବ୍ୟାଚ୍‌ର ଛାତ୍ରୀଛାତ୍ର।

ଭୁବନେଶ୍ୱର, ୧୦।୫(ଅସମାପିକା ସାହୁ)

ବିଶ୍ୱ ଦକ୍ଷତା କେନ୍ଦ୍ର(ଡବ୍ଲ୍ୟୁଏସ୍‌ସି)ର ସ୍କୁଲ ଅଫ୍ ଇଞ୍ଜିନିୟରିଂ ବିଭାଗର ତୃତୀୟ ସମାବର୍ତ୍ତନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ୨୦୨୩-୨୪ ବ୍ୟାଚ୍‌ରେ ତାଲିମ ପାଠ୍ୟକ୍ରମ ଶେଷ କରିଥିବା ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସ୍କୁଲ ଅଫ୍ ଇଞ୍ଜିନିୟରିଂ ବିଭାଗ ଅଧୀନରେ ବର୍ତ୍ତମାନ ମୋଟ ୫ଟି ଅତ୍ୟାଧୁନିକ ବିଷୟରେ ଛାତ୍ରୀଛାତ୍ରଙ୍କୁ ତାଲିମ ଦିଆଯାଉଛି। ଏହି ତୃତୀୟ ସମାବର୍ତ୍ତନ ଉତ୍ସବ ଅବସରରେ ପ୍ରତ୍ୟେକ ବିଷୟରୁ ପ୍ରଥମ ତିନୋଟି ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପ୍ରଦାନ କରାଯାଇଥିଲା। ମୋଟ ୧୨ଜଣ ଛାତ୍ରୀଛାତ୍ରଙ୍କୁ ପଦକ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିତା ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦାୟୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ସମାବର୍ତ୍ତନ ଉତ୍ସବରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଅଧ୍ୟକ୍ଷ ଟି ଥମ୍ବିରାଜା ସ୍ୱାଗତ ଭାଷଣ ଦେଇଥିବାବେଳେ ଉପାଧ୍ୟକ୍ଷ ଡ. ଶୁଭଙ୍ଗ କିଶୋର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ସ୍କୁଲ ଅଫ୍ ଇଞ୍ଜିନିୟରିଂ ବିଭାଗର ନିର୍ଦ୍ଦେଶକ ପିଟାଇନ୍ ଆନ୍ଥୋନିସାମି, ସ୍କୁଲ ଅଫ୍ ସର୍ଭିସେସ୍‌ର ନିର୍ଦ୍ଦେଶକ ଲିମ୍ ଲାଇ ସୁନ୍ ପ୍ରମୁଖ ଯୋଗଦେଇଥିଲେ।

## ବିଜେଡିରେ ଯୋଗଦେଲେ ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀର ଶତାଧିକ ଭାଜପା କର୍ମୀ

ଭୁବନେଶ୍ୱର, ୧୦।୫(ସୁନିତ୍ ମିଶ୍ର): ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ. ୪୧ ଓ ୩୮ର ୪ଶହରୁ ଊର୍ଦ୍ଧ୍ୱ ଭାଜପା କାର୍ଯ୍ୟକର୍ତ୍ତା ଶୁକ୍ରବାର ବିଜେଡିରେ ଯୋଗଦେଇଛନ୍ତି। ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା, କର୍ପୋରେଟର କବିତା ସ୍ୱାଇଁ ଓ ପଦ୍ମଜା ପ୍ରିୟଦର୍ଶିନୀ ଜେନା, ବିଜେଡି ଭୁବନେଶ୍ୱର ସାଙ୍ଗଠନିକ ଜିଲା ସାଧାରଣ ସମ୍ପାଦକ ସମରେନ୍ଦ୍ର ଜେନାଙ୍କ ଉପସ୍ଥିତିରେ ସେମାନଙ୍କୁ ବିଧିବଦ୍ଧ ଭାବେ ଦଳରେ ସାମିଲ କରାଯାଇଥିଲା। କେଦାରପଲ୍ଲୀର ଉଷା ନାୟକ, ସସ୍ମିତା ନାୟକ, ବୋଇତ, ନୟନା, ମାନି, ଜୟନ୍ତୀ, ନୟାପଲ୍ଲୀ ଗଡ଼ସାହିର ଅନ୍ନପୂର୍ଣ୍ଣା ଜେନା ଓ ରୀନା ଜେନା ଏବଂ ନାୟକସାହିର କାର୍ତ୍ତିକ ନାୟକଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ବିଜେଡିରେ ମିଶିଥିଲେ। ଉତ୍ତରୀୟ ଦେଇ ଅନନ୍ତ ନାରାୟଣ ଜେନା ସେମାନଙ୍କୁ ସ୍ୱାଗତ କରିଥିଲେ।

## ଇଞ୍ଜଣାରେ ଲଙ୍ଗଳ ଧରିଲେ ମନ୍ମଥ, ସୁଶାନ୍ତ



ବାରଙ୍ଗ,୧୦।୫(ଲିଙ୍ଗରାଜ ରାଉତ)

ରାଜଧାନୀ ଉପକଣ୍ଠ ଇଞ୍ଜଣା ଗ୍ରାମରେ ବିଜେଡିର ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ପକ୍ଷରୁ ଜାକଜମକରେ ଅକ୍ଷୟତୃତୀୟା ପାଳିତ ହୋଇଯାଇଛି। ପବିତ୍ର ଅକ୍ଷୟତୃତୀୟ ଅବସରରେ ଶୁକ୍ରବାର ଉତ୍ତର ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ରାଉତ ଓ ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟ ଆଖିମୁଠି ଅନୁକୂଳ କରିଛନ୍ତି। ସ୍ୱତନ୍ତ୍ର ରୀତିନୀତିରେ ପୂଜାର୍ଚ୍ଚନା ସହିତ ଜମିରେ ବିହନ ପକାଇ ଚାଷୀର ଚାଷ କାମ ଆରମ୍ଭ କରିବା ସହ ଆଖିମୁଠି ଶୁଭାରମ୍ଭ କରିଥିଲେ। ସୁଶାନ୍ତ କ୍ଷେତରେ ଧାନ ବୁଣି ହଳ କରିଥିଲେ। ଚାଷୀଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଆବଶ୍ୟକତା ମୁତାବକ ଠିକ୍ ସମୟରେ ସାର ଓ ବିହନ ପାଉଛନ୍ତି କି ନାହିଁ ଏବଂ ଆଗାମୀ ଦିନରେ କିପରି କୃଷି ଯନ୍ତ୍ରାଂଶ ସହିତ ସାର ବିହନ ମିଳିପାରିବ ସେଥିପାଇଁ ଗୁରୁତ୍ୱ ଦେବେ ବୋଲି କହିଥିଲେ। ଏହି ଅବସରରେ ବିଜେଡି କର୍ମୀଙ୍କ ସହ ଇଞ୍ଜଣାବାସୀ ବିଧାୟକଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇ ଗାଁରୁ ପାଛୋଟି ଆଣିଥିଲେ। ଇଞ୍ଜଣା ଗ୍ରାମ୍ୟ କମିଟି ସଭାପତି ପ୍ରଦୀପ ଦାସ କାର୍ଯ୍ୟକ୍ରମ ତତ୍ତ୍ୱାବଧାନ କରିଥିଲେ। କୃଷକ ନେତା ଭଗବାନ ଜେନା, ଗାନ୍ଧୀବାଦୀ ନେତା ପ୍ରତାପ ଚନ୍ଦ୍ର ରାଉତଙ୍କ ସମେତ ଲୋକପ୍ରତିନିଧି, ଯୁବକ, ମହିଳାଙ୍କ ସହ ୫ ପଞ୍ଚାୟତର ହଜାରରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଯୋଗଦେଇଥିଲେ।

## ଜୟଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ




ଭୁବନେଶ୍ୱର,୧୦।୫(ଶର୍ମିଷ୍ଠା ପାଣିଗ୍ରାହୀ)

ଅକ୍ଷୟ ତୃତୀୟା ଅବସରରେ ଶୁକ୍ରବାର କବି ଜୟଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ସୂଚନା ଭବନରେ ପାଳିତ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଜୟଦେବ ଫାଉଣ୍ଡେଶନ ଟ୍ରଷ୍ଟ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ଡ. ଅଜିତ କୁମାର ତ୍ରିପାଠୀ, ବିଶିଷ୍ଟ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଓ ମୁଖ୍ୟବକ୍ତା ଭାବେ ବରିଷ୍ଠ ଗବେଷକ ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଯୋଗଦେଇଥିଲେ। ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଡ. ତ୍ରିପାଠୀ ଜୟଦେବଙ୍କ ଜନ୍ମପୀଠ ଓ ତାଙ୍କ ରଚିତ କାବ୍ୟ ଗୀତ ଗୋବିନ୍ଦ ଉପରେ ଆଲୋକପାତ କରିଥିଲେ। ଏଥିସହ ସଂସ୍କୃତି ବିଭାଗ ପକ୍ଷରୁ ଜୟଦେବ ଓ ତାଙ୍କର କୃତିକୁ ନେଇ ଏକ ଅନ୍ତର୍ଜାତୀୟ ଆଲୋଚନାଚକ୍ରର ଆୟୋଜନ କରିବା ପାଇଁ ପରାମର୍ଶ ଦେଇଥିଲେ। ଯୁଗ୍ମନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ଅତିଥି ପରିଚୟ ସହିତ ବିଭାଗ ପକ୍ଷରୁ ଜୟଦେବ ଜୟନ୍ତୀ ପାଳନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ବିଭାଗୀୟ ଉପ ନିର୍ଦ୍ଦେଶିକା ଶୁଚିସ୍ମିତା ମନ୍ତ୍ରୀ ମଞ୍ଚ ସଞ୍ଚାଳନ ଓ ଉପ ନିର୍ଦ୍ଦେଶକ ଦେବାନନ୍ଦ ବରିହା ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ ହୋଇଥିଲା।

## ୱାର୍ଡ଼ ନଂ. ୪୭ରେ ଅନନ୍ତଙ୍କ ପରିବାର ସମ୍ପର୍କ ଅଭିଯାନ

ଭୁବନେଶ୍ୱର, ୧୦।୫ (ବନ୍ଦନା ସେଠୀ)

ଭୁବନେଶ୍ୱର ମଧ୍ୟ ବିଜେଡି ପକ୍ଷରୁ ୱାର୍ଡ ନଂ. ୪୭ ଅନ୍ତର୍ଗତ ୟୁନିଟ-୮ସ୍ଥିତ ଲକ୍ଷ୍ମୀପୂଜା ପଡ଼ିଆ ନିକଟରୁ ଘରେଘରେ ଶଙ୍ଖ ପରିବାର ସମ୍ପର୍କ ଅଭିଯାନ ଆରମ୍ଭ ହୋଇଥିଲା। ସ୍ଥାନୀୟ କର୍ପୋରେଟର ସମିତା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା ଯୋଗଦେଇ ୱାର୍ଡ ପରିକ୍ରମା କରି ଜନସାଧାରଣଙ୍କଠାରୁ ଆଶୀର୍ବାଦ ନେଇଥିଲେ। ଶହଶହ ସମର୍ଥକଙ୍କ ଗହଣରେ ପଦଯାତ୍ରା କରିବା ଅବସରରେ ୱାର୍ଡବାସୀ ଗୋପବନ୍ଧୁ ସ୍ମୃତି ସଂସଦ ନିକଟ ସମେତ ବିଭିନ୍ନ ସ୍ଥାନରେ ଅନନ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଚଳିତ ନିର୍ବାଚନରେ ନିଜର ମତଦାନ କରିବାକୁ ଲୋକଙ୍କୁ ଅନୁରୋଧ କରିବା ସହ ଶଙ୍ଖ ଚିହ୍ନରେ ଭୋଟ୍ ଦେଇ ଉଭୟ ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବାକୁ ସେ ନିବେଦନ କରିଥିଲେ। ଏଥିରେ ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀର ସମସ୍ତ କର୍ପୋରେଟର, ପୂର୍ବତନ କର୍ପୋରେଟର, ବରିଷ୍ଠ ନେତା, ଯୁବ ଛାତ୍ର ମହିଳା କାର୍ଯ୍ୟକର୍ତ୍ତା ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।



ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା ପ୍ରଚାର କରୁଛନ୍ତି।

## ଶ୍ରୀଜୟଦେବ କଲେଜରେ ଜୟଦେବ ଜୟନ୍ତୀ

ବାଲିଅନ୍ତା,୧୦।୫(ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ନହରକଣ୍ଟାସ୍ଥିତ ଶ୍ରୀଜୟଦେବ କଲେଜରେ ଶୁକ୍ରବାର ଗୀତଗୋବିନ୍ଦ କାବ୍ୟର ରଚୟିତା କବି ଶ୍ରୀଜୟଦେବଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ କଲେଜ ପରିସର ଥିବା କବିଙ୍କ ପ୍ରତିମୂର୍ତ୍ତି ସ୍ଥାନରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆୟୋଜିତ ହୋଇଥିଲା। କଲେଜ ଅଧ୍ୟକ୍ଷ ଡ. ସନ୍ତୋଷ ସେଠୀଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧାପକ ଓ କର୍ମଚାରୀ ଉପସ୍ଥିତ ରହି ଜୟଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।




ଅକ୍ଷୟ ତୃତୀୟାରେ ଶୁକ୍ରବାର ଇସ୍କନ ମନ୍ଦିରରେ ରଥଯାତ୍ରା ପାଇଁ ଶୁକ୍ରବାର ରଥକାଟ ଅନୁକୂଳ କରାଯାଉଛି।

## ଅକ୍ଷୟ ତୃତୀୟା ମହୋତ୍ସବରେ ୪ ସମ୍ମାନିତ

ଭୁବନେଶ୍ୱର,୧୦।୫(ଶର୍ମିଷ୍ଠା ପାଣିଗ୍ରାହୀ)



ଅତିଥିମାନେ ଡା. ଶୈଳେଶ୍ୱର ନନ୍ଦଙ୍କୁ 'ଶ୍ରୀଜଗନ୍ନାଥ ସମ୍ମାନ' ପ୍ରଦାନ କରୁଛନ୍ତି।

ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ ପକ୍ଷରୁ ଶୁକ୍ରବାର ଭାରତୀୟ ବିଦ୍ୟାଭବନଠାରେ ଅକ୍ଷୟ ତୃତୀୟା ମହୋତ୍ସବ ପାଳିତ ହୋଇଯାଇଛି। ଡା. ଅଶୋକ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଡ. ସୁବାସ ପାଣି, ମୁଖ୍ୟବକ୍ତା ଡ. ସୁରେନ୍ଦ୍ର ନାଥ ଦାଶ ଓ ସମ୍ମାନିତ ବକ୍ତା ଡ. ଅର୍ଚ୍ଚନା ନାୟକ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତିର ବୈଶିଷ୍ଟ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅକ୍ଷୟ ତୃତୀୟା ଉପଲକ୍ଷେ ଚଳିତବର୍ଷ ପ୍ରକାଶ ପାଇବାକୁ ଯାଉଥିବା ପୁସ୍ତକ 'ଅପରୂପ ଶ୍ରୀଜଗନ୍ନାଥ' ପାଇଁ ଚିତ୍ରଶିଳ୍ପୀ ବଳଦେବ ମହାରଥାଙ୍କ ଅଙ୍କିତ ପ୍ରଚ୍ଛଦ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଚିତ୍ରଶିଳ୍ପୀ ମହାରଥା ଚିତ୍ରର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଡ. ଭାସ୍କର ମିଶ୍ରଙ୍କ ଦ୍ୱାରା ରଚିତ 'ବଡ଼ଦେଉଳରେ ବିରାଜିତ ବିରଳ ବିଜେ ପ୍ରତିମା' ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପୁସ୍ତକରେ ପ୍ରକାଶ ପାଇବାକୁ ଯାଉଥିବା ତିନୋଟି ଆକର୍ଷଣୀୟ ରଚନା ସମ୍ପର୍କରେ ଡ. ଅସିତ୍ ମହାନ୍ତି, ଡ. ଭାସ୍କର ମିଶ୍ର ଓ ଡ. ସୁଷମା ମିଶ୍ର ଆଲୋକପାତ କରିଥିଲେ। ସେହି ଲେଖା ତିନୋଟି ରଥକାଠ ରୂପେ ଶ୍ରୀଜଗନ୍ନାଥଙ୍କ ପାଖେ ସମର୍ପଣ କରାଯାଇଥିଲା। ଏହି ଅବସରରେ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର ପ୍ରଚାର ଓ ପ୍ରସାର ନିମନ୍ତେ ବିଶେଷ ଅବଦାନ ପାଇଁ ଡା. ଶୈଳେଶ୍ୱର ନନ୍ଦଙ୍କୁ 'ଶ୍ରୀଜଗନ୍ନାଥ ସମ୍ମାନ', ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କୁ 'ଦେବୀ ସୁଭଦ୍ରା ସମ୍ମାନ', ଡ. ଉମେଶ ଚିନାରାଙ୍କୁ 'ଶ୍ରୀବଳଭଦ୍ର ସମ୍ମାନ' ଓ ପଣ୍ଡିତ ଦାଶରଥ ସାମନ୍ତରାୟଙ୍କୁ 'ଶ୍ରୀ ସୁଦର୍ଶନ ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ଧର୍ମଗ୍ରନ୍ଥ ଷ୍ଟୋରକୁ 'ଶ୍ରୀନନ୍ଦିଘୋଷ ସମ୍ମାନ' ପ୍ରଦାନ କରାଯାଇଥିଲା। ସମ୍ପାଦକ ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେବା ସହ ମହୋତ୍ସବର ସଂଯୋଜନା କରିଥିଲେ। ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କଣ୍ଠଶିଳ୍ପୀ ମଧୁସ୍ମିତା ବିଶ୍ୱାଳ ଭକ୍ତିସଙ୍ଗୀତ ଗାନ କରିଥିଲେ।

**ଅଖିମୁଠି ଅନୁକୂଳ କଲେ ରାଧାମୋହନ**

ଡେଲାଙ୍ଗ,(ରଶ୍ମୀରଞ୍ଜନ ପ୍ରଧାନ): ପବିତ୍ର ଅକ୍ଷୟତୃତୀୟାରେ ଶୁକ୍ରବାର ଡେଲାଙ୍ଗ-ପିପିଲି ଜନକଲ୍ୟାଣ ମଞ୍ଚ ଆବାହକ ତଥା ସ୍ୱାଧିନ ପ୍ରାର୍ଥୀ ରାଧାମୋହନ ଡେଲାଙ୍ଗ ବ୍ଲକର ଖେଲାଉରଠାରେ ଅଖିମୁଠି ଅନୁକୂଳ କରିଥିଲେ। ରାଧାମୋହନ ହଳ ଲଙ୍ଗଳ ଓ ବଳଦ ସଜ ନେଇ ଚାଷଜମିରେ ଯଥାବିଧି ପୂଜାର୍ଚ୍ଚନା କରିଥିଲେ। ପରେ ଗଉଣୀରେ ଧାନବୁଣି ମୁଠି ଅନୁକୂଳ କରିଥିଲେ। ସରପଞ୍ଚ ଶେଷଦେବ ବାରିକ୍, ପୂର୍ବତନ ସରପଞ୍ଚ ଦୁର୍ଗାଚରଣ ରାଉତରାୟ, ପ୍ରମୋଦ ପାତ୍ର, ଚଣ୍ଡେଶ୍ୱର ପ୍ରଶାଦ ଦାଶ, ମାନସ ସ୍ୱାଇଁ, ପ୍ରକାଶ ନାୟକ, ଭିକାରୀଚରଣ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।



# ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୦।୫।୨୦୨୪

| | |
|---|---|
| ୬,୨୧,୭୫୫ ଟଙ୍କା | |
| ସୁନା | ୧୭.୪୫୦ଗ୍ରାମ୍ |
| ରୁପା | ୨୬.୧୦୦ଗ୍ରାମ୍ |

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକ ମୃତ

ଅସ୍ତରଙ୍ଗ,୧୦।୫(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ହୀରାଦେଈପୁର-ସୁନ୍ଦର ରାସ୍ତାର ଗୁଡୁବଣି ନିକଟରେ ଗୁରୁବାର ରାତିରେ ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନା ମୁତାବକ, ସୁନ୍ଦର ଗ୍ରାମର ତନ୍ମୟ ରାଉତ (୧୯) ରାତି ୮ଟାରେ ଅସ୍ତରଙ୍ଗ ବଜାରକୁ ଔଷଧ କିଣିବାକୁ ଆସି ରାତ୍ର ୧୦ଟାରେ ଘରକୁ ଫେରୁଥିଲେ। ଏହି ସମୟରେ ଗୁଡୁବଣିଠାରେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କାଦେଇ ଫେରାର ହୋଇଯାଇଥିଲା। ରାସ୍ତାକଡ଼ରେ ବାଇକ୍ ପଡ଼ିଥିବା ବେଳେ ଗୁରୁତର ଅବସ୍ଥାରେ ତନ୍ମୟ ରାସ୍ତାରେ ପଡ଼ିରହିଥିଲେ। ପରେ ସ୍ଥାନୀୟ ଲୋକେ ଏହା ଦେଖି ତାଙ୍କୁ ଉଦ୍ଧାର କରି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ସହ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ତାଙ୍କୁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଅସ୍ତରଙ୍ଗ ଥାନାରେ ତନ୍ମୟଙ୍କ ସମ୍ପର୍କୀୟ ତୁଷାର ରାଉତ ଲିଖିତ ଅଭିଯୋଗ କରିଛନ୍ତି।

### ପୁତୁରା କଟୁରି ଚୋଟରେ ଖୁଡ଼ୀ ଗୁରୁତର

ଅସ୍ତରଙ୍ଗ, ୧୦।୫(ମମତା ଜେନା):

ଅସ୍ତରଙ୍ଗ ଥାନା ଅଧୀନ ଅସ୍ତରଙ୍ଗ ଗ୍ରାମରେ ପୁତୁରା କଟୁରି ଚୋଟରେ ଖୁଡ଼ୀ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଗ୍ରାମର ଇନ୍ଦ୍ରମଣି ବାରିକଙ୍କ ପୁଅ ଆଶିଷ ଓରଫ ହରିଆ ବାରିକ ଏବଂ ତାଙ୍କ ଖୁଡ଼ି ଗୌରୀ ବାରିକଙ୍କ ମଧ୍ୟରେ ଜମିବାଡ଼ି ଗଣ୍ଡଗୋଳକୁ ନେଇ ଦୀର୍ଘଦିନ ହେବ ଶତ୍ରୁତା ଲାଗିରହିଥିଲା। ଶୁକ୍ରବାର ସକାଳେ ହରିଆ ଓ ଗୌରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ହରିଆ ଉତ୍କ୍ଷିପ୍ତ ହୋଇ ଗୌରୀଙ୍କୁ ଏକ କଟୁରିରେ ଆକ୍ରମଣ କରିଥିଲେ। ଫଳରେ ଗୌରୀ ଗୁରୁତର ଆହତ ହୋଇଥିଲେ। ତୁରନ୍ତ ଗୌରୀଙ୍କୁ ରକ୍ତାକ୍ତ ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ଅନ୍ୟପଟେ ଅଭିଯୁକ୍ତ ହରିଆଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଏକ କେସ୍ (ନଂ. ୧୧୪/୨୦୨୪) ରୁଜୁ ହୋଇଥିବା ଥାନା ଅଧିକାରୀ ରାଜେଶ କୁମାର ବଳିୟାର ସିଂ କହିଛନ୍ତି।

# ଚନ୍ଦନ ଚର୍ଚ୍ଚିତ ବେଶରେ ଦର୍ଶନ ଦେଲେ ସାକ୍ଷୀଗୋପାଳ

## ୨୧ ଦିନବ୍ୟାପି ଚନ୍ଦନ ଯାତ୍ରା ଆରମ୍ଭ

ସାକ୍ଷୀଗୋପାଳ,୧୦।୫(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଶୁକ୍ରବାର ସାକ୍ଷୀଗୋପାଳ ଠାକୁରଙ୍କ ୨୧ ଦିନ ବ୍ୟାପି ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ଦୈନନ୍ଦିନ ଦେବନୀତି ସହିତ ସାକ୍ଷୀଗୋପାଳ ଠାକୁର ଚନ୍ଦନ ଚର୍ଚ୍ଚିତ ବେଶରେ ଦର୍ଶନ ଦେଇଥିଲେ। ଚନ୍ଦନ, ଆଲଟଲାଗି, ପଣାଭୋଗ, ଜାତ ଭୋଗ, ଉପଚାର ପରେ ବିଜେ ପ୍ରତିମା ମଦନ ମୋହନ ବିମାନକୁ ବିଜେ କରିଥିଲେ। ଚନ୍ଦନ ମଣ୍ଡପରେ ସଂସ୍କାର ହୋମ କରାଯାଇଥିଲା। ଛତି, ତ୍ରାସ, ଘଣ୍ଟ କାହାଳୀ, ତେଲିଙ୍ଗି ବାଜା ବଜାଇ ହରିରାମ ସଂକୀର୍ତ୍ତନ ସହ ବିଜେ ପ୍ରତିମା ମଦନମୋହନଙ୍କୁ ବିମାନରେ ଚନ୍ଦନ ମଣ୍ଡପକୁ ଅଣାଯାଇଥିଲା। ମଣିଜଳ ଲାଗି ନୀତି କରାଯାଇ ମଦନ ମୋହନଙ୍କୁ ପୂଜାପଣ୍ଡା ଓ ସିଂହାରୀ ସେବକ ଚାପକୁ ବିଜେ କରିବା ପରେ ଦିନ ଚାପଖେଳ ଅପରାହ୍ନ ପରିବର୍ତ୍ତେ ନୀତି ବିଳମ୍ବ ଯୋଗୁ ଦିନ ଚାପ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଚନ୍ଦନସ୍ନାନ, ବେଶ, ଟାହିଆ ଲାଗି, ଜାତଭୋଗ ସହିତ ପରମ୍ପରା କ୍ରମେ ସନ୍ଧ୍ୟାରେ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ରାତି ଚାପଖେଳ ସରିବା ପରେ ପଂକ୍ତିଭୋଗ ଓ ପଟୁଆରରେ ଠାକୁର ମନ୍ଦିରକୁ ଫେରିଥିଲେ। ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବିଜେ ଦାଣ୍ଡରେ ଛାମୁଣ୍ଡିଆ, ଚନ୍ଦନ ପୋଖରୀରେ ଚାପ ଡଙ୍ଗା ପ୍ରସ୍ତୁତ, ସଫେଇ କାମ ସହ ବିମାନ, ଚାପମଣ୍ଡଳୀ ଓ ରୁପା ପାରା, କଳସ, ଚକ୍ର ନୂଆ କରାଯାଇଛି। ରଙ୍ଗବେରଙ୍ଗ ଫୁଲ ହାରରେ ବିମାନ ଓ ଚାପ ଆକର୍ଷଣୀୟ ଭାବେ ସଜ୍ଜିତ କରାଯାଇଥିଲା।



ଚାପ ଖେଳିବା ପାଇଁ ସାକ୍ଷୀଗୋପାଳ ଠାକୁରଙ୍କ ବିଜେ ପ୍ରତିମା ମଦନମୋହନଙ୍କୁ ଚନ୍ଦନ ମଣ୍ଡପକୁ ବିମାନରେ ନିଆଯାଉଛି।

### ଅଲାରନାଥଙ୍କ ଚନ୍ଦନ ଯାତ୍ରା ଆରମ୍ଭ

ବ୍ରହ୍ମଗିରି, ୧୦।୫ (ସ୍ୱାଧିନ ଚମ୍ପତିରାୟ):

ଅକ୍ଷୟ ତୃତୀୟାଠାରୁ ମହାପ୍ରଭୁ ଅଲାରନାଥଙ୍କ ପୀଠରେ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ଅସହ୍ୟ ରୌଦ୍ର ତାପରେ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ବେଳେ ସେଥିରୁ ବାଦ୍ ପଡ଼ିନାହାନ୍ତି ଶ୍ରୀଜୀଉ। ଶୀତଳତା ପାଇବା ପାଇଁ ମହାପ୍ରଭୁଙ୍କର ଏହା ଏକ ମାନବୀୟ ଲୀଳା। ଏହି ମାନବୀୟ ଲୀଳା ପାଇଁ ଠାକୁରମାନେ ଜଳକ୍ରୀଡ଼ା ବା ଚାପ ଖେଳିଥାନ୍ତି। ମହାପ୍ରଭୁ ଅଲାରନାଥଙ୍କ ପୀଠରେ ଶୁକ୍ରବାର ସନ୍ଧ୍ୟାରେ ମନ୍ଦିରର ସମସ୍ତ ନୀତିକାନ୍ତି ସରିବା ପରେ ଠାକୁରଙ୍କ ଚଳନ୍ତି ବିଗ୍ରହ ଶ୍ରୀମଦନମୋହନଙ୍କୁ ଏକ ସୁସଜ୍ଜିତ ପାଲିଙ୍କିରେ ସେବାୟତମାନେ ଚନ୍ଦନ ଚକଡ଼ାକୁ ନେଇଥିଲେ। ସେଠାରେ ପୂଜାର୍ଚ୍ଚନା ସରିବା ପରେ ଚନ୍ଦନ ପୁଷ୍କରଣୀରେ ଶ୍ରୀଜୀଉ ଦିନଚାପ ଓ ରାତ୍ରିଚାପ ଖେଳିଥିଲେ।

# ଶୋଭାଯାତ୍ରାରେ ଯାଇ ପ୍ରାର୍ଥିପତ୍ର ଦାଖଲ କଲେ ଦିଲୀପ



ନିମାପଡ଼ା/ଗୋପ,୧୦।୫(ରଞ୍ଜନ ପଟ୍ଟନାୟକ/ ବିଚିତ୍ରାନନ୍ଦ ସାହୁ/ଭାରତୀ ଭୂଷଣ ଉପାଧ୍ୟାୟ):

ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ଦିଲୀପ ନାୟକ ଶୁକ୍ରବାର ତାଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଦିଲୀପ ଏକ ରୋଡ୍ ଶୋ' ଜରିଆରେ ବାଇକ୍ ରାଲି କରି ପୁରୀରେ ପହଞ୍ଚି ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ଦିଲୀପ ନିମାପଡ଼ା ନୂତନ ବସ୍‌ଷ୍ଟାଣ୍ଡଠାରୁ ଏକ ସୁସଜ୍ଜିତ ଗାଡ଼ିରେ ବାହାରି ଦଳୀୟ କାର୍ଯ୍ୟକର୍ତ୍ତା, କର୍ମୀ, ସମର୍ଥକଙ୍କ ସହ ବାଜା ରୋଶଣି ଡିଜେ ବଜାଇ ଶୋଭାଯାତ୍ରା କରିଥିଲେ। ନିମାପଡ଼ାରେ ପୁନଶ୍ଚ ଶଙ୍ଖ ବାଜିବ, ବିଜେଡିର ଧ୍ୱଜା ଉଡ଼ାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ବୋଲି ଦିଲୀପ କହିଥିଲେ।

# ପ୍ରାର୍ଥିପତ୍ର ଦାଖଲ ପାଇଁ ସାଇକେଲରେ ଗଲେ ସିଦ୍ଧାର୍ଥ

ନିମାପଡ଼ା/ଗୋପ,୧୦।୫ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ/ଭାରତୀ ଭୂଷଣ ଉପାଧ୍ୟାୟ):



ନିମାପଡ଼ା ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ସିଦ୍ଧାର୍ଥ ରାଉତରାୟ ଶୁକ୍ରବାର ଏକ ନିଆରା ଢଙ୍ଗରେ ପୁରୀ ଯାଇ ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସକାଳ ୭ଟାରେ ନିମାପଡ଼ାର ହରିପୁରଠାରୁ ସିଦ୍ଧାର୍ଥ ଏକ ବ୍ୟାଟେରିଚାଳିତ ସାଇକେଲ ଯୋଗେ ବାହାରି ନାମାଙ୍କନପତ୍ର ଦାଖଲ କରିବା ପାଇଁ ପୁରୀ ଯାଉଥିବା ଦେଖିବାକୁ ମିଳିଥିଲା। ବାଟରେ ତାଙ୍କୁ ବିଭିନ୍ନ ସଙ୍ଗଠନ ଓ କଂଗ୍ରେସ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏ ନେଇ ସିଦ୍ଧାର୍ଥ କହିଥିଲେ, ବିଭିନ୍ନ ଦଳର ପ୍ରାର୍ଥୀମାନେ ନିଜ ପତିଆରା ଦେଖାଇବା ପାଇଁ ଗାଡ଼ି ଘୋଡ଼ା, ଅର୍ଥ ପ୍ରଭୃତି ଦେଇ ଲୋକ ନେଉଥିବା ବେଳେ ସେ ଏହାକୁ ଉଚିତ ମନେ ନ କରି ଦୀର୍ଘ ୫୦ କି.ମି. ସାଇକେଲ ଯାତ୍ରାରେ ବାହାରିଛନ୍ତି। କାହିଁକି ଲକ୍ଷାଧିକ ଟଙ୍କା ଅଯଥାରେ ଖର୍ଚ୍ଚ କରିବେ, ବରଂ ସେହି ଅର୍ଥ ଗରିବ ଲୋକଙ୍କୁ ଦେଲେ ସେମାନେ ଉପକୃତ ହେବେ। ସେହିପରି ନିମାପଡ଼ାକୁ ଦୁର୍ନୀତିମୁକ୍ତ ନେତାଙ୍କ କବଳରୁ ମୁକ୍ତ କରିବା, ଗୁଣାତ୍ମକ ଶିକ୍ଷାଦାନ ବ୍ୟବସ୍ଥା, କଂଗ୍ରେସ କ୍ଷମତାକୁ ଆସିଲେ ଚାଷୀଙ୍କୁ ଧାନର କ୍ରୟମୂଲ୍ୟ ଉପରେ ଉପଯୁକ୍ତ ପ୍ରାପ୍ୟ ଦେବା ସହିତ ଗରିବ ଖଟିଖିଆ ମେହନତି ମଣିଷର ସ୍ୱାର୍ଥ ପ୍ରତି ଗୁରୁତ୍ୱ ଦେବେ ବୋଲି ସିଦ୍ଧାର୍ଥ କହିଥିଲେ। ଏହି ଅବସରରେ ଦଳୀୟ ସମର୍ଥକ କବିତା ପ୍ରିୟଦର୍ଶିନୀ ଦାସ, ଜ୍ୟୋତିରାଜ ମହାନ୍ତି ଓ ଜିତେନ୍ଦ୍ର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ସଙ୍ଗମ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅକ୍ଷୟ ମିଳନ ସାହିତ୍ୟ ଉତ୍ସବ

ନିମାପଡ଼ା,୧୦।୫(ବିଚିତ୍ରାନନ୍ଦ ସାହୁ)




ନିମାପଡ଼ା ବ୍ଲକର ସଙ୍ଗମ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅକ୍ଷୟ ତୃତୀୟାରେ ଶୁକ୍ରବାର ସ୍ଥାନୀୟ ଟାଉନ ହଲ୍‌ଠାରେ ଅକ୍ଷୟ ମିଳନ ସାହିତ୍ୟ ଉତ୍ସବ ୨୦୨୪, ରାଜ୍ୟସ୍ତରୀୟ କବି ସମ୍ମିଳନୀ, ସାହିତ୍ୟ ଆଲୋଚନା, ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଶିକ୍ଷାବିତ୍ ଶଶଧର ପଣ୍ଡା, ସାହିତ୍ୟିକ ନିତ୍ୟାନନ୍ଦ ଶତପଥୀ, ସାମାଜିକ କର୍ମୀ ତ୍ରିଲୋଚନ ବରାଳ, କବି ସତ୍ୟ ପ୍ରକାଶ କର, ଶିଶୁ ପତ୍ରିକା ବାନର ସେନା ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ଶିକ୍ଷାବିତ୍ ଡ. ଦିଲୀପ ସେନାପତି, ଡ. ରବୀନ୍ଦ୍ରନାଥ ପାଢୀ, ବ୍ୟଙ୍ଗ କବି ସମ୍ପଦ ରଥ, ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଡ. ବଂଶୀଧର ଷଡ଼ଙ୍ଗୀ, ଗ୍ରନ୍ଥକାର ଲଳିତେନ୍ଦୁ ପଲାଉରୀ, ଦୁଃଶାସନ ନାୟକ, ସତ୍ୟ ନାୟକ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନ ସଭାପତି ଗଙ୍ଗାଧର ଓଝା ସମାରୋହରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଓ କବିତା ପାଠୋତ୍ସବରେ ରାଜ୍ୟର ବିଭିନ୍ନ ଜିଲାରୁ ଶତାଧିକ କବି ଯୋଗଦେଇ କବିତା ପାଠ କରିଥିଲେ। ଆକାଶବାଣୀ କଟକ କେନ୍ଦ୍ର ଉପସ୍ଥାପିକା ବିଶ୍ୱମିତ୍ରା ମିଶ୍ର, ବ୍ୟଙ୍ଗ କବି ରଥ କବିତା ସଂଯୋଜନା କରିଥିଲେ। ଆୟୋଜିତ ପ୍ରତିଭା ସମ୍ମାନ ସମ୍ବର୍ଦ୍ଧନା ସମାରୋହରେ ଅନୁଷ୍ଠାନ ପକ୍ଷରୁ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ଜୀବନବ୍ୟାପି ସାଧନା ପାଇଁ ନିମାପଡ଼ାର ବରିଷ୍ଠ ଖବରଦାତା ବିଚିତ୍ରାନନ୍ଦ ସାହୁଙ୍କୁ 'ସଙ୍ଗମ ସାମ୍ବାଦିକ ରତ୍ନ ସମ୍ମାନ', ଶିକ୍ଷାବିତ୍ ସୌଦାମିନୀ ଦାଶଙ୍କୁ 'ସଙ୍ଗମ ଶିକ୍ଷା ରତ୍ନ', ସାମାଜିକ କର୍ମୀ ଶଶଧରଙ୍କୁ 'ସଙ୍ଗମ ସେବା ରତ୍ନ', ସଙ୍ଗୀତ ଗୁରୁ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କୁ 'ସଙ୍ଗମ କଳା ରତ୍ନ' ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବହୁ କବି, ସାହିତ୍ୟିକଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନୁଷ୍ଠାନ ପକ୍ଷରୁ ଶତାଧିକ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଉପଦେଷ୍ଟା ଭରତଚନ୍ଦ୍ର ସାହୁ, ଦୀନବନ୍ଧୁ ସ୍ୱାଇଁ ନମିତା ପୃଷ୍ଟି, କବିତା ନାୟକ ପ୍ରମୁଖ ଉତ୍ସବ ସଂଯୋଜନା ଓ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଜିଲା ପ୍ରଶାସନ ପକ୍ଷରୁ ଜୟଦେବ ଜୟନ୍ତୀ ପାଳିତ

ପୁରୀ,୧୦।୫(ଅଜିତ୍ କୁମାର ମହାନ୍ତି):

ମହାପ୍ରଭୁଙ୍କ ପରମ ଭକ୍ତ ତଥା ଗୀତଗୋବିନ୍ଦର ସ୍ରଷ୍ଟା ଶ୍ରୀଜୟଦେବଙ୍କ ଜୟନ୍ତୀ ଶୁକ୍ରବାର ପବିତ୍ର ଅକ୍ଷୟତୃତୀୟା ତିଥିରେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ପାଳିତ ହୋଇଯାଇଛି। ପୁରୁଣା ଟାଉନ ଥାନା ଛକସ୍ଥିତ ଶ୍ରୀଜୟଦେବଙ୍କ ପ୍ରତିମୂର୍ତ୍ତିରେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସାହିତ୍ୟିକ ଅନାମ ଚରଣ ସାହୁ, ଶଙ୍ଖମିତ୍ର ସିଂହାରୀ ପ୍ରମୁଖ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ଚଳିତ ବର୍ଷ ନିର୍ବାଚନ ଯୋଗୁ ଆଦର୍ଶ ଆଚରଣ ବିଧି ମାର୍ଗଦର୍ଶିକା ଅନୁସାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### କେନାଲରେ ବୁଡ଼ି ଯୁବକ ମୃତ

ଡେଲାଙ୍ଗ,୧୦।୫(ରଶ୍ମୀରଞ୍ଜନ ପ୍ରଧାନ):

ଡେଲାଙ୍ଗ ଥାନା ଅଧୀନ କଲ୍ୟାଣପୁର ପଞ୍ଚାୟତର ବାଲିହୁଙ୍କା ଗ୍ରାମରେ କେନାଲରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲିହୁଙ୍କା ଗ୍ରାମର ବଟକୃଷ୍ଣ ମାର୍ଥୀ (୪୪)। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନରେ କାଠ ସଂଗ୍ରହ କରିବା ପାଇଁ ବଟକୃଷ୍ଣ ବାଡ଼ିକୁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ରାତିରେ ଖୋଜାଖୋଜି କରିଥିଲେ। ରାତି ୧ଟାରେ ବାଡ଼ି ନିକଟସ୍ଥ କେନାଲରେ ସେ ବୁଡ଼ିଯାଇ ଭାସୁଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଉଦ୍ଧାର କରି ଡେଲାଙ୍ଗ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଡେଲାଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଶ୍ରୀକ୍ଷେତ୍ରର ଅନନ୍ୟ ପରମ୍ପରା ଘଡ଼ିପଥୁଲି ପୂଜା

ପୁରୀ,୧୦।୫(ଅଜିତ୍ କୁମାର ମହାନ୍ତି)

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଶୁକ୍ରବାର ଶ୍ରୀକ୍ଷେତ୍ରରେ ଘଡ଼ିପଥୁଲି ପୂଜା ପାଳିତ ହୋଇଯାଇଛି। ବିଶେଷକରି ମା'ମାନେ ନିଜ ସନ୍ତାନ ସନ୍ତତିଙ୍କ ମଙ୍ଗଳକାମନା କରି ଏହି ପୂଜା କରିଥାନ୍ତି। ପୁରୀରେ ବାସ କରୁଥିବା ସେବକ, ବ୍ରାହ୍ମଣ ଏବଂ ଅନେକ ଗୃହସ୍ଥ ପରିବାରରେ ଘଡ଼ିପଥୁଲି ପୂଜା କରାଯାଇଥିଲା। ଅକ୍ଷୟ ତୃତୀୟା ପୂର୍ବଦିନ ମାଟିରେ ନିର୍ମିତ ହୋଇଥିବା ଘଡ଼ିପଥୁଲିରେ ଚୂନ, ଅଳତା ଏବଂ ବିଭିନ୍ନ ରଙ୍ଗ ଲଗାଯାଇ ତାକୁ ଚିତ୍ରବିଚିତ୍ର କରାଯାଇଥାଏ। ପରେ ଅକ୍ଷୟତୃତୀୟା ଦିନ ଘରର ଠାକୁରଘରେ ପଞ୍ଚ ମୁରୁଜରେ କୋଷ୍ଠି କଟାଯାଇ ତା'ମଧ୍ୟରେ ଘଡ଼ିପଥୁଲିଗୁଡ଼ିକୁ ରଖାଯାଏ। ଏହି ଘଡ଼ିପଥୁଲିରେ ଚୁଡ଼ାଭଜା, ଖଇ, ନଡ଼ିଆ, ଆମ୍ବ, ତାଳ ଖଣ୍ଡଘୋଡା, ବିଭିନ୍ନ ପ୍ରକାର ଫଳ ଏବଂ କଣ୍ଢେଇ ରଖାଯାଇ ମା' ଷଷ୍ଠୀ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ପୂଜା ପରେ ସେଗୁଡ଼ିକୁ ପିଲାମାନଙ୍କ ମଧ୍ୟରେ ବଣ୍ଟାଯାଇଥିଲା।



# ନିମାପଡ଼ାରୁ ୫, କାକଟପୁରରୁ ଜଣେ ପ୍ରାର୍ଥୀଙ୍କ ନାମାଙ୍କନ

ପୁରୀ,୧୦।୫(ଅଜିତ୍ କୁମାର ମହାନ୍ତି)

ଜଗତ୍‌ସିଂହପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ପୁରୀ ଜିଲାର ନିମାପଡ଼ା ଓ କାକଟପୁର ବିଧାନସଭା ଆସନ ପାଇଁ ଜୁନ ୧ରେ ମତଦାନ ହେବାକୁ ଥିବାବେଳେ ବର୍ତ୍ତମାନ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି। ଶୁକ୍ରବାର ଏହି ଦୁଇ ନିର୍ବାଚନମଣ୍ଡଳୀ ନିମନ୍ତେ ୬ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। କାକଟପୁର ବିଧାନସଭା ଆସନ ନିମନ୍ତେ ଓଜେପିରୁ ବାମଦେବ ବେହେରା ତାଙ୍କ ସମର୍ଥକଙ୍କ ସହ ଆସି ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକଙ୍କ ନିକଟରେ ତାଙ୍କର ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେହିପରି ନିମାପଡ଼ା ବିଧାନସଭା ଆସନ ନିମନ୍ତେ ସିପିଆଇରୁ ମନୋରଞ୍ଜନ ପରିଡ଼ା, ବିଜୁ ଜନତା ଦଳରୁ ଦିଲୀପ ନାୟକ, କଂଗ୍ରେସରୁ ସିଦ୍ଧାର୍ଥ କୁମାର ରାଉତରାୟ, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ତରଫରୁ ଜିତେନ୍ଦ୍ରୀୟ ବେହେରା ଏବଂ ବହୁଜନ ସମାଜ ପାର୍ଟି ପକ୍ଷରୁ ସମ୍ପଦ ନାୟକ ନିଜ ସମର୍ଥକଙ୍କ ସହ ଆସି ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳ ମାଧବ ଭୋଇଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।



ମନୋରଞ୍ଜନ ପରିଡ଼ା ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

# ବିଜେଡିରେ ମିଶିଲେ ଭାଜପା, କଂଗ୍ରେସ କର୍ମୀ

କାକଟପୁର/ଅସ୍ତରଙ୍ଗ, (ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା) ୧୦।୫

କାକଟପୁର ଟ୍ରଷ୍ଟ ଅଫିସ ପରିସରରେ ଶୁକ୍ରବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ତପନ ଦୀକ୍ଷିତ ଓ କଂଗ୍ରେସ ଯୁବନେତା ତଥା ମଙ୍ଗଳା କ୍ରିକେଟ କ୍ଲବ ସଭାପତି ପ୍ରଦୀପ୍ତ କୁମାର ଦୀକ୍ଷିତଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଦଳ ଛାଡ଼ି ବିଜେଡ଼ିରେ ଯୋଗଦେଇଛନ୍ତି। ଜିଲା ଯୁବ କଂଗ୍ରେସର ପୂର୍ବତନ ସମ୍ପାଦକ ଉତ୍ତମ ନାୟକ, ଅଚ୍ୟୁତ ବିଶୋଇ, ସୁବାସ ବିଶୋଇ, ପ୍ରୀତିପ୍ଲାବନ ବେହେରା, ସୁଶାନ୍ତ କୁମାର ବିଶୋଇ, ସୁଶାନ୍ତ ଦୀକ୍ଷିତ, ସନ୍ତୋଷ ମଲ୍ଲିକ, ଶକ୍ତିକାନ୍ତ ଦୀକ୍ଷିତ, ସୌମ୍ୟରଞ୍ଜନ ଦୀକ୍ଷିତ, ଅଞ୍ଜନ କୁମାର ଦୀକ୍ଷିତ, ଦୀପକ କୁମାର ଦୀକ୍ଷିତ, ଜ୍ୟୋତିରଞ୍ଜନ ନାୟକ, ଉତ୍ତମ କୁମାର ନାୟକ, ସନ୍ତୋଷ ନାୟକ, ବିଶ୍ୱରଞ୍ଜନ ସାହୁ, ବିଜନ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଏକ ହଜାର ରୁ ଉର୍ଦ୍ଧ୍ୱ ପରିବାର ବିଜେଡିରେ ଯୋଗଦାନ କରିଛନ୍ତି।

ସେହିପରି କଟକଣା ପଞ୍ଚାୟତର ଆଜମପୁର ଭାଇଜି ମଣ୍ଡପରେ ବିଜେଡିର ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେଡିରେ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ସାମିଲ ହୋଇଛନ୍ତି। ଆଜାଦ ସଙ୍ଗଠନର ଫାଉଣ୍ଡର ପ୍ୟାରୁ ମହମ୍ମଦଙ୍କ ନେତୃତ୍ୱରେ ୩ ପଞ୍ଚାୟତର ଯୁବ ସଙ୍ଗଠକ ରାକେଶ କୁମାର, ସର୍ଫରାଜ ଖାଁ, ତନୁ ଖାଁ, ଶେଖ ମୋସିମ କମଲ, ତାଲିବ ଖାଁ, ଲାଲ୍ଟୁ, ଶେହାଜ, ରାଜା, ନୁରା, ୟାସିର, ଆକିବ, ରାକୁ, ସାକିଲ, ତାହିଁର ଖାନ, ସରୱାରଙ୍କ ସମେତ ୪ଶହରୁ ଉର୍ଦ୍ଧ୍ୱ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଓ ଦୃଢ଼ ନେତୃତ୍ୱରେ ପ୍ରଭାବିତ ହୋଇ ଏମାନେ ସମସ୍ତେ ବିଜେଡିରେ ଯୋଗଦେଇଥିବା କହିଛନ୍ତି। କାକଟପୁର ବିଜେଡି ବିଧାୟକ ପ୍ରାର୍ଥୀ ତୁଷାରକାନ୍ତି ବେହେରା, ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, କାକଟପୁର ବ୍ଲକ ବିଜେଡି ସଭାପତି ପ୍ରାଣନାଥ ମଲ୍ଲିକ, କାକଟପୁର ସରପଞ୍ଚ ଅଭୟ ସେଠୀ, ହିମାଂଶୁ ଭୂଷଣ ଦୀକ୍ଷିତ ପ୍ରମୁଖ ସମସ୍ତ ନୂତନ କର୍ମୀଙ୍କୁ ଦଳରେ ସ୍ୱାଗତ କରିଥିଲେ।



ବିଜେଡି କର୍ମକର୍ତ୍ତାମାନେ ଦଳରେ ଯୋଗ ଦେଇଥିବା ନୂତନ କର୍ମୀଙ୍କୁ ସ୍ୱାଗତ କରୁଛନ୍ତି।

# ତ୍ରିଦିବସୀୟ ଶ୍ରୀଜୟଦେବ ଜୟନ୍ତୀ ସମାରୋହ ଉଦ୍‌ଘାଟିତ

କୋଣାର୍କ,୧୦।୫(ଜ୍ୟୋତିରାଜ ମହାନ୍ତି)

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ତଥା ଗୀତଗୋବିନ୍ଦର ରଚୟିତା ମହାକବି ଶ୍ରୀଜୟଦେବଙ୍କ ଜୟନ୍ତୀ ସମାରୋହ ଚନ୍ଦ୍ରଭାଗାସ୍ଥିତ ଜୟଦେବ ବାଟିକା ପରିସରରେ ଉଦ୍‌ଘାଟିତ ହୋଇଯାଇଛି। କୋଣାର୍କ ଶ୍ରୀଜୟଦେବ ଜୟନ୍ତୀ ଉତ୍ସବ କମିଟି ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ କମିଟି ସଭାପତି ଗୋପାଳ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। କମିଟି ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍ସବର ପ୍ରତିଷ୍ଠାତା ସଦସ୍ୟ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ସାମାଜିକ କର୍ମୀ ଭାଗିରଥୀ ସ୍ୱାଇଁ, ସଞ୍ଜୟ ରାଉତରାୟ, ଶତ୍ରୁଜିତ୍ ନାୟକ, ଚନ୍ଦ୍ରଭାଗା ବଜାର ସଭାପତି ଅଜୟ ବେହେରା, ମହୋଦଧି ଏଜୁକେସନ ଏକାଡେମୀର ନିର୍ଦ୍ଦେଶକ ଶୁଭ୍ରଜିତ୍ ମହାପାତ୍ର, ସାମ୍ବାଦିକ ସଞ୍ଜୟ ପତି, କୋଣାର୍କ ପ୍ରେସ କ୍ଲବ ସଭାପତି ଧନଞ୍ଜୟ ବେହେରା, ସମ୍ପାଦକ ବିଚିତ୍ର ଓଝା, କୋଣାର୍କ ସାମ୍ବାଦିକ ସଂଘ ସଭାପତି ଜ୍ୟୋତିରାଜ ମହାନ୍ତି, ସମ୍ପାଦକ ମନୋରଞ୍ଜନ ପଣ୍ଡା, ଖବରଦାତା ମାନସ ରଞ୍ଜନ ପାତ୍ର, ଗଣେଶ ବେହେରା, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ସଂସ୍ଥାନର ସମ୍ପାଦକ ବିରଞ୍ଚି ନାରାୟଣ ରଥ ପ୍ରମୁଖ ଯୋଗଦେଇ ଜୟଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଗୀତଗୋବିନ୍ଦ ଗାନ କରିଥିଲେ। ସନ୍ଧ୍ୟାରେ ଶ୍ରୀଜୟଦେବଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା ପରେ ମୁଳିସାହି ଗ୍ରାମର ମା' ଖିଲେଶରୀ ମହିଳା ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଶ୍ରୀଜୟଦେବ ରଚିତ ସଙ୍ଗୀତ ଗାନ ଓ ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ଏହି ଅବସରରେ ଜୟଦେବ ସଙ୍ଗୀତ ପରିବେଷଣ କରିଥିବା କଳାକାରଙ୍କୁ କମିଟି ପକ୍ଷରୁ ପ୍ରଶଂସା ପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତବର୍ଷ ଏହି ଉତ୍ସବକୁ ଚନ୍ଦ୍ରଭାଗା ବଜାର କମିଟିର ଦିବଂଗତ ସଭାପତି ଭାସ୍କର ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ଏହି ସମାରୋହ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।



# ‘ନିୟମ ବିରୁଦ୍ଧ କାର୍ଯ୍ୟ ସଂକ୍ରାନ୍ତରେ ତୁରନ୍ତ ଜଣାନ୍ତୁ’



ବୈଠକରେ ଜିଲାପାଳ ଅରିନ୍ଦମ ଡାକୁଆଙ୍କ ସମେତ ଅନ୍ୟମାନେ।

**ପ୍ରାର୍ଥୀ/ପ୍ରତିନିଧିଙ୍କ ସହ ପର୍ଯ୍ୟବେକ୍ଷକଙ୍କ ବୈଠକ**

■ପ୍ରାର୍ଥୀଙ୍କ ଖର୍ଚ୍ଚର ହିସାବ ହେବ

କଟକ,୧୦।୫ (କାର୍ତ୍ତିକ ସାହୁ)

ନିର୍ବାଚନ ସୁପରିଚାଳନା ପାଇଁ ଜିଲାକୁ ଆସିଥିବା ସମସ୍ତ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କର ବିଭିନ୍ନ ନିର୍ବାଚନମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ଏବଂ ତାଙ୍କ ପ୍ରତିନିଧିଙ୍କ ସହ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ପର୍ଯ୍ୟବେକ୍ଷକମାନେ ସ୍ୱଚ୍ଛ ତଥା ଅବାଧ ନିର୍ବାଚନ ପରିଚାଳନା ନିମନ୍ତେ ପରାମର୍ଶ ଦେବା ସହ ପ୍ରାର୍ଥୀ ଅଥବା ସେମାନଙ୍କ ପ୍ରତିନିଧିମାନେ ପଚାରିଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।

ନିର୍ବାଚନରେ ଗଣ୍ଡଗୋଳକୁ ପ୍ରଶ୍ରୟ ନ ଦେବା ପାଇଁ ପ୍ରାର୍ଥୀମାନେ ନିଜ ନିର୍ବାଚନ ମଣ୍ଡଳୀର ଚିନ୍ତାଜନକ ବୁଥ୍ ଅଞ୍ଚଳ ବିଷୟରେ ରିର୍ଟନିଂ ଅଫିସରଙ୍କୁ ତୁରନ୍ତ ଜଣାଇବାକୁ ସାଧାରଣ ପର୍ଯ୍ୟବେକ୍ଷକ ଭାରତୀୟ ପ୍ରଶାସନିକ ଅଧିକାରୀ ଉମାଶଙ୍କର ସିଂହ ପରାମର୍ଶ ଦେଇଥିଲେ। ଖର୍ଚ୍ଚ ପର୍ଯ୍ୟବେକ୍ଷକ ଆଇଆରଏସ୍ ଅଧିକାରୀ ପୀୟୂଷ ବାରାସୁ ବାଧେ ପ୍ରାର୍ଥିପତ୍ର ଦାଖଲ ପୂର୍ବରୁ ନିର୍ବାଚନ ନିମନ୍ତେ କରିଥିବା ଖର୍ଚ୍ଚ ମଧ ନିଜ ଖର୍ଚ୍ଚ ତାଲିକାରେ ଯୋଗକରିବାକୁ ପ୍ରାର୍ଥୀମାନଙ୍କୁ କହିଥିଲେ। ସେହିପରି ଖର୍ଚ୍ଚ ପର୍ଯ୍ୟବେକ୍ଷକ ଆଇଆର୍ଏସ୍ ସୁପ୍ରିୟା ସୁରେନ୍ଦ୍ରନାଥ ଘାଗ ଖର୍ଚ୍ଚ ଲିପିବଦ୍ଧ ନିମନ୍ତେ ପ୍ରାର୍ଥୀମାନଙ୍କୁ ଦିଆଯାଇଥିବା ରେଜିଷ୍ଟରର ନିର୍ଦ୍ଦିଷ୍ଟ ରଙ୍ଗର ପୃଷ୍ଠାରେ ନିର୍ଦ୍ଦେଶିତ ପରିମାଣ ଲିପିବଦ୍ଧ କରିବା ଓ ଆବଶ୍ୟକୀୟ ଭାଉଚର ସଂଲଗ୍ନ ପାଇଁ କହିଥିଲେ। ପୋଲିସ ପର୍ଯ୍ୟବେକ୍ଷକ ବରିଷ୍ଠ ଆଇପିଏସ୍ ଅଧିକାରୀ ଆର୍. ଶିବ କୁମାର ନିର୍ବାଚନରେ ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ ଓ ନିୟମ ବିରୁଦ୍ଧ କାର୍ଯ୍ୟ ସଂକ୍ରାନ୍ତରେ ତୁରନ୍ତ ଜଣାଇବା ନିମନ୍ତେ ପ୍ରାର୍ଥୀମାନଙ୍କୁ କହିଥିଲେ। ସାଧାରଣ ସଭା କିମ୍ବା ଶୋଭାଯାତ୍ରା ନିମନ୍ତେ ଆବଶ୍ୟକ ଅନୁମତି ପତ୍ର ନେବାକୁ ସେ ପରାମର୍ଶ ଦେଇଥିଲେ। ବରିଷ୍ଠ ଆଇଏଏସ୍ ଅଧିକାରୀ ସାଧାରଣ ପର୍ଯ୍ୟବେକ୍ଷକ ଗୁରାଲା ଶ୍ରୀନିବାସୁଲୁ ପ୍ରାର୍ଥୀମାନଙ୍କୁ ସି-ଭିଜିଲ ଆପ୍‌ର ବ୍ୟବହାର ସହ ସୋସିଆଲ ମିଡିଆ ପ୍ରଚାର ନିମନ୍ତେ ଅନୁମତି ନେବାକୁ ଉପଦେଶ ଦେଇଥିଲେ। ପ୍ରଚାରରେ ବ୍ୟବହୃତ ପୋଷ୍ଟର, ପାମ୍ପଲେଟ୍ ଆଦିରେ ପ୍ରକାଶକ/ମୁଦ୍ରକଙ୍କ ନାମ ନିଶ୍ଚିନ୍ତ ଉଲ୍ଲେଖ କରିବାକୁ ସେ କହିଥିଲେ। ପ୍ରାର୍ଥୀମାନଙ୍କର ଖର୍ଚ୍ଚର ହିସାବ ଚଳିତ ମାସ ୧୧, ୧୬ ଓ ୨୨ ତାରିଖରେ ପର୍ଯ୍ୟବେକ୍ଷକମାନେ ତଦାରଖ କରିବା ପାଇଁ ସ୍ଥିରୀକୃତ ହୋଇଛି। ପ୍ରାରମ୍ଭରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅରିନ୍ଦମ ଡାକୁଆ ନିମନ୍ତ୍ରିତ ପ୍ରତିନିଧିମାନଙ୍କର ପର୍ଯ୍ୟବେକ୍ଷକଙ୍କ ସହ ପରିଚୟ କରାଇଥିଲେ। ପର୍ଯ୍ୟବେକ୍ଷକମାନେ ରାଜ୍ୟ ବାହାରୁ ଆସିଥିବା ନିରପେକ୍ଷ ବରିଷ୍ଠ ଅଧିକାରୀ ହୋଇଥିବାରୁ ଆଗାମୀ ଦିନରେ ପ୍ରାର୍ଥୀ ବା ତାଙ୍କ ପ୍ରତିନିଧିମାନେ ଅନ୍ତତଃ ହିନ୍ଦୀ କିମ୍ବା ଇଂଲିଶରେ ବାର୍ତ୍ତାଳାପ କରିବା ନିମନ୍ତେ ଜିଲାପାଳ ଡାକୁଆ ଆଶାପୋଷଣ କରିଥିଲେ। ଏହି ବୈଠକରେ ଡିସିପି ପ୍ରକାଶ ଆର, ଏସ୍‌ପି ଏଲ୍. ଦିବ୍ୟା, ଅତିରିକ୍ତ ଜିଲାପାଳ ଶିବ ଟପୋ, ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ସଦର ଉପଜିଲାପାଳ ଜ୍ୟୋତିଶଙ୍କର ରାୟ ପ୍ରମୁଖ ଆବଶ୍ୟକ ସୂଚନା ପ୍ରଦାନ କରିଥିଲେ।

## ନିର୍ବାଚନ ପାଇଁ ଛୁଟି ବାତିଲ

ଚଳିତ ନିର୍ବାଚନ ପାଇଁ ଶନିବାର ଓ ରବିବାର ସମେତ ସମସ୍ତ ସାଧାରଣ ଛୁଟିକୁ ବାତିଲ କରାଯାଇଛି। ଫଳରେ ଶନିବାର ଓ ରବିବାର ପଡୁଥିବା ମେ’ ମାସର ୧୧, ୧୨, ୧୯, ୨୩, ୨୫, ୨୬, ୩୦ ଓ ଜୁନ୍ ୨ ତାରିଖ ସାଧାରଣ କାର୍ଯ୍ୟ ଦିବସ ଭାବେ ପରିଗଣିତ ହେବ। ଜିଲାର ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ସ୍ୱାଭାବିକ ଭାବରେ ଅଫିସ୍ କାର୍ଯ୍ୟରେ ଯୋଗଦେବେ। ଏଥିରେ କୌଣସି ବ୍ୟତିକ୍ରମ ହେଲେ ତାହାକୁ ଗୁରୁତର ଭାବେ ବିବେଚନା କରାଯିବ ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଶୁକ୍ରବାର ଜାରି ନିର୍ଦ୍ଦେଶ ନାମାରେ ଉଲ୍ଲେଖ କରାଯାଇଛି।

# ୪ର୍ଥ ଦିନରେ ୫ ପ୍ରାର୍ଥିପତ୍ର ଦାଖଲ

କଟକ,୧୦।୫(ଶିକ୍ଷା ପ୍ରିୟଦର୍ଶିନୀ)

ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି। ଶୁକ୍ରବାର ଚତୁର୍ଥ ଦିନରେ ୫ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ମାହାଙ୍ଗା କଂଗ୍ରେସ ପ୍ରାର୍ଥୀ ଦେବେନ୍ଦ୍ର କୁମାର ସାହୁ କଟକ ବେଲ୍‌ଭ୍ୟୁ ଛକଠାରୁ ବିଶାଳ ପଦଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ୍‌ଙ୍କ ନିକଟରେ ସେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହି ଅବସରରେ ସେ କହିଛନ୍ତି, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ଗୁରୁତ୍ୱ ଦେବି। ସେହିପରି ମାହାଙ୍ଗା ଭାଜପା ପ୍ରାର୍ଥୀ ସୁମନ୍ତ ଘଡେଇ ପଦଯାତ୍ରାରେ ଆସି ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ୍‌ଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହି ଅବସରରେ ସୁମନ୍ତ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ କାର୍ଯ୍ୟକୁ ପାଥେୟ କରି ନିର୍ବାଚନ ଲଢିବି। ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟ ହିଁ ମୋଦିଙ୍କ ଗ୍ୟାରେଣ୍ଟି। ମାହାଙ୍ଗା ଅଞ୍ଚଳ ଦୁର୍ନୀତି ଓ ଅପରାଧ ମୁକ୍ତ କରାଯିବ ବୋଲି ସେ କହିଛନ୍ତି। ମାହାଙ୍ଗାର ସ୍ୱାଧୀନ ପ୍ରାର୍ଥୀ ସାରଦା ପ୍ରଧାନ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରୁ ବିଶାଳ ବାଇକ୍ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ପରେ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ୍‌ଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହି ଅବସରରେ ସେ କହିଛନ୍ତି, ମାହାଙ୍ଗାର ସ୍ୱାଭିମାନ ରକ୍ଷା କରିବା ଓ ଲୋକଙ୍କ ହିତ ପାଇଁ ସ୍ୱାଧୀନ ଭାବେ ନିର୍ବାଚନ ଲଢୁଛି। ଅପରପକ୍ଷରେ ନିଆଳିର ସ୍ୱାଧୀନ ପ୍ରାର୍ଥୀ ଅଭିମନ୍ୟୁ ମଲ୍ଲିକ ଓ ତୃପ୍ତିରଞ୍ଜନ ବେହେରା ପ୍ରମୁଖ ଅତିରିକ୍ତ ଉପଜିଲାପାଳ ଦେବାଶିଷ ମହାପାତ୍ରଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସାଲେପୁର ନିର୍ବାଚନମଣ୍ଡଳୀ ନିମନ୍ତେ କୌଣସି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ନ ଥିବା ଜଣାପଡ଼ିଛି।



ମାହାଙ୍ଗା କଂଗ୍ରେସ ପ୍ରାର୍ଥୀ ଦେବେନ୍ଦ୍ର ସାହୁ ଓ ଭାଜପା ପ୍ରାର୍ଥୀ ସୁମନ୍ତ ଘଡ଼େଇ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

## ଦୁର୍ନୀତି ବିରୋଧରେ ସ୍ୱର ଉଠାଇବ ଭାଜପା

କଟକ,୧୦।୫(ଶିକ୍ଷା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି)ର ୧ ନମ୍ବର ୱାର୍ଡରେ ଭାଜପା କର୍ମୀ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜସ୍ଥାନର ମନ୍ତ୍ରୀ ଅବିନାଶ ଗେହଲଟ, ବିଧାୟକ ପ୍ରାର୍ଥୀ ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ, ପୂର୍ବତନ ମନ୍ତ୍ରୀ ସମୀର ଦେ, ନଗର ଜିଲା ସଭାପତି ଲଲାଟେନ୍ଦୁ ବଡୁ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଗେହଲଟ କହିଛନ୍ତି, ରାଜ୍ୟରେ ଶାସକ ଦଳର ଭ୍ରଷ୍ଟାଚାର, କଂଗ୍ରେସର ଦୁର୍ନୀତି ଓ ଅପାରଗତା ବିରୋଧରେ ଭାଜପା ସ୍ୱର ଉଠାଇବ। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତର ବାର୍ତ୍ତା ଏବଂ ଆଗାମୀ ଦିନରେ କଟକ ପ୍ରତି କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତା ଓ ସଂକଳ୍ପ ବିଷୟରେ ସେ ଅବଗତ କରାଇଥିଲେ। ଏହି ସମ୍ମିଳନୀରେ ପ୍ରଦୀପ ସ୍ୱାଇଁ, ଲକ୍ଷ୍ମୀଧର ପ୍ରଧାନ, ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ସିକନ୍ଦର ଅଲି, ପୂର୍ବତନ କର୍ପୋରେଟର ଚିତ୍ତରଞ୍ଜନ ଦାସ, କର୍ପୋରେଟର ଲକ୍ଷ୍ମୀଧର ବେହେରା, ଜିଲା ସାଧାରଣ ସମ୍ପାଦକ ବିବେକାନନ୍ଦ ନାୟକ, ବାଇମୁଣ୍ଡି ମଣ୍ଡଳ ସଭାପତି କବିରଞ୍ଜନ ମହାନ୍ତି, ତପନ ବେହେରା, ଉମେଶ ଚନ୍ଦ୍ର ବେହେରା, ଶଙ୍କରାଚାର୍ଯ୍ୟ ଚୌଧୁରୀ, ଉମା ବେହେରା, ରମେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଓଟିରୁ ରୋଗୀଙ୍କୁ ଫେରାଇଦେଲେ ଡାକ୍ତର

**ଏସ୍‌ସିବିରେ ରୋଗୀ ଚିକିତ୍ସାରେ ଅବହେଳା**




କଟକ,୧୦।୫(ଶିକ୍ଷା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ରୋଗୀ ଚିକିତ୍ସାରେ ଅବହେଳା କରାଯାଇଥିବା ଅଭିଯୋଗ ହୋଇଛି। ଅସ୍ତ୍ରୋପଚାର ନକରି ରୋଗୀଙ୍କୁ ଓଟିରୁ ଫେରାଇ ଆଣି ଘରୋଇ ହସ୍ପିଟାଲକୁ ନେବା ପାଇଁ କୁହାଯାଇଥିବା ରୋଗୀଙ୍କ ସ୍ୱାମୀ ମନୋରଞ୍ଜନ ମହାଳିକ କହିଛନ୍ତି। ଏ ନେଇ ସେ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଏସ୍‌ସିବି ମେଡିକାଲ ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତଙ୍କ ନିକଟରେ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳର ରଞ୍ଜିତା ମହାଳିକଙ୍କ ହାତରେ ଆଘାତ ଲାଗିଥିଲା। ଗତ ୬ ତାରିଖରେ ସେ ଏସ୍‌ସିବି ମେଡିକାଲର ଅର୍ଥୋପେଡିକ୍ ବିଭାଗରେ ଭର୍ତ୍ତି ହୋଇଥିଲେ। ବିଭିନ୍ନ ପରୀକ୍ଷା ପରେ ଅସ୍ତ୍ରୋପଚାର କରିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଶୁକ୍ରବାର ଅସ୍ତ୍ରୋପଚାର ପାଇଁ ଦିନ ସ୍ଥିର ହୋଇଥିଲା। ଫଳରେ ଶୁକ୍ରବାର ରଞ୍ଜିତାଙ୍କ ଅସ୍ତ୍ରୋପଚାର ପାଇଁ ଓଟିରେ ସମସ୍ତ ବ୍ୟବସ୍ଥା ସରିଥିଲା। ପରେ ତାଙ୍କୁ ଓଟିକୁ ନିଆଯାଇଥିଲା। କିଛି ସମୟ ଅପେକ୍ଷା କରିବାକୁ ଡାକ୍ତର କହିବା ପରେ ଓପନ୍ ସର୍ଜରୀ କରିବାକୁ କହିଥିଲେ। ରୋଗୀଙ୍କ ସ୍ୱାମୀ ମନୋରଞ୍ଜନ ଏନେଇ ବିଚାର କରିବାକୁ ସମୟ ମାଗିବାରୁ ଅସ୍ତ୍ରୋପଚାର ପାଇଁ ଡାକ୍ତର ଅନ୍ୟ ତାରିଖ ଦେବା ସହ ଆର୍ଥୋସ୍କୋପି ଅସ୍ତ୍ରୋପଚାର କରିବା ପାଇଁ ଘରୋଇ ହସ୍ପିଟାଲ ଯିବାକୁ କହିଥିଲେ। ଏହାକୁ ନେଇ ମନୋରଞ୍ଜନ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏ ସମ୍ପର୍କରେ ମନୋରଞ୍ଜନ କହିଛନ୍ତି, ଅବ୍ୟବସ୍ଥା ବିଷୟରେ ମେଡିକାଲର ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଛି। ଆସନ୍ତା ସୋମବାର ଅସ୍ତ୍ରୋପଚାର ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିବା ମହାଳିକ କହିଛନ୍ତି। ଅପରପକ୍ଷରେ ସମ୍ପୃକ୍ତ ଡାକ୍ତରଙ୍କୁ ପଚାରିବାରୁ ସେ କହିଥିଲେ, ମହିଳାଙ୍କ ଅସ୍ତ୍ରୋପଚାର ପାଇଁ ଅନ୍ୟଏକ ଦିନ ଧାର୍ଯ୍ୟ କରାଯାଇଛି। ଯଦି ସୁବିଧା ହେଉଛି, ତା’ହେଲେ ତାଙ୍କୁ ଘରୋଇ ହସ୍ପିଟାଲକୁ ନେଇଯିବା ପାଇଁ କହିଥିଲେ। ଏନେଇ ଏସ୍‌ସିବି ମେଡିକାଲ ପ୍ରଶାସନିକ ଅଧିକାରୀ ଅବିନାଶ ରାଉତଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ପ୍ରତିକ୍ରିୟା ମିଳିପାରିନାହିଁ।

## କଂଗ୍ରେସ ପ୍ରାର୍ଥୀଙ୍କ ପଦଯାତ୍ରା

କଟକ, ୧୦।୫(ଶିକ୍ଷା ପ୍ରିୟଦର୍ଶିନୀ)

ବାରବାଟୀ-କଟକ କଂଗ୍ରେସ ପ୍ରାର୍ଥୀ ସୋଫିଆ ଫିର୍ଦ୍ଦୋଶ ଶୁକ୍ରବାର ପୂର୍ବାହ୍ନରେ କଟକ ସ୍ୱରାଜ ଆଶ୍ରମ ନିକଟରୁ ପଦଯାତ୍ରା ଆରମ୍ଭ କରି ବିଭିନ୍ନ ଅଞ୍ଚଳରେ ପରିକ୍ରମା କରିଛନ୍ତି। ଏଥିସହ ସେ ନିର୍ବାଚନ ସମ୍ପର୍କରେ ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତ୍ରୀ ଗିରିବାଳା ବେହେରା, ରାମବଲ୍ଲଭ ଦ୍ୱିବେଦୀ, ଡ. ସନ୍ତୋଷ ବଳ, ହରେକୃଷ୍ଣ ବେହେରା, ପୂର୍ଣ୍ଣିମା ସାହୁ, ମୀରା ବେହେରା, କବିତା ମାଝି, ସତ୍ୟଭାମା ବେହେରା, ଅରୁଣ ବେହେରା, ଅରବିନ୍ଦ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ‘ଗୀତଗୋବିନ୍ଦର ଅନନ୍ୟ ପ୍ରଭାବ ରହିଛି’




ଉତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

କଟକ,୧୦।୫ (କାର୍ତ୍ତିକ ସାହୁ)

ପ୍ରସିଦ୍ଧ ସଂସ୍କୃତ ଗୀତିକାବ୍ୟ ଗୀତଗୋବିନ୍ଦର ରଚୟିତା ଜୟଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତିରେ ଜୟଦେବକୃତ ଗୀତଗୋବିନ୍ଦର ଅନନ୍ୟ ପ୍ରଭାବ ରହିଛି ବୋଲି ବକ୍ତାମାନେ କହିଛନ୍ତି। ଜୟଦେବ ସାଂସ୍କୃତିକ ପରିଷଦର ସଭାପତି ଡା. ଦୀନବନ୍ଧୁ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜଷ୍ଟିସ୍ ଡ. ଦୁର୍ଗାପ୍ରସନ୍ନ ଚୌଧୁରୀ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. କମଳଜିତ୍ ସିଂହ, ମୁଖ୍ୟବକ୍ତା ପ୍ରଫେସର ଡ. ରବିନାରାୟଣ ପଣ୍ଡା, ବିଶିଷ୍ଟ ଅତିଥି ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ଶିକ୍ଷାବିତ୍ ଇଂ. ସୁନୀଲ କୁମାର ପଟ୍ଟନାୟକ, ଡ. ମନୋଜ କୁମାର ଦାଶ, ସୁଧାଂଶୁ ଶେଖର ଦାସ ପ୍ରମୁଖ ଯୋଗଦେଇଥିଲେ। ଜୟଦେବ ଲହରୀ-୨୦୨୪ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଇଂ. ରାମକୃଷ୍ଣ ମହାରଣା, ଇଂ. ଡିଭାଇନ ଦାସ, ନୃତ୍ୟଶିଳ୍ପୀ ସନ୍ତୋଷ ପରିଡ଼ା, ଓଡ଼ିଶୀ ନୃତ୍ୟଶିଳ୍ପୀ ସ୍ମିତାରାଣୀ ସୂତାର, ଗାୟିକା ନିରୁପମା ପଣ୍ଡା ଓ ଆୟୁର୍ବେଦ ଗବେଷକ ଡା. ମିନତି ମହାରଣା ଉପସ୍ଥିତ ଥିଲେ। ଅଜିତ୍ ମହାପାତ୍ର ସ୍ୱାଗତ ଭାଷଣ, ଅଧ୍ୟାପକ ଅଶୋକ ପଣ୍ଡା ଅତିଥି ପରିଚୟ ଦେଇଥିଲେ।

## ବିଜେଡି କର୍ମୀ ସମ୍ମିଳନୀ

କଟକ,୧୦।୫(ଶିକ୍ଷା ପ୍ରିୟଦର୍ଶିନୀ)

କଟକ ସୂତାହାଟ ଅଞ୍ଚଳରେ ବିଜେଡି କର୍ମୀ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଜିଲା ବିଜେଡି ସଭାପତି ତଥା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର, ବିଧାନସଭା ପ୍ରାର୍ଥୀ ପ୍ରକାଶ ବେହେରା, ମେୟର ସୁବାସ ସିଂ ଯୋଗଦେଇଥିଲେ। ଏଥିରେ ପ୍ରକାଶ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁ କଟକର ବିକାଶ ହୋଇଛି। ବିରୋଧୀ ସମସ୍ତ କାର୍ଯ୍ୟର ଶ୍ରେୟ ନେଉଛନ୍ତି, ହେଲେ ସତ କଣ ତାହା ସାଧାରଣ ଲୋକଙ୍କୁ ଅଛପା ନାହିଁ ବୋଲି ବେହେରା କହିଛନ୍ତି। ଏହି ସମ୍ମିଳନୀରେ କର୍ପୋରେଟର କୁରେଶା ନୁର, ପ୍ରଦୀପ ସିଂ, ମହମ୍ମଦ ହଲିମ, ସୟଦ୍ ସାଜିଦ ଅଲ୍ଲୀ, ଶେଖ୍ ଆସିଫ୍‌ଙ୍କ ସମେତ ଦଳୀୟ କର୍ମୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଅପରାହ୍ନରେ ସିଏମ୍‌ସି ଅଧୀନ ୨୪ ନମ୍ବର ୱାର୍ଡରେ ଦୋଳମୁଣ୍ଡାଇ ପୂଜା କମିଟି ନିକଟରୁ ବିଜେଡିର ପଦଯାତ୍ରା ବାହାରିଥିଲା। ଏଥିରେ ପ୍ରକାଶ ବେହେରା ଯୋଗଦେଇ ଘରକୁ ଘର ବୁଲି ନିର୍ବାଚନ ପ୍ରଚାର କରିଥିଲେ। ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ପଦଯାତ୍ରାରେ କର୍ପୋରେଟର ଦୀପ୍ତିମୟୀ ମୂଳିଆ, ୱାର୍ଡ ସଭାପତି ପ୍ରତାପ ମୂଳିଆ, କଟକ ଜିଲା ବିଜେଡି ଉପସଭାପତି ଲିଙ୍ଗରାଜ ହାତୀ, କାବୁଲି ମୂଳିଆ ପ୍ରମୁଖ ଉପସ୍ଥିତ ଥିଲେ। ପରେ କଟକ କନିକା ଛକଠାରେ ବାରବାଟୀ-କଟକ ବିଜେଡିର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଥିଲା।

## ଗଛକଟା ବନ୍ଦ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

କଟକ,୧୦।୫ (କାର୍ତ୍ତିକ ସାହୁ)

ନୂତନ ରାସ୍ତା ନିର୍ମାଣ ପାଇଁ କଟକ ସହରର ପୁରୁଣା ଗଛଗୁଡ଼ିକୁ କାଟି ଦିଆଯାଉଛି। ଏହାକୁ ନେଇ ସହରର ବରିଷ୍ଠ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିକଳ୍ପ ଆପଣାଇବା ସହ ଗଛକଟା ବନ୍ଦ ପାଇଁ ନିର୍ଦ୍ଦେଶ ଦେବାକୁ ସେମାନେ ଚିଠି ଲେଖି ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

ସେମାନେ ଚିଠିରେ ଲେଖିଛନ୍ତି, କିଛିଦିନ ଧରି ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହେଉଛି। ଘର ବାହାରେ ମୁଣ୍ଡଫଟା ଖରା ଓ ଘର ଭିତରେ ଅସହ୍ୟ ଗରମ ଅନୁଭୂତ ହେଉଛି। ଘର ଭିତରେ ରହି ହେଉନାହିଁ କି ଘର ବାହାରକୁ ଯାଇ ହେଉନାହିଁ। ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱର ସମେତ ସାରା ରାଜ୍ୟରେ ଅବାଧ ଗଛକଟା ପରିସ୍ଥିତିକୁ ଜଟିଳ କରିଦେଇଛି। କଟକ ସହରକୁ ଘେରି ରହିଥିବା ମହାନଦୀ ଓ କାଠଯୋଡ଼ି କୂଳରୁ ଗଛକଟା ଅଭିଯାନ ଚାଲିଛି। ଖାନ୍‌ନଗର ପାଖ କାଠଯୋଡ଼ି କୂଳରେ ଓ ମଧୁସୂଦନ ସେତୁ ପାଖ ମହାନଦୀ କୂଳରେ ଦୀର୍ଘ ବର୍ଷର ପୁରୁଣା ଗଛସବୁ ଆଉ ନାହିଁ। ନୂତନ ରାସ୍ତା ନିର୍ମାଣ ପାଇଁ ଗଛ ନ କାଟି ଏକାଧିକ ବିକଳ୍ପ ପନ୍ଥା ରହିଛି। ବିଶ୍ୱର ଉନ୍ନତ ଦେଶଗୁଡ଼ିକରେ ତଥା ଭାରତର ଉନ୍ନତ ରାଜ୍ୟଗୁଡ଼ିକରେ ଏହିସବୁ ବିକଳ୍ପ ପନ୍ଥା ଅବଲମ୍ବନ କରାଯାଉଛି। ମଣିଷର ବ୍ୟବହାର ପାଇଁ ରାସ୍ତା ନିର୍ମାଣ କରାଯାଇଥାଏ। ମାତ୍ର ମଣିଷ ବିଲୁପ୍ତ ହୋଇଗଲେ, ରାସ୍ତା ମୂଲ୍ୟହୀନ ହୋଇଯିବ। ଏହି ପରିପ୍ରେକ୍ଷୀରେ ଶିକ୍ଷାବିତ୍‌ମାନେ ଗଛକଟା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ପ୍ରଫେସର ଅନନ୍ତ ଚରଣ ସାହୁ, ଗୋରାଚାନ୍ଦ ପଟ୍ଟନାୟକ, ଜ୍ଞାନେନ୍ଦ୍ର କୁମାର ଶର୍ମା, ତୁଷାରକାନ୍ତ ପଟ୍ଟନାୟକ, ଦିନେଶ ପ୍ରସାଦ ପଟ୍ଟନାୟକ, ଦେବପ୍ରସାଦ ନନ୍ଦ, ନାରାୟଣ ମହାନ୍ତି, ପ୍ରଭାତ କୁମାର ମିଶ୍ର, ପ୍ରେମାନନ୍ଦ ମିଶ୍ର, ବାସନ୍ତୀ ରାୟ ପ୍ରମୁଖ ଉକ୍ତ ପତ୍ରରେ ସ୍ୱାକ୍ଷର କରିଛନ୍ତି।

# ‘କୃଷକଙ୍କ ବିକାଶ ହେଲେ ଦେଶର ଉନ୍ନତି ହେବ’



ଖୁଣ୍ଟକଟା ପଞ୍ଚାୟତରେ ଆଠଗଡ଼ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଆଗ୍ରାହାଟ ପଞ୍ଚାୟତର କୁଜିବର ଗ୍ରାମରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଅକ୍ଷିମୁଠି ଅନୁକୂଳ କରୁଛନ୍ତି।

**ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମ**

ମଙ୍ଗୁଳି-ଜଗତପୁର/ଚୌଦ୍ୱାର/କଟକ/ ଆଠଗଡ/ ଟିଗିରିଆ,୧୦।୫ (ମାନସ ସାମଲ/ଆଶୁତୋଷ ଦାସ/ କାର୍ତ୍ତିକ ସାହୁ/ ସତ୍ୟପ୍ରସାଦ ରଥ/ ଜାଫର ଖାଁ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଆଗ୍ରାହାଟ ପଞ୍ଚାୟତ ଅଧୀନ କୁଜିବର ଗ୍ରାମରେ ଶୁକ୍ରବାର ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ଅକ୍ଷିମୁଠି ଅନୁକୂଳ କରିଥିଲେ। ଏହି ଅବସରରେ ସଂତୃପ୍ତ କହିଛନ୍ତି, କୃଷି, କୃଷକଙ୍କ ବିକାଶ ହେଲେ ରାଜ୍ୟ ତଥା ଦେଶର ଉନ୍ନତି ହେବ। ପରେ ଆୟୋଜିତ ଏକ ସଭାରେ ସଂତୃପ୍ତ ଓ ପ୍ରଭାତ ଯୋଗଦେଇ ସ୍ଥାନୀୟ ଚାଷୀ ପବିତ୍ର ମୋହନ ପଣ୍ଡା, ଅର୍ଜୁନୀ ଦାସ, ଆଦିକନ୍ଦ ସେଠୀ, ରତ୍ନାକର ସେଠୀ, ବିଚିତ୍ରାନନ୍ଦ ରାଉତ, ଅଶୋକ ନାୟକ, ଅଜୟ ସାହୁ, ବିଷ୍ଣୁ ଚରଣ ସାହାଣୀ, ଜୟୀରାମ ଦାସ, କୈଳାସ ସାମଲଙ୍କ ସମେତ ୨୨ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ୱାର୍ଡ ମେମ୍ବର ପ୍ରମୋଦ ସାମଲ, ସନ୍ତୋଷ କୁମାର ଦାସ, ରଞ୍ଜନ ଦାସ, ଗ୍ରାମ ମୁରବି ଶରତ ଚନ୍ଦ୍ର ନାୟକ, ଅନନ୍ତ ଦାସ, ଆଗ୍ରାହାଟ ପଞ୍ଚାୟତଙ୍କ ପ୍ରତିନିଧି କିରଣ କୁମାର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁବନେତା ଶାରଦା ରଞ୍ଜନ ପରିଜା, କାଉନସିଲର ଆଶୁତୋଷ ଦାସ, ଆଳତି ଯୁବକ ସଂଘର ସଦସ୍ୟଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

କଟକସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନରେ ଶୁକ୍ରବାର ଅକ୍ଷୟ ତୃତୀୟା ପାଳନ କରାଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ କ୍ଷେତ୍ରର ମାଟିରେ ଧାନ ବିହନ ବୁଣି ମୁଠି ଅନୁକୂଳ କରିଥିଲେ। ଏହି ପରମ୍ପରା କୃଷି ଗବେଷଣା ଓ ବିକାଶ ପାଇଁ ଅନୁଷ୍ଠାନର ପ୍ରତିବଦ୍ଧତାକୁ ପ୍ରତୀକ କରେ ବୋଲି ଡ. ନାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ବିଭିନ୍ନ ବିଭାଗର ମୁଖ୍ୟ, କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।

ଆଠଗଡରେ ବ୍ଲକ ସ୍ତରୀୟ କୃଷକ ଦିବସ ଓ ଅକ୍ଷୟ ତୃତୀୟା ଖୁଣ୍ଟକଟା ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ବିଜୁ କୃଷକ ଜନତା ଦଳ ସଭାପତି ସୁବାସ ଚନ୍ଦ୍ର ପାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅକ୍ଷିମୁଠି ଅନୁକୂଳ କରିଥିଲେ। ମୁଖ୍ୟ ବକ୍ତାଭାବେ ଆଠଗଡ଼ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ରଞ୍ଜନ କୁମାର ଆଚାର୍ଯ୍ୟ, ସମ୍ମାନିତ ଅତିଥିଭାବେ ପୂର୍ବତନ ଜିଲାପରିଷଦ ସଭ୍ୟ ନୃସିଂହ ଚରଣ ମହାପାତ୍ର, ଆଠଗଡ ବିଜ୍ଞାପିତ ପରିଷଦ ଅଧ୍ୟକ୍ଷା ସସ୍ମିତା ରାଉତ,ପୂର୍ବତନ କଟକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୁନୀଲ କୁମାର ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କେତେଜଣ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା।

ଟିଗିରିଆ ବ୍ଲକଅନ୍ତର୍ଗତବିନ୍ଧାଣିମାଠାରେ ଆଠଗଡ ନିର୍ବାଚନମଣ୍ଡଳୀର ବିଜେଡି ଯୁବ ସଙ୍ଗଠକ ଆଦିତ୍ୟ ପ୍ରତାପ ସ୍ୱାଇଁ ଅକ୍ଷିମୁଠି ଅନୁକୂଳ କରିବା ସହ ଜମିରେ ହଳ କରିଥିଲେ। ଏନେଇ ଆୟୋଜିତ ସଭାରେ ଟିଗିରିଆ ବ୍ଲକ ବିଜେଡି ସଭାପତି ଅଜିତ ଧୀର ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାଗିରଥି ନନ୍ଦ, ସମ୍ମାନିତ ଅତିଥିଭାବେ ରାଜ୍ୟ ଓପେଲ ଫେଡ଼ ସଭାପତି ଭୋଳେଶ୍ୱର ସ୍ୱାଇଁ, ଟିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧ୍ୟକ୍ଷ ମାନସ ସାହୁ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ଟିଗିରିଆ ବ୍ଲକ ଆତ୍ମା କମିଟି ସଭାପତି ହରେନ୍ଦ୍ର ଦଳେଇ ପ୍ରମୁଖ ଯୋଗଦେଇଥିଲେ।

## ପୋଲିସକୁ ଆକ୍ରମଣ, ୨ ଗିରଫ

କଟକ,୧୦।୫(ଦିବାକର ସାହୁ)

ପୋଲିସକୁ ଆକ୍ରମଣ କରିବା ଅଭିଯୋଗରେ ବାଦାମବାଡି ପୋଲିସ ୨ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଟକ ରାଜାବଗିଚା ଅଞ୍ଚଳର କାଳନ୍ଦୀ ନାୟକ ଓ ସାଲେପୁର ଥାନା ଅଧୀନ ପାଟପୁର ଅଞ୍ଚଳର ଅନିରୁଦ୍ଧ ମଙ୍ଗରାଜ। ମିଳିଥିବା ସୂଚନା ଅନୁସାରେ, ଗୁରୁବାର ବିଳମ୍ବିତ ରାତିରେ କଟକ ନେତାଜୀ ବସ୍ ଟର୍ମିନାଲ ଭିତରେ ଏକ ସଂସ୍ଥାର ପୂର୍ବତନ ସୁରକ୍ଷାକର୍ମୀ ଆତଙ୍କ ସୃଷ୍ଟି କରିଥିଲେ। ଏହି ସିକ୍ୟୁରିଟି ସଂସ୍ଥାରେ ନୂଆକରି ନିଯୁକ୍ତି ପାଇଥିବା ସୁପରଭାଇଜର ବେଣୁଧର ପଣ୍ଡାଙ୍କୁ ନିଶାସକ୍ତ ଅବସ୍ଥାରେ ସେମାନେ ଧମକ ଦେଇଥିଲେ। ଡ୍ୟୁଟିବେଳେ ନିଶାଦ୍ରବ୍ୟ ସେବନ କରୁଥିବାରୁ ସେମାନଙ୍କୁ ଚାକିରୀରୁ ବାହାର କରିଦିଆଯାଇଥିଲା। ଏଥିପାଇଁ ସେମାନେ ବେଣୁଧରଙ୍କୁ ଦାୟୀ କରି ଟର୍ମିନାଲ ଭିତରେ ଗଣ୍ଡଗୋଳ କରିଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚିଥିଲା। ହେଲେ ଅଭିଯୁକ୍ତମାନେ ସୁପର ଭାଇଜରଙ୍କ ସମେତ ପୋଲିସ କର୍ମଚାରୀ କୃଷ୍ଣଚନ୍ଦ୍ର ବିଶ୍ୱାଳଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ଏନେଇ କୃଷ୍ଣଚନ୍ଦ୍ର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

**ସଂକ୍ଷେପରେ**

## ବୋଲଗଡ଼ ବ୍ଲକ ଅଞ୍ଚଳରେ ଅକ୍ଷୟ ତୃତୀୟା ପର୍ବ



**ବୋଲଗଡ଼,୧୦ା୫(ଦେବବ୍ରତ ହୋତା):** ବୈଶାଖ ଶୁକ୍ଳପକ୍ଷ ତୃତୀୟା ଅର୍ଥାତ୍ ଅକ୍ଷୟ ତୃତୀୟା ପର୍ବ ବୋଲଗଡ଼ ବ୍ଲକ ଅଞ୍ଚଳରେ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରାତଃରୁ ମହିଳାମାନେ ଘର ଲିପାପୋଛା କରି ଶୁଦ୍ଧ ସ୍ନାନ ପରେ ଘର ସମ୍ମୁଖରେ ଝୋଟି ଦେଇ ପୂର୍ଣ୍ଣକୁମ୍ଭ ସ୍ଥାପନ କରିଥିଲେ। ଚାଷ ଟୋକେଇକୁ ନୂତନ ବସ୍ତ୍ର ଓ ପୁଷ୍ପରେ ସୁସଜ୍ଜିତ କରି ନଡ଼ିଆ, କଦଳୀ, ଆମ୍ବ, ତାଳ, ଖଜୁରି କୋଳି, ଖିରି କୋଳି ଓ ପଳାସ ପତ୍ର ସହିତ ଧୂପ ଦୀପ ଆଦି ସାମଗ୍ରୀକୁ ସଜ୍ଜିତ ଟୋକେଇରେ ରଖିଥିଲେ। ଘରର ମୁରବିମାନେ ଅନୁକୂଳ ଚାଷଜମିରେ ମା' ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରାଯାଇ ନୂତନ ଧାନବିହନ ଅନୁକୂଳ କରିଥିଲେ। ଏହି ପର୍ବକୁ ବୋଲଗଡ଼ ବ୍ଲକ ଅଞ୍ଚଳର ସମସ୍ତ ଗ୍ରାମର କୃଷକମାନେ ମହା ଆନନ୍ଦ ସହକାରେ ପାଳନ କରିଥିବା ଦେଖିବାକୁ ମିଳିଥିଲା।

## ଭଉଁରି ଚନ୍ଦନ ଯାତ୍ରାର ପ୍ରସ୍ତୁତି ବୈଠକ

**ଟାଙ୍ଗୀ–ଖୋର୍ଦ୍ଧା,୧୦ା୫(ରଘୁନାଥ ସାହୁ):** ଜରିପଡ଼ା ଶ୍ରୀକେଦାରେଶ୍ୱର ମନ୍ଦିର ପରିସରରେ ଭଉଁରି ଚନ୍ଦନ ଯାତ୍ରାର ପ୍ରସ୍ତୁତି ବୈଠକ ସଭାପତି ଜୟନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଭଉଁରିଯାତ୍ରାକୁ ଅଧିକ ସରସ ସୁନ୍ଦର କରିବାକୁ ସଦସ୍ୟମାନେ ଆଲୋଚନା କରିଥିଲେ। ପରବର୍ତ୍ତୀ ବୈଠକ ଆସନ୍ତା ୧୫ ତାରିଖରେ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଉପସଭାପତି ଅପର୍ତ୍ତି ବିଶ୍ୱାଳ, ପ୍ରଭାକର ବିଶ୍ୱାଳ, ତ୍ରିଲୋଚନ ସାହୁ, ଆଲୋକ ନାଥ, ପ୍ରଦୀପ ପାତ୍ର, ପ୍ରଭାତ କୁମାର ସାମନ୍ତଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## କବାଟ ତାଡ଼ି ସୁନାଗହଣା ଚୋରି

**ଟାଙ୍ଗୀ– ଖୋର୍ଦ୍ଧା,୧୦ା୫(ରଘୁନାଥ ସାହୁ):** ଟାଙ୍ଗୀ ବଳରାମପୁର ସାହି ବାସିନ୍ଦା ସଞ୍ଜୟ ସାହୁଙ୍କ ଘରୁ ଗୁରୁବାର ରାତିରେ କବାଟ ତାଡ଼ି ସୁନାଗହଣା ଓ ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏଥିରେ ଟାଙ୍ଗୀ ପୋଲିସ ଶୁକ୍ରବାର ସନ୍ଧାନୀ କୁକୁର ଓ ଫୋରେନ୍‌ସିକ ଟିମ୍ ମାଧ୍ୟମରେ ତଦନ୍ତ କରାଯାଇଥିବା ଜଣାପଡ଼ିଛି। ମଧ୍ୟାହ୍ନରେ ଟିମ୍ ପହଞ୍ଚି ଘର ମଧ୍ୟରେ ପଡ଼ିଥିବା ସମସ୍ତ ଜିନିଷପତ୍ର, ଲାପ୍‌ଟପ୍‌ର ଫିଙ୍ଗର ପ୍ରିଣ୍ଟ ନେଇଥିଲେ। ସନ୍ଧାନୀ କୁକୁର ଚୋରି ହୋଇଥିବା ଘରୁ ବାହାରି ଚଟିପୋଖରୀ ଆଡ଼କୁ ଯାଇ ନାଳ ଅତିକ୍ରମକରି ବିଲ ଗହୀର ମଧ୍ୟରେ କିଛି ବାଟ ଯାଇଥିଲା। ସେଠାରୁ ସଞ୍ଜୟଙ୍କ ପୁଅଙ୍କ ପରିଚୟ ପତ୍ର ଓ ୨ଟି କଏନ୍ କୁକୁର ପାଇଥିଲା। ଟାଙ୍ଗୀ ଥାନା ଆଇଆଇସି ସୁଶାନ୍ତ ବେହେରାଙ୍କ ନିର୍ଦ୍ଦେଶକ୍ରମେ ସବ୍‌ଇନ୍ସପେକ୍ଟର ଅଶୋକ ମହାପାତ୍ର ତଦନ୍ତ ଦାୟିତ୍ୱ ନେଇଛନ୍ତି। ଏନେଇ ଥାନାରେ ୩୬୮/୨୪ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

## ଅକ୍ଷୟ ତୃତୀୟାରେ ଅଖିମୁଠି ବୁଣିଲେ ବିଧାୟକ ପ୍ରାର୍ଥୀ

**ଜଟଣୀ,୧୦ା୫(ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ସହର ଓ ଏହାର ଆଖପାଖ ଅଞ୍ଚଳରେ ବେଶ୍ ଆନନ୍ଦ ଉଲ୍ଲାସର ସହ ଅକ୍ଷୟ ତୃତୀୟା ଶୁକ୍ରବାର ପାଳିତ ହୋଇଯାଇଛି। ଚାଷୀ ନିଜ ନିଜ କ୍ଷେତରେ ପୂଜାର୍ଚ୍ଚନା କରି ଅଖିମୁଠି ଅନୁକୂଳ କରିଥିଲେ। ଏହି ଅବସରରେ ଜଟଣୀ ନିର୍ବାଚନମଣ୍ଡଳୀର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ମନ୍ମଥ ଅଲ୍ଲୀ ଜଟଣୀ ବ୍ଲକ ଅଧୀନ ଜାମୁକୋଳିଠାରେ କ୍ଷେତରେ ହଳ କରିବା ସହିତ ଅଖିମୁଠି ବୁଣି ଚାଷୀଭାଇଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଜଟଣୀ ବ୍ଲକ ଅଧୀନ ବଡ଼ତୋଟା ଗ୍ରାମରେ ଚାଷୀ ଗୋପାଳ ଚରଣ ସାହୁ, ଜବାହରଲାଲ ସୁବୁଦ୍ଧି, ବିଜୟ ସାହୁ, ଗୋପାଳ ଚରଣ ବେହେରା, ଗୁଣନିଧି ବାରିକ, ବିଜୟ ପ୍ରଧାନ, ପ୍ରଶାନ୍ତ ସାହୁଙ୍କ ସହିତ ବହୁ ଚାଷୀ ଜଗତ କଲ୍ୟାଣ ପାଇଁ ଧରିତ୍ରୀ ମା'ଙ୍କୁ ପୂଜାର୍ଚ୍ଚନା କରି ଧାନବିହନ ଅନୁକୂଳ କରିଥିଲେ।

# ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ରରେ ରଥକାଠ ଅନୁକୂଳ

**ଖୋର୍ଦ୍ଧା,୧୦ା୫(ପ୍ରଭାତ ପାଣିଗ୍ରାହୀ)**



ଗଡ଼ଖୋରଧାସ୍ଥିତ ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ରରେ ଶୁକ୍ରବାର ପବିତ୍ର ଅକ୍ଷୟ ତୃତୀୟାରେ ପ୍ରଥା ଅନୁଯାୟୀ ରଥକାଠ ଅନୁକୂଳ କରାଯାଇଛି। ମହାପ୍ରଭୁଙ୍କ ସକାଳ ନୀତି ବଢ଼ି ଧୂପ ସମାପନ ପରେ ମନ୍ଦିର ପରିସରରେ ଏକ ଧଉରା କାଠ ରଖାଯାଇଥିଲା। ମହାପ୍ରଭୁଙ୍କ ଆଜ୍ଞାମାଳ ନୂତନ କାଠରେ ବିଜେ କରାଯାଇ ପୂଜାପାଠ କରାଯାଇଥିଲା। ରଥ ନିର୍ମାଣ ବଡ଼େଇ ଜଗନାଥ ମହାରଣା ଓ ଗୌରାଙ୍ଗ ସ୍ୱାଇଁ ରଥ ଅନୁକୂଳ କରିଥିଲେ। ପୂଜକ ଅନୁପ୍ରା ନନ୍ଦ ମହାପାତ୍ର ଓ ଅକ୍ଷୟ ମହାପାତ୍ର ପୂଜା କରିଥିଲେ। ଆଇନଜ୍ଞ ରମେଶ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋପାଳକୃଷ୍ଣ ଦାସ, ଜଗବନ୍ଧୁ ପଟ୍ଟନାୟକ, ରୂପକାର ବିନୋଦ ପଟ୍ଟନାୟକ ପ୍ରମୁଖ ଏହି କାର୍ଯ୍ୟରେ ସହାୟତା କରିଥିଲେ। ମୁଖ୍ୟ ପରିଚାଳକ ରମାକାନ୍ତ ପଟ୍ଟଯୋଷୀ ପ୍ରମୁଖ ଉପସ୍ଥିତ ଥିଲେ। ଖୋର୍ଦ୍ଧା- ଭୁବନେଶ୍ୱର ୧୬ ନଂ. ଜାତୀୟ ରାଜପଥ ଗଡ଼ଖୋର୍ଦ୍ଧା ଛକଠାରୁ ୨ଶହ ମିଟର ଦୂରରେ ରହିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର। ଏଠାରେ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ଶ୍ରୀମନ୍ଦିର ଢାଞ୍ଚାରେ ଅନୁଷ୍ଠିତ ହୋଇଥାଏ। ମନ୍ଦିର ପରିଚାଳନା ଲାଗି ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର କମିଟି ଗଠନ କରାଯାଇଛି। ଶ୍ରୀମନ୍ଦିର ରୀତିନୀତି ପ୍ରକାରେ ସମସ୍ତ ଦୈନନ୍ଦିନ ନୀତିକାନ୍ତି କରାଯାଉଛି। ମନ୍ଦିର ପରିସରରେ ଲୋକନାଥ ମନ୍ଦିର ଏବଂ ପରବର୍ତ୍ତୀ ସମୟରେ ମାତା ଲକ୍ଷ୍ମୀ ବିଗ୍ରହ ପ୍ରତିଷ୍ଠା କରାଯାଇଛି। ଏବେ ଗତ ୩ ବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ଆୟୋଜନ କରାଯାଉଛି। ଗବେଷକ ଗୋପାଳକୃଷ୍ଣ ଦାସଙ୍କ ମତରେ ଗଜପତି ପ୍ରଥମ ରାମଚନ୍ଦ୍ରଦେବ ଖ୍ରୀ. ୧୫୬୮ରେ ଗଡ଼ଖୋର୍ଦ୍ଧାରେ ଓଡ଼ିଶାର ରାଜଧାନୀ ସ୍ଥାପନା କରିଥିଲେ। ପରେ ଖ୍ରୀ. ୧୫୬୮ରେ କୁଜଙ୍ଗଗଡ଼ରୁ ଶ୍ରୀଜଗନ୍ନାଥଙ୍କ ବ୍ରହ୍ମ ଅଣାଇ ଗଡ଼ଖୋର୍ଦ୍ଧାସ୍ଥିତ ମନ୍ଦିରରେ ନବକଳେବର କରାଇ କଳାପାହାଡ଼ ଆକ୍ରମଣ ଯୋଗୁ ୮ବର୍ଷ ଶୂନ୍ୟ ରହିଥିବା ଶ୍ରୀମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କୁ ପୁନଃ ଶ୍ରୀମନ୍ଦିରରେ ସ୍ଥାପନା କରାଇଥିଲେ। ଏଥିଲାଗି ଗଜପତି ରାମଚନ୍ଦ୍ର ଦେବଙ୍କୁ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ଭାବେ ଶ୍ରୀମନ୍ଦିର ସେବାୟତ, ୧୬ ଶାସନ ବ୍ରାହ୍ମଣଙ୍କ ଦ୍ୱାରା ଭୂଷିତ ହୋଇଥିଲେ ବୋଲି ଐତିହାସିକ କେଦାରନାଥ ମହାପାତ୍ରଙ୍କ ଖୁରୁଧା ଇତିହାସ ପୁସ୍ତକରେ ସବିଶେଷ ବର୍ଣ୍ଣନା କରିଛନ୍ତି।

## ଗାଁରେ ବୁଲି ଭୋଗ ଖାଇଲେ ମା' ନାରାୟଣୀ



**ନିରାକାରପୁର,୧୦ା୫(ମାନସ ଚନ୍ଦ୍ର ପଟ୍ଟନାୟକ)**

ଡିଆ ପଞ୍ଚାୟତ ଭୋଇସାହି ଗ୍ରାମର ଇଷ୍ଟଦେବ ମା' ନାରାୟଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶୁକ୍ରବାର ମାନସିକଧାରୀ ମହିଳା/ପୁରୁଷମାନେ ନିକଟ ଜଳାଶୟରୁ ପାଣି ଭରାଇ ମଣ୍ଡପରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ପରେ ସୂର୍ଯ୍ୟପୂଜା, ଗୋପୂଜା ଆଦି ହୋମକାର୍ଯ୍ୟ ହୋଇଥିଲା। ଦିନତମାମ ମା'ଙ୍କ ପୀଠରେ ଚଣ୍ଡିପାଠ ଓ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଆହୁତି ପ୍ରଦାନ କରାଯାଇଥିଲା। ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଦେଖିବାକୁ ମା'ଙ୍କ ପୀଠରେ ଭକ୍ତଙ୍କ ସମାଗମ ହୋଇଥିଲା। ପରେ ମା' ନାରାୟଣୀ ଗାଁରେ ବୁଲି ଭୋଗ ଖାଇଥିଲେ।

## ଏକାଠି ହଳକରି ମୁଠି ଅନୁକୂଳ କଲେ ସୁର, ବିଭୂତି



**ଜଟଣୀ,୧୦ା୫(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ବିଜେଡି ବିଧାୟକ ପ୍ରାର୍ଥୀ ବିଭୂତି ବଳବନ୍ତରାୟ ଓ ନିକଟରେ କଂଗ୍ରେସରୁ ନିଲମ୍ବିତ ହୋଇଥିବା ଜଟଣୀ ବିଧାୟକ ସୁର ରାଉତରାୟ ଏକାଠି ହଳ କରିବା ସହ ଧାନବିହନ ବୁଣିଛନ୍ତି। ସୁର ଓ ବିଭୂତି ଏକାଠି ହୋଇ ଅଖିମୁଠି ଅନୁକୂଳ କରିବାକୁ ନେଇ ଜଟଣୀ ବିଜେଡି କର୍ମୀ ଏବେ ବେଶ୍ ଉତ୍ସାହିତ ଅଛନ୍ତି। ଜଟଣୀ ନିର୍ବାଚନମଣ୍ଡଳୀ ପ୍ରଧାନସାହି ପଞ୍ଚାୟତ ଅଧୀନ କଣ୍ଟିଲୋଠାରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଶୁକ୍ରବାର ଅଖିମୁଠି ଅନୁକୂଳ ହୋଇଥିଲା। ବଳଦ ହଳ ଲଙ୍ଗଳକୁ ନେଇ ଧାନ ଜମିରେ ଚାଷୀଙ୍କ ସହ ବିହନ ବୁଣି ଉଭୟ ସୁର, ବିଭୁତି ଚାଷୀଙ୍କ ଉତ୍ତୋରତର ଉନ୍ନତି କାମନା କରିଥିଲେ। ତେବେ ସୁର ଅଖିମୁଠି ଅନୁକୂଳ ପରେ ତାଙ୍କ ସାନ ପୁଅ ତଥା ବିଜେଡି ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟ ଏବଂ ବିଧାୟକ ପ୍ରାର୍ଥୀ ବିଭୁତି ବଳବନ୍ତରାୟଙ୍କ ପାଇଁ ଭୋଟ ମାଗିଥିଲେ। ଅନ୍ୟପଟେ ବିଭୁତି କହିଛନ୍ତି, ସୁର ତାଙ୍କ ଗୁରୁ, ସେମାନେ ଏକାଠି ହେବା ପରେ ଜଟଣୀରେ ଏକପାଖିଆ ଭାବରେ ନିର୍ବାଚନ ହେବାକୁ ଯାଉଛି। ବିଜେଡି ପ୍ରାର୍ଥୀ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହେବେ। କାର୍ଯ୍ୟକ୍ରମରେ ସ୍ଥାନୀୟ ପ୍ରଧାନସାହି ସରପଞ୍ଚ ଅନାମ ସେନାପତି, ପୂର୍ବତନ ସରପଞ୍ଚ ଅନିଲ ପାଇକରାୟ, ବିଜେଡି ନେତା କାଳୁ ଭଞ୍ଜ, ଗଦାଧର ସାହୁ, ଲିଟୁ ପଟ୍ଟନାୟକ, ସଞ୍ଜୟ ପାଇକରାୟ, ଦିଲୀପ ବଡ଼ଜେନା, ନରେନ୍ଦ୍ର ପ୍ରଧାନ, ତ୍ରିଲୋଚନ ପ୍ରଧାନ, ସୁରେଶ ଗଜେନ୍ଦ୍ର ପ୍ରମୁଖ ବିଜେଡି ନେତା ଉପସ୍ଥିତ ଥିଲେ।

# ନନ୍ଦିଘୋଷର ସାମ୍ବତ୍ସରିକ ଉତ୍ସବ

**ବୋଲଗଡ଼,୧୦ା୫(ଦେବବ୍ରତ ହୋତା)**




ବୋଲଗଡ଼ସ୍ଥିତ ସାଂସ୍କୃତିକ ଅନୁଷ୍ଠାନ ନନ୍ଦିଘୋଷର ୪୬ତମ ସାମ୍ବତ୍ସରିକ ଉତ୍ସବ ଶୁକ୍ରବାର ଖଦି କେନ୍ଦ୍ର ସମ୍ମୁଖ ରାମଚଣ୍ଡୀ ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନ ଉପସଭାପତି ଶିକ୍ଷାବିତ୍ ହରିବନ୍ଧୁ ସାହୁ ପୌରୋହିତ୍ୟ କରିଥିଲେ। ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଇହଧାମ ତ୍ୟାଗ କରିଥିବା ୨ ପ୍ରଜ୍ଞାପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ଉକ୍ତ ନନ୍ଦିଘୋଷ ଅନୁଷ୍ଠାନ ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ବୈଦ୍ୟନାଥ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ପରେ ଗାନ୍ଧୀ ବଜାରସ୍ଥିତ ରାମଚଣ୍ଡୀ ରଙ୍ଗମଞ୍ଚରେ ଆୟୋଜିତ ଉକ୍ତ ଅନୁଷ୍ଠାନର ବାର୍ଷିକୋତ୍ସବର ସାଧାରଣ ସଭାରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ସଦସ୍ୟ ଲଲାଟେନ୍ଦୁ କେଶରୀ ସିଂହ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ରୂପେ ବୋଲଗଡ଼ ପରମାନନ୍ଦ କଲେଜର ପରିଚାଳନା କମିଟି ସଭାପତି ଡ. ସତ୍ୟନାରାୟଣ ରଥ ଯୋଗଦେଇଥିଲେ। ମୁଖ୍ୟ ଅତିଥି ରଥ ସ୍ୱର୍ଗତ ପଟ୍ଟନାୟକ ଓ ସ୍ୱର୍ଗତ ଡ. ମିଶ୍ରଙ୍କ ନନ୍ଦିଘୋଷ ଅନୁଷ୍ଠାନ ପ୍ରତିଷ୍ଠା ପାଇଁ ଉଭୟଙ୍କ ବଳିଷ୍ଠ ଅବଦାନ ବିଷୟରେ ମତବ୍ୟକ୍ତ କରିଥିଲେ। ପୂର୍ବତନ ସମ୍ପାଦକ ଗୁଣନିଧି ହୋତା ଓ ଉପସଭାପତି ସାହୁ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଧୀରେଶ୍ ଚନ୍ଦ୍ର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଆୟୋଜକ ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ହୃଷୀକେଶ ନାୟକ, ପ୍ରତାପ ସାହୁ, ସଞ୍ଜୟ ସୁବୁଦ୍ଧି, ଶାନ୍ତନୁ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କୋଷାଧ୍ୟକ୍ଷ ସନାତନ ପାଢ଼ଶାଣୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ନିର୍ମଳା ପ୍ରଧାନଙ୍କ ସମେତ ବହୁ ବୁଦ୍ଧିଜୀବୀ, କଳାକାର ଉପସ୍ଥିତ ଥିଲେ। ପରିଶେଷରେ ବୋଲଗଡ଼ ମା' ମଙ୍ଗଳା ଦଣ୍ଡନାଚ ଦଳ ପକ୍ଷରୁ ଦଣ୍ଡ ସୁଆଙ୍ଗ ପରିବେଷଣ ହୋଇଥିଲା।

## ଶ୍ରୀକପିଳେଶ୍ୱରଙ୍କ ଚନ୍ଦନଯାତ୍ରା ଆରମ୍ଭ

**ନିରାକାରପୁର,୧୦ା୫(ମାନସ ଚନ୍ଦ୍ର ପଟ୍ଟନାୟକ):** ପବିତ୍ର ଅକ୍ଷୟ ତୃତୀୟା ଉପଲକ୍ଷେ ଶୁକ୍ରବାରଠାରୁ ଡିଆ ପଞ୍ଚାୟତ ବିଜେ ଡିଆଠାରେ ଶ୍ରୀକପିଳେଶ୍ୱର ଦେବଙ୍କ ପୀଠରେ ଚନ୍ଦନ ଯାତ୍ରା ମହୋତ୍ସବ ଆରମ୍ଭ ହୋଇଛି। ଏହି ଅବସରରେ କପିଳେଶ୍ୱରଦେବ ଓ ମାତା ପାର୍ବତୀଙ୍କୁ ପ୍ରତ୍ୟୁଷରୁ ଅଗୁର, କର୍ପୂର, ଚୁଆ, ଚନ୍ଦନମିଶ୍ରିତ ସୁଶୀତଳ ଜଳରେ ସ୍ନାନ କରାଯାଇ ନୂତନ ବସ୍ତ୍ର ପିନ୍ଧାଇ ଦିଆଯାଇଥିଲା। ସକାଳ ଧୂପ ଓ ଆଳତି ପରେ ଶ୍ରୀଜୀଉଙ୍କୁ ମନ୍ଦିର ପରିକ୍ରମା କରାଯାଇ ଚନ୍ଦନ ଗୃହକୁ ପ୍ରବେଶ କରାଯାଇଥିଲା। ତୁରି, ମର୍ଦ୍ଦଳ, ଘଣ୍ଟନାଦ ସହ ହରିବୋଲ ହୁଳହୁଳିରେ ମନ୍ଦିର ବେଢ଼ାରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଚନ୍ଦନ ଯାତ୍ରା ଦୀର୍ଘ ୨୧ଦିନ ଧରି ଚାଲୁରହିବ ବୋଲି ପରିଚାଳନା କମିଟି ସଭାପତି କିଶୋର ଦାଶ, ସଦସ୍ୟ ମାନସ ଚନ୍ଦ୍ର ପଟ୍ଟନାୟକ, ସାରଙ୍ଗଧର ମହାପାତ୍ର ପ୍ରମୁଖ ସୂଚନା ଦେଇଛନ୍ତି।

# ଅକ୍ଷୟ ତୃତୀୟାରେ ସାମାଜିକ ଅନୁଷ୍ଠାନର ଚାରାରୋପଣ

**ଜଟଣୀ,୧୦ା୫(ରବୀନ୍ଦ୍ରନାଥ ମହାକୁଡ଼)**



ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜଟଣୀର ସାମାଜିକ ଅନୁଷ୍ଠାନ ପକ୍ଷରୁ ଚାରା ରୋପଣ କରାଯାଇଛି। ଜଟଣୀ ପୌରାଞ୍ଚଳସ୍ଥ ମହିଳା ସଂଗଠନ ଏବଂ ପଦନପୁର ପଞ୍ଚାୟତସ୍ଥ ଗୋପବନ୍ଧୁ ମହିଳା ଚାଷୀ ଉତ୍ପାଦକ କମ୍ପାନୀ ଲିମିଟେଡ୍ ପକ୍ଷରୁ ମିଳିତ ଭାବେ କୁଦିଆରୀ ଗ୍ରାମଠାରେ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ହରିରାଜପୁରର ପୂର୍ବତନ ସରପଞ୍ଚ ପ୍ରସନ୍ନ ମହାରଥୀ, ବରିଷ୍ଠ ଖବରଦାତା ଅବନୀ ରାଉତରାୟ ପ୍ରମୁଖ ଯୋଗଦେଇ ସମସ୍ତେ ମାନବ ଜୀବନ ଏବଂ ଆମ ଉତ୍ତରପୁରୁଷଙ୍କ ମଙ୍ଗଳ ପାଇଁ ଚାରା ରୋପଣ କରିବା ଜରୁରୀ ବୋଲି କହିଥିଲେ। ଅନ୍ୟପକ୍ଷରେ ଗୋପବନ୍ଧୁ ମହିଳା ଚାଷୀ ଉତ୍ପାଦକ ଲିମିଟେଡ୍‌ର ମୁଖ୍ୟ ପରିଚାଳକ ଅଧିକାରୀ ବିଜୟ ଜେନା ଚାରା ରୋପଣ ସହିତ କିଭଳି ଜୈବିକ ପଦ୍ଧତିରେ ଚାଷକରି ମହିଳାମାନେ ସ୍ୱାବଲମ୍ବୀ ହୋଇପାରିବେ ସେ ଦିଗରେ ଆଲୋକପାତ କରିଥିଲେ। ଶ୍ରମିକ ନେତା ସାରଙ୍ଗଧର ବେହେରା, ନାରାୟଣ ରଞ୍ଜିତ ପ୍ରମୁଖ ନିଜ ନିଜ ମନ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଚିନ୍ମୟୀ ପ୍ରଧାନ, ଦେବଶ୍ରୀ ରାଉତରାୟ, ଗୀତାରାଣୀ ପ୍ରଧାନ, ମମତା ଦେବୀ, ମାନସୀ ଦେବୀ, ଜ୍ୟୋତିର୍ମୟୀଙ୍କ ସହିତ ବହୁ ମହିଳା ଯୋଗ ଦେଇ କାର୍ଯ୍ୟକ୍ରମ ସଫଳ କରିଥିଲେ। ସଂଗଠନ ସଭାନେତ୍ରୀ ସାବିତ୍ରୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ସେହିପରି ଜଟଣୀ ଉପକୋଷାଗାର ପରିସରରେ ଚାରା ରୋପଣ କରାଯାଇଥିଲା। ଅବସରପ୍ରାପ୍ତ କର୍ମଚାରୀ ସଂଘ ଏବଂ ଜଟଣୀ କୋଷାଗାରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଅବସରପ୍ରାପ୍ତ ଶିକ୍ଷକ ଯୋଗଦେଇ ସମସ୍ତେ ଅନ୍ତତଃ ୨ଟି ବୃକ୍ଷର ଚାରା ରୋପଣ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ।

## ଅକ୍ଷୟ ତୃତୀୟାରେ ମୁଠି ଅନୁକୂଳ କଲେ ଚାଷୀ

**ନିରାକାରପୁର,୧୦ା୫(ମାନସ ଚନ୍ଦ୍ର ପଟ୍ଟନାୟକ):** ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଶୁକ୍ରବାର ଚାଷୀ ଅଖିମୁଠି ଅନୁକୂଳ କରିଛନ୍ତି। ଚାଷୀ ସକାଳୁ ଲଙ୍ଗଳ ଆଦି ଚାଷ ଉପକରଣକୁ ଧୋଇବା ସହିତ ବଳଦଙ୍କୁ ଗାଧୋଇ ସଜବାଜ କରାଇଥିଲେ। ପରେ ନିଜ ନିଜ କ୍ଷେତରେ ଧାନମୁଠି ଅନୁକୂଳ କରିଥିଲେ। ଏହି ଉପଲକ୍ଷେ ନିରାକାରପୁର ପଞ୍ଚାୟତ ସମେତ ପଡ଼ୋଶୀ ପଞ୍ଚାୟତ ଅଞ୍ଚଳରେ ଥିବା ସମସ୍ତ ଗହୀର ଜମିରେ ଏହି ଅଖିମୁଠି ଅନୁକୂଳ କାର୍ଯ୍ୟ ଅତି ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ତେବେ ନିରାକାରପୁରଠାରେ ଆଞ୍ଚଳିକ ଚାଷୀ କମିଟି ଅଧ୍ୟକ୍ଷ ବିପିନ ଜୟସିଂହଙ୍କ ନେତୃତ୍ୱରେ ଏହି ଅଖିମୁଠି କାର୍ଯ୍ୟକ୍ରମ ଅତି ଧୁମ୍‌ଧାମ୍‌ରେ ପାଳିତ ହୋଇଥିଲା।

## ଅଙ୍ଗନୱାଡିରେ ଅକ୍ଷୟ ତୃତୀୟା




**ଯାଁଳା,୧୦ା୫(ବୁଲା ବାରିକ)**

ସାଧାରଣତଃ ଅକ୍ଷୟ ତୃତୀୟାରେ ଚାଷୀପୁଅ ଅଖିମୁଠି ଅନୁକୂଳ କରି ଧାନ ବୁଣିଥାଏ। କିନ୍ତୁ ଶୁକ୍ରବାର ଯାଁଳା ପଞ୍ଚାୟତର ଉତ୍ତର ମୁଣ୍ଡମୁହାଣ ଅଙ୍ଗନୱାଡି କେନ୍ଦ୍ରରେ ଅକ୍ଷୟ ତୃତୀୟା ଦିବସ ପାଳିତ ହୋଇଯାଇଛି। ଏଥିରେ ୫୦ ଜଣ କିଶୋରୀ, ୧୦ ଜଣ ଅଙ୍ଗନୱାଡି କର୍ମୀ, ଆଶା ଓ ସହାୟିକାମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସିଡିପିଓ ସଞ୍ଜୁଲତା ନାଏକ ଯୋଗଦେଇ ଅକ୍ଷୟ ତୃତୀୟା ବିଷୟରେ କିଶୋରୀଙ୍କୁ ବୁଝାଇଥିଲେ। ଏଥିସହ ପ୍ରୋଗ୍ରାମ ଅଫିସର ଗୁରୁବାରି ସିଂ ବାଲ୍ୟବିବାହ ନ କରିବାକୁ ନାଚଗୀତ ମାଧ୍ୟମରେ କିଶୋରୀଙ୍କୁ ବୁଝାଇଥିଲେ। ସୁପରଭାଇଜର ମନୋରମା ମିଶ୍ର କିଶୋରୀଙ୍କୁ ଉକ୍ତ କାର୍ଯ୍ୟକ୍ରମ ଉପରେ ମନ୍ତବ୍ୟ ରଖିଥିଲେ। ବାଲ୍ୟ ବିବାହ ଉପରେ କିଶୋରୀମାନେ ନାଚଗୀତ ଆୟୋଜନ କରିବା ସହିତ ଶପଥ ପାଠ କରିଥିଲେ। ଅଙ୍ଗନୱାଡି କର୍ମୀ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଂଗ୍ରେସ ବିଧାୟକ ପ୍ରାର୍ଥୀ ସନ୍ତୋଷଙ୍କ ବାଇକ୍ ରାଲି

**ଜଟଣୀ,୧୦ା୫(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ନିର୍ବାଚନମଣ୍ଡଳୀ ଭୁବନେଶ୍ୱର ବ୍ଲକ ମେଣ୍ଢାଶାଳ ପଞ୍ଚାୟତରେ କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ସନ୍ତୋଷ ଜେନା ଯୋଗଦେଇ ଚାଷୀଙ୍କ ପାଇଁ ଜଳଯୋଗାଣର ସୁବିଧା, ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ବିଭିନ୍ନ ସଂସ୍ଥାରେ ନିଯୁକ୍ତି ସୁବିଧା, ଜଗନ୍ନାଥ ଜମିପଟ୍ଟା, ଏହି ଅଞ୍ଚଳରେ ଗଢ଼ି ଉଠିଥିବା ବିଭିନ୍ନ ଘରୋଇ ସଂସ୍ଥାରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଆଦିର ସୁବିଧା, ଆଦିବାସୀଙ୍କ ଶବର ଜାତି ପ୍ରମାଣପତ୍ର ସମସ୍ୟା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇ ଭୋଟ ଭିକ୍ଷା କରିଥିଲେ। ଶୋଭାଯାତ୍ରାରେ କଂଗ୍ରେସ ନେତା ସରୋଜ ପଟ୍ଟନାୟକ, ସଦାଶିବ ମହାରଣା, ସନ୍ତୋଷ ରାୟ, ଅଜିତ୍ ଶ୍ରୀଚନ୍ଦନ ପ୍ରମୁଖଙ୍କ ନେତୃତ୍ୱରେ ବହୁ ଅସନ୍ତୁଷ୍ଟ ଭାଜପା, ବିଜେଡି କର୍ମୀ ଯୋଗଦେଇ ସନ୍ତୋଷ ଜେନାଙ୍କୁ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।



କଂଗ୍ରେସ ବିଧାୟକ ପ୍ରାର୍ଥୀ ସନ୍ତୋଷ ଜେନା ଶୋଭାଯାତ୍ରାରେ ବାହାରିଛନ୍ତି।

# ଅଖିମୁଠି ଅନୁକୂଳ, ବିଲରେ ହଳକଲେ ପ୍ରାର୍ଥୀ

**ଖୋର୍ଦ୍ଧା,୧୦ା୫(ପ୍ରଭାତ ପାଣିଗ୍ରାହୀ)**



ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବିଭିନ୍ନ ସ୍ଥାନରେ ଅଖିମୁଠି ଅନୁକୂଳ କରାଯାଇଥିବାବେଳେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ମଧ୍ୟ ବିଲରେ ଧାନ ବୁଣି ହଳଲଙ୍ଗଳ ବୁଲାଇ ଚାଷ କାର୍ଯ୍ୟ କରିଛନ୍ତି। ଖୋର୍ଦ୍ଧା ସ୍ୱାଧୀନ ପ୍ରାର୍ଥୀ କାଳୁଚରଣ ଖଣ୍ଡାୟତରାୟ, କଂଗ୍ରେସ ପ୍ରାର୍ଥୀ ସୋନାଲି ସାହୁ, ଭାଜପା ପ୍ରାର୍ଥୀ ପ୍ରଶାନ୍ତ ଜଗଦେବ ନିଜ ଚାଷ ଜମିରେ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା ପରେ ଅଖିମୁଠି ଅନୁକୂଳ ପରେ ହଳ ବୁଲାଇଥିଲେ। ବିଲରେ ଅଖିମୁଠି ଅନୁକୂଳ ପରେ ପ୍ରାର୍ଥୀ ପ୍ରଚାରକୁ ଓହ୍ଲାଇଥିଲେ। ଚାଷୀଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଶୁଣି ଏଥିପ୍ରତି ଗୁରୁତ୍ୱ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସ୍ୱାଧୀନ ପ୍ରାର୍ଥୀ କାଳୁ ଅକ୍ଷୟ ତୃତୀୟାରୁ ନିର୍ବାଚନ ଚିହ୍ନ ବାଲତି ଧରି ପ୍ରଚାର ଆରମ୍ଭ କରିଛନ୍ତି। ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତ ଉଇଲକିଶନ ନାଗର ଗ୍ରାମରେ ଅଖିମୁଠି ହୋଇଯାଇଛି। ସକାଳୁ ମହିଳାମାନେ ହଳଦୀ, ଚନ୍ଦନ, ସିନ୍ଦୁର,

**ଚାଷୀଙ୍କ ସମସ୍ୟା ଶୁଣିଲେ, ପ୍ରତିଶ୍ରୁତି ଦେଲେ**

ଲେପିତ ବିହନ ଧାନ ପୂର୍ଣ୍ଣ ନୂଆ ବେତ ଗଉଣୀକୁ ହୁଳହୁଳି ଓ ଶଙ୍ଖ ବାଦ୍ୟରେ ବନ୍ଦାପନା ପରେ ଚାଷୀ ନିଜ ମୁଣ୍ଡରେ ଥୋଇ ଓ ପୂଜାର୍ଚ୍ଚନା ସାମଗ୍ରୀ ଧରି ଲଙ୍ଗଳ ବଳଦ ନେଇ ଜମିକୁ ଯାଇଥିଲେ। ସେଠାରେ ପୂଜା ସାମଗ୍ରୀ ସହିତ ଲଙ୍ଗଳ ଲୁହା, ଧାନ, କିଛି ସ୍ୱର୍ଣ୍ଣ ଅଳଙ୍କାର ରଖି ବସୁଧା ମାତା ଓ ମା' ଲକ୍ଷ୍ମୀଙ୍କୁ ପୂଜିଥିଲେ। ପରେ ଧୂପ ଦୀପ ଦେଇ ନଡ଼ିଆ ବାଡେଇ ହଳ ବୁଲାଇ ଜମିରେ ଧାନ ବୁଣିଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଚାଷୀ ଉତ୍ପାଦକ ସଂଗଠନ ସଭାପତି ଓ ଭାରତ ସରକାରଙ୍କ ମନୋନୀତ ସଦସ୍ୟ, କେନ୍ଦ୍ରୀୟ ମାଛ ଅନୁସନ୍ଧାନ ସଂସ୍ଥା, ବେରକପୁର, କଲିକତାର ସୁବେଦାର ମେଜର ମଧୁସୂଦନ ଦାସ (ସୈନିକରୁ ଅବସରପ୍ରାପ୍ତ ଗ୍ରାମୀଣ ଚାଷୀ), ସାମାଜିକ କର୍ମୀ ଗୋପାଳକୃଷ୍ଣ ପ୍ରଧାନ, ଆକାଶ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଚାଷୀଙ୍କୁ କିଭଳି ଯଥାଶୀଘ୍ର ବିହନ ମିଳିବ ତାହା ଉପରେ କୃଷି ଅଧିକାରୀଙ୍କୁ ଯୋଗାଯୋଗ କରାଯିବ ବୋଲି କହିଥିଲେ।



ଚନ୍ଦନଯାତ୍ରା ଶୋଭାଯାତ୍ରାରେ ଲଉଡ଼ି ଖେଳ।



ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଚାପ ଖେଳୁଛନ୍ତି।

# ଚନ୍ଦନଯାତ୍ରା ଆରମ୍ଭ: ଚାପ ଖେଳିଲେ ମହାପ୍ରଭୁ

**ପୁରୀ,୧୦।୫(ଅଜିତ କୁମାର ମହାନ୍ତି)**

ମହାପ୍ରଭୁଙ୍କ ତ୍ରୟୋଦଶ ଯାତ୍ରା ମଧ୍ୟରୁ ଚନ୍ଦନଯାତ୍ରା ଅନ୍ୟତମ। ଚନ୍ଦନଯାତ୍ରା ଦୁଇ ଭାଗରେ ବିଭକ୍ତ। ବାହାର ଚନ୍ଦନଯାତ୍ରା ଓ ଭିତର ଚନ୍ଦନଯାତ୍ରା ୨୧ ଦିନ ଲେଖାଏ ଅନୁଷ୍ଠିତ ହୋଇଥାଏ। ପରମ୍ପରା ଅନୁଯାୟୀ, ଶୁକ୍ରବାର ପବିତ୍ର ଅକ୍ଷୟ ତୃତୀୟାଠାରୁ ୨୧ ଦିନ ବ୍ୟାପୀ ବାହାର ଚନ୍ଦନଯାତ୍ରା ଆରମ୍ଭ ହୋଇଛି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ସରିବା ପରେ ଶ୍ରୀବିଗ୍ରହଙ୍କଠାରୁ ୩ଟି ଆଜ୍ଞାମାଳ ପୂଜାପଣ୍ଡା ସାମନ୍ତଙ୍କ ଦ୍ୱାରା ରଥଖଳାକୁ ବିଜେ ହୋଇଥିଲା। ଅପରପକ୍ଷରେ ଆଜ୍ଞାମାଳ ପାଇ ମହାଜନ ସେବକଙ୍କ ହାତରେ ରାମ, କୃଷ୍ଣ ବିଜେ ହୋଇ ମୁକ୍ତିମଣ୍ଡପ ନିକଟ ପାଲିଙ୍କିରେ ଏବଂ ମଦନମୋହନ, ଶ୍ରୀଦେବୀ, ଭୂଦେବୀ ମଣି ବିମାନରେ ବିଜେ ହୋଇଥିଲେ। ଘଣ୍ଟ, ଛତା, କାହାଳି ଏବଂ ସେବାୟତଙ୍କ ଗହଣରେ ବିମାନବଡୁ ସେବକମାନେ ଠାକୁର ଠାକୁରାଣୀମାନଙ୍କୁ ଶ୍ରୀନଅର ସମ୍ମୁଖକୁ ନେଇଥିଲେ। ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ରଥ ନିର୍ମାଣ ଅନୁକୂଳ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରେ ରାମକୃଷ୍ଣ, ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ଭାବେ ପରିଚିତ ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀକପାଳମୋଚନ ଏବଂ ଶ୍ରୀନୀଳକଣ୍ଠ ଚନ୍ଦନଯାତ୍ରା ଲାଗି ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଶୋଭାଯାତ୍ରାରେ ଯାଇଥିଲେ। ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ପଂକ୍ତିଭୋଗ ଖାଇ ରାମକୃଷ୍ଣ ଆଗରେ ଚାଲିଥିଲେ। ତାଙ୍କ ପାଲିଙ୍କି ପଛରେ ମଣି ବିମାନରେ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ଏବଂ ଶେଷରେ ପଞ୍ଚମହାଦେବ ରହିଥିଲେ। ଠାକୁର ନରେନ୍ଦ୍ର ପୁଷ୍କରିଣୀରେ ପହଞ୍ଚିବା ପରେ ଭିତରଚ୍ଛ ମହାପାତ୍ର ଜଳଲାଗି କରିଥିଲେ। ଠାକୁରମାନଙ୍କୁ ଚାପରେ ବିଜେ କରାଯାଇଥିଲା। ପ୍ରଥମେ ନନ୍ଦା ଚାପ ବା ନାଳି ଚାପରେ ରାମକୃଷ୍ଣ ବିଜେ ହୋଇଥିଲେ। ପରେ ଭଦ୍ରା ବା ଧଳା ଚାପରେ ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀ ବିଜେ କରିଥିଲେ। ଏହାପରେ ପଞ୍ଚ ମହାଦେବ ରାମକୃଷ୍ଣ ବସିଥିବା ନାଳି ଚାପରେ ବିଜେ କରିଥିଲେ। ଚାପଖେଳ ଆରମ୍ଭ ହୋଇଥିଲା। ନରେନ୍ଦ୍ର ପୁଷ୍କରିଣୀରେ ଗୋଟିଏ ଘେରା ବୁଲିବା ପରେ ଚନ୍ଦନଘର ନିକଟରେ ଚାପ ଲାଗିଥିଲା। ରାମକୃଷ୍ଣ ଭଦ୍ରାଚାପ ବା ମଦନ ମୋହନଙ୍କ ଚାପକୁ ବିଜେ ହୋଇଥିଲେ। ସେଠାରେ ରାଜ ବନ୍ଦାପନା ଓ ଆଲଟ ଚାମର କରାଯାଇଥିଲା। ଠାକୁରମାନେ ଜଗତି ଉପରକୁ ବିଜେ ପରେ ଚନ୍ଦନକୁଣ୍ଡରେ ପ୍ରବେଶ କରିଥିଲେ। ପରେ ଠାକୁରମାନଙ୍କୁ ଫୁଲରେ ବେଶ କରାଯାଇଥିଲା। ପ୍ରଥମ ଦିବସରେ ମଦନମୋହନଙ୍କୁ ନଟବର ବେଶ କରାଯାଇଛି। ମାଣ୍ଡୁଅ ଭୋଗ ଓ ବିଡିଆ ମଣୋହୀ ପରେ ଠାକୁରମାନେ ରାତି ଚାପ ଖେଳି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ହଜାର ହଜାର ଭକ୍ତ ଏହି ଚନ୍ଦନ ଯାତ୍ରାକୁ ଉପଭୋଗ କରିଥିଲେ। ଭକ୍ତଙ୍କ ହରିବୋଲ, ହୁଳହୁଳିରେ ବଡ଼ଦାଣ୍ଡ ଏବଂ ଚନ୍ଦନ ଚକଡ଼ା ପ୍ରକମ୍ପିତ ହୋଇଉଠିଥିଲା। ମଣି ବିମାନ ସମ୍ମୁଖରେ କଳାକାରମାନେ ଓଡ଼ିଶୀ, ସମରକଳା, ମେଢ ନୃତ୍ୟ ଓ ବିଭିନ୍ନ ଲୋକବାଦ୍ୟ ପରିବେଷଣ କରିଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ପୁଷ୍କରିଣୀର ଜଳସ୍ତର କମିଥିବାରୁ ଚାପ ଦ୍ୱୟ କୂଳକୁ ଆସିପାରିବ ନାହିଁ। ତେଣୁ ପ୍ରଶାସନ ପକ୍ଷରୁ ପୁଷ୍କରିଣୀରେ ଏକ ଅସ୍ଥାୟୀ ମଞ୍ଚ ନିର୍ମାଣ କରାଯାଇଛି। ଉକ୍ତ ମଞ୍ଚ ଦେଇ ଠାକୁରମାନେ ଚାପଡଙ୍ଗାକୁ ବିଜେ କରିଥିଲେ।

## ରଥଖଳାରେ ପହଞ୍ଚିଲା ପଞ୍ଚମ ପର୍ଯ୍ୟାୟ ରଥକାଠ

**ପୁରୀ,୧୦।୫(ଅଜିତ୍ କୁମାର ମହାନ୍ତି):** ରେଢାଖୋଲ ଓ ଦଶପଲ୍ଲା ବନାଞ୍ଚଳରୁ ପଞ୍ଚମ ପର୍ଯ୍ୟାୟ ରଥକାଠ ଆସି ଶୁକ୍ରବାର ପୁରୀରେ ପହଞ୍ଚିଛି। ୩ଟି ଟ୍ରକ ଯୋଗେ ୭୨ ଖଣ୍ଡ ରଥକାଠ ଆସିଛି। ଏଥିମଧ୍ୟରେ ୪୦ ଫୁଟିଆ ୨୬ଖଣ୍ଡ ଧଉରା କାଠ ଥିବା ବେଳେ ୪ ଖଣ୍ଡ ୪୦ ଫୁଟିଆ ଅସନ କାଠ ରହିଛି। ସେହିପରି ୧୨ଫୁଟିଆ ଅସନ ୧୨ ଖଣ୍ଡ, ୨୦ ଫୁଟିଆ ଅସନ ୧୨ ଖଣ୍ଡ, ୨୦ ଫୁଟିଆ ଧଉରା ୬ ଖଣ୍ଡ, ୧୨ ଫୁଟିଆ ଧଉରା ୧ ଖଣ୍ଡ, ଫାସିକାଠ ୧୦ ଖଣ୍ଡ ଏବଂ ଗୋଟିଏ ଶିମିଳି କାଠ ରହିଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ଓଇଏସ୍ ଅଧିକାରୀଙ୍କ ପ୍ରବେଶକାଳୀନ ତାଲିମ ସରିଲା



ବିଭାଗୀୟ କମିଶନର ତଥା ଶାସନ ସଚିବ ଅଶ୍ୱଥ୍ ଏସ୍. ଓ ଅନ୍ୟମାନଙ୍କ ସହ ନବନିଯୁକ୍ତ ଓଇଏସ୍ ଅଧିକାରୀ।

**ଭୁବନେଶ୍ୱର, ୧୦।୫(ଅସମାପିକା ସାହୁ)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ମଧୁସୂଦନ ଦାସ ଆଞ୍ଚଳିକ ଆର୍ଥିକ ପରିଚାଳନା ଏକାଡେମୀରେ ଚାଲିଥିବା ଓଡ଼ିଶା ଶିକ୍ଷା ସେବା(ଓଇଏସ୍) ଅଧିକାରୀଙ୍କ ପ୍ରବେଶକାଳୀନ ପ୍ରଶିକ୍ଷଣ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିଭାଗୀୟ କମିଶନର ତଥା ଶାସନ ସଚିବ ଅଶ୍ୱଥ୍ ଏସ୍. ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାସେବା ଅଧିକାରୀମାନେ ବିଭିନ୍ନ କ୍ଷେତ୍ରରେ ପ୍ରଥମେ ନିଜର କର୍ତ୍ତବ୍ୟ ବିଷୟରେ ଅବଗତ ହେବାକୁ ଆହ୍ୱାନ ଦେଇଥିଲେ। ପ୍ରଥମେ ନିଜେ ଶୃଙ୍ଖଳିତ ଓ ସାଧୁତା ଆଚରଣ କଲେ ତାଙ୍କ ଅଧୀନରେ ଥିବା ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କଠାରେ ଶୃଙ୍ଖଳା ଓ ସାଧୁତା ପ୍ରତିଫଳିତ ହେବ ବୋଲି ସେ କହିଥିଲେ। ଏଥିସହ ଚଳିତ ବର୍ଷ ହେବାକୁ ଥିବା ରାଷ୍ଟ୍ରୀୟ ଉପଲବ୍ଧି ସର୍ବେକ୍ଷଣ ପାଇଁ ଛାତ୍ରୀଛାତ୍ରଙ୍କୁ ଏବେଠାରୁ ପ୍ରସ୍ତୁତ କରିବା ପାଇଁ କମିଶନର ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ମିଶ୍ର ଯୋଗଦେଇ କହିଲେ, ଶିକ୍ଷା ସେବା ଅଧିକାରୀମାନେ ନିୟମିତ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷଣ ଅଗ୍ରଗତି ସମୀକ୍ଷା ଓ ଶିକ୍ଷାଦାନ ପ୍ରଣାଳୀ ଅନୁଧ୍ୟାନ କରିବା ହେଉଛି ସେମାନଙ୍କର ପ୍ରଥମ କର୍ତ୍ତବ୍ୟ। ନିୟମ ଜାଣିଲେ ସେମାନେ ଦକ୍ଷ ଶିକ୍ଷା ପ୍ରଶାସକ ହୋଇ ପାରିବେ। ଏକାଡେମୀ ନିର୍ଦ୍ଦେଶକ ତଥା କଣ୍ଟ୍ରୋଲର ଅଫ୍ ଆକାଉଣ୍ଟସ ଅଶୋକ କୁମାର ମହାନ୍ତି ଉପସ୍ଥିତ ଥିଲେ। ତାଲିମ ନେଇଥିବା ଓଇଏସ୍ ଅଧିକାରୀଙ୍କ ମଧ୍ୟରେ ବିବିଧ ଶିକ୍ଷଣ ଉପରେ ପରୀକ୍ଷା କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ସର୍ବୋଚ୍ଚ କୃତିତ୍ୱ ହାସଲ କରିଥିବା ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଡ୍ରପ୍ ଆଉଟ ଛାତ୍ରୀଛାତ୍ରଙ୍କୁ ମୁଖ୍ୟସ୍ରୋତକୁ ଆଣିବା ପାଇଁ ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ପ୍ରଦର୍ଶିତ କ୍ଷୁଦ୍ର ନାଟକ 'ଡ୍ରପ୍ ବକ୍ସ' ଉଚ୍ଚ ପ୍ରଶଂସିତ ହୋଇଥିଲା।

## ୟୁଜିସି-ଏନ୍‌ଇଟି ଆବେଦନ ଅବଧି ବୃଦ୍ଧି

**ଭୁବନେଶ୍ୱର, ୧୦।୫ (ଅସମାପିକା ସାହୁ)**

ଆସନ୍ତା ମାସରେ ୟୁଜିସି-ଏନ୍‌ଇଟି ଅନୁଷ୍ଠିତ ହେବ। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ଏହି ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ ଅବଧିକୁ ଆଉ ୫ ଦିନ ବୃଦ୍ଧି କରାଯାଇଛି। ଏ ନେଇ ଶୁକ୍ରବାର ଏନ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି। ଆବେଦନର ଶେଷଦିନ ୧୦ ତାରିଖ ରହିଥିଲା। କିନ୍ତୁ ବିଭିନ୍ନ ସ୍ଥାନରୁ ଛାତ୍ର ପ୍ରତିନିଧିମାନେ ଆବେଦନ ତାରିଖ ବଢ଼ାଇବା ପାଇଁ ଅନୁରୋଧ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଅନ୍‌ଲାଇନ ଆବେଦନକୁ ୧୫ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ୧୫ ତାରିଖ ରାତି ୧୧ଟା ୫୯ଟା ସୁଦ୍ଧା ଛାତ୍ରୀଛାତ୍ର ଆବେଦନ କରିପାରିବେ। ୧୭ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଫି' ଦାଖଲ କରିପାରିବେ। ଆବେଦନ ପତ୍ରରେ ତ୍ରୁଟି ଥିଲେ ୧୮ରୁ ୨୦ ତାରିଖ ମଧ୍ୟରେ ସଂଶୋଧନ କରିପାରିବେ। ଜୁନ୍ ୧୮ରେ ପରୀକ୍ଷା ଅନୁଷ୍ଠିତ ହେବ। ଏନ୍‌ଇଟିରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ଜୁନିୟର ରିସର୍ଚ୍ଚ ଫେଲୋଶିପ୍(ଜେଆର୍‌ଏଫ୍) ପାଇବାକୁ ଯୋଗ୍ୟ ବିବେଚିତ ହେବେ। ଏହାସହ ପ୍ରଥମଥର ପାଇଁ ଏନ୍‌ଇଟି ପରୀକ୍ଷା ମାଧ୍ୟମରେ ସମୁଦାୟ ୮୩ଟି ବିଷୟରେ ପିଏଚ୍‌ଡି ପଢ଼ିବାକୁ ଛାତ୍ରୀଛାତ୍ରମାନେ ସୁଯୋଗ ପାଇବେ। ପୂର୍ବରୁ ଏହି ପରୀକ୍ଷା ଅନ୍‌ଲାଇନ୍‌ରେ କରାଯାଉଥିବାବେଳେ ଚଳିତଥର ଏହା ଅଫ୍‌ଲାଇନ୍‌ରେ ହେବ ବୋଲି ଏନ୍‌ଟିଏ ପକ୍ଷରୁ ପୂର୍ବରୁ ଘୋଷଣା କରାଯାଇଛି।

## କୃଷ୍ଣଚନ୍ଦ୍ର ବାରିକ ବୀମା ଲୋକପାଳର ନୂତନ ସିପିଆଇଓ

**ଭୁବନେଶ୍ୱର, ୧୦।୫ (ବନ୍ଦନା ସେଠୀ) :** ବୀମା ଲୋକପାଳ କାର୍ଯ୍ୟାଳୟର ଡେପୁଟି ସେକ୍ରେଟାରି କୃଷ୍ଣଚନ୍ଦ୍ର ବାରିକଙ୍କୁ ଭାରତ ସରକାରଙ୍କ ପକ୍ଷରୁ ଏହାର ସେଣ୍ଟ୍ରାଲ ପବ୍ଲିକ୍ ଇନ୍‌ଫରମେଶନ୍ ଅଫିସର (ସିପିଆଇଓ) ଭାବେ ଅତିରିକ୍ତ ନିଯୁକ୍ତି ଦିଆଯାଇଛି। ସିପିଆଇଓ ସାଧାରଣ ଲୋକଙ୍କୁ ଜୀବନବୀମା, ସ୍ୱାସ୍ଥ୍ୟବୀମା



ଏବଂ ସାଧାରଣ ବୀମା ସମ୍ବନ୍ଧୀୟ ଯେ କୌଣସି ସୂଚନା ପ୍ରଦାନ ସହ ସନ୍ଦେହମୋଚନ କରିବାରେ ସହାୟକ ହୋଇଥାନ୍ତି। ଏପରିକି ଜନସାଧାରଣଙ୍କ ବୀମା ସମ୍ବନ୍ଧୀୟ କୌଣସି ସମସ୍ୟା ହେଲେ ସିପିଆଇଓ ବିନା ମୂଲ୍ୟରେ ଏହାର ସମାଧାନର ବାଟ ବତାଇଥାନ୍ତି। ଆଇଆର୍‌ଡିଏ ଦ୍ୱାରା ପରିଚାଳିତ ବୀମା ଲୋକପାଳ ସାଧାରଣ ଲୋକଙ୍କୁ ୯୦ଦିନ ମଧ୍ୟରେ ବୀମା ସମ୍ବନ୍ଧୀୟ ବିଭିନ୍ନ ସହାୟତା ପ୍ରଦାନ କରିଥାଏ।

## ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ସଂଖ୍ୟା ବଢ଼ାଇବ ପୂର୍ବତଟ ରେଳପଥ

**ଭୁବନେଶ୍ୱର,୧୦।୫ (ଅନୁରାଧା ମହାରଣା)**

ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରୁ ଦେଶର ବିଭିନ୍ନ ଗନ୍ତବ୍ୟସ୍ଥଳକୁ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ସେବା ଜାରି ରଖିଛି। ଏବେ ଆହୁରି ଅଧିକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଇବାକୁ ନିଷ୍ପତ୍ତି ନିଆଯାଇଛି। ଭୁବନେଶ୍ୱର-ମୁମ୍ବାଇ ଏଲ୍‌ଟିଟି, ବ୍ରହ୍ମପୁର-ସିକନ୍ଦରାବାଦ, ବ୍ରହ୍ମପୁର-ସୁରଟ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଇବାକୁ ଯୋଜନା କରାଯାଇଛି। ଏହାବ୍ୟତୀତ ଯାତ୍ରୀ ଭିଡ଼ ଏଡାଇବା ଲାଗି ନିୟମିତ ଟ୍ରେନ ସହିତ ସିଙ୍ଗଲ ଟ୍ରିପ୍ ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ଯୋଜନା କରୁଛି। ଏହି ଟ୍ରେନଗୁଡ଼ିକ ହେଉଛି ସମ୍ବଲପୁର-କାଚେଗୁଡା, ଖୋର୍ଦ୍ଧା ରୋଡ୍-ସିକନ୍ଦରାବାଦ, ଭୁବନେଶ୍ୱର-ପୁଣେ, ଭୁବନେଶ୍ୱର-ମୁମ୍ବାଇ ସିଏସ୍‌ଏମ୍‌ଟି, ପୁରୀ-ପାଲଡିହ (ମହାରାଷ୍ଟ୍ର), ଭୁବନେଶ୍ୱର-ଚେନ୍ନାଇ, ସମ୍ବଲପୁର-ଚେନ୍ନାଇ, ଭୁବନେଶ୍ୱର-ବେଙ୍ଗାଲୁରୁ ଓ ବ୍ରହ୍ମପୁର-କାଚେଗୁଡା। ଯାତ୍ରୀମାନେ ମଧ୍ୟ ଏହି ଅନୁସାରେ ସେମାନଙ୍କର ଯାତ୍ରା ଯୋଜନା କରିପାରିବେ ଏବଂ ଗନ୍ତବ୍ୟସ୍ଥଳ ପାଇଁ ବୋର୍ଡିଂ ପଏଣ୍ଟରୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ସମୟ ସମ୍ବନ୍ଧରେ ଅବଗତ ହୋଇ ଯାତ୍ରା ପାଇଁ ନିଶ୍ଚିତ ଟିକେଟ ପାଇପାରିବେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ସରୋଜ



@ ଜୀବନଜ୍ୟୋତି



@ ରୋହିତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ବର୍ଷାଙ୍କୁ ନିର୍ଯାତନା ମାମଲା: କୋର୍ଟକୁ ଆସିଲେ ନାହିଁ ଅନୁଭବ

**କଟକ,୧୦।୫(କାର୍ତ୍ତିକ ସାହୁ)**

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ନିର୍ଯାତନା ଦେବା ନେଇ ରୁଜୁ ମାମଲାରେ ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତି ଶୁକ୍ରବାର କୋର୍ଟ ଆସିଲେ ନାହିଁ। ଚାର୍ଜଫ୍ରେମ୍ ପାଇଁ ଶୁକ୍ରବାର କଟକ ଜେଏମ୍‌ଏଫ୍‌ସି ସ୍ୱତନ୍ତ୍ର କୋର୍ଟରେ ଅନୁଭବ ଓ ତାଙ୍କ ଦୁଇ ସହଯୋଗୀ ହାଜର ହେବାକୁ ନିର୍ଦ୍ଦେଶ ଥିଲା। ମାତ୍ର ବ୍ୟକ୍ତିଗତ କାରଣ ଦର୍ଶାଇ ନିଜ ଓକିଲଙ୍କ ଜରିଆରେ କୋର୍ଟଙ୍କୁ ସମୟ ମାଗିଥିଲେ। ଅନୁଭବଙ୍କ ଆବେଦନକୁ କୋର୍ଟ ଗ୍ରହଣକରି ସମୟ ଦେଇଛନ୍ତି। ଅନୁଭବ ଓ ତାଙ୍କ ସହଯୋଗୀ ଆସନ୍ତା ସୋମବାର କୋର୍ଟରେ ହାଜର ହେବେ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ବର୍ଷାଙ୍କୁ ଅନୁଭବ ମାନସିକ, ଶାରୀରିକ ନିର୍ଯାତନା ଦେବା ସହ ବିଭିନ୍ନ ସମୟରେ ଧମକ ଦେଉଥିଲେ। ଏ ନେଇ ସେ ୨୦୨୦ରେ ପୁରୀଘାଟ ଥାନାରେ ଏତଲା ଦେଇଥିଲେ। ଏପରିକି ଉକ୍ତ

### ସହଯୋଗୀଙ୍କ ସହ ସୋମବାର ହାଜର ହେବେ

ଘଟଣାରେ ଅନୁଭବଙ୍କ ଦୁଇ ସହଯୋଗୀ ସୁଜିତ୍ ଦଳାଇ ଓ ଖଗେନ୍ଦ୍ର ପ୍ରସାଦ ସାହୁଙ୍କ ବିରୋଧରେ ମଧ୍ୟ ଅଭିଯୋଗ ହୋଇଥିଲା। ତେବେ ଏହି ମାମଲାକୁ ରଦ୍ଦ କରିବା ପାଇଁ ଅନୁଭବ କୋର୍ଟରେ ଡିସ୍‌ଚାର୍ଜ ପିଟିଶନ ଦାଏର କରିଥିଲେ। ବର୍ଷାଙ୍କ ପକ୍ଷରୁ ରୁଜୁ ନିର୍ଯାତନା ଅଭିଯୋଗ ମାମଲାର କୌଣସି ଆଧାର ନାହିଁ। ଏହାକୁ ରଦ୍ଦ କରାଯାଉ ବୋଲି ଅନୁଭବଙ୍କ ପକ୍ଷରୁ ଆବେଦନରେ ଦର୍ଶାଯାଇଥିଲା। ହେଲେ ବର୍ଷାଙ୍କ ପକ୍ଷରୁ ଏହାକୁ ବିରୋଧ କରାଯିବା ସହ ଏହି ମାମଲାରେ ଚାର୍ଜଫ୍ରେମ୍ ପାଇଁ ଯୁକ୍ତି ରଖାଯାଇଥିଲା। କଟକ ଜେଏମ୍‌ଏଫ୍‌ସି କୋର୍ଟ ଅନୁଭବ ମହାନ୍ତି କରିଥିବା ଆବେଦନକୁ ବୁଧବାର ଖାରଜ କରିବା ସହ ଚାର୍ଜଫ୍ରେମ୍ ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ଏସ୍‌ବିଆଇ ପକ୍ଷରୁ ଅକ୍ଷିମୁଠି ଅନୁକୂଳ

**ଭୁବନେଶ୍ୱର, ୧୦।୫ (ଅନୁରାଧା ମହାରଣା)**



ଅକ୍ଷୟ ତୃତୀୟା ଅବସରରେ ଶୁକ୍ରବାର ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ)ର କଟକ ବିଦ୍ୟାଧରପୁର ଓ ବୟାଳିଶ ମଉଜା ଶାଖା ପକ୍ଷରୁ ଅଖିମୁଠି ଅନୁକୂଳ କରାଯାଇଛି। କଦମପଡ଼ା ଗ୍ରାମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ଏସ୍‌ବିଆଇ ମୁଖ୍ୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ପୋନ୍ନମବଲମ ମୁରୁଗନ ଓ ପ୍ରଶାସନିକ କାର୍ଯ୍ୟାଳୟର ଉପମହାପ୍ରବନ୍ଧକ ସଞ୍ଜୟ କୁମାର ଝା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉତ୍ସବରେ ମୁରୁଗନ ଅଖିମୁଠି ଅନୁକୂଳ କରି ଚାଷୀଙ୍କୁ ଉତ୍ସାହିତ କରିବା ସହ କୃଷିକାର୍ଯ୍ୟକୁ ଆଗେଇନେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କୃଷକମାନଙ୍କୁ ପ୍ରୋତ୍ସାହନପୂର୍ବକ କୃଷିଋଣ ପ୍ରଦାନ କରାଯାଇଥିଲା। ଷ୍ଟେଟ୍ ବ୍ୟାଙ୍କ କଟକର ଆଞ୍ଚଳିକ ପ୍ରବନ୍ଧକ ଭବାନୀ ଶଙ୍କର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଣ ବିସ୍ଫୋରଣ: ଜଣେ ଗୁରୁତର, ୨ ବଖରା ଜଳିଗଲା

**ବେଗୁନିଆ,୧୦।୫ (ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**

ଖୋର୍ଦ୍ଧା ପୋଲିସ ଜିଲା ବାଘମାରୀ ଥାନା ଅଞ୍ଚଳରେ ଶୁକ୍ରବାର ବେଆଇନ ବାଣ ପ୍ରସ୍ତୁତବେଳେ ବିସ୍ଫୋରଣ ହୋଇଥିଲା। ଏଥିରେ ଜଣେ ଆହତ ହୋଇଥିବାବେଳେ ୨ ବଖରା ଆଜବେଷ୍ଟସ ଘର ଜଳିଯାଇଛି। ଆହତ ଜଣଙ୍କ ହେଲେ ଗୌରାଙ୍ଗ ଚରଣ ପଟ୍ଟନାୟକ। ଖବରପାଇ ବେଗୁନିଆ ଏବଂ ବାଙ୍କୀ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖୋର୍ଦ୍ଧା ଏସ୍‌ଡିପିଓ ଦିଲୀପ ଦାସ ଏବଂ ବାଘମାରୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ପ୍ରକାଶ ଥାଉକି, ବାଘମାରୀ ଥାନା ଅଧୀନ ଲେଖନପୁର ଗାଁର କେତେଜଣ ବ୍ୟକ୍ତି ଦୀର୍ଘ ବର୍ଷ ହେଲା ବେଆଇନ ଭାବେ ବାଣ ପ୍ରସ୍ତୁତ କରି ଆସୁଛନ୍ତି। ଶୁକ୍ରବାର ଅପରାହ୍ନ ୨ଟା ସମୟରେ ହଠାତ ପ୍ରଚଣ୍ଡ ଶବ୍ଦରେ ଆଖ ପାଖ ଅଞ୍ଚଳ ଥରି ଉଠିଲା। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଦେଖିଲା ବେଳକୁ ଗୌରାଙ୍ଗଙ୍କ ଆଜବେଷ୍ଟସ ଘର ଛପର ଉଡ଼ିଯାଇଥିବା ସହ ଅଗ୍ନି ସଂଯୋଗ ଯୋଗୁ ଘରେ ଗଚ୍ଛିତ ଥିବା ବାଣ ଜଳି ଯାଇଥିଲା। ଆହତଗୌରାଙ୍ଗଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଯାଇଥିଲା।



ବାଣ ବିସ୍ଫୋରଣରେ ଜଳିଯାଇଥିବା ଘର।

### ବେଆଇନ ବାଣ ତିଆରି ଉପରେ ଲଗାମ ନାହିଁ

ସୂଚନାଯୋଗ୍ୟ, ବେଗୁନିଆ ବ୍ଲକ ଅଧୀନ ଲେଖନପୁର, ପଙ୍ଗାରସିଂହ, ସିକୋ ଏବଂ କଣ୍ଟାବାଡ଼ ଅଞ୍ଚଳରେ ଦୀର୍ଘ ବର୍ଷ ହେଲା ବେଆଇନ ଭାବେ ବାଣ ପ୍ରସ୍ତୁତ କରାଯାଉଥିବା ନଜିର ରହିଛି। ବିଗତ ଦିନରେ ମଧ୍ୟ ଅନେକ ଅଘଟଣ ଘଟିଛି। ଗତ ୧୦ ବର୍ଷ ମଧ୍ୟରେ ବାଣ ବିସ୍ଫୋରଣରେ ୬ରୁ ଊର୍ଦ୍ଧ୍ୱ ମୃତ୍ୟୁ ହୋଇଥିବାବେଳେ ପ୍ରାୟ ୧୧ ଜଣ ଆହତ ହୋଇଥିବା ବେଗୁନିଆ, ବାଘମାରି ଏବଂ ଜଙ୍କିଆ ଥାନାରେ ମାମଲା ରୁଜୁ ହୋଇଥିଲା।




ଭୁବନେଶ୍ୱର ଜନପଥରେ ଶୁକ୍ରବାର ରାତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରୋଡ୍ ଶୋ ଏବଂ ସମବେତ ଭାଜପା ନେତା, କର୍ମୀ ଓ ଜନସାଧାରଣ।




ଜନପଥର ବିଭିନ୍ନ ସ୍ଥାନରେ କଳାକାରମାନେ କଳା ପ୍ରଦର୍ଶନ କରି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସ୍ୱାଗତ କରୁଛନ୍ତି।



ମୋଦିଙ୍କ ରୋଡ୍ ଶୋ'କୁ ମୋବାଇଲ୍ କ୍ୟାମେରାରେ ଲୋକେ ରେକର୍ଡିଂ କରୁଛନ୍ତି।

# ମୋଦିଙ୍କ ବିକଶିତ ଭାରତରେ ସାମିଲ ହେବାକୁ ଆହ୍ୱାନ

ଧର୍ମଗଡ଼,୧୦।୫
(ହିମାଂଶୁ ଶେଖର ପଣ୍ଡା)

କଳାହାଣ୍ଡି ଜିଲା ଧର୍ମଗଡ଼ର ଏକ ହୋଟେଲ ସଭାଗୃହରେ ଶୁକ୍ରବାର ଭାଜପାର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରୀ ଭୂପେନ୍ଦ୍ର ସିଂ ଯାଦବ ଯୋଗଦେଇ ଭାଜପାକୁ ଭୋଟ ଦେଇ ମୋଦିଙ୍କ ବିକଶିତ ଭାରତରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ସେହିପରି ଓଡ଼ିଶାରେ ଭାଜପା ସରକାର ଆସିଲେ ଓଡ଼ିଆ ଲୋକ ମୁଖ୍ୟମନ୍ତ୍ରୀ ହେବା ସହ ନିର୍ବାଚନୀ ଇସ୍ତାହାର ଉପରେ ମଧ୍ୟ କହିଥିଲେ। ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ଧର୍ମଗଡ଼ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ସୁଧୀର ରଞ୍ଜନ ପାଢୀ, ପୂର୍ବତନ ଜିଲା ସଭାପତି ଧନଞ୍ଜୟ ପାତ୍ର, ନିର୍ବାଚନମଣ୍ଡଳୀ ପ୍ରଭାରୀ ସତ୍ୟ ନାରାୟଣ ବେହେରା, ସଂଯୋଜକ ମନିନ୍ଦ୍ର ଭୂଷଣ ପାତ୍ର, ଜିଲା ଉପସଭାପତି ଲକ୍ଷ୍ମୀକାନ୍ତ ବାଗ, ଖଇରପଦର ମଣ୍ଡଳ ପ୍ରଭାରୀ ଟିକେ ମଣି ସା, ଟିପିଗୁଡା ମଣ୍ଡଳ ପ୍ରଭାରୀ ଜନ୍ମେଜୟ ନାଏକ, ଜଗନ୍ନାଥ ପାଣିଗ୍ରାହୀ (ଛତିଶଗଡ଼) ପ୍ରମୁଖ ମଞ୍ଚାସୀନ ଥିଲେ।




ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଭୁପେନ୍ଦ୍ର ସିଂ ଯାଦବ ଓ ଅନ୍ୟମାନେ।

# ଭାଜପା ସରକାର ଆସିଲେ ରାମରାଜ୍ୟ ହେବ: ରାଜନାଥ

ରଣପୁର,୧୦।୫
(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପାର ବିଜୟ ସଂକଳ୍ପ ସମାବେଶ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଯୋଗଦେଇ ଓଡ଼ିଶାରେ ଭାଜପା ସରକାର ଆସିଲେ ରାମ ରାଜ୍ୟ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ରାଜନାଥ ଅପରାହ୍ନ ୫ଟାରେ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି ରଣପୁରସ୍ଥିତ ଜେଲ ଛକରେ ଥିବା ପଡିଆରେ ପହଞ୍ଚି ଥିଲେ। ସେଠାରୁ ସଡ଼କ ପଥରେ ଆସି ରଣପୁର ପଞ୍ଚୁଦୋଳ ପଡିଆଠାରେ ଅନୁଷ୍ଠିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇଥିଲେ। ଶ୍ରୀଜଗନ୍ନାଥ ଓ ମା'ମଣିନାଗଙ୍କୁ ପ୍ରଣାମ କରି ରାଜନାଥ ତାଙ୍କର ଭାଷଣ ଆରମ୍ଭ କରିଥିଲେ। ସେ କହିଥିଲେ, ପ୍ରଥମ ଥର ରଣପୁର ଆସିଛି। ଲୋକଙ୍କ ସମାଗମ କହୁଛି ଏଥର ଓଡ଼ିଶାରେ ଭାଜପା ସରକାର ଗଠନ କରିବ। ଆମେ କଶ୍ମୀରରୁ ଅନୁଚ୍ଛେଦ ୩୭୦ ହଟାଇବାକୁ କହିଥିଲୁ ହଟାଇଲୁ, ରାମ ମନ୍ଦିର ନିର୍ମାଣ କରିବାକୁ କହିଥିଲୁ ତାହା କରିକି ଦେଖାଇଲୁ। ସବୁ ଧର୍ମର ମା' ଭଉଣୀ ସହ ରହିଛୁ, ସେଥିପାଇଁ ଆମେ ୩ ତଲାକକୁ ଉଠାଇ ଦେଲୁ। ଓଡ଼ିଶାବାସୀ ୫୦ବର୍ଷ କଂଗ୍ରେସ ସରକାର ଓ ୨୫ବର୍ଷ ବିଜେଡି ସରକାର ଦେଖିଲେ। ଏଥର ଭାଜପାକୁ କ୍ଷମତାକୁ ଆଣନ୍ତୁ। କଂଗ୍ରେସ ଗରିବ ହଟାଇବାକୁ ପ୍ରତିଶ୍ରୁତି ଦେଇଥିଲା, କିନ୍ତୁ ଏହା ସମ୍ଭବ ହେଲାନି, ହେଲେ ମୋଦି କରି ଦେଖାଇଲେ। ସମାବେଶରେ ପ୍ରତିରକ୍ଷା ମନ୍ତ୍ରୀ ସିଂ ଭାଜପା ପୁରୀ ଲୋକ ସଭା ପ୍ରାର୍ଥୀ ସମ୍ବିତ ପାତ୍ର ଓ ରଣପୁର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥିନୀ ସୁରମା ପାଢ଼ୀଙ୍କୁ ସମର୍ଥନ କରିବାକୁ ଉପସ୍ଥିତ ଲୋକମାନଙ୍କୁ ନିବେଦନ କରିଥିଲେ। ଶେଷରେ ରଣପୁର ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା ଧନ୍ୟବାଦ ଦେଇଥିଲେ।




ରଣପୁର ପଞ୍ଚୁଦୋଳ ପଡିଆଠାରେ ଭାଜପାର ବିଜୟ ସଂକଳ୍ପ ସମାବେଶରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ରାଜ୍ୟ ଦଳୀୟ ନେତୃବୃନ୍ଦ।

# ପ୍ରଣବ-ଧର୍ମେନ୍ଦ୍ର କୋଳାକୋଳି



ଥାଳଉଠା କାର୍ଯ୍ୟକ୍ରମରେ ଭାଜପା ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଜେଡି ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ କୋଳାକୋଳି ହେଉଛନ୍ତି।



ମନ୍ଦିର ପ୍ରାଙ୍ଗଣରେ ବିଜେଡି ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ ଏବଂ ଭାଜପା ବିଧାୟକ ପ୍ରାର୍ଥୀ ଜୟନାରାୟଣ ମିଶ୍ର।

ସମ୍ବଲପୁର,୧୦।୫ (ଭବାନୀଶଙ୍କର ଭୋଇ)

ପବିତ୍ର ଅକ୍ଷୟତୃତୀୟା ଅବସରରେ ସମ୍ବଲପୁରର ଗଣପର୍ବ ଶୀତଳଷଷ୍ଠୀ ଯାତ୍ରାର ଥାଳ ଉଠାପର୍ବ ସମ୍ପନ୍ନ ହୋଇଛି। ତେବେ ଥାଳଉଠା ପର୍ବ ଅବସରରେ ସମ୍ବଲପୁରର ରାଜନୈତିକ ମାହୋଲରେ ଭିନ୍ନ ଏକ ଚିତ୍ର ଦେଖିବାକୁ ମିଳିଥିଲା। ପ୍ରତିଦିନ ବିଜେଡି ଭାଜପା ମଧ୍ୟରେ ବାକ୍‌ଯୁଦ୍ଧ ଚାଲିଥିବାବେଳେ ପରସ୍ପରର ଦୋଷ ଦୁର୍ବଳତାକୁ ପଦାରେ ପକାଇ ଅପଦସ୍ଥ କରିବାକୁ ପଛାଉ ନାହାନ୍ତି। ତେବେ ରାଜନୀତିର ଏଭଳି ବିଚିତ୍ର ଦୃଶ୍ୟଠାରୁ ଥାଳଉଠା ପର୍ବରେ ଉଭୟ ଦଳର ନେତାଙ୍କର ବ୍ୟବହାର ସମ୍ପୂର୍ଣ୍ଣ ଭିନ୍ନ ରହିଥିବା ଦେଖିବାକୁ ମିଳିଛି, ରାଜ୍ୟବାସୀଙ୍କୁ ବେଶ୍ ଉତ୍ସାହିତ କରିପାରିଛି। ଭାଜପାର ସମ୍ବଲପୁର ସାଂସଦ ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ସମ୍ବଲପୁର ବିଧାୟକ ପ୍ରାର୍ଥୀ ଜୟନାରାୟଣ ମିଶ୍ର ନନ୍ଦପଡ଼ାର ବମବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ମନ୍ଦିରରେ ଥାଳ ଉଠାପର୍ବରେ ଯୋଗ ଦେବାକୁ ପହଞ୍ଚିଥିଲେ। ଏହି ସମୟରେ ବିଜେଡିର ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ(ବବି) ଏବଂ ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ ମଧ୍ୟ ସମାନ କାର୍ଯ୍ୟକ୍ରମରେ ମନ୍ଦିରରେ ପହଞ୍ଚିଥିଲେ। ହଠାତ ଧର୍ମେନ୍ଦ୍ରଙ୍କୁ ଦେଖି ବବି ଦାସ ତାଙ୍କ ପାଖକୁ ପହଞ୍ଚିବା ପରେ ପରସ୍ପରକୁ ଆଲିଙ୍ଗନ କରିଥିଲେ। ହଠାତ୍ ଏହି ଦୃଶ୍ୟ ଦେଖି ଉଭୟଙ୍କ ସମର୍ଥକ ଏବଂ ଭକ୍ତମାନେ ବିସ୍ମିତ ହୋଇଯାଇଥିଲେ। ପରସ୍ପର ପ୍ରତି କଟୁକ୍ତି ଏବଂ ଆକ୍ଷେପଭରା ବାର୍ତ୍ତା ଶୁଣି ଆସୁଥିବା ଜନସାଧାରଣ ରାଜନୀତିର ଏହି ଦୃଶ୍ୟକୁ ନିଜ ଢଙ୍ଗରେ ବ୍ୟାଖ୍ୟା କରିଥିଲେ। ଉଭୟେ କ'ଣ କଥା ହେଲେ ତାହା ଭିଡ଼ ଭିତରେ ଶୁଣିବା ସମ୍ଭବ ନ ଥିଲା। ତେବେ ଉଭୟଙ୍କ ଭାବଭଙ୍ଗୀରୁ ପ୍ରତିଦ୍ୱନ୍ଦୀ ଭାବେ ଉଭୟେ ଛିଡା ହୋଇଥିବା ଭଳି ଅନୁମାନ କରିବା କଷ୍ଟକର ହୋଇପଡିଥିଲା।

## ଏକାଠି ବସିଲେ ଜୟନାରାୟଣ, ରୋହିତ

ସମାନ ଭାବରେ ଭାଜପା ପ୍ରାର୍ଥୀ ଜୟନାରାୟଣ ଏବଂ ବିଜେଡି ପ୍ରାର୍ଥୀ ରୋହିତ ପୂଜାରୀ ମଧ୍ୟ ପାଖରେ ବସି କଥାବାର୍ତ୍ତା ହେଉଥିବା ଦେଖିବାକୁ ମିଳିଥିଲା। କିଛି ସମୟ ପରେ ଚାରିଜଣଯାକ ଝାଡୁଆପଡ଼ାର ଲୋକନାଥ ବାବାଙ୍କ ମନ୍ଦିରରେ ଥାଳଉଠା ପର୍ବରେ ଏକାଠି ବସି ପୂଜାରେ ସାମିଲ ହୋଇଥିଲେ। ପରେ ଥାଳଉଠା ସମୟରେ ଚାରିଜଣ ଯାକ ଏକାସାଙ୍ଗରେ ଥାଳ ଧରିବା ସହ ଶୀତଳଷଷ୍ଠୀ ପାଇଁ ଦାନ ଅର୍ଥ ପ୍ରଦାନ କରିଥିଲେ। ଲଗାତାର ଆରୋପ ପ୍ରତ୍ୟାରୋପ ଭିତରେ ଥାଳଉଠା ସମୟର ଦୃଶ୍ୟ ପୂରା ସମ୍ବଲପୁରବାସୀଙ୍କୁ ଭିନ୍ନ ଏକ ଚର୍ଚ୍ଚାର ଖୋରାକ ଯୋଗାଇଥିଲା।

# ସୁନ୍ଦରଗଡ଼କୁ ନୂଆ ପରିଚୟ ଦେଇଛନ୍ତି ମୁଖ୍ୟମନ୍ତ୍ରୀ

- ସବ୍‌ଡେଗା, ରାଜଗାଙ୍ଗପୁରରେ ନିର୍ବାଚନୀ ସଭାରେ ଯୋଗଦେଲେ ପାଣ୍ଡିଆନ
- ରାଉରକେଲାର ରୋଡ୍ ଶୋ'ରେ ହେଲେ ସାମିଲ

ସୁନ୍ଦରଗଡ, ରାଜଗାଙ୍ଗପୁର, ରାଉରକେଲା୧୦।୫(ଜୟ ନାରାୟଣ ମେଣ୍ଢୁଳି/ ଅଶୋକ ପାଣି/ ଦିନେଶ ମିଶ୍ର)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଦିବାସୀଙ୍କୁ ଭଲ ପାଆନ୍ତି। ରାଜ୍ୟର ସବୁ ବର୍ଗର ଲୋକଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ଆପଣମାନଙ୍କୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣାରେ ବିଜୁଳି ଯୋଗାଇ ଦିଆଯିବ। ଏଥିରେ ବିଶେଷକରି ଗ୍ରାମାଞ୍ଚଳର ଲୋକେ ଉପକୃତ ହେବେ ବୋଲି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଶୁକ୍ରବାର ସୁନ୍ଦରଗଡ଼ ଜିଲା ତଳସରା ନିର୍ବାଚନମଣ୍ଡଳୀର ସବ୍‌ଡେଗା ମିନି ଷ୍ଟାଡିୟମରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ଏହା କହିଛନ୍ତି।

ପାଣ୍ଡିଆନ କହିଥିଲେ, ଆପଣମାନେ ଯାହାକୁ ଏମ୍‌ପି ଓ ଏଠାକାର ବିଧାୟକ ଭାବେ ନିର୍ବାଚିତ କରି ପଠାଇଥିଲେ, ସେମାନେ କେବେ ଆପଣଙ୍କ ସମସ୍ୟା କଥା ଉଠାଇ ନାହାନ୍ତି। ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଞ୍ଚଳର ରାସ୍ତା ଘାଟ ଓ ଅନ୍ୟାନ୍ୟ ଉନ୍ନତି ପାଇଁ ଅନୁଦାନ ଯୋଗାଇ ଦେଇଛନ୍ତି। ଅଞ୍ଚଳର ଆହୁରି ଉନ୍ନତି ପାଇଁ ଲୋକ ସଭା ପ୍ରାର୍ଥୀ ଦିଲୀପ ତିର୍କୀ ଓ ତଳସରା ବିଧାୟକ ପ୍ରାର୍ଥୀ ବିନୟ ଟପ୍ପୋଙ୍କୁ ବିଜୟୀ କରି ୬ଷ୍ଠଥର ପାଇଁ ନବୀନଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ସେ ନିବେଦନ କରିଥିଲେ। ମୁଖ୍ୟମନ୍ତ୍ରୀ ମହିଳା, ଯୁବ ଓ ଛାତ୍ରଙ୍କୁ ସଶକ୍ତ କରିବା ପାଇଁ ସ୍ୱତନ୍ତ୍ର ଋଣ ଓ କଲେଜ ଛାତ୍ରୀଙ୍କୁ ୧୪ହଜାର ଓ ଛାତ୍ରଙ୍କୁ ୧୨ହଜାର ଟଙ୍କା ଷ୍ଟାଇପେଣ୍ଡ ପ୍ରଦାନ ପାଇଁ ନିର୍ବାଚନ ଇସ୍ତାହାରରେ ଘୋଷଣା କରିଥିବା କହିଥିଲେ। ଏହି ସଭାରେ ଦିଲୀପ, ବିନୟ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ତଥା ତଳସରା ସହ ପର୍ଯ୍ୟବେକ୍ଷକ ବୈକୁଣ୍ଠ ନାଏକ, ଜିଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ମାଝିଙ୍କ ନେତୃତ୍ୱରେ ପାଣ୍ଡିଆନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାରେ ବହୁସଂଖ୍ୟାରେ ମହିଳା ପୁରୁଷ ଉପସ୍ଥିତ ଥିଲେ।

ଏହା ପରେ ପାଣ୍ଡିଆନ ରାଜଗାଙ୍ଗପୁର ଗସ୍ତ କରି ଜାମପାଲି ଖେଳପଡିଆରେ ଏକ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ। ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ସୁନ୍ଦରଗଡକୁ ଏକ ନୂଆ ପରିଚୟ ମୁଖ୍ୟମନ୍ତ୍ରୀ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି। ଅଞ୍ଚଳର ଯାହାସବୁ କାମ ରହିଯାଇଛି ସେସବୁ ପୂରଣ ହେବ ବୋଲି ପାଣ୍ଡିଆନ ପ୍ରତିଶ୍ରୁତି ଦେଇଥିଲେ। ବିଜେଡି କର୍ମୀଙ୍କୁ ବହୁ ପରିଶ୍ରମ କରିବା ପାଇଁ ପାଣ୍ଡିଆନ କହିଥିଲେ। ଏହି ଅବସରରେ ମଞ୍ଚରେ ତାଙ୍କ ସହ ଦିଲୀପ ତିର୍କୀ, ଅନିଲ ବରୁଆ, ମଙ୍ଗଳା କିଷାନ ଉପସ୍ଥିତ ଥିଲେ। ଶେଷରେ ରାଉରକେଲା ଗସ୍ତ କରି ବିଜେଡି ପକ୍ଷରୁ ଆୟୋଜିତ ରୋଡ୍ ଶୋ'ରେ ଯୋଗଦେଇଥିଲେ। ସନ୍ଧ୍ୟା ସାଢ଼େ ୭ଟାରେ ପାଣ୍ଡିଆନ ରାଉରକେଲା ବିଶ୍ରାଛକରୁ ଶୋଭାଯାତ୍ରାରେ ବାହାରି ମେନରୋଡ୍ ଦେଇ ଟ୍ୟାକ୍ସିଷ୍ଟାଣ୍ଡ୍, ନାଲାରୋଡ୍, ଡେଲିମାର୍କେଟ, ମଙ୍ଗଳ ଭବନ ହୋଇ ଉଦିତନଗର ଆମ୍ବେଦ୍‌କର ଛକରେ ପହଞ୍ଚିଥିଲେ। ସେଠାରୁ ପୁଣି ବାସନ୍ତୀ କଲୋନୀ ଦେଇ ଲେବର ଟୁର୍ନାମେଣ୍ଟ ହୋଇ ଜୈନ ମନ୍ଦିର ଓ ଶେଷରେ ପାନପୋଷ ସ୍ଥିତ ଗାନ୍ଧୀଛକରେ ପହଞ୍ଚିଥିଲେ। ଏଥିରେ ଶତାଧିକ ବିଜେଡି କର୍ମୀ ଯୋଗଦେଇଥିଲେ। ଏହି ରୋଡ୍ ଶୋ'ରେ ରାଉରକେଲା ବିଧାୟକ ପ୍ରାର୍ଥୀ ସାରଦା ପ୍ରସାଦ ନାୟକ, ଦିଲୀପ ତିର୍କୀଙ୍କ ସହ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।



ରାଉରକେଲାଠାରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କ ରୋଡ୍ ଶୋ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅକ୍ଷୟତୃତୀୟା କାରବାର ଉତ୍ସାହଜନକ



**ଭୁବନେଶ୍ୱର,୧୦।୫ (ଅଭୟ ଦାଶ)**

■ଦେଶରେ ୧୫ରୁ ୨୦% କାରବାର ବୃଦ୍ଧି

■ରାଜ୍ୟରେ ୧୦୦ କୋଟିରୁ ଅଧିକ ବ୍ୟବସାୟ

ପ୍ରତିବର୍ଷ ଭଳି ଚଳିତ ବର୍ଷର ଅକ୍ଷୟ ତୃତୀୟା କାରବାର ମଧ୍ୟ ବେଶ୍ ଉତ୍ସାହଜନକ ରହିଥିଲାବେଳେ ସର୍ବଭାରତୀୟ ସ୍ତରରେ ସୁନା କାରବାର ୧୫ରୁ ୨୦% ବୃଦ୍ଧି ପାଇଛି ବୋଲି ଇଣ୍ଡିଆନ ବୁଲିଅନ ଆଣ୍ଡ ଜୁଏଲର୍ସ ଆସୋସିଏସନ ପକ୍ଷରୁ ଆକଳନ କରାଯାଇଛି। ଏପରିକି ଓଡ଼ିଶା ବଜାରରେ ମଧ୍ୟ ୧୦୦ କୋଟିରୁ ଅଧିକ ଟଙ୍କାରେ ସୁନା କାରବାର ହୋଇଥିବା ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷର ଅକ୍ଷୟ ତୃତୀୟା ଉପଲକ୍ଷେ ଉଭୟ ରାଜ୍ୟ ଓ ଜାତୀୟସ୍ତର(ଘରୋଇ ବଜାର)ର ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ଆକର୍ଷଣୀୟ ଅଫର ଓ ରିହାତି ସାଙ୍ଗକୁ ଲକି ଡ୍ର ଏବଂ ଉପହାରର ବ୍ୟବସ୍ଥା କରାଯାଇଥିଲାବେଳେ ଅକ୍ଷୟ ତୃତୀୟା ପାଇଁ ସବୁବର୍ଗର ଗ୍ରାହକ ଅଳ୍ପ ବହୁତ (ସକ୍ଷମ ଅନୁଯାୟୀ) ସୁନା, ରୁପା, ହୀରା ଓ ମୂଲ୍ୟବାନ୍ ଅଳଙ୍କାର ଏବଂ ରତ୍ନପଥର କ୍ରୟ କରିଛନ୍ତି।

ଅପରପକ୍ଷରେ ଶୁକ୍ରବାର ସୁନା ଦର ୫୦୦ରୁ ୮୫୦ ଟଙ୍କା ବଢ଼ିଥିବା ସତ୍ତ୍ୱେ ଗ୍ରାହକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଓ ଅଳଙ୍କାର ପ୍ରତିଷ୍ଠାନଗୁଡିକରେ ଜମି ରହିଥିବା ଭିଡ଼ରୁ ସୁନା କ୍ରୟ ବୃଦ୍ଧି ହୋଇଥିବା ସ୍ପଷ୍ଟ ଜଣାପଡୁଥିଲା।

ସେହିଭଳି ଅକ୍ଷୟ ତୃତୀୟା କାରବାର ଆଶାନୁଯାୟୀ ହୋଇଥିବାବେଳେ ଭୁବନେଶ୍ୱରର ସୁନା ଦର ୨୪କ୍ୟାରେଟ ପ୍ରତି ଗ୍ରାମ ପିଛା ୭୩,୦୯୦ ଟଙ୍କା ଏବଂ ୨୨କ୍ୟାରେଟ ସୁନା ପ୍ରତି ୧୦ ଗ୍ରାମ ପିଛା ୬୭,୦୦୦ ଟଙ୍କାରେ ବିକ୍ରି ହେଉଥିଲା। ସେହିପରି ରୁପା ଦର କି.ଗ୍ରା. ପ୍ରତି ୮୬,୦୦୦ଟଙ୍କା ରହିଥିଲାବେଳେ ହୀରା ଓ ରତ୍ନପଥରର ମୂଲ୍ୟ ମଧ୍ୟ ଉଚ୍ଚା ଥିଲା। ବିଶେଷକରି ଅକ୍ଷୟ ତୃତୀୟା ଓ ବିବାହ ପାଇଁ ଗ୍ରାହକ ଉଭୟ ୨୨ ଓ ୧୮ କ୍ୟାରେଟ (୧୮କ୍ୟାରେଟ ସୁନା ପ୍ରତି ୧୦ଗ୍ରାମ ପିଛା ୫୫,୧୭୦ଟଙ୍କା)ର ସୁନାକୁ ଅଧିକ ପରିମାଣରେ କ୍ରୟ କରୁଥିବା ଅଳଙ୍କାର ପ୍ରତିଷ୍ଠାନ ଗୁଡିକ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଯଥା ଖିମ୍‌ଜୀ ଜୁଏଲର୍ସ, ଲାଲ୍‌ଚାନ୍ଦ ଜୁଏଲର୍ସ, ଅରୁନ୍ଧତୀ ଜୁଏଲର୍ସ, ମାଲାବାର ଜୁଏଲର୍ସ, ଜୟଆଲୁକ୍କାସ ଜୁଏଲର୍ସ, କଲ୍ୟାଣ ଜୁଏଲର୍ସ, ତନିସ୍କ ଜୁଏଲର୍ସ, ରାଧାଗୋବିନ୍ଦ ରାୟ ଗ୍ରାଣ୍ଡସନ ଜୁଏଲର୍ସ, ଜାଭେରୀ ଜୁଏଲର୍ସ, ପି.ସି. ଚନ୍ଦ୍ର ଜୁଏଲର୍ସ, କନକ ଜୁଏଲର୍ସ, ଲୋକନାଥ ଜୁଏଲର୍ସ, ଡିପିଜେପି ଜୁଏଲର୍ସ, ମା' ଗୌରୀ ଜୁଏଲର୍ସ, ବିଷମ ଜୁଏଲର୍ସ,ନାରାୟଣୀ ଜୁଏଲର୍ସ, ଧରିତ୍ରୀ ଜୁଏଲର୍ସ ଏବଂ ରିଲାଏନ୍ସ ଜୁଏଲର୍ସ ଭଳି ଶୋ'ରୁମ୍‌ରେ ଅକ୍ଷୟ ତୃତୀୟା ଭିଡ଼ ଲାଗିରହିଥିଲା ବେଳେ ଉପରୋକ୍ତ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକର ଆକର୍ଷଣୀୟ ଅଫର ଓ ରିହାତି ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିଥିଲା।

## ନିବେଶ ଉପରେ ଆକର୍ଷଣୀୟ ରିଟର୍ନ



ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ, ମିତେଶ ଖିମ୍‌ଜୀ

ଚଳିତ ବର୍ଷର ଅକ୍ଷୟ ତୃତୀୟା କାରବାର ବେଶ୍ ଉତ୍ସାହଜନକ ରହିଥିଲା ବେଳେ ଗତ ବର୍ଷ ତୁଳନାରେ ଆମେ ୧୦ରୁ ୧୪% ଅଧିକ ବିକ୍ରି ଆକଳନ କରୁଛୁ। ଏପରିକି ଓଡ଼ିଶାରେ ଆମର ସମସ୍ତ ୮ ଷ୍ଟୋରରେ ଗ୍ରାହକଙ୍କ ଭିଡ଼ ଲାଗି ରହିଥିଲା। ସେହିଭଳି ଚଳିତ ବର୍ଷ ହୀରା ଗହଣା ପାଇଁ ଗ୍ରାହକଙ୍କ ମଧ୍ୟରେ ଅଧିକ ଆଗ୍ରହ ପରିଲକ୍ଷିତ ହୋଇଥିବାବେଳେ ଅଧିକ ଓଜନ ବିଶିଷ୍ଟ ସୁନାଗହଣାକୁ ଗ୍ରାହକ ପସନ୍ଦ କରନ୍ତି,ଯାହାକୁ ସେମାନେ ନିବେଶ ଉପରେ ଆକର୍ଷଣୀୟ ରିଟର୍ନ ଭାବେ ଗ୍ରହଣ କରୁଛନ୍ତି। ସେହିପରି ଗତ ବର୍ଷ ଯେଉଁମାନେ ସୁନାରେ ନିବେଶ କରିଥିଲେ,ସେମାନେ ୨୦ରୁ୨୫% ରିଟର୍ନ ପାଇଛନ୍ତି। ଗତ କିଛିଦିନ ମଧ୍ୟରେ ସୁନା ଦର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା। ସୁନା ଦର ବୃଦ୍ଧି ସତ୍ତ୍ୱେ ଗ୍ରାହକମାନେ ସୁନା, ରୁପା ଓ ହୀରା ଗହଣା ଅଧିକ ସଂଖ୍ୟାରେ କ୍ରୟ କରୁଛନ୍ତି। ଏପରିକି ସୁନା ସବୁ ସମୟରେ ଏକ ଦମ୍‌ଦାର ନିବେଶ ଭାବେ ପ୍ରମାଣିତ ହୋଇଛି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷର ଅକ୍ଷୟ ତୃତୀୟା କାରବାର ୨୦୨୪ ମେ ୧ରୁ ଆରମ୍ଭ ହୋଇଯାଇଥିବାବେଳେ ଏହା ଚଳିତ ମାସ ଶେଷ ପର୍ଯ୍ୟନ୍ତ ଚାଲୁରହିବ।

# ଶେୟାର ବଜାର କାରବାରରେ ଉତ୍ସାହ

**ନୂଆଦିଲ୍ଲୀ,୧୦।୫**

ଗତ କିଛି ସପ୍ତାହ ହେବ କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୬୦(୨୬୦.୩୦) ପଏଣ୍ଟ ବଢ଼ି ୭୨,୬୬୪(୭୨,୬୬୪.୪୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୯୬(୯୬.୫୦) ପଏଣ୍ଟ ବୃଦ୍ଧି ଘଟି ୨୨,୦୫୪(୨୨,୦୫୪.୦୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ମାର୍ଚ୍ଚରେ ଖସିଲା ଆଇଆଇପି ଅଭିବୃଦ୍ଧି



**ଭୁବନେଶ୍ୱର,୧୦।୫ (ଅନୁରାଧା ମହାରଣା)**

ଦେଶରେ ଶିଳ୍ପ ଉତ୍ପାଦନର ଗତି ମନ୍ଥର ହୋଇଯାଇଛି। ଇଣ୍ଡେକ୍ସ ଅଫ୍ ଇଣ୍ଡଷ୍ଟ୍ରିଆଲ ପ୍ରଡକ୍ସନ (ଆଇଆଇପି)ର ତଥ୍ୟ ଅନୁଯାୟୀ, ୨୦୨୪ ମାର୍ଚ୍ଚରେ ଶିଳ୍ପ ଉତ୍ପାଦନର ଅଭିବୃଦ୍ଧି ହାର ୪.୯ ପ୍ରତିଶତ ହୋଇଛି। ଫେବୃଆରୀରେ ଏହି ଅଭିବୃଦ୍ଧି ହାର ୫.୭ ପ୍ରତିଶତ ରହିଥିଲା। ସେହିପରି ୨୦୨୩ ମାର୍ଚ୍ଚରେ ଆଇଆଇପି ଅଭିବୃଦ୍ଧି ହାର ୧.୯ ପ୍ରତିଶତ ଥିଲା। ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଶିଳ୍ପ ଉତ୍ପାଦନର ଅଭିବୃଦ୍ଧି ହାର ତଥ୍ୟ ଅନୁସାରେ ୨୦୨୪ ମାର୍ଚ୍ଚରେ ଖଣି କ୍ଷେତ୍ରରେ ଅଭିବୃଦ୍ଧି ହାର ୧.୨ ପ୍ରତିଶତ ଦେଖାଇଥିବାବେଳେ ଫେବୃଆରୀରେ ଏହି କ୍ଷେତ୍ର ୮ ପ୍ରତିଶତ ଅଭିବୃଦ୍ଧି ହୋଇଥିଲା। ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧି ହାର ୫.୨ ପ୍ରତିଶତ ହୋଇଛି, ଯାହାକି ପୂର୍ବ ମାସରେ ୫ ପ୍ରତିଶତ ଥିଲା। ସେହିପରି ବିଦ୍ୟୁତ୍ କ୍ଷେତ୍ରର ଅଭିବୃଦ୍ଧି ହାର ୮.୬ ପ୍ରତିଶତ ରହିଛି। ଯାହା ଫେବୃଆରୀରେ ୭.୫ ପ୍ରତିଶତ ଥିଲା। ଖଣି କ୍ଷେତ୍ରରେ ଉତ୍ପାଦନରେ ହ୍ରାସ ହେତୁ ମାର୍ଚ୍ଚ ମାସରେ ଆଇଆଇପି ଅଭିବୃଦ୍ଧି ହାର ହ୍ରାସ ପାଇଛି। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଆଇଆଇପି ଅଭିବୃଦ୍ଧି ହାର ୫.୮ ପ୍ରତିଶତ ରହିଛି। ପୂର୍ବ ଆର୍ଥିକ ବର୍ଷରେ ଏହା ୫.୨ ପ୍ରତିଶତ ଥିଲା। ମନ୍ତ୍ରଣାଳୟ କହିଛି, ସମଗ୍ର ବର୍ଷରେ ଖଣିରେ ୭.୫ ପ୍ରତିଶତ ଅଭିବୃଦ୍ଧି, ଉତ୍ପାଦନ କ୍ଷେତ୍ରରେ ୫.୫ ପ୍ରତିଶତ ଅଭିବୃଦ୍ଧି ଏବଂ ବିଦ୍ୟୁତ୍ କ୍ଷେତ୍ରରେ ୭.୧ ପ୍ରତିଶତ ଅଭିବୃଦ୍ଧି ଦେଖାଯାଇଛି। ଆଇଆଇପି ତଥ୍ୟ ନେଇ ଅର୍ଥନୀତି ବିଶେଷଜ୍ଞ କହିଛନ୍ତି, ୨୦୨୩-୨୪ର ଶେଷ ମାସରେ ଆଇଆଇପି ଅଭିବୃଦ୍ଧି ହାର ଆନୁମାନିକ ୫.୬ ପ୍ରତିଶତରୁ ୪.୯ ପ୍ରତିଶତକୁ ଖସି ଆସିଛି। ଉତ୍ପାଦନ ଏବଂ ବିଦ୍ୟୁତ୍ କ୍ଷେତ୍ରର ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇଥିବାବେଳେ ଖଣି ଉତ୍ପାଦନର ଗତି ମନ୍ଥର ହୋଇଯାଇଛି। ଗ୍ରାହକ ସ୍ଥାୟୀ ସାମଗ୍ରୀର ଉତ୍ପାଦନ ୯.୫ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ୨ ମାସ ହ୍ରାସ ପରେ ଅଣ ଗ୍ରାହକ ସ୍ଥାୟୀ ସାମଗ୍ରୀର ଉତ୍ପାଦନ ୪.୯ ପ୍ରତିଶତ ବୃଦ୍ଧି ପାଇଛି। ଆଗାମୀ ଦିନରେ ଏହା ଉପରେ ନଜର ରଖିବାର ଆବଶ୍ୟକତା ରହିଥିବା ମତ ପ୍ରକାଶ ପାଇଛି।

# ବେଦାନ୍ତ ଆଲୁମିନିୟମର ନୂତନ ଅଭିଯାନ

**ଭୁବନେଶ୍ୱର,୧୦।୫**



ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବେଦାନ୍ତ ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ନିକଟରେ ଏକ ନୂତନ ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଏପରିକି ବେଦାନ୍ତ ଆଲୁମିନିୟମ ଓଡ଼ିଶାର ସୁନ୍ଦରଗଡ଼ ଜିଲା ଅଧୀନ ଜାମକାନି, ଗିରିସମା, ମୁଣ୍ଡେରଖେଟ, ଝାରପଲମ ଏବଂ ହେମଗିର ଭଳି ପ୍ରାୟ ୬ କି.ମି. ବ୍ୟାପୀ ଦୂରାନ୍ତ ଗ୍ରାମାଞ୍ଚଳରେ କମ୍ପାନୀ ପ୍ରାୟ ୧୦୦ ସୋଲାର ପାୱାରଡ୍ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରାଯାଇଛି। ବିଶେଷକରି କମ୍ପାନୀର ଏହି ପଦକ୍ଷେପ ଗୋଷ୍ଠୀର ସଶକ୍ତୀକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସହ ସମ୍ପୃକ୍ତ ଅଞ୍ଚଳ ଲାଗି ଏହା ଏକ ନିର୍ଭରଯୋଗ୍ୟ ଓ ପରିବେଶ ଅନୁକୂଳ ସମାଧାନ ପ୍ରଦାନ କରୁଛି। ସେହିଭଳି ଉପରୋକ୍ତ ଗ୍ରାମଗୁଡ଼ିକ ମଧ୍ୟରେ ଏହି ସୌରଚାଳିତ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥାକୁ ସବୁବର୍ଗର ଲୋକ ପସନ୍ଦ କରୁଥିବାବେଳେ ସ୍ଥାନୀୟ ଜନସାଧାରଣଙ୍କ ପରାମର୍ଶରେ ଉକ୍ତ ଲାଇଟଗୁଡିକ ଲଗାଯାଇଥିଲା। ଏପରିକି ମିଳିତ ଭାବେ ସମ୍ପୃକ୍ତ ଅଞ୍ଚଳର ବିଦ୍ୟାଳୟ, ପାନୀୟ ଜଳ ପଏଣ୍ଟ, ନଳକୂପ(କୂଅ), ଛକ ଓ ଗୋଷ୍ଠୀ କେନ୍ଦ୍ର ଭଳି ସ୍ଥାନ ଚିହ୍ନଟ କରାଯାଇ ସୋଲାର ଲାଇଟ ସ୍ଥାପନ କରାଯାଇଥିଲାବେଳେ ଆଲୋକର ସ୍ଥାପନା ଗୋଷ୍ଠୀର ଆବଶ୍ୟକତା ପୂରଣ ହେବା ସହ ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବ ବୋଲି କୁହାଯାଇଛି। ସେହିପରି ବେଦାନ୍ତ ଗ୍ରୁପ୍‌ର ମାଇନ୍ସ ଟିମ୍ ଏହାର ସ୍ଥାୟୀ ସାମାଜିକ ପ୍ରଭାବ ପଦକ୍ଷେପ ମାଧ୍ୟମରେ ଗୋଷ୍ଠୀକୁ ସହାୟତାକରି ଏକ ସବୁଜ ତଥା ଅଧିକ ସ୍ଥାୟୀ ଭବିଷ୍ୟତ ଆଡ଼କୁ ଆଲୋକିତ କରିବାରେ ଲାଗିଛି। ଏପରିକି ଜାତିସଂଘ ସହ ସମାନ୍ତରାଳ ଭାବେ ୨୦୩୦ ସୁଦ୍ଧା ସୁଲଭ, ନିର୍ଭରଯୋଗ୍ୟ ଓ ସ୍ଥାୟୀ ତଥା ଆଧୁନିକ ଶକ୍ତି ନିଶ୍ଚିତ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ (ମାଇନ୍ସ) ଭି. ଶ୍ରୀକାନ୍ତ କହିଛନ୍ତି, ଆମେ କାର୍ଯ୍ୟ କରୁଥିବା ଅଞ୍ଚଳରେ ଲୋକମାନଙ୍କ ଆବଶ୍ୟକତା ଉପରେ ବିଶେଷ ଧ୍ୟାନ ଦେଇ ଆସୁଛୁ। ଏପରିକି ସେମାନଙ୍କ କଲ୍ୟାଣ ପାଇଁ ଆମେ ବହୁବିଧ ପଦକ୍ଷେପ ମଧ୍ୟ ନେଉଛୁ। ସେହିଭଳି ଆମର ସୌର ଆଲୋକୀକରଣ ପଦକ୍ଷେପ ହେଉଛି, ପରିବେଶ ପରିଚାଳନା ଓ ଗୋଷ୍ଠୀର କଲ୍ୟାଣକୁ ଅଗ୍ରାଧିକାର ଦେବା। ଏହି ପଦକ୍ଷେପ ଏକ ପରିବେଶ ଉପଯୋଗୀ କାର୍ଯ୍ୟକ୍ରମ ହୋଇଥିବାରୁ ଏହାର ସ୍ଥାୟିତ୍ୱ ଓ ପରିବେଶ ସଚେତନତା ଉପରେ ମହତ ଯୋଗଦାନ ରହିଛି।

# ସମନ୍ୱୟ-ସହଯୋଗିତାକୁ ଗୁରୁତ୍ୱ

**ଭୁବନେଶ୍ୱର,୧୦।୫**

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍)ର ଆନୁଆଲ ବିଜନେସ୍ ଆସୋସିଏଟ୍ ମିଟ୍ ଭୁବନେଶ୍ୱରର ଏମ୍‌ଡିସି ବରମୁଣ୍ଡା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ଦେଶର ବିଭିନ୍ନ ଅଞ୍ଚଳରୁ ୯୦ଜଣ ବିଜନେସ୍ ଆସୋସିଏଟ୍ ଅଂଶ ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଟିପିସିଓଡିଏଲ୍ ସହିତ ସହଭାଗିତା ପଦକ୍ଷେପ ବିଷୟରେ ସେମାନେ ନିଜ ନିଜର ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ। ଏହି ଭାବ ବିନିମୟ କାର୍ଯ୍ୟକ୍ରମରେ ଗଠନ ମୂଳକ ଆଲୋଚନା ହୋଇଥିଲା ବେଳେ ଅଂଶଗ୍ରହଣକାରୀମାନେ ମିଳିତ ଅଭିବୃଦ୍ଧି ପାଇଁ ସେମାନଙ୍କ ଅଭିଜ୍ଞତା ବାଣ୍ଟିଥିଲେ ଓ ରଣନୀତି ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଯେଉଁଥିରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀଙ୍କ ସମେତ ନେତୃତ୍ୱ ଟିମ୍ ମଧ୍ୟ ଯୋଗ ଦେଇଥିଲେ। ଏହି ଅଧିବେଶନରେ ବିଜନେସ୍ ଆସୋସିଏଟ୍‌ମାନେ ପ୍ରାସଙ୍ଗିକ ପ୍ରଶ୍ନ କରି ଟିପିସିଓଡିଏଲ୍‌ର ବରିଷ୍ଠ ଅଧିକାରୀମାନଙ୍କଠାରୁ ପ୍ରତିକ୍ରିୟା ହାସଲ କରିବାର ସୁଯୋଗ ପାଇଥିଲେ। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି, ଆନୁଆଲ ବିଜନେସ୍ ଆସୋସିଏଟ୍ ମିଟ୍ ଆମ ସହଯୋଗିତାର ଦୃଢ଼ତା ଏବଂ ଶକ୍ତି କ୍ଷେତ୍ରରେ ନବସୃଜନ ଓ ଉତ୍କର୍ଷକୁ ବଢ଼ାଇବା ପାଇଁ ଆମର ମିଳିତ ପ୍ରତିବଦ୍ଧତାର ପ୍ରମାଣ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ଏପରିକି ବିଜନେସ୍ ଆସୋସିଏଟ୍‌ମାନେ ପ୍ରଦାନ କରିଥିବା ମୂଲ୍ୟବାନ ପରାମର୍ଶକୁ ଆମେ ପ୍ରଶଂସା କରୁଛୁ, ଯାହା ଆମ ସେବାରେ ଉନ୍ନତି ଆଣିବା ଏବଂ ସମସ୍ତ ଅଂଶୀଦାରଙ୍କୁ ମୂଲ୍ୟ ପ୍ରଦାନ କରିବା ଲାଗି ଆମ ସଙ୍କଳ୍ପକୁ ଦୋହରାଉଛି। ଟିପିସିଓଡିଏଲ୍ ପକ୍ଷରୁ ସହଯୋଗିତା, ନବସୃଜନ ଓ ସାମାଜିକ ଦାୟିତ୍ୱବୋଧକୁ ଅଗ୍ରାଧିକାର ପ୍ରଦାନ କରାଯାଉଛି, କାରଣ ଏହା ସାମାଜକୁ ସଶକ୍ତ କରୁଥିବା ବେଳେ ଅର୍ଥନୈତିକ ଅଭିବୃଦ୍ଧି ଏବଂ ଓଡ଼ିଶାବାସୀଙ୍କ ଜୀବନର ଗୁଣାତ୍ମକମାନରେ ଉନ୍ନତି ଆଣିବାକୁ ଉଦ୍ୟମ କରୁଛି।

ଆଲୋଚନା ସମୟରେ ବହୁ ସଂଖ୍ୟାରେ ବିଜନେସ୍ ଆସୋସିଏଟ୍ ଟାଟା ପାୱାର ସହ ସହଯୋଗିତା ପରଠାରୁ ଟିପିସିଓଡିଏଲ୍‌ରୁ ମିଳୁଥିବା ଲାଭଗୁଡ଼ିକୁ ପ୍ରଶଂସା କରିଥିଲେ।


# Classified Everyday

**0674-2580101, 2549949**



REAL ESTATE

**SALE**

Plots Nayapalli, Jaydevihar, Patia, Pahala, Jagamara, Uttara, Andharua, Raghunathpur. 7853907668. D-268

Duplex project at Retang Medical, Station C.V Raman, Tamando, Bhubaneswar. 7008459987. D-75947

ଭୁବନେଶ୍ୱର ନଖରା ତ୍ରିନାଥବଜାର ନିକଟବର୍ତ୍ତୀ **30ft.** ରୋଡ୍, ଘରବାଡ଼ି **boundary** ଇଲେକ୍ଟ୍ରିସିଟି ସୁବିଧା ଥାଇ **Govt. Road**କୁ ଲାଗି **SC** ପ୍ଲଟ୍ ବିକ୍ରିହେବ। **9777617151, 9090142564.** D-75951

**54000sqft. plot available on Sisolo near Balakati, Nimapada highway for commercial/institutional purpose. Contact- 7978097047.** D-279

**Duplex sale at Bhubaneswar @ 57 Lakhs only. Contact: 9777433701.** D-75954

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar, NH-16 ଏବଂ Sum-2 Hospital ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ - 8249422604. D-75955

ଭୁବନେଶ୍ୱର ଗ୍ୟାରେଜ ଛକରେ ଏଲୋଜନ ଘରବାଡ଼ି ପାଚେରୀ ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। **9827119799.** D-272

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Tolet 1BHK 539, Sahid Nagar, Bhubaneswar infront of Sahid Sporting Club. M- 9437010641, 8908901973. D-230

**AFFIDAVIT**

I, NARAYANA PANDA S/o- SATYABADI PANDA, resident of Jamuniani Street, Panigrahi Pentha, Berhampur, Ganjam-760006, previously known as NARAYAN PANDA. By virtue of this affidavit dated 08.05.2024, I shall be known as NARAYANA PANDA for all purposes. D-63237




Monalisa massage Club:All types Body massage with hiprofile smart lady rooms service available. 9708545108. D-276

Relax, refresh your body, mind by expert therapist. Contact- 9938843929. D-76118

Kerala body Massage best Therapist, Bhubaneswar. 9337672475. D-210

Newly open Jyoti Spa positively health benefits (Expert Therapist). 8458067955. D-76119

Newly open health benefits Spa special offer @999, Bapujinagar. 8018429809. D-76120

Newly open full body massage all types massage available. 7749034655. D-76121

Newly opened central SPA full-body massage. Trend Therapist. 8456885600. D-75738

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75737

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଦଶରଥ ସାହୁ**

ଗ୍ରା/ପୋ- ବାଇଁଶିରିଆ, ବରୀ, ଯାଜପୁର

ଆବିର୍ଭାବ: ୨୩।୦୨।୧୯୪୨

ତିରୋଧାନ: ୦୧।୦୫।୨୦୨୪

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ:** ରଙ୍ଗଲତା ସାହୁ (ଧର୍ମପତ୍ନୀ), ଦେବୀପ୍ରସାଦ, ସୁକାନ୍ତିଲତା, ହରପ୍ରସାଦ, ରଶ୍ମିରାଣୀ, ଜଗନ୍ନାଥ ପ୍ରସାଦ, ପ୍ରତିମା, ପୁଷ୍ପଶ୍ରୀ, ଶରତ, ରାଜଶ୍ରୀ, ରବୀନ୍ଦ୍ର, ଶୁଭଶ୍ରୀ, ଶଶାଙ୍କ, ମହିମା, କରୁଣା, ସତ୍ୟସ୍ୱରୂପ, ନୀଳାଦ୍ରୀଶ, ଆଦିତ୍ୟ, ସୌମ୍ୟ, ବର୍ଷା, ଆଦ୍ୟାଶା, ଦିବ୍ୟାଶା, ଅଭିଶିପ୍ତା, ଅନିନ୍ଦିତା, ଅଭିଲିପ୍ସା, ମୋକ୍ଷିତା

ଧ-୨୭୪

**CLASSIFIED DISPLAY**

MORE SPACE • SAME PRICE

TARIFF (GST 5%)

| For Single Day 6x4 | For Single Day 12x4 | For 7 Days 6x4 | For 7 Days 12x4 | For 15 Days 6x4 | For 15 Days 12x4 | For 30 days 6x4 | For 30 days 12x4 |
|---|---|---|---|---|---|---|---|
| 1,500 | 3,000 | 6,000 | 12,000 | 12,000 | 25,000 | 20,000 | 40,000 |

**ଆଡ୍‌ୱାର୍ଲ୍ଡ**

ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମେଡ୍, ପଲାସପଲ୍ଲୀ, ନବିନ ନିବାସ ନିକଟ, ପୁନାମା ଗେଟ୍ ରେଲ୍ ଓ୍ୱେ ବ୍ରିଜ୍ ପାଖ



ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ

Election Materials Available

କପଡ଼ା ପତାକା, ସିଲ୍କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁକ୍ତପଟି, ମୁଖା, ଫୋମ୍‌ବ୍ୟାନର, ଚିୟର ଷ୍ଟିକ୍, ବ୍ୟାଜ୍, ମଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।

ଦିଲ୍ଲୀ-୭୧ ଶିବପୁରୀ

ୟୁପି-ଏ୭୭, ସେକ୍ଟର ୫, ନୋଏଡ଼ା

**9810432170**
**7606841840**

**BINET SCIENCE ACADEMY**

Best Coaching Centre in Bhubaneswar since 2010

CBSE Class - XI & XII (Physics, Chemistry, Mathematics & Biology) (NEET, JEE, IIT-Foundation, BOARDS, NISER, KVPY, NDA)

**FREE ADMISSION & DEMO CLASSES**

SAILASHREE VIHAR PHASE-II / BOMIKHAL, BHUBANESWAR

Contact No.: 9438014738, 8847864947


ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ନବୀନ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ନ ହେଲେ ରାଜନୀତିରୁ ସନ୍ନ୍ୟାସ ନେବି



ବ୍ରଜରାଜନଗରଠାରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ ଉଦ୍‌ବୋଧନ ଦେଉଛନ୍ତି। ନିକଟରେ ଅଛନ୍ତି ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ଅଳକା ମହାନ୍ତି, ବରଗଡ଼ ଏମ୍‌ପି ପ୍ରାର୍ଥୀ ପରିଣୀତା ମିଶ୍ର।

ଭୁବନେଶ୍ୱର/ଝାରସୁଗୁଡ଼ା,୧୦।୫ (ଅନିଲ ଦାସ/ସଞ୍ଜୟ ମାଲି)

■ଧର୍ମେନ୍ଦ୍ରଙ୍କୁ ପାଣ୍ଡିଆନ୍‌ଙ୍କ କଡ଼ା ଚ୍ୟାଲେଞ୍ଜ

■ଭାଜପା ସରକାର ନ କଲେ ଧର୍ମେନ୍ଦ୍ର ରାଜନୀତିରୁ ସନ୍ନ୍ୟାସ ନେବେ କି

ଭାଜପା ନେତାମାନେ କହୁଛନ୍ତି ଯେ ଓଡ଼ିଶାରେ ପରିବର୍ତ୍ତନର ହାୱା ବହୁଛି। ଯଦି ନବୀନ ପଟ୍ଟନାୟକ ତିନି-ଚତୁର୍ଥାଂଶ ବହୁମତରେ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ନ ହୁଅନ୍ତି, ଜୁନ୍ ୯ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନ ନିଅନ୍ତି, ତା'ହେଲେ ସେ ରାଜନୀତିରୁ ସନ୍ନ୍ୟାସ ନେବେ ବୋଲି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଏମିତି ଚ୍ୟାଲେଞ୍ଜ ଦେଇପାରିବେ କି ? ତାଙ୍କ ଦଳ ସରକାର ନ କଲେ ସେ ରାଜନୀତିରୁ ସନ୍ନ୍ୟାସ ନେବେ କି ବୋଲି କହି ପାଣ୍ଡିଆନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇଛନ୍ତି। ପାଣ୍ଡିଆନ ବରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଝାରସୁଗୁଡ଼ା ଓ ବ୍ରଜରାଜନଗରରେ ଜୋରଦାର ପ୍ରଚାର କରିଦଳୀୟପ୍ରାର୍ଥୀଙ୍କପାଇଁଭୋଟମାଗିଛନ୍ତି।

ବ୍ରଜରାଜନଗରରେ ଧର୍ମେନ୍ଦ୍ରଙ୍କୁ କଡ଼ା ଚ୍ୟାଲେଞ୍ଜ କରି ପାଣ୍ଡିଆନ କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ବହୁତ ବଡ଼ ବଡ଼ କଥା କହୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅଶାଳୀନ ଭାଷା ବ୍ୟବହାର କରୁଛନ୍ତି। ସାମାନ୍ୟ ଜାତୀୟ ରାଜପଥକୁ ୧୦ ବର୍ଷରେ ଠିକ୍ କରିପାରିଲେ ନାହିଁ। ମୁଖ୍ୟମନ୍ତ୍ରୀଙ୍କୁ ଅସମ୍ମାନିତ କରିବାକୁ ତାଙ୍କର ସାହସ ଆସିଲା କେଉଁଠୁ। ମୋତେ ଚାମଚା, ଗୁମାସ୍ତା ବୋଲି କହୁଛନ୍ତି। ମୋତେ ଯାହା ବି କହିଲେ କିଛି ଅସୁବିଧା ନାହିଁ। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କୁ ଅସମ୍ମାନିତ କଲେ ମୁଁ ସହିବି ନାହିଁ ବୋଲି ପାଣ୍ଡିଆନ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ପ୍ରଥମେ ଢେଙ୍କାନାଳରୁ ପ୍ରାର୍ଥୀ ହେବା ପାଇଁ ୧୦ ବର୍ଷ କାଳ ଉଦ୍ୟମ କଲେ, କିନ୍ତୁ ନାମାଙ୍କନ ବେଳକୁ ଡର ପଶିଲା। ସେ ସମ୍ବଲପୁରରୁ ଛିଡ଼ା ହେଲେ। ଏବେ ନିର୍ବାଚନ ଆସିଲା। ବିରୋଧୀ ନେତାମାନେ ମିଛକଥା କହି ଭୋଟ ନେଇଯିବେ, ତା'ପରେ ଖୋଜିଲେ ମିଳିବେନି। ସେମାନେ କେବେ ଆପଣମାନଙ୍କୁ ହିସାବ ଦେବେନାହିଁ। ପୂର୍ବ ନିର୍ବାଚନରେ ଦରଦାମ୍ କମିବ ବୋଲି ସେମାନେ କହିଥିଲେ। ଏଲ୍‌ପିଜି, ପେଟ୍ରୋଲ, ଡିଜେଲ ଦାମ୍ କମିଲା କି? ମୁଁ ଆପଣମାନଙ୍କୁ କାମର ହିସାବ ଦେବ। ମୁଖ୍ୟମନ୍ତ୍ରୀ ଆମକୁ କାମର ହିସାବ ଦେବା ପାଇଁ ସବୁବେଳେ ନିର୍ଦ୍ଦେଶ ଦେଇଥାନ୍ତି। ମୁଖ୍ୟମନ୍ତ୍ରୀ ହୀରାକୁଦ ବିସ୍ଥାପିତମାନଙ୍କର ୫୦-୬୦ ବର୍ଷର ସମସ୍ୟା ଦୂର କରିଛନ୍ତି। ବ୍ରଜରାଜନଗରର ୧୮ଟି ଗାଁର ୨,୧୦୦ ବିସ୍ଥାପିତଙ୍କୁ ପଟ୍ଟା ଦିଆଯାଇଛି। ବ୍ରଜରାଜନଗର ମା' ରାମଚଣ୍ଡୀ ମନ୍ଦିର ପାଇଁ ୪ କୋଟି ୫୦ ଲକ୍ଷ, କୋଇଲି ଘୁଗର ଇକୋ ଟୁରିଜମ୍ ପାଇଁ ୩ କୋଟି, ଲଖନପୁର ଆଇଟିଆଇ ପାଇଁ ୩୦ କୋଟି, ବ୍ରଜରାଜନଗରରେ ଅଡିଟୋରିୟମ ପାଇଁ ୧୦ କୋଟି, ଲଖନପୁରର ୧୬ ପଞ୍ଚାୟତରେ ପାଇପ୍ ପାଣି ପାଇଁ ୧୨୪ କୋଟି, ହାଇସ୍କୁଲ ଓ କଲେଜ ରୂପାନ୍ତର ପାଇଁ ୩୦ କୋଟି ଟଙ୍କା ଦିଆଯାଇଛି। କାଳିଆ ଯୋଜନାରେ ଏହି ନିର୍ବାଚନମଣ୍ଡଳୀର ୩୦,୬୦୦ ଚାଷୀ ଉପକାର ପାଉଛନ୍ତି। ବିଏସ୍‌କେୱାଇରେ ୬୦,୫୦୦ ଲୋକ ଉପକାର ପାଉଛନ୍ତି ବୋଲି ପାଣ୍ଡିଆନ କହିଛନ୍ତି।

ଝାରସୁଗୁଡ଼ାରେ ସ୍ୱର୍ଗତ ନବ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସେ କହିଛନ୍ତି, ଝାରସୁଗୁଡ଼ାର ବିକାଶରେ ସ୍ୱର୍ଗତ ନବବାବୁଙ୍କର ବହୁତ ଅବଦାନ ରହିଛି। ତାଙ୍କ ପ୍ରଚେଷ୍ଟାରେ ଝାରସୁଗୁଡ଼ାରେ କ୍ୟାନ୍‌ସର ହସ୍ପିଟାଲ, ହାର୍ଟ କେୟାର ହସ୍ପିଟାଲ ହୋଇଛି। ଦୀପାଳି ଆପଣମାନଙ୍କ ଝିଅ, ନବବାବୁଙ୍କର ଝାରସୁଗୁଡ଼ା ପାଇଁ ଯେଉଁ ସ୍ୱପ୍ନ ଥିଲା ତାକୁ ସେ ସାକାର କରିବେ ବୋଲି ପାଣ୍ଡିଆନ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଏସ୍‌ଏଚ୍‌ଜି ପାଇଁ ପେନ୍‌ସନ ଓ ଗରିବ ଲୋକଙ୍କ ପାଇଁ ମାଗଣାରେ ବିଜୁଳି ଘୋଷଣା କରିଛନ୍ତି। ମା'ମାନେ ହେଉଛନ୍ତି ନବୀନବାବୁଙ୍କ ସେନାପତ। ଜଣେ ସାଧାରଣ ମହିଳାଙ୍କୁ ଏଠାରେ ସେ ଲୋକ ସଭା ପ୍ରାର୍ଥୀ କରିଛନ୍ତି। ଏହି ଦୁଇ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଝାରସୁଗୁଡ଼ା ବିକାଶ ଯାତ୍ରାକୁ ଆହୁରି ମଜଭୁତ କରିବା ପାଇଁ ପାଣ୍ଡିଆନ ଆହ୍ୱାନ ଦେଇଛନ୍ତି।

# ରାଜନୀତି, ଇତିହାସରେ ଅଜ୍ଞ ଲୋକ ବାଚାଳାମି କରୁଛନ୍ତି: ଜୟନାରାୟଣ

ଭୁବନେଶ୍ୱର, ୧୦।୫(ସୁନିତ୍ ମିଶ୍ର)

ନିର୍ବାଚନରେ ହାରଜିତ୍‌କୁ ନେଇ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରାଜନୀତିରୁ ସନ୍ନ୍ୟାସ ଚ୍ୟାଲେଞ୍ଜ ଦେଇଥିବାବେଳେ ଏହି ପ୍ରସଙ୍ଗରେ ଜବାବ ଦେଇଛନ୍ତି ବିରୋଧୀ ଦଳ ନେତା ତଥା ସମ୍ବଲପୁର ବିଧାନସଭା ଆସନ ଭାଜପା ପ୍ରାର୍ଥୀ ଜୟନାରାୟଣ ମିଶ୍ର। ଓଡ଼ିଶା ରାଜନୀତି ଓ ଇତିହାସ ଉପରେ ଅଜ୍ଞ ଥିବା ଲୋକ ଏବେ ବାଚାଳାମି ଆରମ୍ଭ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ପାଣ୍ଡିଆନ ପ୍ରଶ୍ନ କରିବା ପୂର୍ବରୁ ଓଡ଼ିଶାର ରାଜନୀତି ଓ ଇତିହାସ ଉପରେ ଜ୍ଞାନ ଆହରଣ କରିଥିଲେ ଭଲ ହୋଇଥାନ୍ତା ବୋଲି ଜୟନାରାୟଣ କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜୟନାରାୟଣ କହିଛନ୍ତି, ଗଣତନ୍ତ୍ରରେ ସର୍ବଦା ଲୋକଙ୍କ ମତକୁ ସମ୍ମାନ ଦେବା ଉଚିତ, ଅହଂକାର କରିବା ଠିକ୍ ନୁହେଁ। ଯାହାଙ୍କ ନାମରେ ବିଜେଡି ଗଠନ ହୋଇଛି ସେ ୧୯୭୧ରେ ଏକାସାଙ୍ଗେ ୫ଟି ଆସନରୁ ନିର୍ବାଚନ ଲଢ଼ିଥିଲେ। ବିଜୁବାବୁ ଚୌଦ୍ୱାର, ଭୁବନେଶ୍ୱର, ଖୋର୍ଦ୍ଧା ଓ ଭଞ୍ଜନଗର ବିଧାନସଭା ପାଇଁ ଲଢ଼ିବା ସହ ଭଞ୍ଜନଗର ଲୋକ ସଭା (ଏବେକାର ଆସିକା) ପାଇଁ ମଧ୍ୟ ନିର୍ବାଚନ ଲଢ଼ିଥିଲେ, ହେଲେ ସବୁଠି ହାରିଥିଲେ। ଏତେ ଆସନରୁ ହାରିବା ପରେ ମଧ୍ୟ ସେ ରାଜନୀତି ଛାଡ଼ି ନ ଥିଲେ। ହାରିଗଲେ ରାଜନୀତି ଛଡ଼ାଯାଏ ନାହିଁ। ଭାଜପା ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଆଦର୍ଶରେ ବିଶ୍ୱର ସର୍ବବୃହତ୍ ରାଜନୈତିକ ଦଳରେ ପରିଣତ ହୋଇପାରିଛି। ପାଣ୍ଡିଆନ୍ କେବଳ ନିଜେ ନିଜ ଭାଷଣ ଶୁଣି ଆତ୍ମସନ୍ତୋଷ ପାଉଛନ୍ତି। କିନ୍ତୁ ଜନସାଧାରଣ କିମ୍ବା ତାଙ୍କ ଦଳର ନେତା କେହି ତାଙ୍କ ଉପରେ ସନ୍ତୁଷ୍ଟ ନାହାନ୍ତି। ପାଣ୍ଡିଆନ୍‌ଙ୍କ ରାଜନୈତିକ ପରିପକ୍ୱତା କେବେ ଆସିବ ବୋଲି ଜୟନାରାୟଣ ପ୍ରଶ୍ନ କରିଛନ୍ତି। ପାଣ୍ଡିଆନ୍ ଓଡ଼ିଶାରେ ଚାକିରି ନ କରିବା ପୂର୍ବରୁ ଧର୍ମେନ୍ଦ୍ର ପ୍ରଧାନ ଛାତ୍ର ରାଜନୀତିରୁ ସକ୍ରିୟ ଅଛନ୍ତି। ରାଜନୈତିକ ଜୀବନରେ ସେ ଯାହା ହୋଇଛନ୍ତି ଏବଂ ଓଡ଼ିଶା ପାଇଁ କରିଛନ୍ତି, ତାହାକୁ ବର୍ଣ୍ଣନା କରିହେବ ନାହିଁ ବୋଲି ଜୟନାରାୟଣ କହିଛନ୍ତି। ସୂଚନାଯୋଗ୍ୟ, ପାଣ୍ଡିଆନ୍ ଶୁକ୍ରବାର ଝାରସୁଗୁଡ଼ା ଏବଂ ବ୍ରଜରାଜନଗରରେ ପ୍ରଚାର କରିବା ଅବସରରେ ଧର୍ମେନ୍ଦ୍ରଙ୍କୁ ଚ୍ୟାଲେଞ୍ଜ କରିଛନ୍ତି। ସେ କହିଛନ୍ତି, କେନ୍ଦ୍ରମନ୍ତ୍ରୀ ବହୁ ବଡ଼ କଥା କହୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତିନି-ଚତୁର୍ଥାଂଶ ବହୁମତରେ ଷଷ୍ଠଥର ଲାଗି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଯଦି ଏହା ନ ହୁଏ ତେବେ ସେ ରାଜନୀତିରୁ ସନ୍ନ୍ୟାସ ନେବେ। ଧର୍ମେନ୍ଦ୍ର ଚ୍ୟାଲେଞ୍ଜ କରନ୍ତୁ, ଭାଜପା ସରକାର ଓଡ଼ିଶାରେ ନ ହେଲେ ସେ ରାଜନୀତିରୁ ସନ୍ନ୍ୟାସ ନେବେ କି?

# ବିଜେଡି ଇସ୍ତାହାର କେବଳ ଏକ ଫମ୍ପା ପ୍ରତିଶ୍ରୁତି: ଧର୍ମେନ୍ଦ୍ର

ସମ୍ବଲପୁର,୧୦।୫(ବି.ଶଙ୍କର)

ବିଜୁ ଜନତା ଦଳ (ବିଜେଡି) ଜାରି କରିଥିବା ନିର୍ବାଚନୀ ଇସ୍ତାହାରରେ କୌଣସି ନୂତନତ୍ୱ ନାହିଁ। ଗୁଡ଼ାଏ ଜିନିଷରେ ଭାଜପାର ଇସ୍ତାହାରକୁ କପି କରିବାର ଚେଷ୍ଟା କରାଯାଇଛି। ବିଜେଡି ଇସ୍ତାହାର କେବଳ ଏକ ପ୍ରହସନ, ଫମ୍ପା ପ୍ରତିଶ୍ରୁତି ବୋଲି ଶୁକ୍ରବାର ସମ୍ବଲପୁରରେ ପ୍ରତିକ୍ରିୟା ରଖିଛନ୍ତି କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ।

ଗଣମାଧ୍ୟମ ପ୍ରତିନିଧିଙ୍କ ବିଜେଡି ଇସ୍ତାହାର ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ବିଜେଡିର ଇସ୍ତାହାରରେ ଅନେକ ବିଷୟରେ ବାରମ୍ବାର ପ୍ରତିଶ୍ରୁତି ଦିଆଯାଇଛି। ଇସ୍ତାହାରରେ କୌଣସି ନୂଆ କଥା ନାହିଁ। ୨ ଲକ୍ଷ ଚାକିରି ଦେବା କଥା ଇସ୍ତାହାରରେ କହିଛନ୍ତି। ୨୪ ବର୍ଷ ସରକାରରେ ରହିବା ପରେ ଏଯାଏଁ କାହିଁକି ରୋଜଗାର ଦେଲେ ନାହିଁ। ରାଜ୍ୟରେ ୧ ଲକ୍ଷ ସରକାରୀ ପଦବୀ ଖାଲିଥିବା କଥା ବିଧାନସଭାରେ ସରକାରଙ୍କ ମନ୍ତ୍ରୀ ଉତ୍ତର ରଖିଛନ୍ତି। ଏ ସମସ୍ତ ପଦବୀ ପୂରଣ କରିବାକୁ କିଏ ମନା କରିଥିଲା। ସରକାରୀ ପଦବୀ ପୂରଣ ନ କରି ଏବେ ଚାକିରି ଦେବି ବୋଲି କହିବା ପ୍ରହସନ ବ୍ୟତୀତ ଅନ୍ୟ କିଛି ନୁହେଁ। ସେହିପରି ଯୁବକମାନଙ୍କ ପାଇଁ ବଜେଟ ଆଣିବା କଥା ଇସ୍ତାହାରରେ କୁହାଯାଇଛି। ଏହା ପୂର୍ବରୁ ମହିଳା ଓ କୃଷି ବଜେଟ ଆଣିଥିଲେ। ଏନ୍‌ସିଆର୍‌ବିର ତଥ୍ୟ ଦେଖିଲେ ଓଡ଼ିଶାରେ ହିଁ ମହିଳାମାନେ ଅସୁରକ୍ଷିତ ଓ ଅତ୍ୟଧିକ ଅତ୍ୟାଚାରର ଶିକାର ହେଉଛନ୍ତି। ରାଜ୍ୟରେ ଜଳସେଚନର ସୁବିଧା ନ ଥିବାବେଳେ ଶୀତଳଭଣ୍ଡାର ନାହିଁ। ଚାଷୀଙ୍କୁ ସାମାନ୍ୟତମ ସୁବିଧା ମିଳିପାରୁନାହିଁ। ବିଜେଡିର ଘୋଷଣାଗୁଡ଼ିକ କେବଳ ଲୋକଦେଖାଣିଆ, ଓଡ଼ିଶାର ବିକାଶ ସହ କିଛି ସମ୍ପର୍କ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଓଡ଼ିଶାର ଅଧିକାଂଶ ଭାଗ ଲୋକ ଚାଷ ଉପରେ ନିର୍ଭର କରନ୍ତି। ଭାଜପା ସରକାର ଓଡ଼ିଶାରେ ହେଲେ କଟ୍‌ନିଛଟ୍‌ନି ବନ୍ଦ କରାଯିବ। ଏପରିକି ଧାନର ଏମ୍‌ଏସ୍‌ପି ୨୧୮୩ ଟଙ୍କାରୁ ୩୧୦୦ ଟଙ୍କା ବୃଦ୍ଧି କରିବା ନେଇ ଘୋଷଣା କରିଛି। ଅଥଚ ବିଜେଡି ସରକାରର ନିର୍ବାଚନୀ ଇସ୍ତାହାରରେ ଚାଷୀଙ୍କ ପାଇଁ କିଛି ଯୋଜନା ନାହିଁ। ବିଜେଡିର ପ୍ରତିଶ୍ରୁତି କେବଳ ଘୋଷଣାରେ ସୀମିତ। ଆଜି ଓଡ଼ିଶାରେ ଜଳସେଚନର ବ୍ୟବସ୍ଥା ନାହିଁ, ଶୀତଳଭଣ୍ଡାର ନାହିଁ, ଚାଷୀମାନେ ଅତ୍ୟନ୍ତ ଖରାପ ଅବସ୍ଥାରେ ଅଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି।

# ଧର୍ମେନ୍ଦ୍ର ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି: ଲେନିନ୍

ସମ୍ବଲପୁର,୧୦।୫(ପ୍ରମୋଦ ବହିଦାର)



ଲେନିନ୍ ମହାନ୍ତି

ବିଜେଡି ନିର୍ବାଚନୀ ଇସ୍ତାହାରକୁ ସମାଲୋଚନା କରିଥିବା ଧର୍ମେନ୍ଦ୍ରଙ୍କୁ ବିଜେଡିର କଡ଼ା ଜବାବ

ଆଗାମୀ ୧୨ ବର୍ଷ ମଧ୍ୟରେ ଓଡ଼ିଶାକୁ ସମଗ୍ର ଦେଶରେ ଏକ ନମ୍ବର ରାଜ୍ୟରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହାକୁ ଦୃଷ୍ଟିରେ ରଖି ବିଜେଡିର ନିର୍ବାଚନୀ ଇସ୍ତାହାରରେ ବିକଶିତ ଓଡ଼ିଶାର ଚିତ୍ର ପ୍ରତିଫଳିତ ହେଉଛି। ଏହାକୁ ଦେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ହାରିବା ଭୟ ଘାରିଛି। ନିଜ ଦୋଷ ଦୁର୍ବଳତାରେ ସୁଧାର କରିବା ପରିବର୍ତ୍ତେ ବିଜେଡିର ନିର୍ବାଚନୀ ଇସ୍ତାହାରରେ ତ୍ରୁଟି ଖୋଜିବାରୁ ନିବୃତ୍ତ ରୁହନ୍ତୁ ବୋଲି ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତି ଏକ ପ୍ରେସ ବିବୃତି ମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପରାମର୍ଶ ଦେଇଛନ୍ତି।

ଲେନିନ୍ କହିଛନ୍ତି, ବିଜେଡିର ନିର୍ବାଚନୀ ଇସ୍ତାହାରକୁ ସମାଲୋଚନା କରିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ନିର୍ବାଚନ ପରେ କେନ୍ଦ୍ରରେ ସରକାର ଗଢ଼ିବା ସମୟରେ ଭାଜପାର ୨ ଲକ୍ଷ ଚାକିରି ଓ ପ୍ରତ୍ୟେକ ପରିବାରଙ୍କ ବ୍ୟାଙ୍କ ଜମାଖାତାରେ ୧୫ ଲକ୍ଷ ଟଙ୍କା ଜମାହେବ ବୋଲି ଦେଇଥିବା ପ୍ରତିଶ୍ରୁତିକୁ ଭୁଲିଯାଇଛନ୍ତି। ଓଡ଼ିଆ ଅସ୍ମିତାକୁ ଆକ୍ରମଣ କରୁଥିବା ଧର୍ମେନ୍ଦ୍ର ପ୍ରଧାନ ବିଜେଡିର ନିର୍ବାଚନୀ ଇସ୍ତାହାରକୁ ମନଦେଇ ପଢ଼ିବା ଉଚିତ। ଯେଉଁଥିରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା, ଗମନାଗମନ, ପରିବହନ, ପର୍ଯ୍ୟଟନ, ମହିଳା ସଶକ୍ତୀକରଣ, ଯୁବ ଦକ୍ଷତା ବିକାଶ, ଓଡ଼ିଶାର ଐତିହ୍ୟ, ସଂସ୍କୃତିର ସୁରକ୍ଷା ଓ ବିକାଶ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ପାଇଁ ଅନେକ ଯୋଜନା ରହିଛି। ମୁଖ୍ୟମନ୍ତ୍ରୀ ଯାହା କହନ୍ତି, ତାହା କରନ୍ତି। ତେଣୁ ଏହା କେବଳ ଏକ ନିର୍ବାଚନୀ ଇସ୍ତାହାର ନୁହେଁ, ଓଡ଼ିଶାବାସୀଙ୍କ ପାଇଁ ଭରସାର ପତ୍ର ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ବିଜେଡିର ନିର୍ବାଚନୀ ଇସ୍ତାହାର ବିରୋଧୀଙ୍କ ନିଦ ହଜାଇ ଦେଇଥିବା ବେଳେ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଇଁ ଚିନ୍ତା ବଢ଼ାଇ ଦେଇଛି। ତେଣୁ ଧର୍ମେନ୍ଦ୍ର ଅଯଥା ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି ବୋଲି ଲେନିନ୍ କହିଛନ୍ତି।




# ଇନ୍‌ଷ୍ଟାଗ୍ରାମ୍‌ରେ ପାଣ୍ଡିଆନ୍

ଭୁବନେଶ୍ୱର, ୧୦।୫(ଅନିଲ ଦାସ)

ଯୁବପିଢ଼ିଙ୍କୁ ଭୋଟ ଦେବାକୁ ଅପିଲ କରୁଛନ୍ତି

ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ୍‌ରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଦଳର ନିର୍ବାଚନ ଇସ୍ତାହାର ସମ୍ପର୍କରେ ଯୁବପିଢ଼ିଙ୍କୁ ସୂଚନା ଦେଇ ଭୋଟ ଭିକ୍ଷା କରୁଥିବା ଏକ ଭିଡିଓ ଭାଇରାଲ ହୋଇଛି। ସେ ଏକ ମୋଟରସାଇକେଲରେ ଆସି ହେଲ୍‌ମେଟ ଖୋଲି କହୁଛନ୍ତି ଯେ ନବୀନବାବୁଙ୍କ ସରକାର ଯୁବପିଢ଼ିଙ୍କ ସରକାର, ଛାତ୍ରୀଛାତ୍ରମାନଙ୍କର ସରକାର। ଆପଣମାନେ ଦେଖିବେ ମାନିଫେଷ୍ଟୋରେ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ କ'ଣ କ'ଣ ଆପଣମାନଙ୍କ ପାଇଁ ରଖିଛନ୍ତି। ନୂଆ-ଓ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଝିଅଙ୍କ ପାଇଁ ୧୪ ହଜାର ଓ ପୁଅଙ୍କ ପାଇଁ ୧୨ ହଜାର ଟଙ୍କା ରଖିଛନ୍ତି। ପ୍ରତିବର୍ଷ ହଜାରେ କୋଟି ଟଙ୍କା ବଜେଟରେ ରଖିବେ। ଆପଣମାନଙ୍କର ମତାମତ ଅନୁସାରେ ନିଷ୍ପତ୍ତି ନିଆଯିବ। ଆସନ୍ତା ୧୦ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ୧ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଆପଣମାନଙ୍କର ରୋଜଗାର, ପାଠପଢ଼ା, ଦକ୍ଷତା ବୃଦ୍ଧି ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଏସବୁ ଖର୍ଚ୍ଚ କରାଯିବ। ସରକାର ଆପଣମାନଙ୍କର। ଯୁବ, ଛାତ୍ରୀଛାତ୍ର ବହୁ ସଂଖ୍ୟାରେ ଆସି ଭୋଟ ଦିଅନ୍ତୁ ଓ ନବୀନବାବୁଙ୍କୁ ଜିତାନ୍ତୁ। ଶେଷରେ ଜୟ ଜଗନ୍ନାଥ କହୁଥିବା ଭିଡିଓରେ ରହିଛି।

# ହଳ କଲେ ପ୍ରଣବ

ରେଙ୍ଗାଲି, ୧୦।୫(ଦେବବ୍ରତ ପଣ୍ଡା)

ବିଜୁ ଜନତା ଦଳ (ବିଜେଡି) ଲୋକଙ୍କର। ଗରିବ, ଚାଷୀ, ମୂଲିଆଙ୍କ ସହିତ ମୁଖ୍ୟମନ୍ତ୍ରୀ ସବୁବେଳେ ଅଛନ୍ତି, ଆଉ ରହିଥିବେ। ତେଣୁକରି ବିଜୁ ଜନତା ଦଳ ପ୍ରତି ଲୋକଙ୍କ ବିଶ୍ୱାସ, ଭରସା ସୁଦୃଢ ହେଉଛି। ପ୍ରତିଦିନ ବିଜୁ ଜନତା ଦଳରେ ସାମିଲ ହେଉଛନ୍ତି ଲୋକେ। ଏପରି କହିଛନ୍ତି, ବିଜେଡିର ସମ୍ବଲପୁର ଲୋକସଭା ଆସନର ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ। ଶୁକ୍ରବାର ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଢରୋପାଣିରେ ଅକ୍ଷୟତୃତୀୟା ଅବସରରେ ପାରମ୍ପରିକ ପଦ୍ଧତିରେ ଧୋତି ପିନ୍ଧି ପୂଜା କରିବା ପରେ ବିଲରେ ହଳ କରି ଅଖି ମୁଠି ଅନୁକୂଳ କରିଥିଲେ। ଏହି ଅବସରରେ ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ ଗୁରୁ, ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ନାରାୟଣ ଶର୍ମା, ସନ୍ତୋଷ ବର୍ମା, ଶେଷଦେବ ପଧାନଙ୍କ ସହ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।



ବିଜେଡିର ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଅଖିମୁଠି ଅନୁକୂଳ କରୁଛନ୍ତି।

# ଅଖିମୁଠି ଅନୁକୂଳ କଲେ କେନ୍ଦ୍ରମନ୍ତ୍ରୀ

ସମ୍ବଲପୁର,୧୦।୫(ବି.ଶଙ୍କର)

ଓଡ଼ିଶା ସମେତ ଭାରତର ଚାଷୀଙ୍କୁ ଅକ୍ଷୟ ତୃତୀୟାର ଶୁଭେଚ୍ଛା ଜଣାଇଲେ

ପବିତ୍ର ଅକ୍ଷୟତୃତୀୟାରେ ଶୁକ୍ରବାର ଚାଷୀମାନେ ଅଖିମୁଠି ଅନୁକୂଳ କରିବା ସହ ଧାନ ବୁଣିଛନ୍ତି। ଏହି କ୍ରମରେ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ଆସନ ପାଇଁ ଭାଜପା ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦର ସାପଲହରା ଗାଁରେ ଅଖିମୁଠି ଅନୁକୂଳ କରିଛନ୍ତି। ଏନେଇ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର ଯୋଗଦେଇ ଓଡ଼ିଶା ସମେତ ଦେଶର ଚାଷୀମାନଙ୍କୁ ଅକ୍ଷୟ ତୃତୀୟାର ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ଓଡ଼ିଆ ପରମ୍ପରାରେ ଓଡ଼ିଆ ଏବଂ ଚାଷୀଭାଇଙ୍କ ପାଇଁ ଏହା ଏକ ଶୁଭ ଦିନ। ଆଜିର ଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ତିଆରି କାମ ଆରମ୍ଭ ହେଉଛି। ଶୀତଳଷଷ୍ଠୀର କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ ହୋଇଛି। ଏହି ପବିତ୍ର ଦିନରେ ଅଖିମୁଠି ଅନୁକୂଳ କରିବାର ସୌଭାଗ୍ୟ ପାଇଥିବାରୁ ସେ ଖୁସି ବୋଲି କହିଛନ୍ତି। ସେ କହିଛନ୍ତି, ଓଡ଼ିଶା ଏକ କୃଷି ଆଧାରିତ ରାଜ୍ୟ। ଆଗାମୀ ଦିନରେ ଆମ ରାଜ୍ୟ ଓଡ଼ିଶା ଦେଶରେ ଏକ ନମ୍ବର ହେଉ, ପ୍ରଗତି ପଥରେ ଯାଉ। ଚାଷୀଭାଇଙ୍କ ଜମିରେ ଭଲ ଫସଲ ହେଉ ଏବଂ ଓଡ଼ିଆ ଲୋକଙ୍କ ଜୀବନ ସୁଖମୟ ହେଉ। ଏହା ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସମଲେଇଙ୍କ ପାଖରେ ତାଙ୍କର ପ୍ରାର୍ଥନା ବୋଲି ସେ କହିଛନ୍ତି। ଦେଶ ଅର୍ଥନୀତିର ମେରୁଦଣ୍ଡ ତଥା ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ କୃଷକଙ୍କ ଗୁରୁଦାୟିତ୍ୱ ରହିଥିବାରୁ ସେ ସେମାନଙ୍କର କଲ୍ୟାଣ ଓ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।



ସମ୍ବଲପୁର ଭାଜପା ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ହୀରାକୁଦର ସାପଲହରା ଗାଁରେ ଅଖିମୁଠି ଅନୁକୂଳ କରୁଛନ୍ତି।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶରଧାପାଲିଠାରେ ପଦଯାତ୍ରାରେ ସାମିଲ ହୋଇ ସ୍ଥାନୀୟ ଅଞ୍ଚଳର ମାତୃଶକ୍ତି, ଗୁରୁଜନ ଓ ଯୁବକଙ୍କୁ ଭେଟିଥିଲେ। ଦେଶରେ ନରେନ୍ଦ୍ର ମୋଦିଙ୍କୁ ତୃତୀୟ ଥର ପ୍ରଧାନମନ୍ତ୍ରୀ କରିବା ସହ ଓଡ଼ିଶାରେ ଭାଜପା ସରକାର କରିବା ପାଇଁ ପଦ୍ମଫୁଲରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ସେହିପରି ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ଅବସରରେ ସମ୍ବଲପୁରରେ ହରି ଓମ୍ ବାବାଙ୍କ ଗୋଶାଳା ପରିସରରେ ଗୋମାତାଙ୍କ ସେବା କରିବା ସହ ସେ ପ୍ରଭୁ ପର୍ଶୁରାମଙ୍କ ପୂଜାର୍ଚ୍ଚନା କରିଥିଲେ। ଗୋମାତାଙ୍କ ସେବା କଲେ ଆମକୁ ପୁଣ୍ୟପ୍ରାପ୍ତି ହୋଇଥାଏ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ପର୍ଶୁରାମ ଜୟନ୍ତୀ ଶୋଭାଯାତ୍ରାରେ ସେ ସାମିଲ ହୋଇଥିଲେ। ସମସ୍ତ କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାନସଭା ଆସନ ପ୍ରାର୍ଥୀ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାନସଭା ପ୍ରାର୍ଥୀ ନାଉରୀ ନାଏକ, ଜିଲା ଭାଜପା ସଭାପତି ଗିରିଶ ପଟେଲଙ୍କ ସମେତ ଜିଲାସ୍ତରୀୟ ନେତୃବୃନ୍ଦ ପ୍ରମୁଖ ସାମିଲ ହୋଇଥିଲେ।

# ଓଡ଼ିଶାରୁ ଭାଗନେବେ ୧୮ ଆଥ୍‌ଲେଟ

## କଳିଙ୍ଗରେ ଫେଡେରେଶନ କପ୍ ସିନିୟର ଆଥ୍‌ଲେଟିକ୍ସ

**ଭୁବନେଶ୍ୱର, ୧୦।୫ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚଳିତ ମାସ ୧୨ରୁ ୧୫ ପର୍ଯ୍ୟନ୍ତ ହେବାକୁଥିବା ୨୭ତମ ଜାତୀୟ ଫେଡେରେଶନ କପ୍ ସିନିୟର ଆଥ୍‌ଲେଟିକ୍ସ ପ୍ରତିଯୋଗିତାରେ ଓଡ଼ିଶାର ମୋଟ ୧୮ ଆଥ୍‌ଲେଟ ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରେ ୫ ମହିଳା ପ୍ରତିଯୋଗୀ ସାମିଲ। ଅଂଶଗ୍ରହଣ କରିବାକୁ ଯାଉଥିବା ଓଡ଼ିଶାର ମହିଳା ପ୍ରତିଯୋଗୀଙ୍କ ମଧ୍ୟରେ ଲକ୍ଷ୍ମୀପ୍ରିୟା କିଷାନ ୮୦୦ ଓ ୧୫୦୦ମି., ଶ୍ରାବଣୀ ନନ୍ଦ ୧୦୦ ଓ ୨୦୦ମି., ପ୍ରଜ୍ଞା ପ୍ରଶାନ୍ତି ସାହୁ ୧୦୦ ଓ ୧୦୦ମି. ହର୍ଡଲ୍ସ, ସୁଖୀ ବାସ୍କେ ୧୦୦ମି. ଓ ସୁସ୍ମିତା ଟିଗା ୩୦୦୦ମି. ଷ୍ଟିପଲଚେଜ୍‌ରେ ଭାଗନେବେ। ସେହିପରି ପୁରୁଷ ବିଭାଗରେ ଅଶୋକ ଦଣ୍ଡସେନା: ୧୫୦୦ ଓ ୩୦୦୦ମି. ଷ୍ଟିପଲଚେଜ୍, ନିଖିଲ ଦାସ ହାଇଜମ୍ପ, ଅନିମେଶ କୁଜୁର ୧୦୦ ଓ ୨୦୦ମି., କିଶୋର କୁମାର ଜେନା: ଜାଭେଲିନ୍ ଥ୍ରୋ, ସ୍ୱାଧୀନ କୁମାର ମାଝି ହାଇଜମ୍ପ, ଆଶିଷ କୁମାର ପାତ୍ର ଲଙ୍ଗ ଜମ୍ପ, ଦଣ୍ଡପତି ମୃତ୍ୟମ ଜୟରାମ ୧୦୦ ଓ ୨୦୦ମି., ଦୟାନିଧି ମୁଣ୍ଡା ୮୦୦ ଓ ୧୫୦୦ମି., ଦେବାଶିଷ ପଟ୍ଟନାୟକ ୮୦୦ମି., ସରୁନ ପାୟାସିଂ ଲଙ୍ଗ ଜମ୍ପ, ପ୍ରିୟବ୍ରତ ପ୍ରଧାନ ଜାଭେଲିନ୍ ଥ୍ରୋ, ଲାଲୁ ପ୍ରସାଦ ଭୋଇ ୧୦୦ମି. ଓ ଅବିନାଶ ସାହୁ ୧୦୦ମି. ରେସ୍‌ରେ ଅଂଶଗ୍ରହଣ କରିବେ। ଅର୍ଥାତ୍ ଓଡ଼ିଶାର ୧୮ ଆଥ୍‌ଲେଟ ମୋଟ ୧୫ଟି ଇଭେଣ୍ଟରେ ଭାଗନେବେ। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏବଂ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ସହଯୋଗରେ ୪ ଦିନ ବିଶିଷ୍ଟ ଏହି ସମ୍ମାନଜନକ ପ୍ରତିଯୋଗିତାରେ ମୋଟ ୨୦ଟି ଇଭେଣ୍ଟ ଅନୁଷ୍ଠିତ ହେବ। ଏହା ମଧ୍ୟରେ ୧୮ଟି ଇଭେଣ୍ଟରେ ଉଭୟ ମହିଳା ଓ ପୁରୁଷ ପ୍ରତିଯୋଗୀ ଆକ୍ସନରେ ଦେଖିବାକୁ ମିଳିବେ। ଏହା ବ୍ୟତୀତ ଡେକାଥଲନରେ ପୁରୁଷ ଓ ହେପ୍ଟାଥଲନରେ ମହିଳା ପ୍ରତିଯୋଗୀ ଭାଗ୍ୟ ନିର୍ଣ୍ଣୟ କରିବେ। ଉଭୟ ମହିଳା ଓ ପୁରୁଷ ପ୍ରତିଯୋଗୀ ଯେଉଁ ୧୮ଟି ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିବେ ତାହା ହେଲା ୧୦୦ମି, ୨୦୦ମି, ୪୦୦ମି, ୮୦୦ମି, ୧୫୦୦ମି, ୫୦୦୦ମି, ୧୦୦୦୦ମି. ରେସ୍, ୧୧୦ ମି. ହର୍ଡଲ୍ସ (ମହିଳାଙ୍କର ୧୦୦ମି.), ୪୦୦ ମି. ହର୍ଡଲ୍ସ, ୩୦୦୦ମି. ଷ୍ଟିପଲଚେଜ୍, ହାଇ ଜମ୍ପ, ପୋଲ ଭଲ୍ଟ, ଲଙ୍ଗ ଜମ୍ପ, ଟ୍ରିପଲ ଜମ୍ପ, ଶଟ୍ ପୁଟ୍, ଡିସ୍କସ୍ ଥ୍ରୋ, ହାମର ଥ୍ରୋ ଓ ଜାଭେଲିନ୍ ଥ୍ରୋ। ୧୮ ବର୍ଷରୁ ଊର୍ଦ୍ଧ୍ୱ ଏବଂ ଏଏଫ୍‌ଆଇ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ଏଣ୍ଟ୍ରି ଷ୍ଟାଣ୍ଡାର୍ଡକୁ ଜାତୀୟ କିମ୍ବା ରାଜ୍ୟ ଚାମ୍ପିୟନଶିପ୍‌ରେ ସ୍ପର୍ଶ କରିଥିବା ଆଥ୍‌ଲେଟମାନେ ହିଁ ଆଗାମୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ଆଥ୍‌ଲେଟିକ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ୱେବସାଇଟ୍‌ରେ ପ୍ରଦତ୍ତ ସୂଚନା ଅନୁସାରେ ଉତ୍ତର ପ୍ରଦେଶରୁ ସର୍ବାଧିକ ୧୩୪ ପ୍ରତିଯୋଗୀ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଛନ୍ତି। ସେହିପରି ହରିୟାଣାରୁ ୭୭, ତାମିଲନାଡୁରୁ ୬୬, ଦିଲ୍ଲୀରୁ ୫୨, ରାଜସ୍ଥାନରୁ ୫୦, ମଧ୍ୟ ପ୍ରଦେଶରୁ ୪୯, କେରଳରୁ ୪୮ , ପଞ୍ଜାବ ୪୫ ଓ କର୍ନାଟକରୁ ୪୨ ପ୍ରତିଯୋଗୀ ଆକ୍ସନରେ ଦେଖିବାକୁ ମିଳିବେ। ଆସାମ, ଚଣ୍ଡିଗଡ଼, ଗୋଆ, ମାଲଡିଭ୍ସରୁ ସର୍ବନିମ୍ନ ଜଣେ ଲେଖାଏ ଆଥ୍‌ଲେଟଙ୍କୁ ଏଥିରେ ଦେଖିବାକୁ ମିଳିବ। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ଆନ୍ଧ୍ର ପ୍ରଦେଶରୁ ୧୯, ବିହାରରୁ ୭, ଛତିଶଗଡ଼ରୁ ୧୧, ଗୁଜରାଟରୁ ୯, ହିମାଚଳ ପ୍ରଦେଶରୁ ୫, ଝାଡ଼ଖଣ୍ଡରୁ ୩, ମହାରାଷ୍ଟ୍ରରୁ ୩୬, ମଣିପୁରରୁ ୨, ସିକ୍କିମରୁ ୨, ତେଲଙ୍ଗାନାରୁ ୫, ଉତ୍ତରାଞ୍ଚଳରୁ ୭ ଓ ପଶ୍ଚିମବଙ୍ଗରୁ ୧୨ ଆଥଲେଟ୍ ଅଂଶଗ୍ରହଣ କରିବେ।


ଶ୍ରାବଣୀ ନନ୍ଦ



କିଶୋର ଜେନା

### ଓଡ଼ିଶା ଆଥ୍‌ଲେଟ ଓ ଇଭେଣ୍ଟ

**ମହିଳା**
ସୁଖି ବାସ୍କେ: ୧୦୦ମି.
ଲକ୍ଷ୍ମୀପ୍ରିୟା କିଷାନ: ୮୦୦ମି., ୧୫୦୦ମି.
ଶ୍ରାବଣୀ ନନ୍ଦ: ୧୦୦ମି., ୨୦୦ମି.
ପ୍ରଜ୍ଞା ପ୍ରଶାନ୍ତି ସାହୁ: ୧୦୦ମି., ୧୦୦ମି. ହର୍ଡଲ୍ସ
ସୁସ୍ମିତା ଟିଗା: ୩୦୦୦ମି. ଷ୍ଟିପଲଚେଜ୍
**ପୁରୁଷ**
ଅଶୋକ ଦଣ୍ଡସେନା: ୧୫୦୦ମି., ୩୦୦୦ମି. ଷ୍ଟିପଲଚେଜ୍
ନିଖିଲ ଦାସ: ହାଇ ଜମ୍ପ
ଅନିମେଶ କୁଜୁର: ୧୦୦ ମି., ୨୦୦ମି.
କିଶୋର କୁମାର ଜେନା: ଜାଭେଲିନ୍ ଥ୍ରୋ
ସ୍ୱାଧୀନ କୁମାର ମାଝି: ହାଇ ଜମ୍ପ
ଆଶିଷ କୁମାର ପାତ୍ର: ଲଙ୍ଗ ଜମ୍ପ
ଦଣ୍ଡପତି ମୃତ୍ୟମ ଜୟରାମ: ୧୦୦ମି., ୨୦୦ମି.
ଦୟାନିଧି ମୁଣ୍ଡା: ୮୦୦ମି., ୧୫୦୦ମି.
ଦେବାଶିଷ ପଟ୍ଟନାୟକ: ୮୦୦ମି.
ସରୁନ ପାୟାସିଂ: ଲଙ୍ଗ ଜମ୍ପ
ପ୍ରିୟବ୍ରତ ପ୍ରଧାନ: ଜାଭେଲିନ୍ ଥ୍ରୋ
ଲାଲୁ ପ୍ରସାଦ ଭୋଇ: ୧୦୦ମି.
ଅବିନାଶ ସାହୁ: ୧୦୦ମି.

# କ୍ୱାର୍ଟରରେ ବିବିସିଏ



ପୁରସ୍କାର ନେବା ଅବସରରେ ରାଜେଶ ବିଶ୍ୱାଳ

**ଭୁବନେଶ୍ୱର, ୧୦।୫ (ତପନ ସ୍ୱାଇଁ):** ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୬ଷ୍ଠ ଅରବିନ୍ଦ ସ୍ମାରକୀ ୧୬ ବର୍ଷରୁ କମ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ୫ମ ପ୍ରି-କ୍ୱାର୍ଟର ଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଲ୍‌ଏଲ୍‌ସିସିକୁ ହରାଇ ବିବିସିଏ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଏଲ୍‌ଏଲ୍‌ସିସି ୩୦ ଓଭରରେ ୬ ଉଇକେଟ ହରାଇ ୧୨୭ ରନ କରିଥିଲା। ଦଳ ପକ୍ଷରୁ ଈଶାନ ମହାପାତ୍ର ସର୍ବାଧିକ ୪୩ ରନ କରିଥିବାବେଳେ ବିପକ୍ଷ ଦଳର ରାଜେଶ ବିଶ୍ୱାଳ ୨ଟିଉଇକେଟ ନେଇଥିଲେ। ୧୨୮ ରନର ବିଜୟ ଲକ୍ଷ୍ୟକୁ ବିବିସିଏ ୨୮.୨ ଓଭରରେ ୫ ଉଇକେଟ ହରାଇ ହାସଲ କରି ନେଇଥିଲା। ହିମାଂଶୁ ସାହୁ ୩୩ ଓ ସାଇ ଶଙ୍କର ସେଠୀ ୨୩ ରନକରି ଦଳକୁ ଜିତାଇଥିଲେ। ଏଲ୍‌ଏଲ୍‌ସିସିର ଅମିତେଶ ସାହୁ ୩ଟି ଉଇକେଟ ନେଇଥିଲେ। ୧୬ ରନ କରିବା ସହ ୨ଟି ଉଇକେଟ ନେଇ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବା ବିବିସିଏର ରାଜେଶ ବିଶ୍ୱାଳ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ପାରାମାଉଣ୍ଟ ସ୍ପୋର୍ଟିଂର ପ୍ରତିଷ୍ଠାତା ସଦସ୍ୟ ସୁଧୀର ପରିଡ଼ା ଅତିଥିଭାବେ ଯୋଗ ଦେଇଥିଲେ।

# ମୁନ୍‌ରୋଙ୍କ ଅବସର

**ଖ୍ରିଷ୍ଟଚର୍ଚ୍ଚ, ୧୦।୫(ପି.ଟି.):** ନ୍ୟୁଜିଲାଣ୍ଡର ଅନ୍ୟତମ ଟପ୍ ଅର୍ଡର ବ୍ୟାଟର କଲିନ୍ ମୁନ୍‌ରୋ ଶୁକ୍ରବାର ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଆଗାମୀ ଟି୨୦ ବିଶ୍ୱକପ୍ ପାଇଁ ଜାତୀୟ ଦଳରେ ସ୍ଥାନ ନ ମିଳିବା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ୩୭ ବର୍ଷୀୟ ମୁନ୍‌ରୋ ନ୍ୟୁଜିଲାଣ୍ଡ ତରଫରୁ ଗୋଟିଏ ଟେଷ୍ଟ, ୫୭ ଅନ୍ତର୍ଜାତୀୟ ଦିନିକିଆ ଏବଂ ୬୫ ଟି୨୦ ମ୍ୟାଚ ଖେଳିଛନ୍ତି। ସେ ମୋଟ ୩୦୧୦ ରନ ସଂଗ୍ରହ କରିଛନ୍ତି। କିନ୍ତୁ ଏହି ବାମହାତୀ ବ୍ୟାଟର ଖେଳର କ୍ଷୁଦ୍ରତମ ଫର୍ମାଟରେ ମୋଟ ୩୦୧୦ ରନ ସଂଗ୍ରହ କରିଛନ୍ତି। ଅନ୍ତର୍ଜାତୀୟ ଟି୨୦ରେ ତାଙ୍କର ଷ୍ଟ୍ରାଇକ୍‌ରେଟ୍ ୧୫୬.୪୪ ରହିଛି। ସମସ୍ତ ପ୍ରକାର ଟି୨୦ ପ୍ରତିଯୋଗିତାରେ ତାଙ୍କର ମୋଟ ରନ ସଂଖ୍ୟା ୧୦,୦୦୦ରନରୁ ଊର୍ଦ୍ଧ୍ୱ ରହିଛି। କ୍ୱଚିତ ଖେଳାଳି ଏହି ସଫଳତା ହାସଲ କରିପାରିଛନ୍ତି। ଡର୍ବାନରେ ଜନ୍ମିତ ଏହି ଖେଳାଳି ମୋଟ ୪୨୮ ଟି୨୦ ଖେଳି ୩୦.୪୪ ଆଭରେଜରେ ୧୪୧.୨୫ ଷ୍ଟ୍ରାଇକ ରେଟ୍‌ରେ ୧୦,୯୬୧ ରନ ସଂଗ୍ରହ କରିଛନ୍ତି। ମୁନ୍‌ରୋ ନ୍ୟୁଜିଲାଣ୍ଡ ପାଇଁ ତାଙ୍କ ଅନ୍ତିମ ଗେମ୍ ୨୦୨୦ରେ ମାଉଣ୍ଟ ମଙ୍ଗାନୁଇଠାରେ ଭାରତ ବିପକ୍ଷରେ ଖେଳିଥିଲେ। ନ୍ୟୁଜିଲାଣ୍ଡ କୋଚ୍ ଗ୍ୟାରି ଷ୍ଟେଡ୍ କହିଛନ୍ତି ଦଳ ମନୋନୟନ ବେଳେ ମୁନ୍‌ରୋଙ୍କ ନାମ ଆଲୋଚନା ହୋଇଥିଲା। ହେଲେ ଦଳରେ ତାଙ୍କୁ ସ୍ଥାନ ମିଳି ନ ଥିଲା। ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇସାରିଥିଲେ ମଧ୍ୟ ନ୍ୟୁଜିଲାଣ୍ଡର ଏହି ବ୍ୟାଟର ବିଶ୍ୱବ୍ୟାପୀ ବିଭିନ୍ନ ଟି୨୦ ଲିଗ୍‌ରେ ତାଙ୍କ ଖେଳ ଜାରି ରଖିବେ। ମୁନ୍‌ରୋ ତାଙ୍କ କ୍ୟାରିୟରରେ କେତୋଟି ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ୨୦୧୬ରେ ଇଡେନପାର୍କଠାରେ ସେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ମାତ୍ର ୧୪ଟି ବଲ୍‌ରେ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ। ଜଣେ ନ୍ୟୁଜିଲାଣ୍ଡ ବ୍ୟାଟର ହିସାବରେ ଏହା ହେଉଛି ସବୁଠାରୁ ଦ୍ରୁତତମ ଅନ୍ତର୍ଜାତୀୟ ଟି୨୦ ଅର୍ଦ୍ଧଶତକ। ସେ ଆହୁରି ମଧ୍ୟ ୨୦୧୮ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ମାତ୍ର ୪୭ ବଲ୍‌ରେ ଶତକ ଅର୍ଜନ କରିଥିଲେ। ନ୍ୟୁଜିଲାଣ୍ଡର ଜଣେ ଖେଳାଳି ହିସାବରେ ଅନ୍ତର୍ଜାତୀୟ ଟି୨୦ରେ ଏହା ହେଉଛି ସବୁଠାରୁ ଦ୍ରୁତତମ। ଅନ୍ତର୍ଜାତୀୟ ଟି୨୦ରେ ଦ୍ରୁତ ଶତକ ହାସଲରେ ସେ ବିଶ୍ୱର ତୃତୀୟ ଖେଳାଳି।



# ଶୁଭକାନ୍ତଙ୍କୁ ଫାଇଟ୍‌ରେ ସ୍ୱର୍ଣ୍ଣ ପଦକ

## ଜାତୀୟ କରାଟେ ପ୍ରତିଯୋଗିତା

**ଭୁବନେଶ୍ୱର, ୧୦।୫ (ବିଜୟ ରଣା)**

ଡେରାଡୁନ୍‌ରେ ଚାଲିଥିବା ଜାତୀୟ ଜୁନିୟର କ୍ୟାଡେଟ୍, ୨୧ ବର୍ଷରୁ କମ୍ ଓ ସିନିୟର କରାଟେ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ, ୩ ରୌପ୍ୟ ଏବଂ ୨ଟି ବ୍ରୋଞ୍ଜ ପଦକ ହାସଲ କରିଛି। ଶୁଭକାନ୍ତ ବିଶ୍ୱାଳ (୮୪ କି.ଗ୍ରାରୁ ଊର୍ଦ୍ଧ୍ୱ) ୨୧ବର୍ଷରୁ କମ୍ ଫାଇଟ୍ କାଟେଗୋରିରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସିନିୟର ମହିଳା ୫୦ କି.ଗ୍ରା. କାଟେଗୋରିରେ ଲୋମା ସ୍ୱାଇଁ, ୨୧ ବର୍ଷରୁ କମ୍ ମହିଳା ବ୍ୟକ୍ତିଗତ କାଟାରେ ସୁରୋମିତା ସ୍ୱାଇଁ ଓ ୨୧ ବର୍ଷରୁ କମ୍ ମହିଳା ୬୮କେଜି ଶ୍ରେଣୀରେ ମୋନାଲି ସାହୁ ଗୋଟିଏ ଲେଖାଏ ରୌପ୍ୟ ପାଇଛନ୍ତି। ସେହିପରି ୨୧ ବର୍ଷରୁ କମ୍ ପୁରୁଷ ୫୫ କି.ଗ୍ରା. ବିଭାଗରେ ଦିବେଶ କୁମାର ବରଦା ଏବଂ ୨୧ବର୍ଷରୁ କମ୍ ମହିଳା ୫୫ କି.ଗ୍ରା. ମହିଳା ବିଭାଗରେ ପ୍ରିୟଦର୍ଶିନୀ ଦାସ ଗୋଟିଏ ଲେଖାଏ ବ୍ରୋଞ୍ଜ ଜିତିଛନ୍ତି। ଫଳରେ ପ୍ରତିଯୋଗିତାର ଦ୍ୱିତୀୟ ଦିବସ ସୁଦ୍ଧା ଓଡ଼ିଶା ୩ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୩ ବ୍ରୋଞ୍ଜ ଜିତିବାରେ ସମର୍ଥ ହୋଇଛି। ଏହି ସଫଳତା ପାଇଁ ଓଡ଼ିଶା ରାଜ୍ୟ କରାଟେ ଡୁ ସଂଘ ତରଫରୁ ବିଜୟୀ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।



ଡେରାଡୁନ୍‌ରେ ଚାଲିଥିବା ଜାତୀୟ କରାଟେ ପ୍ରତିଯୋଗିତାରେ ପଦକ ବିଜେତା କରାଟେକାମାନେ କର୍ମକର୍ତ୍ତାଙ୍କ ଗହଣରେ।

# ଲୋତକ ବିନ୍ଦୁ ଭାରତୀୟ ମହିଳା ଦଳର କୋଚ୍

## ଏସିଆନ ମହିଳା ଭଲିବଲ

**ଭୁବନେଶ୍ୱର, ୧୦।୫ (ତପନ ସ୍ୱାଇଁ)**

ଓଡ଼ିଶାର ଲୋତକ ବିନ୍ଦୁ ଦାଶ ଭାରତୀୟ ସିନିୟର ମହିଳା ଭଲିବଲ ଦଳର କୋଚ୍ ନିଯୁକ୍ତ ହୋଇଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ଭାରତୀୟ ଦଳ ଏସିଆନ ମହିଳା ଭଲିବଲ ଚାମ୍ପିୟନଶିପ୍ ଖେଳିବ। ଏହି ସମ୍ମାନଜନକ ପ୍ରତିଯୋଗିତା ଚଳିତ ମାସ ୨୫ରୁ ଜୁନ୍ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିପରି ଓଡ଼ିଶାର ଲିପିକା ଖେସ୍ (ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ) ୧୮ ବର୍ଷରୁ କମ୍ ଏସିଆନ ମହିଳା ଭଲିବଲ ଚାମ୍ପିୟନଶିପ୍ ପାଇଁ ମନୋନୀତ ହୋଇଛନ୍ତି।

ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ ଆଡ୍‌ହକ କମିଟି ପକ୍ଷରୁ ଆଗାମୀ ଟୁର୍ନାମେଣ୍ଟ ପାଇଁ ଚୟନ ଟ୍ରାଏଲ୍ସ ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ ପରିସରରେ ଗତ ୫ ଓ ୬ ତାରିଖ ଦୁଇଦିନଧରି ଅନୁଷ୍ଠିତ ହୋଇଯାଇଛି। ଏଥିରୁ ମନୋନୀତ ସିନିୟର ଭାରତୀୟ ଦଳ ଫିଲିପାଇନ୍ସ ଯାତ୍ରା କରିବ। ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ଭଲିବଲ ଖେଳାଳି ତଥା ଏଫ୍‌ଆଇଭିବି ଲେଭଲ-୨ କୋଚ୍ ଲୋତକ ବିନ୍ଦୁ ପୂର୍ବରୁ ସାଫ୍ ଗେମ୍ସରେ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ପାଇଁ ଏହା ଦ୍ୱିତୀୟ ଜାତୀୟ ଦାୟିତ୍ୱ। ସେ ସମ୍ପ୍ରତି ଭୁବନେଶ୍ୱର ଇଷ୍ଟକୋଷ୍ଟ ରେଲୱେରେ ସ୍ପୋର୍ଟ୍ସ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ। ଇଷ୍ଟକୋଷ୍ଟ ରେଲୱେ ପୁରୁଷ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ମଧ୍ୟ ସେ ନିର୍ବାହ କରୁଛନ୍ତି। ସେ ଅନେକଥର ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ଦଳର ନେତୃତ୍ୱ ନେଇଛନ୍ତି। ତାଙ୍କ ପ୍ରଶିକ୍ଷଣରେ ଓଡ଼ିଶା ଦଳ ୩୪ତମ ଫେଡେରେଶନ କପ୍ ଭଲିବଲ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତି ଇତିହାସ ସୃଷ୍ଟି କରିଥିଲା। ଲୋତକ ବିନ୍ଦୁଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଏବଂ ଓଡ଼ିଶା ଭଲିବଲ ଆସୋସିଏଶନର ସମ୍ପାଦକ ଗଗନେନ୍ଦୁ ଦାଶ ଅଭିନନ୍ଦନ ଜଣାଇଛନ୍ତି।


ଲୋତକ ବିନ୍ଦୁ ଦାଶ

# କିଶନ, ଆୟରଙ୍କୁ କଣ୍ଟ୍ରାକ୍ଟରୁ ବାଦ୍ ଦେଇଛନ୍ତି ଅଗରକର

**ମୁମ୍ବାଇ, ୧୦।୫ (ପି.ଟି.):** ଈଶାନ କିଶନ ଓ ଶ୍ରେୟଶ ଆୟରଙ୍କୁ ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ସମ୍ପୂର୍ଣ୍ଣ ବାଦ୍ ଦେବା ନିଷ୍ପତ୍ତି ସିଲେକ୍ସନ କମିଟି ଚେୟାରମ୍ୟାନ ଅଜିତ ଅଗରକର ଏକାକୀ ନେଇଛନ୍ତି। ଏଥିପାଇଁ ଅନ୍ୟ କାହାରିକୁ ଦାୟୀ କରାଯାଇ ନ ପାରେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ଶୁକ୍ରବାର ଏକଥା ପ୍ରକାଶ କରିଛନ୍ତି। ବିସିସିଆଇର ନିର୍ଦ୍ଦେଶ ସତ୍ତ୍ୱେ କିଶନ ଓ ଆୟର ଘରୋଇ କ୍ରିକେଟ ଖେଳି ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରି ନ ଥିଲେ। ଗତବର୍ଷ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ପରେ କିଶନ ଲମ୍ବା ଛୁଟିରେ ଯାଇଥିଲେ। ଆଇପିଏଲ୍ ପର୍ଯ୍ୟନ୍ତ ସେ ଆଦୌ ଉପଲବ୍ଧ ହୋଇ ନ ଥିଲେ।

# କିଟ୍ ମହିଳା ଦଳ ରନରଅପ୍

## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସିପକ୍‌ଟାକ୍ରା

**ଭୁବନେଶ୍ୱର, ୧୦।୫ (ତପନ ସ୍ୱାଇଁ)**

କେରଳର କାଲିକଟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସିପକ୍‌ଟାକ୍ରା (ମହିଳା) ଚାମ୍ପିୟନଶିପ୍ ଶୁକ୍ରବାର ଶେଷ ହୋଇଛି। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ଦଳ ରନରଅପ୍ ହୋଇଛି। କିଟ୍ ଦଳ ନକ୍‌ଆଉଟରେ ଗୋଣ୍ଡୱାନା, ଆର୍‌ଟିଏମ୍ ନାଗପୁର ଏବଂ ଆସାମ ବିଶ୍ୱବିଦ୍ୟାଳୟକୁ ସିଧାସଳଖ ସେଟ୍‌ରେ ହରାଇ ପୁଲ୍ ଟପ୍ପର ଭାବେ ଲିଗ୍ ପର୍ଯ୍ୟାୟ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲା। ଶୀର୍ଷ ୪ ଦଳ ମଧ୍ୟରେ ହୋଇଥିବା ଲିଗ୍ ପର୍ଯ୍ୟାୟରେ କିଟ୍ ଦଳ ପଟିଆଲାର ପଞ୍ଜାବୀ ବିଶ୍ୱବିଦ୍ୟାଳୟକୁ ୨-୧ ଏବଂ ବରେଲିର ଏମ୍.ଜେ.ପି. ରୋହିଲଖଣ୍ଡ ବିଶ୍ୱବିଦ୍ୟାଳୟକୁ ୨-୦ରେ ହରାଇବା ପରେ ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟଠାରୁ ୦-୨ରେ ହାରି ଯାଇଛି। ଫଳରେ ରନରଅପ୍‌ରେ ଦଳ ସନ୍ତୁଷ୍ଟ ହୋଇଛି।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ରନରଅପ୍ କିଟ୍ ବିଶ୍ୱବିଦ୍ୟାଳୟ ଦଳ ।

# ଦେବାଶିଷ ସିଙ୍ଗଲ୍ସ, ସୋହିନୀ ଡବଲ୍ସ ରନରଅପ୍

## ଜେ୩୦ ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍ ଜୁନିୟର୍ସ ଉଦ୍‌ଯାପିତ

**ଭୁବନେଶ୍ୱର, ୧୦।୫ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଜେ୩୦ ଭୁବନେଶ୍ୱର ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍ ଜୁନିୟର୍ସ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଥିରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ଦେବାଶିଷ ସାହୁ ପୂରା ଟୁର୍ନାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରି ବାଳକ ସିଙ୍ଗଲ୍ସରେ ରନରଅପ୍ ହୋଇଛନ୍ତି। ସେ ଫାଇନାଲରେ ଅନ୍ୟତମ ଭାରତୀୟ ଖେଳାଳି ପ୍ରନିଲ ଶର୍ମାଙ୍କଠାରୁ ୪-୬, ୫-୭ ସେଟ୍‌ରେ ପରାଜିତ ହୋଇଛନ୍ତି। ବାଳିକା ସିଙ୍ଗଲ୍ସ ଫାଇନାଲରେ ପ୍ରିୟଙ୍କା ରାଣା ୬-୩, ୬-୦ ସେଟ୍‌ରେ ପ୍ରିଶା ନିଖିଲ ଶିନ୍ଦେଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ବାଳିକା ଡବଲ୍ସ ଫାଇନାଲରେ ସୋହିନୀ ସଞ୍ଜୟ ମହାନ୍ତି ଓ ଆକୃତି ସୋନ୍କୁସାରେ ନାରାୟନ ପ୍ରତିପକ୍ଷ ଲକ୍ଷ୍ମୀଶ୍ରୀ ଦଣ୍ଡୁ ଓ ପ୍ରିୟଙ୍କା ରାଣାଙ୍କଠାରୁ ୭-୬ (୪), ୪-୬ (୩-୧୦)ରେ ହାରି ଯାଇଛନ୍ତି। ବାଳକ ଡବଲ୍ସ ଫାଇନାଲରେ ଓଜାସ ମେହଲାୱତ ଓ ଅଧିରାଜ ଠାକୁର ୬-୩, ୬-୨ରେ ରୋହିତ ହରି ବାଲାଜି ଗୋବିନ୍ଦା ଗୋବିନାଥ ଓ ଥିରୁମୁରୁଗାନ ବିଶ୍ୱନାଥନ୍‌ଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି। ଅଲ୍ ଇଣ୍ଡିଆ ଟେନିସ ଆସୋସିଏଶନ (ଏଆଇଟିଏ) ଓ ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଓଟିଏ ସଭାପତି ଅସିତ ତ୍ରିପାଠୀ, ସମ୍ପାଦକ ସତ୍ୟଜିତ ମହାନ୍ତି, ଯୁଗ୍ମ ସମ୍ପାଦକ ତଥା ଟୁର୍ନାମେଣ୍ଟ ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଆଇଟିଏଫ୍ ସୁପରଭାଇଜର ପ୍ରବୀଣ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଓ ସମ୍ମିତ ପଟ୍ଟନାୟକଙ୍କ ସହଯୋଗରେ ଟୁର୍ନାମେଣ୍ଟ ସଫଳତାର ସହ ସମ୍ପନ୍ନ ହୋଇଥିଲା।



କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜେ୩୦ ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର ଜୁନିୟର୍ସ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ବାସନ୍ଦ ହେଲେ ଆଉ ଦୁଇ ଖେଳାଳି

## ମ୍ୟାଚ ଫିକ୍ସିଂ ସିଣ୍ଡିକେଟ୍

**ଲଣ୍ଡନ, ୧୦।୫ (ଏପି)**

ବେଲଜିୟମସ୍ଥିତ ଏକ ମ୍ୟାଚ ଫିକ୍ସିଂ ସିଣ୍ଡିକେଟ୍ ସହିତ ସମ୍ପୃକ୍ତିକୁ ନେଇ ଆଉ ଦୁଇ ଜଣ ନିମ୍ନ ର୍‍ୟାଙ୍କିଂପ୍ରାପ୍ତ ଖେଳାଳି ଖେଳରୁ ସସ୍‌ପେଣ୍ଡ ହୋଇଛନ୍ତି। ଇଣ୍ଟରନ୍ୟାଶନାଲ ଟେନିସ ଇଣ୍ଟିଗ୍ରିଟି ଏଜେନ୍ସି ତରଫରୁ ଶୁକ୍ରବାର ଏ ବିଷୟରେ ସୂଚନା ଦିଆଯାଇଛି। ବାରମ୍ବାର ଦୁର୍ନୀତି କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୋଗରେ ବଲିଭିଆର ଜଣେ ୩୪ ବର୍ଷୀୟ ଆଲେଜାଣ୍ଡ୍ରୋ କ୍ରେସ୍ପୋଙ୍କୁ ଆଜୀବନ ବାସନ୍ଦ ବ୍ୟତୀତ ୨୫୦,୦୦୦ ଆମେରିକୀୟ ଡଲାର ଜରିମାନା କରାଯାଇଛି। ସେହିପରି ଦୁଇଟି ମ୍ୟାଚ ଫଳାଫଳକୁ ଫିକ୍ସିଂ କରିବାରେ ସମ୍ପୃକ୍ତିକୁ ନେଇ ପେରୁର ୨୮ ବର୍ଷୀୟ ଜର୍ଜ ପାଣ୍ଡା ହେରେରସଙ୍କୁ ୩ ବର୍ଷ ବାସନ୍ଦ ବ୍ୟତୀତ ୧୦,୦୦୦ ଆମେରିକୀୟ ଡଲାର ଜରିମାନା କରାଯାଇଛି। ୨୦୧୬ରେ କ୍ରେସ୍‌ପୋ ୭୪୧ତମ ର୍‍ୟାଙ୍କିଂରେ ପହଞ୍ଚିପାରିଥିବା ବେଳେ ପାଣ୍ଡା ହେରେରସ ୨୦୨୨ରେ ର୍‍ୟାଙ୍କିଂ ତାଲିକାର ୪୬୭ତମ ସ୍ଥାନରେ ରହିଥିଲେ। ଗ୍ରିଗୋର ସର୍ଗସ୍ୟାନଙ୍କ ଦ୍ୱାରା ପରିଚାଳିତ ମ୍ୟାଚ ଫିକ୍ସିଂ ସିଣ୍ଡିକେଟ୍ ସହ ଜଡ଼ିତ ଥିବା ଅନ୍ୟ ୧୫ ଖେଳାଳିଙ୍କ ସହ ଏହି ଦୁଇଜଣ ଯୋଗ ଦେଇଛନ୍ତି। ଗ୍ରିଗୋରଙ୍କୁ ଗତବର୍ଷ ୫ ବର୍ଷ ଜେଲ ଦଣ୍ଡ ହୋଇଛି।

# ପାଉଁଜି

## ଗଳ୍ପ

### ପ୍ରତାପ ବିଶ୍ୱାଳ

ସେଠି ଜହ୍ନ ଉଠିଲେ ନଈପଠା ମତୁଆଲା ହୁଏ। ରୁପା ରଙ୍ଗର ଜୋଛନା ଚାଦର ଘୋଡ଼େଇ ହୋଇ ସ୍ୱପ୍ନବିଳାସୀ ହୋଇ ଉଠେ ବାଦାମୀ ରଙ୍ଗ ଶାଢ଼ି ପିନ୍ଧି। ଫୁଲେଇ ନଈର ଢେଉସବୁ ଅନୂଢ଼ା କିଶୋରୀଟିଏ ପରି ପାଉଁଜି ଛମ୍ ଛମ୍ କରି ଚାଲୁଥା'ନ୍ତି ଆଗକୁ ଆଗକୁ। ଗୋଟାଏ ଅନୁଭବ, ଉପଭୋଗ୍ୟ ଲାଗେ ରାତି।

କୁମାରପୂର୍ଣ୍ଣିମା ରାତି। ଗାଁଦାଣ୍ଡରେ ନଡ଼ିଆ ବାହୁଙ୍ଗାର ଛାଇ ଆଲୁଅ ଭିତରେ କୁଆଁରୀମାନଙ୍କର ଖେଳ। ମୁଁ ତାକୁ ଚୁପ୍‌ରେ ଯାଇ କହିଲି : ଯିବୁ ଆ ମୋ' ସାଙ୍ଗରେ।

ସେ କହିଲା : କେଉଁଠିକୁ?

: ନଈକୂଳକୁ ।

: କ'ଣ ପାଇଁ? ନଈରେ କୁମ୍ଭୀର ଅଛି।

ମୁଁ କିଛି ନକହି ଚାଲିଆସିଲି। ମହୁଆ ଶୀତୁଆ ପବନ। ଜହ୍ନର ତୋରା ମୁହଁ। ଗୋଟାଏ ନୈସର୍ଗିକ ଭାବାବେଗ। ନଈକୁ ଚାହିଁ ଛିଡ଼ାହୋଇଛି ପଛରୁ କିଏ ଜଣେ ମୋ' ଆଖିକୁ ବୁଜି ଧରିଲା। ତା' ଚମ୍ପାକଢ଼ିର ବଢ଼ନ୍ତା ନଖକୁ ଛୁଇଁ କହିଲି : ସ୍ୱପ୍ନା! କହୁଥିଲୁ ତ କୁମ୍ଭୀର ଅଛି। ଆସିଲୁ ଯେ?

: ତୁମେ ପା' ଅଛ। କୁମ୍ଭୀର କ'ଣ କରିବ? କୁହ କାହିଁକି ଡାକିଲ?

: ଏ ଜହ୍ନରାତି, ନଈକୂଳ। ମୋବାଇଲରେ ଫଟୋଟାଏ ନେବି ତୋର।

: ମୋ ଫଟୋ! କେତେ ଫଟୋ ନେବ କି?

: ମନା କରିବୁ ତ ଦର୍କାର ନାହିଁ।

: ମୁଁ କ'ଣ ତୁମ ମନରେ ନାହିଁ କି! ସବୁଥର ତୁମର ଫଟୋ ଦର୍କାର ହେଉଛି?

କହିଲି, ଆଜି ତୁ ଏ କୁମାରପୂର୍ଣ୍ଣିମାରେ ସଜବାଜ ହୋଇ ଆହୁରି ସୁନ୍ଦର ଦିଶୁଛୁ। ସେଇଥିପାଇଁ। ସେ କହିଲା, ସତେ! ଆଗକୁ ଆସି କହିଲା ଉଠାଅ।

: ଏଠି ନୁହେଁ। ନଈତୁଠର ସେ ପଥର ଉପରେ ବସି।

ପଥର ଉପରେ ଜହ୍ନର ଜୋଛନା ଘଷିମାଜି ହେଉଛି। ସେ ସାଲ୍‌ୱାରକୁ ଗୋଡ଼ ଭଣ୍ଡାଯାଏ ଉଠାଇ ପାଣିକୁ ପାଦଦେଇ ବସିଲା। ଦୁଧ ଅଳତା ସଦୃଶ ପାଦରେ ତା'ର ଜୋଛନା ମଥା କୋଡୁଥିଲା। ଦୁଇ ପାଦରେ ପାଉଁଜି ଦୁଇପଟ ଚିକ୍‌ଚିକ୍ କରୁଥିଲେ। ମଥାରେ ଟୋପିଟୋପି ଚନ୍ଦନଟିପା ପୂର୍ଣ୍ଣଚନ୍ଦ୍ର ମୁଖରେ ତାରାଙ୍କୁ କିଏ ଯେପରି ଆଙ୍କି ଦେଇଛି ତା' କଳା କାରିଗରି ହାତରେ।

ଫଟୋ ଉଠାଇ ଫେରିଲାବେଳେ କହିଲା: ଆଜି ସନ୍ଧ୍ୟାରେ ଚଉଁରାମୂଳେ ଚାନ୍ଦ ପୂଜା କଲାବେଳେ କ'ଣ ମାଗିଲି ଜାଣିଛ?

: କ'ଣ?

: ଧେତ୍, କେତେବର୍ଷ ହେଲା ଆମ ସମ୍ପର୍କ କହିଲ?

: ଯେଉଁ ସମ୍ପର୍କ ଆନ୍ତରିକତା, ନିଷ୍ଠା ଓ ସହୃଦୟତାରେ ଗଢ଼ା, ସେଠି ସମୟ, କାଳକୁ ମନେରଖିବା କ'ଣ ଦର୍କାର। ବିଶ୍ୱାସ ହିଁ ଭଲପାଇବା। ଭଲପାଇବା ହିଁ କାଳ କାଳକୁ।

: ସତରେ! ଚାଲ ନଅ ବର୍ଷ ତଳେ ତୁମେ ମାମୁଘରକୁ ଆସିଲେ ଆମେ ଯେମିତି ବାଲିରେ ଘର ତୋଳି ଭାତ, ତର୍କାରି ରାନ୍ଧି ବୋହୂଖେଳ ଖେଳୁଥିଲେ ଆଜି ସେମିତି ଖେଳିବା।

ଖରିବୁଦା ମୂଳକୁ ଯାଇ ମୋ' ପାଖକୁ ଲାଗିବସି ସେ ମିଛିମିଛିକା ଭାତ, ତିଅଣ ରାନ୍ଧି କହିଲା: ଚକାମାଡ଼ି ବସ ଖାଇବ। ଖାଉ ଖାଉ ମୋ' ଦେହକୁ ଆଉଜିଯାଇ କହିଲା: ଶୀଘ୍ର ଖାଇଦେ ଡେରି ହେଲାଣି। ବିଛଣା ପାରିଦେଉଛି ଶୋଇପଡ଼। ସେ ଉଠିଗଲାବେଳେ ମୁଁ ତା' ହାତକୁ ଭିଡ଼ିଆଣି କହିଲି: ଆଉ ତୁ? ସେ ମୋ' ଦେହରେ ଆହୁରି ଜଡ଼ି ହୋଇଗଲା।

ମନ ନଈ ପାଣିରେ ପୂନେଇଁ ଜୋଛନା ଢେଉ ଖେଳୁଥିଲା। ବିନା ଶୋଚନା, ଅନୁଶୋଚନାରେ ବି ପୂନେଇଁ ରାତିଟା କିଛି ସମୟ ପାଇଁ ଅନ୍ଧ ହୋଇଗଲା।

ଉଠି ବସିଲା ବେଳେ ଦେଖିଲି ତା' ଆଖରେ ଆଖିଏ ଲୁହ। ପଚାରିଲି କାନ୍ଦୁଛୁ? କହିଲା, ନା ସେ କିଛି ନୁହେଁ। ମୁଁ ବୁଝିପାରିଲିନି ସେ ଲୁହ ଆନନ୍ଦର ନା ଦୁଃଖର। ସେ କହିଲା ଆସ ଯିବା। ଗାଁ ଦାଣ୍ଡରେ ଖେଳ ସରିଯାଇଥିଲେ ମା' ତେଣେ ଖୋଜିବ।

ନଈବନ୍ଧକୁ ଉଠିଲାବେଳେ ହଠାତ୍ ସେ ଛିଡ଼ା ହୋଇଯାଇ କହିଲା: ମୋ' ପାଉଁଜି!

ମୁଁ ତା' ପାଦକୁ ଚାହିଁଲି। ତା' ବାମପାଦରେ ପାଉଁଜି ନ ଥିଲା। କହିଲି: ଚାଲ କେଉଁଠି ପଡ଼ିଯାଇଥିବ ଖୋଜିବା। ସେ କହିଲା: ନା, ଥାଉ। ହଜିଥାଉ ସେ। ପାଉଁଜି ଖାଲି ଗୋଟେ କିଶୋରୀ ଝିଅ ପାଦର ଶୋଭାବର୍ଦ୍ଧନ ପାଇଁ ନୁହେଁ; ଗୋଟିଏ ପଟ ଶୃଙ୍ଖଳା, ଅନ୍ୟଟି ସଦାଚାର। ସେଥିରେ ଲାଗିଥା'ନ୍ତି ସ୍ୱପ୍ନ, ବିଶ୍ୱାସ, ଭରସା, ସଂଭ୍ରମତା, ଲାଜ, ଭୟ, ସଂକୋଚ ଆଦିର ଛୋଟ ଛୋଟ ଘୁଙ୍ଗୁର। ଚାଲିଲାବେଳେ ପ୍ରତିପାଦରେ ଚେତାଇ କୁହନ୍ତି ଧୀରେ ପାଦ ପକାଇ ଆଗକୁ ଚାଲ। ସ୍ୱପ୍ନଗୁଡ଼ାକ ସବୁବେଳେ ନଈର ଢେଉ। ପାଦ ଖସିଗଲେ ଅକାତକାତ ପାଣି। ପାଣି ଭିତରେ କୁମ୍ଭୀର। ଭୁଲି ଯାଅନା ଦୁହିତା ଦୁଇ କୂଳକୁ ହିତା।

କିନ୍ତୁ ଏ ଭରା ଜହ୍ନରାତି ଆଜି କିନ୍ତୁ ମୋ' ପାଦକୁ ଖସାଇଦେଲା। ତୁମ ପ୍ରେମରେ ବୁଡ଼ାଇଦେଲା। ପଟେ ପାଉଁଜି ହଜାଇଦେଲି ତୁମ ପ୍ରେମର ନଈରେ। ଏବେ ମୁଁ କୁମ୍ଭୀର କବଳରେ। ଯେବେ ତୁମେ ମୋତେ କୁମ୍ଭୀରଠୁ ଉଦ୍ଧାରିବ ମୋର ଆଉ କିଛି ଲୋଡ଼ାନାହିଁ, ହଳେ ପାଉଁଜି ଆଣି ଦେବ। ଏ ଲୋଭିଲା ଜହ୍ନ ପରି ମୋ' ମଥାରେ ସିନ୍ଦୂର ଟିପାଟିଏ ଦେବ। ଏ ପଟିକ ପାଉଁଜି ଥାଉ ମୋ' ପାଖରେ। ମୋ' ପ୍ରେମ, ମୋ' ବିଶ୍ୱାସ, ମୋ' ସ୍ୱପ୍ନର ଅନୁଚ୍ଚାରିତ ଅନୁରାଗଟିଏ ହୋଇ।

ସେ ମୋ' କାନ୍ଧରେ ମଥା ରଖି କାନ୍ଦିକାନ୍ଦି କହୁଥିଲା। ଲୁହକୁ ତା'ର ପୋଛିଦେଲି ହାତକୁ ଧରି। କପାଳରେ ଚୁମ୍ବନଟିଏ ଦେଇ କହିଲି: ସମ୍ପର୍କର ଅନ୍ୟ ନାମ ବିଶ୍ୱାସ। ବିଶ୍ୱାସର ଅନ୍ୟ ନାମ ଭଲପାଇବା। ମରଣ ଛଡ଼ା ଏ ଜନ୍ମରେ ଆମକୁ କେହି ଅଲଗା କରିପାରିବେନି। ମୋ' ଉପରେ ସେତିକି ଭରସା, ବିଶ୍ୱାସ ରଖ ସ୍ୱପ୍ନା, କାନ୍ଦନା ପ୍ଲିଜ୍।

ସେ ମୋ' ହାତକୁ ଆହୁରି ଜୋରରେ ଜାବୁଡ଼ି ଧରିଲା। ଗାଁ ଦାଣ୍ଡ ଆଡ଼କୁ ପାଦ ବଢ଼ାଉ ଥିଲୁ ଦୁହେଁ।

ମୋ: ୯୪୩୭୭୪୫୯୮୩



## କବିତା

### ନଈପହଁରା

**ରଞ୍ଜନ କୁମାର ଦାସ**

ଏ ପୃଥିବୀରେ କେତେ ରଙ୍ଗ
କେତେ ସ୍ୱାଦ
କେତେ ଚରିତ୍ର
କେତେ ପ୍ରକାର ଅନୁଭବ।

ତା' ଭିତରୁ ଗୋଟିକର
ଅନୁପସ୍ଥିତିରେ ବି
ସମ୍ପୂର୍ଣ୍ଣ ଲାଗେନା ସୃଷ୍ଟି
କିଏ ତା' ଭିତରୁ
ଅସୂୟାର ଅଗ୍ନିରେ ଜାଳିଦିଏ ଫୁଲବନ
ତ' କିଏ ପୁଣି ଆଶ୍ୱାସନାର
ମେଘବର୍ଷା କରି
ଲିଭାଏ ସେ ନିଆଁ।

କିଏ ଜନ୍ମ ହୋଇ ଝରାଏ ମହୁ
କିଏ ପୁଣି ଜହ୍ଲାଦ ହେଇ
ଝରାଏ ଲୁହ ଲହୁ।

ଜୀବନର ରୁକ୍ଷ ମାଳଭୂମିରେ
ଜ୍ୟୋସ୍ନାର ଶୀତଳତା ବୁଣିଥିବା
ଜହ୍ନ କୋଳରେ ଯେମିତି ଜାକିଦିଏ ମୁହଁ
ସେମିତି କୃତଜ୍ଞତା ଜଣାଏ
ସେ ତସ୍କର ସମୟ ପାଖରେ
ଯିଏ ଲୁଟିନେଇଥାଏ
ଫଗୁଣରୁ ସବୁ ବାସ୍ନା।

ସତରେ ସିଏ ଯଦି
ଆଲୁଅରେ ଫେଣ୍ଟି ନଥାନ୍ତା ଅନ୍ଧାର
ପୀୟୂଷରେ ମିଶେଇ ନଥାନ୍ତା ବିଷ
କେମିତି ବୁଝିଥାନ୍ତି ବଞ୍ଚିବାର ବ୍ୟାକରଣ
ତା' ଈର୍ଷା, ଦ୍ୱେଷ, ଘୃଣା
ମନ୍ତ୍ର, ତନ୍ତ୍ର, ଷଡ଼ଯନ୍ତ୍ର ବିନା
କେମିତି ଶିଖିଥାନ୍ତି
ମାଟିରୁ ଉଠି
ଠିଆ ହେବାର କୌଶଳ?

ହେ ଅକୃତଜ୍ଞ ସମୟ
ସବୁ ଛଳନା ଓ ପ୍ରତାରଣା ସତ୍ତ୍ୱେ
ମୁଁ ତୁମ ପାଖରେ ଚିରକାଳ କୃତଜ୍ଞ।
ତମେ ମତେ ଭରାନଈକୁ
ଠେଲିଦେଇ ନ ଥିଲେ
ମୁଁ କ'ଣ ଶିଖିଥାନ୍ତି ନଈପହଁରା।

ମୋ: ୯୪୩୭୨୮୬୫୧୨

### ସୂର୍ଯ୍ୟାସ୍ତ: ତୁମ ଆଖିରେ

**ମୟୂରୀ ଦାଶ**

ମୁଁ ଜାଣେ
ତୁମେ ଗ୍ରହ ତାରା ନକ୍ଷତ୍ରଙ୍କୁ
ନିଜ ଆୟତ୍ତକୁ ଆଣିପାର

ମୁଁ ଜାଣେ
ତୁମେ ସ୍ୱପ୍ନକୁ ବାସ୍ତବତା ଓ
ବାସ୍ତବତାକୁ ଧୂଆଁରେ
ପରିଣତ କରିପାର

ମୁଁ ଜାଣେ
ତୁମେ ସିଲଟରେ ଚିତ୍ର ଆଙ୍କି
ତାକୁ ଜୀବନ୍ୟାସ ଦେଇପାର
ମୁଁ ଜାଣେ
ତୁମେ ପାପ ଓ ପୁଣ୍ୟର
ଭେଦକୁ ଭେଦିପାର...

ହେଲେ ହାତଧରି
ଚାଲିପାରିବ କି ଖଣ୍ଡେ ବାଟ,
ନିର୍ବାଣ ବିନିମୟରେ?
ଭୁଲିପାରିବ କି ଆତ୍ମା ଓ
ପରମାତ୍ମାର ପାର୍ଥକ୍ୟ?

ଯେବେ ପଶ୍ଚିମ ଆକାଶ ଥିବ
ଗାଢ଼ ନାଲିର ନିବିଡ଼ତାରେ...
ଦୈର୍ଘ୍ୟ ଓ ଦୂରତାର ଅନ୍ତର ଭୁଲି
ଦେଖିବି ସୂର୍ଯ୍ୟାସ୍ତ ; ତୁମ ଆଖିରେ।

ମୋ: ୬୩୭୧୮୦୬୩୦୨

#### ଗୀତି-କବିତା

### ସମର୍ପଣ

**ଜୟନ୍ତୀ ସାହୁ**

ପତିତ ହାତରେ ପତିତପାବନ
ସିଂହଦୁଆରକୁ ଗଲି
ଟୋପା ଟୋପା ଲୁହ
ଆଞ୍ଜୁଳିରେ ନେଇ
ତୋ' ପାଦରେ ଟେକିଦେଲି।

ଜାଣିଛି ଲୁହରେ ତୋ' ଶରଧା ଭାରି
ଅନୁରାଗ ତୋର ଦୁଃଖେ
ସେଥିପାଇଁ ଆଜି ଦୁଃଖର ଗଣ୍ଠିଲି
ତୋତେ ସଅଁପୁଛି ସୁଖେ।

ଆପଣାପଣର ଅଥଳ ସମୁଦ୍ର
ବିଶ୍ୱାସର ମଧୁକୋଷ
ଦିବ୍ୟ ଚେତନାର ନାନ୍ଦୀପାଠ ତୁମେ
ସ୍ନେହ ପ୍ରେମର ସୁବାସ।

ଆଶା ଭରସାର ଶୁଭ ଶଙ୍ଖ ତୁମେ
ଜୀବନର ରଶ୍ମିରେଖା
ସଦା ଜାଗ୍ରତ ଜୀବନ୍ତ ମୂରତି
ପିତା ମାତା ବନ୍ଧୁ ସଖା।

ମୋ: ୮୦୯୩୪୮୬୬୭୪

## ପୁସ୍ତକ ପରିଚୟ

### ଉତ୍ତରଦାୟୀ




**ଲେଖକ:** କାଳିନ୍ଦୀ ଚରଣ ଭଞ୍ଜ
**ପ୍ରକାଶକ:** ଅନସୂୟା ପବ୍ଲିକେଶନ, ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪,
**ମୂଲ୍ୟ:** ଟ.୨୫୦/-

ମୋଟ ୨୪ଟି ଗଳ୍ପ ଆଲୋଚ୍ୟ ଗଳ୍ପଗ୍ରନ୍ଥରେ ସଂଯୋଜିତ। ଜୀବନରେ ଲେଖକ ଦେଖିଥିବା ଓ ଅଙ୍ଗେ ନିଭେଇଥିବା ଘଟଣାବଳୀ ଅନ୍ତରଙ୍ଗ କାହାଣୀ ହୋଇଉଠିଛି ପ୍ରତ୍ୟେକଟି ଲେଖାରେ। କେବଳ କଳ୍ପନା ନୁହେଁ, କେତେକ ଗଳ୍ପରେ ବିଜ୍ଞାନ ଆଧାର ହୋଇଛି ଓ ଏହିଭଳି ଏକ ଗଳ୍ପ 'ଗର୍ଭ ପରିବର୍ତ୍ତନ'। ନିଃସନ୍ତାନ ଶୁଭଶ୍ରୀ ଡାକ୍ତରଙ୍କ ପରାମର୍ଶକ୍ରମେ ଶୁକ୍ର ବ୍ୟାଙ୍କ୍‌ରୁ ଶୁକ୍ର ଗ୍ରହଣ ପୂର୍ବକ ଗର୍ଭରେ ସ୍ଥାପନ କରି ମାଆ ହୋଇଛି। ଏପରି ଗଳ୍ପ ପ୍ରଚାରଧର୍ମୀ ହେଲେ ହେଁ ଏହାର ଆବେଦନ ପାଠକର ହୃଦୟକୁ ସ୍ପର୍ଶ କରେ। ବନ୍ଧୁତାର ନିରଳସ ଥଟ୍ଟାମଜା ଗଳ୍ପରେ କିପରି ଉପଭୋଗ୍ୟ ଆଙ୍ଗିକ ନିର୍ମାଣ କରିପାରେ, ତା'ର ନଜିର୍ ବହିରେ ଥିବା 'ଗୟାଧର' ଶୀର୍ଷକ ଗଳ୍ପ। ଏଥିରେ ସରଳ ବିଶ୍ୱାସୀ ଗୟାଧରକୁ କିପରି ତା'ର ସାଙ୍ଗମାନେ ଥଟ୍ଟା କରନ୍ତି ଓ ସେଥିରୁ ନିର୍ଦ୍ଦୋଷ ଆନନ୍ଦ ଲାଭ କରନ୍ତି, ତାହାର ପରିଚୟ କେବଳ ମିଳେ ନାହିଁ; ଗଳ୍ପଟି ପାଠକଲେ ପ୍ରତ୍ୟେକ ପାଠକ ନିଜ ନିଜ ଜୀବନ ବଳୟରେ ଘଟିଥିବା ବା ଶୁଣିଥିବା ଘଟଣାକୁ ଏହି ଅନୁଭବ ସହ ଯୋଡ଼ି ଆନନ୍ଦ ପାଆନ୍ତି। ଗୋଟିଏ ଭଲ ଗଳ୍ପ କେବଳ ଆଙ୍ଗିକର ଅଙ୍କକଷା ନୁହେଁ, ସାଦା କଥାର ନିଷ୍କପଟ ଉପସ୍ଥାପନା ମଧ୍ୟ ହୋଇପାରେ। ଆଲୋଚ୍ୟ ଗଳ୍ପ ସଂକଳନଟି ଏହି ଦୃଷ୍ଟିରୁ ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ।

### ଶେଷପତ୍ର




**ଅନୁବାଦିକା:** ରେବା ପଟ୍ଟନାୟକ
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୧୫୦/-

'ଶେଷପତ୍ର'ରେ ଯେଉଁସବୁ ଲେଖକଙ୍କର ଗଳ୍ପ ଅନୂଦିତ ହୋଇ ସ୍ଥାନିତ ହୋଇଛି, ସେମାନଙ୍କ ମଧ୍ୟରେ ଅଛନ୍ତି ଓ ହେନ୍‌ରି, ସୋନିଆ ଜୋନ୍ସ, ଲି ଆନ୍ ଥିଏମାନ୍, ଆର୍‌ନୋଲ୍ଡ ଫାଇନ୍, ଡିଆନ ଜି. ମିଲ୍ସ, ମେରୀ ଜେ. ଡେଭିସ୍, ଶିର୍ ଲି ଆଲିସନ୍, ଜିୱିନ୍ ଫୋସ୍, ନାର୍‌ସିସୋ ଜି. ରେୟେସ୍, ରସ୍କିନ୍ ବଣ୍ଡ ଓ ଅତନୁ ଭଟ୍ଟାଚାର୍ଯ୍ୟ। ଏଥିରୁ ଅନେକଙ୍କୁ ସବୁ ପାଠକ ଜାଣି ନ ଥିବେ ହୁଏତ, କିନ୍ତୁ ଏମାନଙ୍କ ଦ୍ୱାରା ରଚିତ ଗୁରୁତ୍ୱପୂର୍ଣ୍ଣ ଗଳ୍ପଗୁଡ଼ିକୁ ରେବାଙ୍କ ଅନୁବାଦ ଜରିଆରେ ଏବେ ପଢ଼ିବାର ଅବକାଶ ପାଇବେ। ଅନୁବାଦ ସବୁବେଳେ ଏକ ଝରକା ସଦୃଶ, ଯାହା ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ଖୋଲାଥାଏ। ଆଲୋଚ୍ୟ ଅନୁବାଦ ସଂକଳନଟି ସେହିପରି ଏକ ବିଶ୍ୱସ୍ତ ଖୋଲା ଝର୍କା, ଯାହା ଭାଷା ଭାଷା ମଧ୍ୟରେ ଥିବା ଦୂରତାକୁ ଅତିକ୍ରମି ଗୋଟିଏ ଭାଷାର ରଚନାକୁ ଅନ୍ୟ ଏକ ଭାଷାର ପାଠକଙ୍କ ନିକଟରେ ପହଞ୍ଚାଇ ପାରିଛି। ଅନୁବାଦିକା ଓଡ଼ିଆ ସାହିତ୍ୟ, ଏପରିକି ବିଶ୍ୱ ସାହିତ୍ୟ କ୍ଷେତ୍ରରେ ଜଣେ ଅନୁଭବୀ ଲେଖିକା। ତେଣୁ ତାଙ୍କ ଦ୍ୱାରା କରାଯାଇଥିବା ଏ ଅନୁବାଦ କର୍ମଟି ମୂଳ ଲେଖା ପ୍ରତି ବିଶ୍ୱସ୍ତ ହୋଇପାରିଛି ଓ ପାଠକଙ୍କ ଦ୍ୱାରା ଆଦୃତ ହେବାର ସମ୍ଭାବନା ରଖେ। ବହିର ଶୀର୍ଷକ ଗଳ୍ପ ଓ ହେନ୍‌ରୀଙ୍କ 'ଶେଷପତ୍ର'ରେ ମୃତ୍ୟୁକୁ ପରାସ୍ତ କରି ଜୀବନର ଯେଉଁ ବିଜୟ-ଚିତ୍ର ଅଙ୍କିତ, ତାହା ଅନେକ ଦିନଯାଏ ଭୁଲି ହେବାର ନୁହେଁ।

## କାଳକାଳକୁ

"ପ୍ରକୃତି-ପ୍ରେମ ମଣିଷକୁ ସୁଖକର ଜୀବନ ଆଡ଼କୁ ଘେନିଯାଏ।"

– ସୁମିତ୍ରାନନ୍ଦନ ପନ୍ତ୍



**ସୁମିତ୍ରାନନ୍ଦନ ପନ୍ତ୍‌ଙ୍କ** ଜନ୍ମ ୨୦ ମେ ୧୯୦୦ରେ ତତ୍କାଳୀନ ଉତ୍ତରପ୍ରଦେଶ (ଏବେ ଉତ୍ତରାଖଣ୍ଡ)ର କୌସାନୀରେ ଓ ପରଲୋକ ୨୮ ଡିସେମ୍ବର ୧୯୭୭ରେ, ପ୍ରୟାଗରାଜରେ। ତାଙ୍କର ଅଧିକାଂଶ ରଚନାରେ ଗ୍ରାମୀଣ ଭାରତର ସୌନ୍ଦର୍ଯ୍ୟ ଓ ସ୍ୱାଦ ଉତ୍କୀର୍ଣ୍ଣ ଅତ୍ୟନ୍ତ ସଫଳତାର ସହ। 'ଛାୟାବାଦୀ' ଯୁଗର ଏହି ବିଶିଷ୍ଟ ଧାରା ପ୍ରବର୍ତ୍ତକ କବିଙ୍କର ପ୍ରମୁଖ ରଚନା ମଧ୍ୟରୁ କେତୋଟି ହେଉଛି- ଗ୍ରାମ୍ୟା, ପଲ୍ଲବ, କଳା ଔର୍ ବୁଢ଼ାଚାନ୍ଦ୍ (୧୯୬୦ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ), ଚିଦମ୍ବରା (୧୯୬୮ରେ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ), ତାରାପଥ ଓ ଗୁଂଜନ। 'ହଂସ ଔର୍ ରାଜକୁମାରୀ' ଭଳି ପ୍ରଭାବଶାଳୀ ଏକାଧିକ ଶିଶୁ-ସାହିତ୍ୟ ଗ୍ରନ୍ଥର ସେ ସ୍ରଷ୍ଟା। ଭାରତୀୟ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ଭାରତ ସରକାର ତାଙ୍କୁ ୧୯୬୧ରେ 'ପଦ୍ମଭୂଷଣ' ସମ୍ମାନରେ ସମ୍ମାନିତ କରିଛନ୍ତି।

# ଶତ୍ରୁର ସନ୍ଧାନରେ

## ଅନୁବାଦ ଗଳ୍ପ

**ମୂଳ ହିନ୍ଦୀ-ବିଜୟ ରାଙ୍ଗଣେକର**
**ଅନୁବାଦ-ମନୋଜ କୁମାର ବେହେରା**

ନିତିଦିନିଆ ଜୀବନରେ ଭବିଷ୍ୟଫଳର ଗୋଟିଏ ଅଲଗା ମହତ୍ତ୍ୱ ଅଛି। ସତ କହୁଛି ଆଜ୍ଞା, ଏହି ଭବିଷ୍ୟଫଳକୁ ଆପଣ ସକାଳୁ ସକାଳୁ ଖବରକାଗଜରେ ପଢ଼ି ନିଜର ବ୍ୟୂହ ରଚନା କରିପାରିବେ। ମୁଁ ମଧ୍ୟ ନିତିଦିନ ସକାଳେ ଖବରକାଗଜରେ ରାଶିଫଳ ସ୍ତମ୍ଭକୁ ପଢ଼ି ମୋର ଦିନଚର୍ଯ୍ୟାକୁ ଆରମ୍ଭ କରିଥାଏ।

'ଆପଣ ଭାବିଥିବେ କାମଟି ଆଜି ସମ୍ପୂର୍ଣ୍ଣ ହେବ', ପଢ଼ି ମୁଁ ପ୍ରାୟତଃ ଭାବିଥାଏ କି ମୋତେ କ'ଣ ଭାବିବା ଦରକାର। ତା'ପରେ ମୁଁ ସ୍ଥିର କରେ ମୋର ଭାବିଥିବା କାମଟି ଯଦି ଆଜି ସମ୍ପୂର୍ଣ୍ଣ ହେବ, ତେବେ ମୋତେ ସେହି ସବୁ କାମ ବିଷୟରେ ଭାବିବା ଦରକାର, ଯାହାକୁ ମୁଁ ସମ୍ପୂର୍ଣ୍ଣ ହେବାକୁ ଦେଖିବାକୁ ଚାହେଁ।

'ଦାମ୍ପତ୍ୟ ଜୀବନ ସୁଖମୟ ହେବ'। ଦାମ୍ପତ୍ୟ ଜୀବନ ପୁଣି ସୁଖମୟ ହୋଇଥାଏ! ଏହା କେବଳ ଭବିଷ୍ୟଫଳରେ ପଢ଼ିଛି ଆଉ ତା'ଛଡ଼ା ସ୍ତ୍ରୀଙ୍କ ରାଶିର ଭାଗ୍ୟଫଳରେ ଏହା ଥିଲେ ସିନା ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଯଦି ସ୍ତ୍ରୀଙ୍କର ଭବିଷ୍ୟଫଳରେ 'ଦାମ୍ପତ୍ୟ ଜୀବନ କଳହପୂର୍ଣ୍ଣ ରହିବ', ଛପା ହେଇଥିବ ତେବେ ଜଣା ନାହିଁ କ'ଣ ଯେ ଘଟିବ? 'ବାହନ ସୁଖ ଉତ୍ତମ ରହିବ'। ମୋର ପୁରୁଣା ମଡେଲର ଚେତକ ସ୍କୁଟରଟା ଏପର୍ଯ୍ୟନ୍ତ କେବଳ ମୋତେ ଦୁଃଖ ହିଁ ଦେଇଆସିଛି। 'ହୁଏତ ବିଦେଶ ଯିବାର ଯୋଗ ଅଛି', ପଢ଼ି ବାହାରକୁ କେମିତି ଯାଇ ହେବ ସେ ବିଷୟରେ ଅନୁସନ୍ଧାନ କରିବାକୁ ଲାଗିପଡ଼େ ମୁଁ। 'ଅଚାନକ ଧନ ଲାଭର ଯୋଗ ଅଛି' ପଢ଼ି ମୋ' ହାତ କୁଣ୍ଡେଇ ହୁଏ ଆଉ ଡି.ଏ.ର ସର୍କୁଲାର ବିଷୟରେ ମୁଁ ଯାକୁ ତାକୁ ପଚାରିବା ଆରମ୍ଭ କରିଦିଏ।

ଏହା ବ୍ୟତୀତ ମୋର ଭବିଷ୍ୟଫଳର ଏମିତି ବି କିଛି ଛପା ହୋଇଥାଏ, ଯାହା ପ୍ରକାଶିତ ନ ହୋଇ ମଧ୍ୟ ମୋର ଭବିଷ୍ୟକୁ ପ୍ରତିଫଳିତ କରିଥାଏ। ଏଇ ଯେମିତିକି, 'ଆର୍ଥିକ ଚିନ୍ତା ବଢ଼ିବ', 'ପରିଶ୍ରମ ସତ୍ତ୍ୱେ ସଫଳତା ନାସ୍ତି', 'କାର୍ଯ୍ୟରେ ଶୀଘ୍ରତା କରନ୍ତୁନି, ଅଯଥା ହଇରାଣ ହେବାର ଯୋଗ', 'ଅଧୀନସ୍ଥ କର୍ମଚାରୀଙ୍କର ସହଯୋଗ ମିଳିବ ନାହିଁ' ଇତ୍ୟାଦି। ବାସ୍ ଏହିସବୁ ଭବିଷ୍ୟବାଣୀର ସୀମାରେଖାର ଛାଇ ତଳେ ମୋ' ଜୀବନର ଗାଡ଼ି ଧକେଇ ଧକେଇ ଚାଲୁଥିଲା। ହେଲେ ଗତକାଲି ମୁଁ ଯେତେବେଳେ ସପ୍ତାହାନ୍ତ ରାଶିଫଳରେ ପଢ଼ିଲି କି, 'ମୀନ ରାଶିବାଲାଙ୍କର ପରିବାର ଭିତରେ ମତଭେଦ ଏବଂ ଶତ୍ରୁ ଦ୍ୱାରା ହାନିର ସମ୍ଭାବନା ଅଛି' ପଢ଼ି ମୋର କାନ ଦୁଇଟା ଛିଡ଼ା ହୋଇଗଲା କି କିଏ ସେ ସେହି ଗୁପ୍ତ ଶତ୍ରୁ, ଯିଏ ମୋର କ୍ଷତି କରିବାକୁ ମୁଣ୍ଡର ବାଳକୁ ଓପାଡ଼ିବାକୁ ଚାହେଁ।

ମୁଁ ଭାବିବାକୁ ଲାଗିଲି କି ପରିବାରରେ ଆଗ ମତଭେଦ ହେବ ଆଉ ତା'ପରେ ଶତ୍ରୁ ଦ୍ୱାରା ହାନି ନା ଆଗ ଶତ୍ରୁ ଦ୍ୱାରା ହାନି ହେଲା ପରେ ପରିବାରରେ ମତଭେଦ ଅର୍ଥାତ୍ ମନୋମାଳିନ୍ୟ ହେବ। ଯଦି ପରିବାର ଭିତରେ ଆଗ ମନୋମାଳିନ୍ୟ ହେଇଯାଏ, ତେବେ ଅନ୍ତତଃ ଏଇଟା ଜଣାପଡ଼ିଯାଆନ୍ତା କି ମୋର ଶତ୍ରୁ କିଏ? କାହିଁକିନା ଘର ଭେଦି ବିଭୀଷଣ ହିଁ ଆଗ ମୋର କ୍ଷତି କରିବ।

ତା'ପରେ ମୋ' ମୁଣ୍ଡକୁ ଆସିଲା କି ଏ ମାସରେ ମୁଁ କମ୍ପାନୀର ଟାର୍ଗେଟ୍ ପୂରଣ କରିନି। ତେଣୁ ଆଜି ନିଶ୍ଚୟ ମୁଖ୍ୟ ପ୍ରବନ୍ଧକ ମୋତେ ସହାୟକ ପ୍ରବନ୍ଧକଙ୍କର ପତ୍ର ଧରେଇ ଦେବେ। ହଁ, ଏମିତି ଆଗରୁ ବହୁତ ଥର ହେଇଛି, ହେଲେ ସବୁଥର ଫୋନ୍‌ରେ ଗାଳି ଖାଇ ସାରିଲା ପରେ ଘଟଣାର ସମାଧାନ ହେଇଛି। ତା'ହେଲେ କିଏ ହେଇପାରେ ମୋର ଶତ୍ରୁ? ଏହି ଚିନ୍ତାରେ ଦଶଟା ବାଜିଗଲା। ଘରେ ମଧ୍ୟ ସେମିତି କିଛି ଉଲ୍ଲେଖନୀୟ ଘଟଣା ଘଟିଲା ନାହିଁ। ମନୋମାଳିନ୍ୟ ଯୋଗୁଁ ଆମ ଧର୍ମପତ୍ନୀ ନୀରବତା ଅବଲମ୍ବନ କରିନେଲେ। ଖାଦ୍ୟପେୟ ମଧ୍ୟ ଠିକ୍‌ଠାକ୍ ରହିଲା।

ଡରି ଡରି ମୁଁ ପହଞ୍ଚିଲି କାର୍ଯ୍ୟାଳୟରେ। ସେଠି ମୋ' ଭଳିଆ କିଛି ମୀନ ରାଶିର ବ୍ୟକ୍ତି ଥିଲେ, ଯେଉଁମାନେ ଆଗରୁ ସତର୍କ ହେଇଯାଇଥିଲେ। ସେମାନେ ସମସ୍ତେ ସଜାଗ ଥିଲେ ନିଜର ସମ୍ଭାବିତ ଶତ୍ରୁ ପ୍ରତି। ଏମିତିଆ ବିଷାଦଗ୍ରସ୍ତ ପରିସ୍ଥିତିରେ ମୁଁ ମନେମନେ ଯେଉଁମାନେ ମୋର ନାଁ ବିଜୟ ରଖିଥିଲେ, ସେମାନଙ୍କୁ ଶୋଧିବାକୁ ଲାଗିଲି। କାରଣ ଏହି ନାଁ ଯୋଗୁଁ ମୁଁ ମୀନ ରାଶି ଦ୍ୱାରା କବଳିତ ହେଇଛି। ଆରେ ଯଦି ନାଁ ରଖିବାର ଥିଲା ତେବେ ଆଉ କିଛି ରଖିଲନି। ମୋ' ନାଁ ଯଦି 'ମ' କିମ୍ବା 'ଟ'ରେ ଆରମ୍ଭ ହୋଇଥା'ନ୍ତା, ତେବେ ମୋର ରାଶି 'ସିଂହ' ହେଇଥା'ନ୍ତା। ଯାହାଙ୍କର ଭବିଷ୍ୟଫଳ ଆଜିକାଲି ଉଚ୍ଚକୋଟୀର ଚାଲିଥିଲା। ସେ ସବୁ କଥା ଯାହା ଉତ୍ତମ ଭବିଷ୍ୟ ପାଇଁ ନିତାନ୍ତ ଆବଶ୍ୟକ ତାହା ଆଜି ଉପଲବ୍ଧ ଥିଲା ସିଂହ ରାଶିର ଭବିଷ୍ୟ ଫଳରେ। ହଠାତ୍ ମୋର ଭାବନାରେ ପୂର୍ଣ୍ଣଚ୍ଛେଦ ପଡ଼ିଗଲା ଯେମିତି। ଟିକିଏ ତୀକ୍ଷ୍ଣ ନଜର ମୁଁ ବୁଲେଇ ଆଣିଲି ମୋର ସବୁ ସହକର୍ମୀଙ୍କ ଉପରେ। ସମସ୍ତେ ଥିଲେ ମୋର ସନ୍ଦେହ ବଳୟ ଭିତରେ। ହଠାତ୍ ମନକୁ ବିଚାରଟିଏ ଆସିଲା, ପାଖରେ ବସିଥିବା ସାଦାସିଧା ଲେଖା ପ୍ରବନ୍ଧକଙ୍କ ସହିତ ଯଦି ଶତ୍ରୁତା କରିବି ତେବେ ହାନିର ସମ୍ଭାବନା ବହୁତ କମ୍ ରହିବ। ହେଲେ ଆଜ୍ଞା କ'ଣ କରିବି ମୋର ଶତ ଚେଷ୍ଟା ନିଷ୍ଫଳ ହେଇଗଲା ତାଙ୍କ ପାଖରେ। ମୋର ସବୁ ଚେଷ୍ଟା ସତ୍ତ୍ୱେ ସେ କେବଳ ହସି ଦେଉଥିଲେ ଟିକିଏ ଟିକିଏ।

ସନ୍ଧ୍ୟାବେଳେ କାର୍ଯ୍ୟାଳୟରୁ ଘରକୁ ଫେରିବା ବେଳେ ସ୍କୁଟର ଓଭରଟେକ୍ କରି ଶତ୍ରୁତା କରିବାର ସୁଯୋଗ ମଧ୍ୟ ମିଳିଲା ନାହିଁ। ରାତିର ଖାଇବା ମଧ୍ୟ ସ୍ୱାଦିଷ୍ଟ ଥିଲା। ତା'ପରେ ମୁଁ ସମ୍ଭାବିତ ଶତ୍ରୁ ବିଷୟରେ ଭାବି ଭାବି ଶୋଇପଡ଼ିଲି ନିଦମାଉସୀ କୋଳରେ। ସକାଳେ ଯେତେବେଳେ ମୋର ନିଦ୍ରା ଭଙ୍ଗ ହେଲା, ସେତେବେଳେ ଚେହେରାରେ ଖେଳୁଥିଲା ଗର୍ବର ହସ। କାହିଁକିନା ମୋର କୌଣସି ଶତ୍ରୁ କିଛି ବି କ୍ଷତି କରିପାରିଲେ ନାହିଁ। ସତ କହିବାକୁ ଗଲେ ମୋର କୌଣସି ଶତ୍ରୁ ନଥିଲେ, କେବଳ ସେହି 'ଭବିଷ୍ୟଫଳ' ବ୍ୟତୀତ। ଯିଏ ମୋତେ ଅଯଥାଟାରେ କାଲି ଦିନସାରା ଆଶଙ୍କିତ କରି ରଖିଥିଲା। ଆଉ ମୁଁ ମୂର୍ଖ ଭବିଷ୍ୟଫଳ ଉପରେ ଭରସା କରି ଲାଗିପଡ଼ିଥିଲି ମୋର ଶତ୍ରୁ ସନ୍ଧାନରେ।

ମୋ: ୭୯୭୮୩୦୬୧୧



ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ମେ ୧୧/୨୦୨୪ Bhubaneswar, Saturday, May 11/ 2024

# ‘ମହିଳା କୁସ୍ତିଯୋଦ୍ଧାଙ୍କର ବଡ଼ ବିଜୟ’


ବଜରଙ୍ଗ ପୁନିଆ


ସାକ୍ଷୀ ମଲିକ

**ନୂଆଦିଲ୍ଲୀ, ୧୦।୫ (ପି.ଟି.)**

### ଯୌନ ଶୋଷଣ ମାମଲା

■ ବ୍ରିଜ ଭୂଷଣଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ

ଯୌନ ନିର୍ଯାତନା ଅଭିଯୋଗରେ ଭାରତୀୟ କୁସ୍ତି ମହାସଂଘ (ଡବ୍ଲୁଏଫ୍ଆଇ)ର ପୂର୍ବତନ ମୁଖ୍ୟ ବ୍ରିଜ ଭୂଷଣ ଶାରଙ୍କ ବିରୋଧ ଚାର୍ଜଶିଟ୍ ଦାଖଲ ପାଇଁ ଦିଲ୍ଲୀ କୋର୍ଟଙ୍କ ନିର୍ଦ୍ଦେଶକୁ ସ୍ୱାଗତ କରିଛନ୍ତି ଷ୍ଟାର କୁସ୍ତି ଯୋଦ୍ଧା ସାକ୍ଷୀ ମଲିକ ଓ ବଜରଙ୍ଗ ପୁନିଆ। ଦେଶର ମହିଳା କୁସ୍ତିଯୋଦ୍ଧାଙ୍କର ଏହା ଏକ ବଡ଼ ବିଜୟ ବୋଲି ସେମାନେ କହିଛନ୍ତି। ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି)ର ଧାରା ୩୫୪, ୩୫୪ ଏ ଏବଂ ୫୦୬ ଅନୁସାରେ ବ୍ରିଜଭୂଷଣଙ୍କ ବିରୋଧରେ ଚାର୍ଯଶିଟ ଦାଖଲ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବ୍ରିଜଭୂଷଣଙ୍କ ବିରୋଧରେ କାର୍ଯ୍ୟଆନୁଷ୍ଠାନ ଦାବି କରି ହୋଇଥିବା ବିକ୍ଷୋଭ ପ୍ରଦର୍ଶନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବଜରଙ୍ଗ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ‘ଏକ୍ସ’ରେ ଉଲ୍ଲେଖ କରିଛନ୍ତି ଯେ, ନିର୍ଯାତନାର ଶିକାର ହୋଇଥିବା ମହିଳା କୁସ୍ତିଯୋଦ୍ଧାଙ୍କର ଏହା ଏକ ବଡ଼ ବିଜୟ। କୋର୍ଟଙ୍କ ନିଷ୍ପତ୍ତି ସେମାନଙ୍କୁ ଅଶ୍ୱସ୍ତି ଆଣିଦେଇଛି। ଯେଉଁମାନେ ମହିଳା ରେସଲରମାନଙ୍କୁ ଟ୍ରୋଲ କରୁଥିଲେ ସେମାନେ ଲଜ୍ଜିତ ମନେ କରିବା ଉଚିତ। ବ୍ରିଜଭୂଷଣଙ୍କ ଅନ୍ୟତମ ଘନିଷ୍ଠ ସହଯୋଗୀ ଭାବେ ପରିଚିତ ସଞ୍ଜୟ ସିଂଙ୍କ ଗୋଷ୍ଠୀ ଡବ୍ଲ୍ୟୁଏଫ୍ଆଇର ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରତିବାଦ ସ୍ୱରୂପ ଖେଳରୁ ଅବସର ନେଇଥିବା ରିଓ ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ମଲିକ କହିଛନ୍ତି ଦାବି ପୂରଣ କରିବା ଲାଗି ଆମକୁ ରାସ୍ତା କଡ଼ରେ ବର୍ଷା ଓ ଖରାରେ ବହୁ ରାତି ବିତାଇବାକୁ ପଡ଼ିଛି। ନ୍ୟାୟ ପାଇବା ପାଇଁ ଆମେ ଯେଉଁ ଲଢେଇ ଚଳାଇଛୁ ସେ ଦିଗରେ ଆମେ କିଛି ବାଟ ଆଗେଇ ପାରିଛୁ ବୋଲି ସେ କହିଛନ୍ତି।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| କୋଲକାତା ନାଇଟ ରାଇଡର୍ସ | ୧୧ | ୮ | ୩ | ୧୬ | +୧.୪୫୩ |
| ରାଜସ୍ଥାନ ରୟାଲ୍ସ | ୧୧ | ୮ | ୩ | ୧୬ | +୦.୪୭୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୭ | ୫ | ୧୪ | +୦.୪୦୬ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୨ | ୬ | ୬ | ୧୨ | +୦.୪୯୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୬ | ୬ | ୧୨ | -୦.୩୧୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୨ | ୬ | ୬ | ୧୨ | -୦.୭୬୯ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୨ | ୫ | ୭ | ୧୦ | +୦.୨୧୭ |
| ଗୁଜରାଟ ଟାଇଟନ୍ସ | ୧୨ | ୫ | ୭ | ୧୦ | -୧.୦୬୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୪ | ୮ | ୮ | -୦.୨୧୨ |
| ପଞ୍ଜାବ କିଙ୍ଗ୍ସ | ୧୨ | ୪ | ୮ | ୮ | -୦.୪୨୩ |

# କୋଚ୍ ପାଇଁ ଆବେଦନ କରିପାରିବେ ଦ୍ରାବିଡ


ରାହୁଲ ଦ୍ରାବିଡ ଓ ଜୟ ଶାହା।

**ମୁମ୍ବାଇ, ୧୦।୫(ପି.ଟି.):** ଆସନ୍ତା ମାସରେ ହେବାକୁଥିବା ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଭାରତୀୟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡଙ୍କ କାର୍ଯ୍ୟକାଳ ଶେଷ ହେବ। କିନ୍ତୁ ସେ ଏହି ପଦବୀରେ ପୁଣି ରହିବାକୁ ଚାହିଁଲେ ଆବେଦନ କରିବାକୁ ପଡ଼ିବ ବୋଲି କହିଛନ୍ତି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସାଧାରଣ ସମ୍ପାଦକ ଜୟ ଶାହା। ବିସିସିଆଇ ପ୍ରକୃତରେ ଦ୍ରାବିଡ ଏବଂ ତାଙ୍କ ସପୋର୍ଟ ଷ୍ଟାଫ୍‌ଙ୍କ ଲାଗି ୨ ବର୍ଷ ପାଇଁ ଚୁକ୍ତି କରିଥିଲା। ଗତବର୍ଷ ନଭେମ୍ବରରେ ୫୦ଓଭର ବିଶିଷ୍ଟ ବିଶ୍ୱକପ୍ ଶେଷ ହେବା ପରେ ଏହି ମିଆଦକୁ ବୃଦ୍ଧି କରାଯାଇଥିଲା। ଗୁରୁବାର ସ୍ଥାନୀୟ ବିସିସିଆଇ କାର୍ଯ୍ୟାଳୟରେ ଖବରଦାତାମାନଙ୍କ ସହ ଏକ ବାର୍ତ୍ତାଳାପ ବେଳେ ଶାହା କହିଛନ୍ତି, ରାହୁଲ ଦ୍ରାବିଡଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ଆମେ ଜଣେ ଦୀର୍ଘମିଆଦୀ ଅର୍ଥାତ୍ ୩ ବର୍ଷ ପାଇଁ ଜଣେ କୋଚ୍‌ଙ୍କ ସନ୍ଧାନରେ ଅଛୁ। ଦ୍ରାବିଡ ତାଙ୍କ ପଦବୀରେ ରହିବାକୁ ଚାହିଁଲେ ତାଙ୍କୁ ଆଉଥରେ ଆବେଦନ କରିବାକୁ ପଡ଼ିବ। ବିସିସିଆଇ ସମ୍ପାଦକ କହିଛନ୍ତି, ବର୍ତ୍ତମାନ ପୃଥକ୍ ପୃଥକ୍ ଫର୍ମାଟ ପାଇଁ ଅଲଗା ଅଲଗା କୋଚ୍ ଯୋଜନା ନାହିଁ। ତେବେ ଯତୀନ ପରାଞ୍ଜପେ, ଅଶୋକ ମାଲହୋତ୍ରା ଓ ସୁଲକ୍ଷଣା ନାଏକଙ୍କୁ ନେଇ ଗଠିତ କ୍ରିକେଟ ଉପଦେଷ୍ଟା କମିଟି (ସିଏସି)ର ନିଷ୍ପତ୍ତି ଉପରେ ସବୁକିଛି ନିର୍ଭର କରେ। ଶାହା କହିଛନ୍ତି, ଜଣେ ବିଦେଶୀ କୋଚ୍‌ଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇପାରିବ, ତେବେ ଏହା ସିଏସିର ସୁପାରିସ ଉପରେ ସବୁକିଛି ନିର୍ଭର କରେ।

# କିଶନ, ଆୟରଙ୍କୁ ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ବାଦ୍ ଦେଇଛନ୍ତି ଅଗରକର

**ମୁମ୍ବାଇ, ୧୦।୫ (ପି.ଟି.)**

ଇଶାନ କିଶନ ଓ ଶ୍ରେୟଶ ଆୟରଙ୍କୁ ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ସମ୍ପୂର୍ଣ୍ଣ ବାଦ୍ ଦେବା ନିଷ୍ପତ୍ତି ସିଲେକ୍ସନ କମିଟି ଚେୟାରମ୍ୟାନ ଅଜିତ ଅଗରକର ଏକାକୀ ନେଇଛନ୍ତି। ଏଥିପାଇଁ ଅନ୍ୟ କାହାରିକୁ ଦାୟୀ କରାଯାଇ ନ ପାରେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ଶୁକ୍ରବାର ଏକଥା ପ୍ରକାଶ କରିଛନ୍ତି। ବିସିସିଆଇର ନିର୍ଦ୍ଦେଶ ସତ୍ତ୍ୱେ କିଶନ ଓ ଆୟର ଘରୋଇ କ୍ରିକେଟ ଖେଳି ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରି ନ ଥିଲେ। ଗତବର୍ଷ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ପରେ କିଶନ ଲମ୍ବା ଛୁଟିରେ ଯାଇଥିଲେ। ଆଇପିଏଲ୍ ପର୍ଯ୍ୟନ୍ତ ସେ ଆଦୌ ଉପଲବ୍ଧ ହୋଇ ନ ଥିଲେ। ଅନ୍ୟପକ୍ଷରେ ଆୟର ରଣଜୀ ଟ୍ରଫିରେ ମୁମ୍ବାଇ ତରଫରୁ ସେମିଫାଇନାଲ ଓ ଫାଇନାଲ ସମେତ ୫ଟି ମ୍ୟାଚ ଖେଳିଥିଲେ। ତେବେ ଆୟର ମୁମ୍ବାଇରେ କୋଲକାତା ନାଇଟ ରାଇଡର୍ସ (କେକେଆର୍)ର ଏକ କ୍ୟାମ୍ପରେ ଅଭ୍ୟାସ ଚଳାଇଥିବା ବେଳେ ତାଙ୍କ ଘରୋଇ ଦଳ ସେତେବେଳେ ରଣଜୀ ଟ୍ରଫି ମ୍ୟାଚ ଖେଳିବାରେ ବ୍ୟସ୍ତ ଥିଲା। ଯାହାକିଛି ନିଷ୍ପତ୍ତି ସମ୍ବିଧାନ ଅନୁଯାୟୀ ନିଆଯାଇଛି। ସେ କେବଳ ସିଲେକ୍ସନ କମିଟି ବୈଠକର ଜଣେ ଆବାହକ ମାତ୍ର। ନିୟମକୁ କାର୍ଯ୍ୟକାରୀ କରିବା ହେଉଛି ତାଙ୍କ କାର୍ଯ୍ୟ। ସେମାନଙ୍କ ସ୍ଥାନରେ ସଞ୍ଜୁ ସାମସନଙ୍କ ଭଳି ନୂଆ ଖେଳାଳିଙ୍କୁ ସାମିଲ କରାଯାଇଛି।






# ଚେନ୍ନାଇକୁ ହରାଇଲା ଗୁଜରାଟ

## ସାଇ, ଗିଲ୍‌ଙ୍କ ଶତକ

**ଅହମଦାବାଦ, ୧୦।୫**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଗୁଜରାଟ ଟାଇଟନ୍ସ ୩୫ ରନରେ ଚେନ୍ନାଇ ସୁପର କିଙ୍ଗ୍ସକୁ ପରାସ୍ତ କରିଛି। ସାଇ ସୁଦର୍ଶନ ଓ ଶୁବମନ ଗିଲ୍‌ଙ୍କ ଶତକ ସହାୟତାରେ ଗୁଜରାଟ ୨୦ ଓଭରରେ ୩ ଉଇକେଟ ହରାଇ ୨୩୧ ରନ କରିଥିବାବେଳେ ଚେନ୍ନାଇ ୨୦ ଓଭରରେ ୮ ଉଇକେଟ ହରାଇ ୧୯୬ ରନ କରିବାକୁ ସକ୍ଷମ ହୋଇଥିଲା। ଡାରିଲ ମିଚେଲ (୬୩) ଓ ମୋଇନ୍ ଅଲୀ (୫୬) ଦୃଢ଼ ବ୍ୟାଟିଂ କରି ଆଶା ସୃଷ୍ଟି କରିଥିଲେ ହେଁ ଚାପରେ ବଡ଼ ଶଟ୍ ଖେଳିବା ଚକ୍କରରେ ଅନ୍ୟ ବ୍ୟାଟରମାନେ ଶୀଘ୍ର ଆଉଟ ହୋଇ ଯାଇଥିଲେ। ମହେନ୍ଦ୍ର ସିଂ ଧୋନୀ ୧୧ ବଲ୍‌ରୁ ୨୬ ରନକରି ଅପରାଜିତ ରହିଥିଲେ। ପରାଜୟ ଦ୍ୱାରା ଚେନ୍ନାଇର ପ୍ଲେ-ଅଫ୍ ଆଶା ଝୁଲି ରହିଛି।

### ଚଳିତ ସିଜନରେ ରେକର୍ଡ ଭାଗୀଦାରି

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲା ଗୁଜରାଟ ଟାଇଟନ୍ସ। ପିଚ୍‌ରୁ ଭରପୂର ଫାଇଦା ଉଠାଇ ଦୁଇ ଓପନର ସାଇ ସୁଦର୍ଶନ ଓ ଅଧିନାୟକ ଶୁବମନ ଗିଲ୍ ବ୍ୟକ୍ତିଗତ ଶତକ ହାସଲ କରିବା ସହ ଓପନିଂ ଯୋଡ଼ିରେ ଗଢ଼ିଥିଲେ ଦ୍ୱିଶତକୀୟ ଭାଗୀଦାରି। ୧୮ତମ ଓଭରରେ ତୁଷାର ଦେଶପାଣ୍ଡେ ଯୋଡ଼ି ଭାଙ୍ଗିବା ସହ ୪ ବଲ୍ ବ୍ୟବଧାନରେ ଦୁଇ ସେଟ୍ ବ୍ୟାଟରଙ୍କୁ ଆଉଟ କରି ଚେନ୍ନାଇକୁ ପ୍ରତ୍ୟାବର୍ତ୍ତନ କରାଇଥିଲେ। ଓପନିଂ ଯୋଡ଼ିରେ ୧୦୪ ବଲ୍‌ରୁ ୨୧୦ ରନ ସଂଗ୍ରହ କରିଥିଲେ ଗିଲ୍ ଓ ସୁଦର୍ଶନ। ସୁଦର୍ଶନ ୫୧ ବଲ୍‌ରୁ ୫ ଚୌକା ଓ ୭ ଛକା ସହାୟତାରେ ୧୦୩ ଓ ଗିଲ୍ ୫୫ ବଲ୍‌ରୁ ୯ ଚୌକା ଓ ୬ ଛକା ସହ ୧୦୪ ରନ କରିଥିଲେ। ୨୧୦ ରନ ଚଳିତ ଆଇପିଏଲ୍ ସିଜନରେ ଯେ କୌଣସି ଉଇକେଟ ପାଇଁ ଶ୍ରେଷ୍ଠ ଭାଗୀଦାରି। ତେବେ ଓଭରଅଲ୍ ଦେଖିବାକୁ ଗଲେ ଆଇପିଏଲ୍‌ରେ ଏହା ୪ର୍ଥ ଶ୍ରେଷ୍ଠ ପାର୍ଟନରଶିପ୍। ୨୦୧୬ରେ ବେଙ୍ଗାଲୁରୁଠାରେ ଗୁଜରାଟ ଲାୟନ୍ସ ବିପକ୍ଷରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଏବି ଡିଭିଲର୍ସ ଓ ବିରାଟ କୋହଲି ଦ୍ୱିତୀୟ ଉଇକେଟରେ ୨୨୯ ରନ ସଂଗ୍ରହ କରି ରେକର୍ଡର ଅଧିକାରୀ ଅଛନ୍ତି।


ଦ୍ୱିଶତକୀୟ ଭାଗୀଦାରି ଅବସରରେ ସାଇ ସୁଦର୍ଶନ ଓ ଶୁବମନ ଗିଲ୍।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୨୩୧/୩ (ଶୁବମନ ଗିଲ୍-୧୦୪, ସାଇ ସୁଦର୍ଶନ-୧୦୩, ତୁଷାର ଦେଷପାଣ୍ଡେ-୨/୩୩)। ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୯୬/୮ (ଡାରିଲ ମିଚେଲ-୬୩, ମୋଇନ ଅଲୀ-୫୬, ମହେନ୍ଦ୍ର ସିଂ ଧୋନୀ-୨୬*, ମୋହିତ ଶର୍ମା-୩/୩୧, ରଶିଦ ଖାଁ-୨/୩୮, ଉମେଶ ଯାଦବ-୧/୨୦, ସନ୍ଦିପ ୱାରିୟର-୧/୨୮)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
କୋଲକାତା
ବନାମ ମୁମ୍ବାଇ
ସ୍ଥାନ: କୋଲକାତା
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ









4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ମେ ୧୧/୨୦୨୪ Bhubaneswar, Saturday, May 11/ 2024

# ‘ମହିଳା କୁସ୍ତିଯୋଦ୍ଧାଙ୍କର ବଡ଼ ବିଜୟ’


ବଜରଙ୍ଗ ପୁନିଆ


ସାକ୍ଷୀ ମଲିକ

## ଯୌନ ଶୋଷଣ ମାମଲା

■ ବ୍ରିଜ ଭୂଷଣଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୧୦।୫ (ପି.ଟି.)**

ଯୌନ ନିର୍ଯାତନା ଅଭିଯୋଗରେ ଭାରତୀୟ କୁସ୍ତି ମହାସଂଘ (ଡବ୍ଲୁଏଫ୍ଆଇ)ର ପୂର୍ବତନ ମୁଖ୍ୟ ବ୍ରିଜ ଭୂଷଣ ଶାରଙ୍କ ବିରୋଧ ଚାର୍ଜଶିଟ୍ ଦାଖଲ ପାଇଁ ଦିଲ୍ଲୀ କୋର୍ଟଙ୍କ ନିର୍ଦ୍ଦେଶକୁ ସ୍ୱାଗତ କରିଛନ୍ତି ଷ୍ଟାର କୁସ୍ତି ଯୋଦ୍ଧା ସାକ୍ଷୀ ମଲିକ ଓ ବଜରଙ୍ଗ ପୁନିଆ। ଦେଶର ମହିଳା କୁସ୍ତିଯୋଦ୍ଧାଙ୍କର ଏହା ଏକ ବଡ଼ ବିଜୟ ବୋଲି ସେମାନେ କହିଛନ୍ତି। ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି)ର ଧାରା ୩୫୪, ୩୫୪ ଏ ଏବଂ ୫୦୬ ଅନୁସାରେ ବ୍ରିଜଭୂଷଣଙ୍କ ବିରୋଧରେ ଚାର୍ଜଶିଟ ଦାଖଲ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବ୍ରିଜଭୂଷଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ହୋଇଥିବା ବିକ୍ଷୋଭ ପ୍ରଦର୍ଶନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବଜରଙ୍ଗ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ‘ଏକ୍ସ’ରେ ଉଲ୍ଲେଖ କରିଛନ୍ତି ଯେ, ନିର୍ଯାତନାର ଶିକାର ହୋଇଥିବା ମହିଳା କୁସ୍ତିଯୋଦ୍ଧାଙ୍କର ଏହା ଏକ ବଡ଼ ବିଜୟ। କୋର୍ଟଙ୍କ ନିଷ୍ପତ୍ତି ସେମାନଙ୍କୁ ଅଶ୍ୱସ୍ତି ଆଣିଦେଇଛି। ଯେଉଁମାନେ ମହିଳା ରେସଲରମାନଙ୍କୁ ଟ୍ରୋଲ କରୁଥିଲେ ସେମାନେ ଲଜ୍ଜିତ ମନେ କରିବା ଉଚିତ। ବ୍ରିଜଭୂଷଣଙ୍କ ଅନ୍ୟତମ ଘନିଷ୍ଠ ସହଯୋଗୀ ଭାବେ ପରିଚିତ ସଞ୍ଜୟ ସିଂଙ୍କ ଗୋଷ୍ଠୀ ଡବ୍ଲ୍ୟୁଏଫ୍ଆଇର ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରତିବାଦ ସ୍ୱରୂପ ଖେଳରୁ ଅବସର ନେଇଥିବା ରିଓ ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ମଲିକ କହିଛନ୍ତି ଦାବି ପୂରଣ କରିବା ଲାଗି ଆମକୁ ରାସ୍ତା କଡ଼ରେ ବର୍ଷା ଓ ଖରାରେ ବହୁ ରାତି ବିତାଇବାକୁ ପଡ଼ିଛି। ନ୍ୟାୟ ପାଇବା ପାଇଁ ଆମେ ଯେଉଁ ଲଢେଇ ଚଳାଇଛୁ ସେ ଦିଗରେ ଆମେ କିଛି ବାଟ ଆଗେଇ ପାରିଛୁ ବୋଲି ସେ କହିଛନ୍ତି।

# କୋଚ୍ ପାଇଁ ଆବେଦନ କରିପାରିବେ ଦ୍ରାବିଡ

**ମୁମ୍ବାଇ, ୧୦।୫ (ପି.ଟି.)**

ଆସନ୍ତା ମାସରେ ହେବାକୁଥିବା ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଭାରତୀୟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡଙ୍କ କାର୍ଯ୍ୟକାଳ ଶେଷ ହେବ। କିନ୍ତୁ ସେ ଏହି ପଦବୀରେ ପୁଣି ରହିବାକୁ ଚାହିଁଲେ ଆବେଦନ କରିବାକୁ ପଡ଼ିବ ବୋଲି କହିଛନ୍ତି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସାଧାରଣ ସମ୍ପାଦକ ଜୟ ଶାହା। ବିସିସିଆଇ ପ୍ରକୃତରେ ଦ୍ରାବିଡ ଏବଂ ତାଙ୍କ ସପୋର୍ଟ ଷ୍ଟାଫ୍‌ଙ୍କ ଲାଗି ୨ ବର୍ଷ ପାଇଁ ଚୁକ୍ତି କରିଥିଲା। ଗତବର୍ଷ ନଭେମ୍ବରରେ ୫୦ଓଭର ବିଶିଷ୍ଟ ବିଶ୍ୱକପ୍ ଶେଷ ହେବା ପରେ ଏହି ମିଆଦକୁ ବୃଦ୍ଧି କରାଯାଇଥିଲା। ଗୁରୁବାର ସ୍ଥାନୀୟ ବିସିସିଆଇ କାର୍ଯ୍ୟାଳୟରେ ଖବରଦାତାମାନଙ୍କ ସହ ଏକ ବାର୍ତ୍ତାଳାପ ବେଳେ ଶାହା କହିଛନ୍ତି, ରାହୁଲ ଦ୍ରାବିଡଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ଆମେ ଜଣେ ଦୀର୍ଘମିଆଦୀ ଅର୍ଥାତ୍ ୩ ବର୍ଷ ପାଇଁ ଜଣେ କୋଚ୍‌ଙ୍କ ସନ୍ଧାନରେ ଅଛୁ। ଦ୍ରାବିଡ ତାଙ୍କ ପଦବୀରେ ରହିବାକୁ ଚାହିଁଲେ ତାଙ୍କୁ ଆଉଥରେ ଆବେଦନ କରିବାକୁ ପଡ଼ିବ। ବିସିସିଆଇ ସମ୍ପାଦକ କହିଛନ୍ତି, ବର୍ତ୍ତମାନ ପୃଥକ୍ ପୃଥକ୍ ଫର୍ମାଟ ପାଇଁ ଅଲଗା ଅଲଗା କୋଚ୍ ଯୋଜନା ନାହିଁ। ତେବେ ଯତୀନ ପରାଞ୍ଜପେ, ଅଶୋକ ମାଲହୋତ୍ରା ଓ ସୁଲକ୍ଷଣା ନାଏକଙ୍କୁ ନେଇ ଗଠିତ କ୍ରିକେଟ ଉପଦେଷ୍ଟା କମିଟି (ସିଏସି)ର ନିଷ୍ପତ୍ତି ଉପରେ ସବୁକିଛି ନିର୍ଭର କରେ। ଜଣେ ବିଦେଶୀ କୋଚ୍‌ଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇପାରିବ ବୋଲି ଶାହା କହିଛନ୍ତି।




## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| କୋଲକାତା ନାଇଟ ରାଇଡର୍ସ | ୧୧ | ୮ | ୩ | ୧୬ | +୧.୪୫୩ |
| ରାଜସ୍ଥାନ ରୟାଲ୍ସ | ୧୧ | ୮ | ୩ | ୧୬ | +୦.୪୭୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୭ | ୫ | ୧୪ | +୦.୪୦୬ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୨ | ୬ | ୬ | ୧୨ | +୦.୪୯୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୬ | ୬ | ୧୨ | -୦.୩୧୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୨ | ୬ | ୬ | ୧୨ | -୦.୭୬୯ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୨ | ୫ | ୭ | ୧୦ | +୦.୨୧୭ |
| ଗୁଜରାଟ ଟାଇଟନ୍ସ | ୧୨ | ୫ | ୭ | ୧୦ | -୧.୦୬୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୪ | ୮ | ୮ | -୦.୨୧୨ |
| ପଞ୍ଜାବ କିଙ୍ଗ୍ସ | ୧୨ | ୪ | ୮ | ୮ | -୦.୪୨୩ |

# ନୀରଜ ୨ୟ, କିଶୋର ୯ମ


ଜାଭେଲିନ୍ ଥ୍ରୋ ଅବସରରେ ନୀରଜ ଚୋପ୍ରା।

## ଦୋହା ଡାଇମଣ୍ଡ ଲିଗ୍

**ଦୋହା, ୧୦।୫**

ଭାରତର ଷ୍ଟାର ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ଦୋହା ଡାଇମଣ୍ଡ ଲିଗ୍ ୨୦୨୪ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ ତାଙ୍କ ଅନ୍ତିମ ପ୍ରୟାସରେ ତାଙ୍କର ଶ୍ରେଷ୍ଠ ଥ୍ରୋ ୮୮.୩୬ ମିଟର ରହିଥିଲା। ଏସିଆନ ଗେମ୍ସ ରୌପ୍ୟ ବିଜେତା ଓଡ଼ିଶାର କିଶୋର ଜେନାଙ୍କ ଶ୍ରେଷ୍ଠ ଥ୍ରୋ ୭୬.୩୨ ମିଟର ରହିଥିଲା। ସେ ୯ମ ସ୍ଥାନ ଅଧିକାର କରିଥିଲେ। ଚେକ୍ ରିପବ୍ଲିକର ଜାକବ ଭାଦେଲ୍‌ଚ ନୀରଜଙ୍କଠାରୁ ସ୍ୱଳ୍ପ ବ୍ୟବଧାନ ଅର୍ଥାତ ୮୮.୩୮ ମିଟରରେ ପ୍ରଥମ ହୋଇଥିଲେ। ତୃତୀୟ ସ୍ଥାନ ହାସଲ କରିଥିଲେ ଦୁଇଥର ବିଶ୍ୱ ଚାମ୍ପିୟନ ଆଣ୍ଡରସନ ପିଟର୍ସ (୮୫.୭୫ ମିଟର। ପରବର୍ତ୍ତୀ ଡାଇମଣ୍ଡ ଲିଗ୍ ଜୁଲାଇ ୭ରେ ପ୍ୟାରିସରେ ଅନୁଷ୍ଠିତ ହେବ। ପ୍ରତ୍ୟେକ ଡାଇମଣ୍ଡ ଲିଗ୍‌ର ଶ୍ରେଷ୍ଠ ୮ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୮,୭, ୬, ୫, ୪, ୩, ୨ କିମ୍ବା ୧ ର୍ୟାଙ୍କିଙ୍ଗ ପଏଣ୍ଟ ମିଳିବ। ସେପ୍ଟେମ୍ବର ୧୩-୧୪ରେ ଡାଇମଣ୍ଡ ଲିଗ୍ ଫାଇନାଲ୍ସରେ ଶ୍ରେଷ୍ଠ ୬ ଜାଭେଲିନ୍ ଥ୍ରୋୟର ଭାଗ ନେବେ। ଏଥିରେ ବିଜେତାଙ୍କୁ ଡାଇମଣ୍ଡ ଲିଗ୍ ଚାମ୍ପିୟନ୍ସ ଟ୍ରଫି ପ୍ରଦାନ କରାଯିବ।

# ଚେନ୍ନାଇକୁ ହରାଇଲା ଗୁଜରାଟ

## ସାଇ, ଗିଲ୍‌ଙ୍କ ଶତକ

**ଅହମଦାବାଦ, ୧୦।୫**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଗୁଜରାଟ ଟାଇଟନ୍ସ ୩୫ ରନରେ ଚେନ୍ନାଇ ସୁପର କିଙ୍ଗ୍ସକୁ ପରାସ୍ତ କରିଛି। ସାଇ ସୁଦର୍ଶନ ଓ ଶୁବମନ ଗିଲ୍‌ଙ୍କ ଶତକ ସହାୟତାରେ ଗୁଜରାଟ ୨୦ ଓଭରରେ ୩ ଉଇକେଟ ହରାଇ ୨୩୧ ରନ କରିଥିବାବେଳେ ଚେନ୍ନାଇ ୨୦ ଓଭରରେ ୮ ଉଇକେଟ ହରାଇ ୧୯୬ ରନ କରିବାକୁ ସକ୍ଷମ ହୋଇଥିଲା। ଡାରିଲ ମିଚେଲ (୬୩) ଓ ମୋଇନ୍ ଅଲୀ (୫୬) ଦୃଢ଼ ବ୍ୟାଟିଂ କରି ଆଶା ସୃଷ୍ଟି କରିଥିଲେ ହେଁ ଚାପରେ ବଡ଼ ଶଟ୍ ଖେଳିବା ଚକ୍କରରେ ଅନ୍ୟ ବ୍ୟାଟରମାନେ ଶୀଘ୍ର ଆଉଟ ହୋଇ ଯାଇଥିଲେ। ମହେନ୍ଦ୍ର ସିଂ ଧୋନୀ ୧୧ ବଲ୍‌ରୁ ୨୬ ରନକରି ଅପରାଜିତ ରହିଥିଲେ। ପରାଜୟ ଦ୍ୱାରା ଚେନ୍ନାଇର ପ୍ଲେ-ଅଫ୍ ଆଶା ଝୁଲି ରହିଛି।

### ଚଳିତ ସିଜନରେ ରେକର୍ଡ ଭାଗୀଦାରି

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲା ଗୁଜରାଟ ଟାଇଟନ୍ସ। ପିଚ୍‌ରୁ ଭରପୂର ଫାଇଦା ଉଠାଇ ଦୁଇ ଓପନର ସାଇ ସୁଦର୍ଶନ ଓ ଅଧିନାୟକ ଶୁବମନ ଗିଲ୍ ବ୍ୟକ୍ତିଗତ ଶତକ ହାସଲ କରିବା ସହ ଓପନିଂ ଯୋଡ଼ିରେ ଗଢ଼ିଥିଲେ ଦ୍ୱିଶତକୀୟ ଭାଗୀଦାରି। ୧୮ତମ ଓଭରରେ ତୁଷାର ଦେଶପାଣ୍ଡେ ଯୋଡ଼ି ଭାଙ୍ଗିବା ସହ ୪ ବଲ୍ ବ୍ୟବଧାନରେ ଦୁଇ ସେଟ୍ ବ୍ୟାଟରଙ୍କୁ ଆଉଟ କରି ଚେନ୍ନାଇକୁ ପ୍ରତ୍ୟାବର୍ତ୍ତନ କରାଇଥିଲେ। ଓପନିଂ ଯୋଡ଼ିରେ ୧୦୪ ବଲ୍‌ରୁ ୨୧୦ ରନ ସଂଗ୍ରହ କରିଥିଲେ ଗିଲ୍ ଓ ସୁଦର୍ଶନ। ସୁଦର୍ଶନ ୫୧ ବଲ୍‌ରୁ ୫ ଚୌକା ଓ ୭ ଛକା ସହାୟତାରେ ୧୦୩ ଓ ଗିଲ୍ ୫୫ ବଲ୍‌ରୁ ୯ ଚୌକା ଓ ୬ ଛକା ସହ ୧୦୪ ରନ କରିଥିଲେ। ୨୧୦ ରନ ଚଳିତ ଆଇପିଏଲ୍ ସିଜନରେ ଯେ କୌଣସି ଉଇକେଟ ପାଇଁ ଶ୍ରେଷ୍ଠ ଭାଗୀଦାରି। ତେବେ ଓଭରଅଲ୍ ଦେଖିବାକୁ ଗଲେ ଆଇପିଏଲ୍‌ରେ ଏହା ୪ର୍ଥ ଶ୍ରେଷ୍ଠ ପାର୍ଟନରଶିପ୍। ୨୦୧୬ରେ ବେଙ୍ଗାଲୁରୁଠାରେ ଗୁଜରାଟ ଲାୟନ୍ସ ବିପକ୍ଷରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଏବି ଡିଭିଲର୍ସ ଓ ବିରାଟ କୋହଲି ଦ୍ୱିତୀୟ ଉଇକେଟରେ ୨୨୯ ରନ ସଂଗ୍ରହ କରି ରେକର୍ଡର ଅଧିକାରୀ ଅଛନ୍ତି।


ଦ୍ୱିଶତକୀୟ ଭାଗୀଦାରି ଅବସରରେ ସାଇ ସୁଦର୍ଶନ ଓ ଶୁବମନ ଗିଲ୍।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
**କୋଲକାତା ବନାମ ମୁମ୍ବାଇ**
ସ୍ଥାନ: କୋଲକାତା
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ସଂକ୍ଷିପ୍ତ ସ୍କୋର

ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୨୩୧/୩ (ଶୁବମନ ଗିଲ୍-୧୦୪, ସାଇ ସୁଦର୍ଶନ-୧୦୩, ତୁଷାର ଦେଷପାଣ୍ଡେ-୨/୩୩)। ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୯୬/୮ (ଡାରିଲ ମିଚେଲ-୬୩, ମୋଇନ ଅଲୀ-୫୬, ମହେନ୍ଦ୍ର ସିଂ ଧୋନୀ-୨୬*, ମୋହିତ ଶର୍ମା-୩/୩୧, ରଶିଦ ଖାଁ-୨/୩୮, ଉମେଶ ଯାଦବ-୧/୨୦, ସନ୍ଦିପ ୱାରିୟର-୧/୨୮)।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ